ଧରିତ୍ରୀ
DHARITRI
ବାଲେଶ୍ୱର, ଶନିବାର, ଫେବୃୟାରୀ ୧୫/୨୦୨୦ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Balasore, Saturday, February 15/2020 ★★★★
୪୭ଶ ଭାଗ ୮୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



**ପଦ୍ମିନୀଙ୍କୁ ସ୍ୱର୍ଣ୍ଣ ପଦକ**

ଜାତୀୟ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ପକ୍ଷରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ। ୧୯

୧୨ **ଭାଲେଣ୍ଟାଇନ୍ସ ଡେ'ରେ ସ୍ତ୍ରୀଙ୍କୁ ଭୁଲିଗଲେ ଆମୀର !**

ଭାଲେଣ୍ଟାଇନ୍ସ ଡେ'ରେ ଆମୀର ଖାନ୍ ବି-ଟାଉନ୍‌ର ଜଣେ ଅଭିନେତ୍ରୀଙ୍କ ପାଇଁ ଶାୟରି ମଧ ଲେଖିଛନ୍ତି। ଯାହାକୁ ନେଇ ନିଜ ପତ୍ନୀ କିରନ୍ ରାଓ ଖପ୍ପା ହୋଇପଡ଼ିଛନ୍ତି।



# ଦୋଷ ମାନିଲେ ଅନୁପ

**ମା, ଝିଅଙ୍କ ମୃତଦେହ ଉଦ୍ଧାର ଘଟଣା**

- ସୂଚନା ଦେଲେ ରାୟଗଡ଼ ଏସ୍‌ପି
- ବିବାହ ପାଇଁ ଜିଦ୍, ସମ୍ପତ୍ତି ଭାଗ ମାଗିବାରୁ ହତ୍ୟା
- ରାଜନୈତିକ ଫାଇଦା ଉଠାଇ ପୋଲିସକୁ ସହଯୋଗ କରୁ ନ ଥିଲେ
- ନାର୍କୋ, ଡିଏନଏ ଟେଷ୍ଟ ହେବ
- ଅନୁପଙ୍କୁ ରିମାଣ୍ଡରେ ଆଣିବ ପୋଲିସ
- ସହଯୋଗୀ ଡ୍ରାଇଭରଙ୍କୁ ଖୋଜୁଛି ପୋଲିସ



ପୋଲିସର ଖବରଦାତା ସମ୍ମିଳନୀରେ ଅଭିଯୁକ୍ତ ପୂର୍ବତନ ବିଧାୟକ ଅନୁପ ସାଏ (ମଝି)।

ଝାରସୁଗୁଡ଼ା ଅଫିସ,୧୪।୨

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏ ଜଣେ ହତ୍ୟାକାରୀ। ଛତିଶଗଡ଼ ରାଜ୍ୟ ରାୟଗଡ ଜିଲା ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲ ରାସ୍ତାରେ ଘଟିଥିବା ଏକ ସୁପରିକଳ୍ପିତ ଡବଲ ମର୍ଡର ଘଟଣାରେ ସେ ହିଁ ମୁଖ୍ୟ ଅଭିଯୁକ୍ତ ବୋଲି ଛତିଶଗଡ଼ ପୋଲିସ କହିଛି। ପୋଲିସ ଆଗରେ ଅନୁପ ନିଜ ଦୋଷ ସ୍ୱୀକାର କରିଛନ୍ତି । ଏହି ହତ୍ୟା ଘଟଣାର ତଦନ୍ତ କରୁଥିବା ଚକ୍ରଧରନଗର ଥାନା ପୋଲିସ ବୁଧବାର ରାତିରେ ଅନୁପଙ୍କୁ ଉଠାଇ ନେଇଥିଲା। ଗୁରୁବାର ଦିନ ତମାମ ତାଙ୍କୁ ପଚରା ଉଚୁରା କରିବା ପରେ ସେ ନିଜ ଦୋଷ ସ୍ୱୀକାର କରିଥିଲେ । ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଅନୁପ ଏହି ଚାଞ୍ଚଲ୍ୟକର ଡବଲମର୍ଡର ଘଟଣାର ରହସ୍ୟ ଖୋଲିଛନ୍ତି ବୋଲି ରାୟଗଡ ଜିଲା ଏସ୍‌ପି ସନ୍ତୋଷ ସିଂ ଏକ ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି।

ଏସ୍‌ପି ସିଂ କହିଛନ୍ତି, ୨୦୧୬ ମେ ୭ ତାରିଖରେ ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲ ରାସ୍ତାରେ ଜଣେ ମହିଳା ଓ ତାଙ୍କ ଶିଶୁ କନ୍ୟାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ତଦନ୍ତ ବେଳେ ଏହା ଦୁର୍ଘଟଣାଜନିତ ମୃତ୍ୟୁ ଭଳି ଲାଗୁଥିଲା। ହେଲେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଥିଲା। ହତ୍ୟାକାରୀ ସେହି ମା'ଝିଅଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ମାରି ପରେ ସେହି ଘଟଣାକୁ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ସେତେବେଳେ ଦୁଇ ମୃତଦେହର ପରିଚୟ ମିଳି ନ ଥିଲା। ଉଭୟ ମୃତଦେହ ଡିଏନଏ ଟେଷ୍ଟ କରାଯାଇଥିଲା। ଶେଷରେ ଏକ ହତ୍ୟା ମାମଲା (ନଂ.୧୫୮/୧୬)ରୁଜୁ କରି ଉଭୟ ମୃତଦେହର ଫଟୋକୁ ଓଡିଶା, ପଶ୍ଚିମବଙ୍ଗ, ବିହାର, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ଥାନାକୁ ପଠାଯାଇଥିଲା। ଏହି ଘଟଣାର ତଦନ୍ତ କରିବା ପାଇଁ ଏକ ପୋଲିସ ଟିମ୍ ବି ଗଠନ କରାଯାଇଥିଲା । ପ୍ରାୟ ୧ ବର୍ଷ ପରେ ମୃତ ମା'ଝିଅଙ୍କ ପରିଚୟ ମିଳିଥିଲା। ଓଡିଶା ପୋଲିସରେ କାର୍ଯ୍ୟରତ ସରୋଜ ଦାଶ ନାମକ ଜଣେ କନ୍‌ଷ୍ଟେବଲ ସେହି ମା'ଝିଅଙ୍କ ପରିଚୟ ସମ୍ପର୍କିତ ତଥ୍ୟ ଦେଇଥିଲେ । ମହିଳା ଜଣକ ହେଲେ ଝାରସୁଗୁଡା ଜିଲା ବ୍ରଜରାଜନଗରର କଳ୍ପନା ଦାଶ(୩୨) ଓ ତାଙ୍କ ☞ପୃଷ୍ଠା–୪

# 'ଦୃଢ଼ ଇଚ୍ଛାଶକ୍ତିରେ ଚାଲିଛି ୫–ଟି, ମୋ ସରକାର'

**ରାଜ୍ୟପାଳଙ୍କ ଅଭିଭାଷଣରେ ବିକାଶର ଚିତ୍ର**

- ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ସବୁ ପରିବାରକୁ ପାଇପ ଯୋଗେ ପାନୀୟ ଜଳ
- ୪୮ ଲକ୍ଷ ଲୋକଙ୍କୁ ସାମାଜିକ ସୁରକ୍ଷା ଭତ୍ତା
- ଆଗାମୀ ଦିନରେ ବଜେଟ ସମ୍ପୂର୍ଣ୍ଣ ଡିଜିଟାଲ ହେବ
- ନିର୍ମାଣ ହେବ ୯ ହଜାର କି.ମି. ଗ୍ରାମ୍ୟ ରାସ୍ତା
- ୨୦୨୩ରେ ଭୁବନେଶ୍ୱରରେ ପୁରୁଷ ହକି ବିଶ୍ୱକପ୍
- ନଭେମ୍ବର ୩୦ରୁ ଆରମ୍ଭ ହେବ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ
- ଆରମ୍ଭ ହେବ ଶାମୁକା ବେଳାଭୂମି ପ୍ରକଳ୍ପ



ବିଧାନସଭାରେ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅଭିଭାଷଣ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ସ୍ୱଚ୍ଛ ଉପାୟରେ ଜନସାଧାରଣଙ୍କୁ ସେବା ଯୋଗାଇ ରାଜ୍ୟ ସରକାର ପ୍ରଶାସନିକ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି। ପରାମର୍ଶଭିତ୍ତିକ ପ୍ରଶାସନ ହେଉଛି ବିକାଶ ଯାତ୍ରାର ମୂଳମନ୍ତ୍ର। ଜନସାଧାରଣଙ୍କ ମତାମତ ଆଧାରରେ କାମ କରିବା ☞ପୃଷ୍ଠା–୧୫

## ରାଜ୍ୟ ସରକାରୀ କର୍ମଚାରୀଙ୍କ ୫% ମହଙ୍ଗା ଭତ୍ତା ବୃଦ୍ଧି

- ୨୦୨୦ ଜାନୁୟାରୀରୁ ଲାଗୁ
- ୧୦ % ବକେୟା ପ୍ରଦାନ ନେଇ ହୋଇସାରିଛି ଘୋଷଣା

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ୫% ମହଙ୍ଗା ଭତ୍ତା(ଡିଏ) ମିଳିବା ନେଇ ଘୋଷଣା କରାଯାଇଛି। ଏହା ଚଳିତବର୍ଷ ଜାନୁୟାରୀ ପହିଲାରୁ ପିଛିଲାଭାବେ ଲାଗୁ ହେବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ☞ପୃଷ୍ଠା–୪

## ଗିଟାରିଷ୍ଟ ସୋନମ୍ ଶେର୍ପାଙ୍କ ପରଲୋକ

କୋଲକାତା,୧୪।୨




ଇଣ୍ଡିଆନ ରକ୍ ବ୍ୟାଣ୍ଡ 'ପରିକ୍ରମା'ର ମୁଖ୍ୟ ଗିଟାରିଷ୍ଟ ସୋନମ୍ ଶେର୍ପାଙ୍କର ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୪୮ ବର୍ଷ ହୋଇଥିଲା। ତାଙ୍କର ଅକାଳ ବିୟୋଗ ସୁବୀର ମଲିକଙ୍କ ଦ୍ୱାରା ପ୍ରତିଷ୍ଠିତ ରକ୍ ବ୍ୟାଣ୍ଡ ପାଇଁ ଅପୂରଣୀୟ କ୍ଷତି ପହଞ୍ଚାଇଛି। ମିଳିଥିବା ଖବର ଅନୁଯାୟୀ ଶେର୍ପା ଆଗାମୀ ଚଳଚ୍ଚିତ୍ର ପାଇଁ ମ୍ୟୁଜିକ ରେକର୍ଡ କରିବାକୁ ପଶ୍ଚିମବଙ୍ଗର କୁରସେଙ୍ଗ ସହରକୁ ଯାଇଥିବାବେଳେ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ବଲିଉଡ୍ ପାଇଁ ସେ ଅନେକ ମ୍ୟୁଜିକ୍ କମ୍ପୋଜ୍ କରିଛନ୍ତି। ☞ପୃଷ୍ଠା–୪

## ଆଜିଠୁ ସିବିଏସ୍‌ଇ ପରୀକ୍ଷା

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ବା ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଶନିବାରଠାରୁ ଆରମ୍ଭ ହେବ। ଦଶମ ପରୀକ୍ଷା ମାର୍ଚ୍ଚ ୨୦ରେ ଏବଂ ଦ୍ୱାଦଶ ପରୀକ୍ଷା ମାର୍ଚ୍ଚ ୩୦ରେ ଶେଷ ହେବ। ପ୍ରତିଦିନ ପୂର୍ବାହ୍ନ ୧୦ଟା ୩୦ରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ଛାତ୍ରୀଛାତ୍ର ପରୀକ୍ଷାକେନ୍ଦ୍ରରେ ପୂର୍ବାହ୍ନ ୯ଟା ୩୦ ସୁଦ୍ଧା ପହଞ୍ଚିବେ। ପୂର୍ବାହ୍ନ ୧୦ଟାରେ ଉତ୍ତରଖାତା ଓ ୧୦ଟା ୧୫ରେ ପ୍ରଶ୍ନପତ୍ର ଦିଆଯିବ। ପ୍ରଶ୍ନପତ୍ର ଭଲରେ ପଢ଼ିବା, କିପରି ଓ କେଉଁ ପ୍ରଶ୍ନକୁ ଆଗେ ଉତ୍ତର ଲେଖିବାକୁ ହେବ ସେଥିପାଇଁ ଛାତ୍ରୀଛାତ୍ରଙ୍କୁ ୧୫ମିନିଟ୍ ସମୟ ଦିଆଯିବ। ଏହାପରେ ୧୦ଟା ୩୦ରୁ ପରୀକ୍ଷା ଆରମ୍ଭ ହେବ। ଚଳିତବର୍ଷ ସାରା ଦେଶରେ ଦଶମରେ ପ୍ରାୟ ୧୮ଲକ୍ଷ ଓ ଦ୍ୱାଦଶରେ ୧୨ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ମେ' ପ୍ରଥମ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇପାରେ।




**ମାତ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୮-୯

**ଆଜିର ସମ୍ପାଦକୀୟ**

ବିଦେଶ ତାଲିମ କମିବ

**ଆଜିର ମନ୍ତବ୍ୟ**

"ପଞ୍ଜାବର ଅମରିନ୍ଦର ସିଂ ସରକାର ଶିଖ୍ ସଙ୍ଗଠନକୁ ଦୁର୍ବଳ କରିବା ଲାଗି ଷଡ଼ଯନ୍ତ୍ର କରୁଛନ୍ତି।
-ସୁଖବୀର ସିଂ ବାଦଲ, ଶିରୋମଣି ଅକାଳୀ ଦଳ ଅଧକ୍ଷ

**କିଛି ତଥ୍ୟ**


ଜାନୁୟାରୀରେ ରପ୍ତାନି ୧.୬୬% ହ୍ରାସ ଘଟି ୨୫.୯୭ ବିଲିୟନ ଡଲାର ରହିଛି।
–ବାଣିଜ୍ୟ ମନ୍ତ୍ରଣାଳୟ

Taste the difference! Vencobb FRESH CHICKEN

14.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 49 | 92 | 102 |
| CTC | 52 | 96 | 106 |
| DKL | 53 | 97 | 107 |
| BDK | 56 | 101 | 111 |
| BLS | 57 | 102 | 112 |
| ANG | 54 | 98 | 108 |
| BHM | 50 | 93 | 103 |

*Conditions Apply
Issued in the Interest of Consumers



## ସୁପ୍ରିମକୋର୍ଟରେ ବୋମା ଆତଙ୍କ

ସୁପ୍ରିମକୋର୍ଟ ପରିସରରେ ଶୁକ୍ରବାର ଏକ ବ୍ୟାଗ୍ ମିଳିବା ପରେ ସେଥିରେ ବୋମା ଥିବା ନେଇ ଆତଙ୍କ ଖେଳିଯାଇଥିଲା। କୋର୍ଟ ନମ୍ବର ୪ ବାହାରେ ଭିଡ଼ ଜମିଥିବା ଦେଖିବା ପରେ ମୁତୟନ ଥିବା ସୁରକ୍ଷା କର୍ମୀମାନେ ତତ୍ପର ହୋଇଯାଇଥିଲେ। ବ୍ୟାଗ୍ ପଡ଼ିଥିବା ସ୍ଥାନକୁ ସେମାନେ ଘେରିଯାଇ ତଲାସି କରିଥିଲେ। ବ୍ୟାଗ୍‌କୁ ଖୋଲି ଦେଖିବା ପରେ ସେଥିରୁ ଏକ ପାୱାର ବ୍ୟାଙ୍କ ବାହାରିଥିଲା।



# ଏଯାଏ ମିଳିନି ପୁଲଓ୍ୱାମା ଉତ୍ତର

ପୁଲ୍‌ଓ୍ୱାମା ଆକ୍ରମଣକୁ ବର୍ଷେ ପୂରିଛି। ହେଲେ ଏହି ମାମଲାର ତଦନ୍ତ ଭାର ମୁଣ୍ଡେଇଥିବା ଏନ୍‌ଆଇଏ ଏଯାଏ ଚାର୍ଜଶିଟ ଦାଖଲ କରିପାରିନାହିଁ। ଦେଶକୁ ସୁରକ୍ଷା ଦେଉଥିବା ଯବାନଙ୍କ ସୁରକ୍ଷାରେ କିପରି ଏତେ ବଡ଼ ତ୍ରୁଟି ହେଲା। କେଉଁଠୁ ଆସିଥିଲା ଆତ୍ମଘାତୀ ବିସ୍ଫୋରଣରେ ବ୍ୟବହୃତ ବିପୁଳ ପରିମାଣର ବିସ୍ଫୋରକ। ୪୦ରୁ ଉର୍ଦ୍ଧ୍ୱ ଯବାନଙ୍କ ଜୀବନ ଯିବା ପାଇଁ ଦାୟୀ କିଏ? ଏଭଳି ଅନେକ ପ୍ରଶ୍ନ ଦେଶବାସୀଙ୍କ ମନକୁ ଏବେ ମଧ୍ୟ ଆନ୍ଦୋଳିତ କରୁଛି, ଯାହାର ଉତ୍ତର ମିଳିନାହିଁ। ଏଥିଯୋଗୁ ଦେଶକୁ ସ୍ତବ୍ଧ କରିଦେଇଥିବା ଏହି ଆକ୍ରମଣର ବର୍ଷେ ପରେ ମଧ୍ୟ ଉଠିଛି ନାନା ପ୍ରଶ୍ନ ଓ ପ୍ରସଙ୍ଗ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଘେରିବା ପାଇଁ ଏହି ପ୍ରଶ୍ନଗୁଡ଼ିକୁ ଅସ୍ତ୍ର ଭାବେ ଧରିନେଇଛନ୍ତି ବିରୋଧୀ। ବର୍ଷପୂର୍ତ୍ତି ଅବସରରେ ରାଜନୀତି ବି ସରଗରମ ହୋଇଛି।

## ମୋଦିଙ୍କ ହାତ



ପୁଲଓ୍ୱାମା ଆକ୍ରମଣରେ ପାକିସ୍ତାନର ହାତ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏହି ଆକ୍ରମଣ କରାଇଥିଲେ। ନିର୍ବାଚନରେ ଭୋଟ ହାତେଇବା ପାଇଁ ଏପରି କରାଯାଇଥିଲା।

-ଜିତନ୍‌ରାମ ମାଞ୍ଝି, ଏଚ୍‌ଏଏମ୍ ମୁଖ୍ୟ

## ରାହୁଲଙ୍କ ୩ ପ୍ରଶ୍ନ



୧. ପୁଲଓ୍ୱାମା ଆକ୍ରମଣରୁ କିଏ ସବୁଠୁ ବେଶି ଫାଇଦା ପାଇଲା?
୨. ଆକ୍ରମଣର ତଦନ୍ତରୁ କ'ଣ ସାମ୍ନାକୁ ଆସିଲା?
୩. ସୁରକ୍ଷାରେ ତ୍ରୁଟି ପାଇଁ ଭାଜପା ସରକାରରେ କାହାକୁ ଉତ୍ତରଦାୟୀ କରାଯାଇଛି?

## ସମ୍ବିତ୍‌ଙ୍କ ଜବାବ



ଏହା ଏକ ନୃଶଂସ ଆକ୍ରମଣ ଥିଲା ଏବଂ ଏହାକୁ ନେଇ ନୃଶଂସ ପ୍ରଶ୍ନ ଉଠାଯାଇଛି। ରାହୁଲ ଗାନ୍ଧୀ, ତୁମେ ଲାଭର ଉର୍ଦ୍ଧ୍ୱକୁ ଯାଇ କିଛି ପ୍ରଶ୍ନ କରିପାରିବ କି? ଗାନ୍ଧୀ ପରିବାର କେବଳ ଭୌତିକ ଦୃଷ୍ଟିକୋଣରୁ ଦୁର୍ନୀତିଗ୍ରସ୍ତ ନୁହନ୍ତି, ସେମାନଙ୍କ ଆତ୍ମା ବି ଭ୍ରଷ୍ଟାଚାରୀ।

- ସମ୍ବିତ୍ ପାତ୍ର, ଭାଜପା ମୁଖପତ୍ର

## ଏନ୍‌ଆଇଏ ହାତ ଖାଲି

ନୂଆଦିଲ୍ଲୀ,୧୪।୨



ଠିକ୍ ବର୍ଷକ ତଳେ ଅର୍ଥାତ୍ ୧୪ ଫେବୃୟାରୀ ୨୦୧୯ରେ ଜମ୍ମୁ-କଶ୍ମୀରସ୍ଥିତ ପୁଲଓ୍ୱାମା ଜିଲା ଲେଥିପୋରାରେ ଘଟିଥିଲ ଆତ୍ମଘାତୀ ବିସ୍ଫୋରଣ। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଯବାନଙ୍କୁ ନେଇ ଯାଉଥିବା ବସ୍‌ଗୁଡ଼ିକୁ ଟାର୍ଗେଟ କରି ଏହା ଘଟାଯାଇଥିଲା। ଅପରାହ୍ନ ୩ଟା ୪୫ରେ ଆଦିଲ ଅହମ୍ମଦ ଦର ନାମକ ଜଣେ ସ୍ୱଳ୍ପବୟସ୍କ ଏକ କାର୍‌ରେ ବିପୁଳ ପରିମାଣର ବିସ୍ଫୋରକ ନେଇ ସିଆର୍‌ପିଏଫ୍ ବସ୍‌କୁ ଦୃତଗତିରେ ଧକ୍କା ଦେଇଥିଲେ। ଚାହୁଁ ଚାହୁଁ ସବୁକିଛି ବସ୍ ଛିନ୍‌ଛତ୍ର ହୋଇଯାଇଥିଲା। ଏଠିସେଠି ବିଛାଡ଼ି ହୋଇ ପଡ଼ିଥିଲା ୪୦ରୁ ଉର୍ଦ୍ଧ୍ୱ ଯବାନଙ୍କ ଖଣ୍ଡବିଖଣ୍ଡିତ ମୃତଦେହ। ରକ୍ତରଞ୍ଜିତ ହୋଇଯାଇଥିଲା ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ। ଆତ୍ମଘାତୀ ବିସ୍ଫୋରଣ ଘଟାଇଥିବା କାକ୍‌ପୋରା ନିବାସୀ ୨୨ ବର୍ଷୀୟ ଆଦିଲ ମଧ୍ୟ ଏଥିରେ ନିହତ ହୋଇଥିଲେ। ଏହାର କିଛି ସମୟ ପରେ ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଏ-ମହମ୍ମଦ (ଜେଇଏମ୍) ଏକ ଭିଡିଓ ଜାରି କରି ଆକ୍ରମଣ ଲାଗି ନିଜକୁ ଦାୟୀ କରିଥିଲା। ହେଲେ ଭାରତ ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରିଥିବାବେଳେ ଇସ୍‌ଲାମାବାଦ ନିଜ ସମ୍ପୃକ୍ତିକୁ ଖଣ୍ଡନ କରିଥିଲା। ଏହାର ଦୁଇଦିନ ପରେ ଭାରତ ପକ୍ଷରୁ ପାକିସ୍ତାନର ବାଲାକୋଟସ୍ଥିତ ଆତଙ୍କବାଦୀ ତାଲିମ କେନ୍ଦ୍ରରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଏହି ଆକ୍ରମଣକୁ ଶୁକ୍ରବାର ୩୬୫ ଦିନ ପୂରିଛି। ହେଲେ ମାମଲାର ତଦନ୍ତ ଭାର ନେଇଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏନେଇ କୌଣସି ନିଷ୍କର୍ଷରେ ପହଞ୍ଚିପାରି ନାହିଁ। ଏଥିରେ ସମ୍ପୃକ୍ତ ଥିବା ୫ ସନ୍ଦିଗ୍ଧ ସମୟକ୍ରମେ ଭିନ୍ନ ଭିନ୍ନ ଏନ୍‌କାଉଣ୍ଟରରେ ନିହତ ହୋଇଥିବାରୁ ଆତଙ୍କବାଦ ନିରୋଧୀ ତଦନ୍ତକାରୀ ସଂସ୍ଥା ଚାର୍ଜଶିଟ ମଧ୍ୟ ଦାଖଲ କରିପାରିନାହିଁ। ଏନ୍‌ଆଇଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହା ଆମ ପାଇଁ ଏକ ଅନ୍ଧ ମାମଲା। ଅନେକ କଥା ଉଠୁଛି। କିନ୍ତୁ କୋର୍ଟରେ ପ୍ରମାଣ କରିବା ପାଇଁ ଆମ ପାଖରେ କୌଣସି ତଥ୍ୟ ନାହିଁ। ଆକ୍ରମଣର ଷଡ଼ଯନ୍ତ୍ରକାରୀ ବା ମାଷ୍ଟରମାଇଣ୍ଡ କିଏ ତାହା ସ୍ପଷ୍ଟ କରିବା ନେଇ ମଧ୍ୟ ଆମ ହାତ ଖାଲି ଅଛି ବୋଲି ଅଧିକାରୀ ଜଣକ ସ୍ୱୀକାର କରିଛନ୍ତି।

- ଦାଖଲ ହୋଇନାହିଁ ଚାର୍ଜଶିଟ
- ୫ ସନ୍ଦିଗ୍ଧ ଏନ୍‌କାଉଣ୍ଟରରେ ନିହତ ହୋଇଥିବାରୁ ଆଗେଇ ପାରୁନି ତଦନ୍ତ

ଆଦିଲ ଅହମ୍ମଦ ଦର ବ୍ୟବହାର କରିଥିବା କାର୍‌ରେ ଆମୋନିୟମ୍ ନାଇଟ୍ରେଟ୍, ନାଇଟ୍ରୋ ଗ୍ଲିସେରିନ୍ ଏବଂ ଆର୍‌ଡିଏକ୍ସ ଭଳି ବିଧ୍ୱଂସକ ବିସ୍ଫୋରକ ରହିଥିଲା। ଏଭଳି ବିସ୍ଫୋରକ କେବଳ ସେନାରେ ବ୍ୟବହାର ହେଉଥିବାରୁ ଆତଙ୍କବାଦୀଙ୍କ ହାତରେ ତାହା କିପରି ପଡ଼ିଲା ସ୍ପଷ୍ଟ ହୋଇନାହିଁ। ସେହିପରି ସେହି କାର୍‌ର ପ୍ରକୃତ ମାଲିକ କିଏ ତାହା ପ୍ରମାଣିତ କରିବା ହେଉଛି ଏନ୍‌ଆଇଏ ଆଗରେ ଆଉ ଏକ ବଡ଼ ଚ୍ୟାଲେଞ୍ଜ। କାର୍‌ର ଶେଷ ମାଲିକ ବିଜ୍‌ବେହରା ନିବାସୀ ସଜ୍ଜାଦ ଭଟ ବୋଲି ସେତେବେଳେ ସାମ୍ନାକୁ ଆସିଥିଲା। ସଜ୍ଜାଦ ଏହି ଆକ୍ରମଣ ପରେ ଉଭାନ ହୋଇଯାଇଥିଲେ। ଗତବର୍ଷ ଜୁନରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ସେ ନିହତ ହୋଇଥିଲେ। ସେହିପରି ମୁଦାସିର ଅହମଦ, କାରି ମୁଫ୍‌ତି ୟାସେର ଏବଂ କାମରାନ୍‌ଙ୍କ ନାମ ଷଡ଼ଯନ୍ତ୍ରକାରୀ ବୋଲି ସାମ୍ନାକୁ ଆସିଥିଲା। ଏହି ୩ ଜଣ ମଧ୍ୟ ଭିନ୍ନ ଭିନ୍ନ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ।

## 'ଫିଲ୍ମ ଶୁଟିଂ କରୁଥିଲେ ମୋଦି'

**ଚଣ୍ଡିଗଡ଼, ୧୪।୨:** ପୁଲଓ୍ୱାମାରେ ଶହୀଦ ହୋଇଥିବା ୪୦ ସିଆର୍‌ପିଏଫ୍ ଯବାନଙ୍କ ବଳିଦାନକୁ ଆମେ ସାଲ୍ୟୁଟ୍ କରୁଛୁ। ଆକ୍ରମଣର ବର୍ଷେ ପରେ ବି ଅନେକ ପ୍ରଶ୍ନ ଅନୁତ୍ତରିତ ହୋଇ ରହିଛି ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେଓ୍ୱାଲ କହିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ ପ୍ରଶ୍ନ କରିଛନ୍ତି, ଆର୍‌ଡିଏକ୍ସ ଏବଂ ଆଇଇଡି ବୋଝେଇ କାର୍ କିପରି ଭାବେ ସୁରକ୍ଷା ଗାଡ଼ିକୁ ଆକ୍ରମଣ କରିପାରିଥିଲା? ଜମ୍ମୁ-କଶ୍ମୀରର ନିଲମ୍ବିତ ଡିଏସ୍‌ପି ଦାବିନ୍ଦର ସିଂଙ୍କ ଏହି ଆକ୍ରମଣରେ କି ଭୂମିକା ଥିଲା। ସେ ଆତଙ୍କବାଦୀମାନଙ୍କୁ ସାହାଯ୍ୟ କରିଥିଲେ କି ବୋଲି ସୁର୍ଜେଓ୍ୱାଲା ପ୍ରଶ୍ନ କରିଛନ୍ତି। ଏହାସହ ସେ କହିଛନ୍ତି, ପୁଲଓ୍ୱାମା ଆକ୍ରମଣ ଘଟିଥିବା ଜାଣିସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିମ୍ କର୍ବେଟ ନ୍ୟାଶନାଲ



ପାର୍କରେ ଫିଲ୍ମ ଶୁଟିଂ କରୁଥିଲେ। ସେ କ୍ୟାମେରା ସାମ୍ନାରେ ଚା ପିଇ ପକୋଡ଼ା ଖାଇ ନୌକାବିହାର କରୁଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ସାମ୍ନାକୁ ଆସି ଏହି ଅନୁତ୍ତରିତ ପ୍ରଶ୍ନଗୁଡ଼ିକର ଉତ୍ତର ଦେଲେ ୪୦ ଶହୀଦଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ।



## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲାସ୍ଥିତ ଲେଥିପୋରାର ଆକ୍ରମଣସ୍ଥଳରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଏକ ସ୍ତମ୍ଭ ପ୍ରତିଷ୍ଠା କରାଯାଇଛି। ଶହୀଦ ହୋଇଥିବା ସମସ୍ତ ୪୦ ଯବାନଙ୍କ ନାମ ଓ ଫଟୋ ଏହି ସ୍ମାରକୀରେ ରହିଛି। ସିଆର୍‌ପିଏଫ୍‌ର ବରିଷ୍ଠ ଅଧିକାରୀମାନେ ଶୁକ୍ରବାର ଶହୀଦ ସ୍ତମ୍ଭରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି।

## [ଇତିହାସର ଆଇନାରେ]

### ଫେବୃୟାରୀ ୧୫ର ପ୍ରମୁଖ ଘଟଣା

୧୯୬୧ ଫେବୃୟାରୀ ୧୫ରେ ନ୍ୟୁୟର୍କରୁ ବେଲଜିୟମ୍‌ର ବ୍ରସେଲ୍ସ ଯାଉଥିବା ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୭୧ ଯାତ୍ରୀ ପ୍ରାଣ ହରାଇଥିଲେ।

୨୦୧୨ ଫେବୃୟାରୀ ୧୫ରେ ହଣ୍ଡୁରାସର କୋମାୟାଗୁଆ ସହରସ୍ଥିତ ଏକ ଜେଲରେ ଅଗ୍ନିକାଣ୍ଡ ଘଟିବାରୁ ୩୬୦ ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ।

## ଶପଥଗ୍ରହଣ ଉତ୍ସବକୁ ମୋଦିଙ୍କୁ ଆମନ୍ତ୍ରଣ କଲେ କେଜ୍‌ରିଓ୍ୱାଲ

**ନୂଆଦିଲ୍ଲୀ,୧୪।୨ :** ଦିଲ୍ଲୀ ନିର୍ବାଚନରେ ଏଏପିର ବିପୁଳ ବିଜୟ ପରେ ଆଗାମୀ ୧୬ରେ କେଜ୍‌ରିଓ୍ୱାଲ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ। ଏଥିଲାଗି ରାମଲୀଳା ମଇଦାନରେ ପ୍ରସ୍ତୁତି ଜୋର୍ ଧରିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏହି ଉତ୍ସବରେ ଯୋଗଦେବା ଲାଗି କେଜ୍‌ରିଓ୍ୱାଲ ଆମନ୍ତ୍ରଣ କରିଛନ୍ତି। ଏଥିସହ ନବନିର୍ବାଚିତ ଭାଜପାର ୮ ବିଧାୟକ, ୭ ଲୋକ ସଭା ଏମ୍‌ପିଙ୍କୁ ମଧ୍ୟ ଶପଥଗ୍ରହଣ ଉତ୍ସବରେ ଯୋଗଦେବା ଲାଗି କେଜ୍‌ରିଓ୍ୱାଲ ଆମନ୍ତ୍ରଣ କରିଛନ୍ତି। ୧୬ରେ ମୋଦି ନିଜ ନିର୍ବାଚନମଣ୍ଡଳୀ ବାରାଣସୀକୁ ଯାଇ ଏକାଧିକ ପ୍ରକଳ୍ପ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ କେଜ୍‌ରିଓ୍ୱାଲଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେବା ଆଶା କ୍ଷୀଣ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଅନ୍ୟ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ କିମ୍ବା ରାଜନେତାଙ୍କୁ ଏହି ଉତ୍ସବରେ ଯୋଗଦେବା ଲାଗି ଆମନ୍ତ୍ରଣ କରାଯାଇ ନ ଥିବା ଏଏପି ନେତା ଗୋପାଳ ରାୟ ପ୍ରକାଶ କରିଛନ୍ତି। ଦିଲ୍ଲୀ କ୍ୟାବିନେଟରେ କୌଣସି ନୂଆ ମୁହଁକୁ ନିଆଯିବ ନାହିଁ ବୋଲି କୁହାଯାଇଥିଲେ ହେଁ ଆତୀଶି ଓ ରାଘବ ଚଢାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବାର ସମ୍ଭାବନା ରହିଛି।

## ୬୮ ଛାତ୍ରୀଙ୍କ ଅନ୍ତଃବସ୍ତ୍ର କାଢ଼ି ଯାଞ୍ଚକଲେ

**ଭୁଜ୍,୧୪।୨ :** ଗୁଜରାଟର ଭୁଜ୍‌ସ୍ଥିତ ଶ୍ରୀ ସହଜାନନ୍ଦ ବାଳିକା କଲେଜରେ ୬୮ଜଣ ଛାତ୍ରୀଙ୍କୁ ଧର୍ମ ନାମରେ ଲଜ୍ଜାକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଛି। ସେମାନଙ୍କ ଅନ୍ତଃବସ୍ତ୍ର ବଳପୂର୍ବକ କାଢ଼ି କଲେଜ କର୍ତ୍ତୃପକ୍ଷ ମାସିକ ଋତୁସ୍ରାବ ହୋଇଛି କି ନାହିଁ ପରୀକ୍ଷା କରି ଦେଖିଥିଲେ। ଋତୁସ୍ରାବ ନେଇ ହଷ୍ଟେଲ ମୁଖ୍ୟ ଧାର୍ମିକ ରୀତିନୀତିକୁ ଉଲ୍ଲଂଘନ କରାଯାଇଥିବା କଲେଜ ଅଧ୍ୟକ୍ଷଙ୍କ ଆଗରେ ଅଭିଯୋଗ କରିବା ପରେ ଜଣକ ପରେ ଜଣେ ଛାତ୍ରୀଙ୍କୁ ଅନ୍ତଃବସ୍ତ୍ର କାଢ଼ି ପରୀକ୍ଷା କରାଯାଇଥିଲା। ବଡ଼ ଆଶ୍ଚର୍ଯ୍ୟଜନକ ଭାବେ ଏନେଇ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବାବେଳେ ଏକ କମିଟି ଗଠନ କରାଯାଇ ଏହାର ତଦନ୍ତ କରାଯାଉଥିବା ଜଣାପଡ଼ିଛି। କଲେଜଟି କ୍ରାନ୍ତିଗୁରୁ ଶ୍ୟାମ୍‌ଜୀ କ୍ରିଷ୍ଣ ବର୍ମା କଚ୍ଛ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଛି।

୨୦୧୨ରେ ଗଠନ କରାଯାଇଥିବା ଏହି କଲେଜ ସ୍ୱାମୀ ନାରାୟଣ ମନ୍ଦିର ଅନୁଗାମୀଙ୍କ ଦ୍ୱାରା ଚାଲିଆସିଛି। ମାସିକ ଋତୁସ୍ରାବ ହୋଇଥିବା ବାଳିକା ଓ ମହିଳାମାନଙ୍କୁ ମନ୍ଦିର




### ଧର୍ମ ନାମରେ ବ୍ୟଭିଚାର

କିମ୍ବା ରୋଷଘର ଭିତରକୁ ପ୍ରବେଶ ନିଷେଧ କରାଯାଇଛି। ଏମିତିକି, ଏହା ଭିତରେ କଲେଜ କର୍ମଚାରୀଙ୍କୁ କୌଣସି ପ୍ରକାର ମିଳାମିଶା ଓ ସହବାସ ଲାଗି ବାରଣ କରାଯାଇଛି। ହେଲେ କଲେଜ କର୍ତ୍ତୃପକ୍ଷ ମଝିରେ ମଝିରେ ଶ୍ରେଣୀରୁ ଛାତ୍ରୀଙ୍କୁ ଜୋର୍ ଜବରଦସ୍ତ ଆଣି ଧାଡ଼ିରେ ଠିଆ କରିବା ସହ ଜଣକ ପରେ ଜଣକୁ ଏକ କୋଠରିକୁ ନେଇ ସେମାନଙ୍କ ଅନ୍ତଃବସ୍ତ୍ର କାଢ଼ି ଏଭଳି ଦେଖିଥାନ୍ତି। କଲେଜ ଅଧ୍ୟକ୍ଷ ଛାତ୍ରୀଙ୍କୁ ଖରାପ ବ୍ୟବହାର ଦେଖାନ୍ତି ବୋଲି କେତେକ ଛାତ୍ରୀ ଅଭିଯୋଗ କରିଛନ୍ତି। ହଷ୍ଟେଲ ଆଚାର୍ଯ୍ୟ, ଟ୍ରଷ୍ଟି ସଦସ୍ୟମାନେ ମଧ୍ୟ କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଦେଖାଇଥାନ୍ତି। ମାସିକ ଋତୁସ୍ରାବ ହେଲେ ଛାତ୍ରୀଙ୍କୁ ଏଠାରେ ବିଭିନ୍ନ ପ୍ରକାର ନିର୍ଯାତନା ଦିଆଯାଇଥାଏ। ମୁହଁ ଖୋଲିଲେ କିମ୍ବା ଥାନାରେ ଅଭିଯୋଗ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ କଲେଜରୁ ବିଦା କରାଯିବ ବୋଲି ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରବୀଣ ପିଣ୍ଡୋରିଆ ଧମକ ଦେଉଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏମିତି କିଛି କଲେଜରେ ହେଉନାହିଁ ବୋଲି ସେ ଛାତ୍ରୀଙ୍କଠାରୁ ଲିଖିତ ଭାବେ ଦସ୍ତଖତ ନେଇଥିବା ଅଭିଯୋଗ କରାଯାଇଛି। ଏହି ଲଜ୍ଜାକର ଘଟଣା ଲୋକଲୋଚନକୁ ଆସିବା ପରେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ଦର୍ଶନ ଢୋଲକିୟା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ବିଭିନ୍ନ ମହିଳା ସଙ୍ଗଠନ ପକ୍ଷରୁ କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।




## ୧୦ ଯୁଗ୍ମ ସଚିବଙ୍କୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି

**ଭୁବନେଶ୍ୱର,୧୪।୨(ବ୍ୟୁରୋ):** ରାଜ୍ୟ ସରକାର ଶୁକ୍ରବାର ୧୦ଜଣ ଯୁଗ୍ମ ସଚିବ କ୍ୟାଡର ଅଧିକାରୀଙ୍କୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। କିନ୍ତୁ ଉକ୍ତ ଅଧିକାରୀମାନେ ପୂର୍ବଭଳି ଯେଉଁ ପଦବୀରେ ଥିଲେ ବର୍ତ୍ତମାନ ସେହି ଦାୟିତ୍ୱ ତୁଲାଇବେ। ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ସେମାନଙ୍କୁ ପୂର୍ବଭଳି ନିଜ ଦାୟିତ୍ୱ ନିର୍ବାହ କରିବା ପାଇଁ କୁହାଯାଇଛି। ପୁରୀ ମ୍ୟୁନିସିପାଲିଟିରେ କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ), ଗୃହ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ପାହ୍ୟାରେ ଥିବା କଲ୍ୟାଣ କୁମାର ରଥ, ସୁନ୍ଦରଗଡ଼ ଜିଲାର ଏଡିଏମ୍, ଗୃହ(ନିର୍ବାଚନ) ବିଭାଗର ସିଇଓ(କାର୍ଯ୍ୟ ନିର୍ବାହୀ) ଭବାନୀ ପ୍ରସାଦ ରାଏ, ସ୍କୁଲ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବ ସୁଭଶ୍ରୀ ନନ୍ଦ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଶ୍ୟାମାଳି ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଯୁଗ୍ମ ସଚିବ ମହେଶ୍ୱର ପାଣିଗ୍ରାହୀ, ଖଣି ଓ ଇସ୍ପାତ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କାଳିପ୍ରସନ୍ନ ମହାପାତ୍ର, ଅନୁଗୋଳ ପିଡି, ଡିଆର୍‌ଡିଏ ଅତୁଲ୍ୟ କୁମାର ଚମ୍ପତିରାୟଙ୍କୁ ପଦୋନ୍ନତି ମିଳିଛି। ଏହି ଅଧିକାରୀମାନେ ବର୍ତ୍ତମାନ ଯୁଗ୍ମ ସଚିବରୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି।




# ବିଧାନସଭାରେ ଶୋକ

**ଭୁବନେଶ୍ୱର, ୧୪।୨ (ବ୍ୟୁରୋ):** ୮ ଜଣ ପୂର୍ବତନ ମନ୍ତ୍ରୀ, ବିଧାନସଭାର ପୂର୍ବତନ ସଦସ୍ୟଙ୍କ ବିୟୋଗରେ ଶୁକ୍ରବାର ଗୃହରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ରାଜ୍ୟପାଳଙ୍କ ଅଭିଭାଷଣ ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୋକ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି, ଜଗନ୍ନାଥ ରାଉତ, ପୂର୍ବତନ ସଦସ୍ୟ ସଚ୍ଚିଦାନନ୍ଦ ଦେଓ, ଭାଗୀରଥି ଦାସ, ରାଧାଗୋବିନ୍ଦ ସାହୁ, ଦୈତାରୀ ବେହେରା, ନାକା ଲଛମାୟା ଏବଂ ଗୌରହରି ନାଏକଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ ସହ ପରଲୋକଗତ ସଦସ୍ୟମାନଙ୍କର ଜୀବନୀ ବିଷୟରେ ସୂଚନା ଦେଇଥିଲେ। ସ୍ୱର୍ଗତ ସଦସ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗୃହ ମାଧ୍ୟମରେ ସମବେଦନା ଜଣାଇଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ସିପିଆଇ(ଏମ୍) ନେତା ଲକ୍ଷ୍ମଣ ମୁଣ୍ଡା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ସ୍ୱର୍ଗତ ସଦସ୍ୟମାନଙ୍କର ସ୍ମୃତି ଚାରଣ କରିଥିଲେ। ପରଲୋକଗତ ସଦସ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନିଜ ଦଳର ସମବେଦନା ବାଚସ୍ପତିଙ୍କ ଜରିଆରେ ଜଣାଇଥିଲେ। ସେହି ପରଲୋକଗତ ସଦସ୍ୟମାନଙ୍କ ସ୍ମୃତିରେ ୧ ମିନିଟ ନୀରବ ପ୍ରାର୍ଥନା ସହ ଗୃହରେ ଶୋକ ପ୍ରସ୍ତାବ ୨୦ ମିନିଟ୍ ଧରି ଆଲୋଚନା ହୋଇଥିଲା।




# ପଛୁଆ ବର୍ଗଙ୍କ ପାଇଁ ଅଧିକ ଆରକ୍ଷଣ ଦାବି କଲା ଭାଜପା

## ଚଳିତ ଅଧିବେଶନରେ ଲାଗୁ ନ ହେଲେ ୨୫ରୁ ଓବିସି ଜାଗରଣ ଅଭିଯାନ

**ଭୁବନେଶ୍ୱର,୧୪।୨(ବ୍ୟୁରୋ):** ମଣ୍ଡଳ କମିଶନଙ୍କ ସୁପାରିସ ଏବଂ ସୁପ୍ରିମକୋର୍ଟଙ୍କ ଅନୁମୋଦନ ପରେ ପଛୁଆ ବର୍ଗକୁ ସରକାରୀ ଚାକିରି, ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମଲେଖା ଏବଂ ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନରେ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ରଖାଯାଇଛି । ଦେଶର ଅନେକ ରାଜ୍ୟରେ ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେଉଛି । କିନ୍ତୁ ଓଡିଶା ସରକାର ପଛୁଆବର୍ଗଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା ଲାଗୁ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ନେତା ଐର ଖାରବେଳ ସ୍ୱାଇଁ କହିଛନ୍ତି । ଚଳିତ ବିଧାନସଭାରେ ପଛୁଆବର୍ଗଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା ନ କଲେ ୨୫ରୁ ସାରା ରାଜ୍ୟରେ 'ଓବିସି ଜାଗରଣ ଅଭିଯାନ' କାର୍ଯ୍ୟକ୍ରମ ଚାଲିବ ବୋଲି ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶୁକ୍ରବାର ଖାରବେଳ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସବୁ ଆରକ୍ଷଣ ୫୦ପ୍ରତିଶତରୁ ଅଧିକା ରହିବା କଥା ନୁହେଁ । ସ୍ୱାଧୀନତା ପରଠାରୁ ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ସେମାନଙ୍କର ଜନସଂଖ୍ୟା ଅନୁସାରେ ରାଜ୍ୟରେ ୩୮.୭୫ ଭାଗ ଆରକ୍ଷଣ ଦିଆଯାଇଛି । ସମ୍ବିଧାନ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ୨୨.୫ ପ୍ରତିଶତ ସଂରକ୍ଷଣ ଦିଆଯିବ । ଆଦିବାସୀଙ୍କୁ ୧୫ ଓ ଦଳିତଙ୍କୁ ୭.୫ ପ୍ରତିଶତ ସଂରକ୍ଷଣ ଦିଆଯିବ । କିନ୍ତୁ ଓଡ଼ିଶାରେ ଏହି ସଂଖ୍ୟା ଅଧିକା ଦେଖାଇ ମୂଳରୁ ରାଜ୍ୟ ସରକାର ୩୮.୭୫ ପ୍ରତିଶତ ଆରକ୍ଷଣ ଦେଉଛନ୍ତି । ଯେତେବେଳେ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ୩୮.୭୫ ପ୍ରତିଶତ ଆରକ୍ଷଣ ଦିଆଯାଉଥିଲା, ସେତେବେଳେ ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ ଆରକ୍ଷଣ ଦେବାର ବ୍ୟବସ୍ଥା ନ ଥିଲା । ଏହି ଦୁଇଟିଯାକ ମିଶାଇଲେ ୬୫ ପ୍ରତିଶତରୁ ଅଧିକ ହେଉଛି। ୩ଦିନ ତଳେ ରାଷ୍ଟ୍ରୀୟ ପଛୁଆ ବର୍ଗ ଆୟୋଗ ଓଡ଼ିଶା ଗସ୍ତରେ ଆସିଥିଲେ । ଭାଜପା ଆୟୋଗକୁ ସମସ୍ତ ଘଟଣା ଜଣାଇବା ପରେ ରାତାରାତି ପଛୁଆ ବର୍ଗ କମିଶନ ଅଧକ୍ଷ ଘୋଷଣା କରାଯାଇଛି। ପୂର୍ବ କମିଶନ ଅଧକ୍ଷଙ୍କ ମୃତ୍ୟୁ ପରେ ୪ ବର୍ଷ ଧରି ଏହି ପଦବୀ ଖାଲି ଥିଲା । ପଛୁଆବର୍ଗ ଅଧକ୍ଷ ନିଯୁକ୍ତି ନେଇ ପୂର୍ବରୁ ଅନେକ ଥର ଦାବି କରାଯାଇଥିଲେ ମଧ୍ୟ ସରକାର ଶୁଣି ନ ଥିଲେ ।

ଭାଜପାର ଏପରି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ପଛୁଆବର୍ଗଙ୍କ ଉପରେ ସେମାନଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି। ଏହି ବର୍ଗର ଲୋକଙ୍କ ବିକାଶ ଲାଗି ଭାଜପା ନେତାଙ୍କ ପ୍ରତିବଦ୍ଧତା ଥିଲେ ୨୦୧୧ରେ ହୋଇଥିବା ଜାତିଭିତ୍ତିକ ଗଣନାର ପରିସଂଖ୍ୟାନ ପ୍ରକାଶ କରିବା ପାଇଁ ସେ ଦାବି କରିଥାଆନ୍ତେ। ଲେନିନ୍ ଆହୁରି କହିଛନ୍ତି ଯେ, କେନ୍ଦ୍ର ସରକାର ୨୦୧୧ର ଜାତିଭିତ୍ତିକ ପରିସଂଖ୍ୟାନ ରିପୋର୍ଟ ପ୍ରକାଶ କଲେ ଓଡ଼ିଶା ସରକାର ସେହି ଆଧାରରେ ଏହି ବର୍ଗଙ୍କୁ ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ ପ୍ରଦାନ କରିବେ ବୋଲି ଲେନିନ୍ କହିଛନ୍ତି ।

# ରାଜ୍ୟପାଳଙ୍କ ଅଭିଭାଷଣକୁ କଂଗ୍ରେସର ବର୍ଜନ

**ଭୁବନେଶ୍ୱର,୧୪।୨(ବ୍ୟୁରୋ):** ରାଜ୍ୟପାଳଙ୍କ ଅଭିଭାଷଣକୁ କଂଗ୍ରେସ ପ୍ରତ୍ୟାଖ୍ୟାନ କରିଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦେଶବନ୍ଦନା ପରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସରକାରଙ୍କ ବିକାଶର ଚିତ୍ର ବିଧାନସଭାରେ ଉପସ୍ଥାପନ କରିଥିଲେ। ଏହି ସମୟରେ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ରାଜ୍ୟପାଳଙ୍କ ଅଭିଭାଷଣରେ କିଛି ନୂତନତ୍ୱ ନାହିଁ। ଚାଷୀ, ବେକାରି, ଆଇନ ଶୃଙ୍ଖଳା କଥା କିଛି ଉଲ୍ଲେଖ ନ ଥିବାରୁ ସେ ଏହାକୁ ବର୍ଜନ କରୁଛନ୍ତି କହି ଗୃହ ବାହାରକୁ ଚାଲିଯାଇଥିଲେ। ତାଙ୍କ ସହ କଂଗ୍ରେସର ଅନ୍ୟ ସଭ୍ୟମାନେ ମଧ୍ୟ ଚାଲିଯାଇଥିଲେ। ରାଜ୍ୟପାଳଙ୍କ ଅଭିଭାଷଣ ପରେ କଂଗ୍ରେସ ସଭ୍ୟମାନେ ଗୃହ କାର୍ଯ୍ୟରେ ଯୋଗ ଦେଇଥିଲେ। ବିଧାନସଭା ବାହାରେ ନରସିଂହ କହିଥିଲେ ଯେ, ରାଜ୍ୟପାଳଙ୍କ ପଦବୀକୁ ଆମେ ସମ୍ମାନ ଦେଉଛୁ। ସମ୍ବିଧାନ ଅନୁସାରେ ରାଜ୍ୟ ମନ୍ତ୍ରିମଣ୍ଡଳ ଅନୁମୋଦନ କରିଥିବା ବକ୍ତବ୍ୟକୁ ରାଜ୍ୟପାଳ ପାଠ କରନ୍ତି। ତେବେ ଏହି ଅଭିଭାଷଣରେ କୃଷକ, ଧାନକିଣା, ଦୁର୍ନୀତି, ଚାଷୀଙ୍କୁ କିପରି ଶୋଷଣ ମୁକ୍ତ କରାଯିବ ସେ ନେଇ କିଛି ଉଲ୍ଲେଖ କରାଯାଇ ନାହିଁ। ଉପରୁ ତଳ ଯାଏ ଦୁର୍ନୀତି ବୁଡି ରହିଛି। ବେକାରି କିମ୍ବା ଦାଦନ ଶ୍ରମିକ ସମସ୍ୟା ମୁକାବିଲା ନେଇ କିଛି ଉଲ୍ଲେଖ ନାହିଁ। ଏହାକୁ ବିରୋଧ କରି କଂଗ୍ରେସ ଦଳ କକ୍ଷ ତ୍ୟାଗ କରିଥିଲା ବୋଲି ନରସିଂହ କହିଥିଲେ।

# 'ଶହୀଦ ମନୋଜ ଦେଶ ପାଇଁ ଗର୍ବ ଓ ଗୌରବ'



ଶହୀଦ ମନୋଜ ବେହେରାଙ୍କ ପ୍ରତିମୂର୍ତ୍ତି ନିକଟରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ସିଆରପିଏଫ ଡିଆଇଜି।

ନିମାପଡ଼ା,୧୪।୨(ଡି.ଏନ୍.ଏ.)

ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲାର ଲେଥିପୋରାରେ ୨୦୧୯ ଫେବୃୟାରୀ ୧୪ରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ଯବାନ ମନୋଜ ବେହେରା ଆମ ଦେଶ ପାଇଁ ଗର୍ବ ଓ ଗୌରବ ବୋଲି ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶହୀଦ ମନୋଜ ବେହେରାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଦାଶ ଏହା କହିଛନ୍ତି। ଆଜିର ଛାତ୍ର ଓ ଯୁବ ସମାଜ ମନୋଜଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ରାଜ୍ୟ ଓ ଦେଶର ସ୍ୱାଭିମାନ ବଜାୟ ରହିବ। ଛାତ୍ର ଓ ଯୁବ ସମାଜ ଆଗେଇ ଆସି ନିଷ୍ଠାର ସହ ଦେଶ ମାତୃକାର ସେବା କରିବାକୁ ସଙ୍କଳ୍ପବଦ୍ଧ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ଦାଶ କହିଥିଲେ। ଏହି ସମାରୋହରେ ସମ୍ମାନିତ ଅତିଥିଭାବେ ସିଆରପିଏଫ୍ ଡିଆଇଜି ରାମ ଚରିତ୍ର, କଲେଜ ଅଧ୍ୟକ୍ଷ ରାଜକିଶୋର ରଥ, ପ୍ରଶାସନିକ ଅଧିକାରୀ ରାଜକିଶୋର ସାବୁତ, ଅଧ୍ୟାପକ ସୁବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶହୀଦ ମନୋଜ ନିମାପଡ଼ା କଲେଜର ଛାତ୍ର ଓ ଏନ୍‌ସିସିର କ୍ୟାଡେଟ ଥିଲେ। ଅତିଥିଙ୍କ ସମେତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନେ ଶହୀଦ ମନୋଜଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ନିମାପଡ଼ାର ବିଭିନ୍ନ ସ୍କୁଲ, କଲେଜର ଏନ୍‌ସିସି କ୍ୟାଡେଟ ଓ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ଶହୀଦ ମନୋଜ ବେହେରା ଅମର ରହେ ବୋଲି ସ୍ଲୋଗାନ ଦେଇଥିଲେ।

# ଶହୀଦ ମନୋଜଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ନିଆଳି, ୧୪।୨ (ଡି.ଏନ୍.ଏ.):** ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲାର ଲେଥିପୋରାରେ ୨୦୧୯ ଫେବୃୟାରୀ ୧୪ରେ ଆତଙ୍କବାଦୀଙ୍କ ଆକ୍ରମଣରେ ଓଡ଼ିଆ ଯବାନ କଟକ ଜିଲା ନିଆଳି ବ୍ଲକ ଅନ୍ତର୍ଗତ ରତନପୁରର ମନୋଜ ବେହେରା ଶହୀଦ ହୋଇଥିଲେ। ଶହୀଦ ଦିବସ ଅବସରରେ ଶୁକ୍ରବାର ମନୋଜଙ୍କ ବାସଭବନ ଓ ଶ୍ମଶାନ ଘାଟରେ ତାଙ୍କର ଦୁଇଟି ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ସିଆରପିଏଫ୍ ଡିଆଇଜି ରାମ ଚରିତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବାସଭବନରେ ନିର୍ମିତ ଶହୀଦ ମନୋଜଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଏହା ସହ ମନୋଜଙ୍କ ବାପା ଜିତେନ୍ଦ୍ର ବେହେରା ଓ ମା' ସାବିତ୍ରୀ ବେହେରାଙ୍କୁ ଶାନ୍ତ୍ୱନା ଦେଇଥିଲେ। ଏହି ପ୍ରତିମୂର୍ତ୍ତି ଉନ୍ମୋଚନ ବେଳେ ସ୍ଥାନୀୟ ସରପଞ୍ଚ ଅଭିନା ସାହୁ, ଜଟାଧାରୀ ସ୍ୱାଇଁ, କେଦାରନାଥ ସାହୁ, ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ଶ୍ମଶାନ ଘାଟରେ ନିର୍ମିତ ହୋଇଥିବା ଶହୀଦ ମନୋଜଙ୍କ ପ୍ରତିମୂର୍ତ୍ତିକୁ ବିଧାୟକ ପ୍ରଫେସର ଡା.ପ୍ରମୋଦ କୁମାର ମଲ୍ଲିକ ଉନ୍ମୋଚନ କରିଥିଲେ। ଏଥିରେ ଆମ୍ବାର ଅଧ୍ୟକ୍ଷ ଆଦିତ୍ୟ ପାଣି, ଶିକ୍ଷାବିତ୍ ପ୍ରଦୀପ ଦାସ, ସରପଞ୍ଚ ରବୀନ୍ଦ୍ର ନାୟକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।



ଶହୀଦ ମନୋଜ ବେହେରାଙ୍କ ପ୍ରତିମୂର୍ତ୍ତି ନିକଟରେ ସିଆରପିଏଫ୍ ଡିଆଇଜି ରାମ ଚରିତ୍ର ଓ ଅନ୍ୟମାନେ।

# ଶହୀଦ ପ୍ରସନ୍ନ ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ନାଉଗାଁ, ୧୪।୨ (ସ୍ୱ.ପ୍ର.)

ଜମ୍ମୁ-କଶ୍ମୀରର ପୁଲଓ୍ୱାମାଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ନାଉଗାଁ ବ୍ଲକର ପ୍ରସନ୍ନ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ଶିଖର ପଞ୍ଚାୟତ ପାରିଶିଖର ଗ୍ରାମରେ ପାଳିତ ହୋଇଯାଇଛି। ଏହି ଅବସରରେ ଦେବୀ ନଦୀ ପଠାରେ ନିର୍ମିତ ଶହୀଦ ପ୍ରସନ୍ନଙ୍କ ପ୍ରତିମୂର୍ତ୍ତିଙ୍କୁ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ମୃତିସଭାରେ ଏମ୍‌ପି ଡା. ମଲ୍ଲିକଙ୍କ ସମେତ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶହୀଦ ପ୍ରସନ୍ନ ପାଠ ପଢୁଥିବା ଗାଁ ସ୍କୁଲକୁ ତାଙ୍କ ନାମରେ ନାମିତ କରାଯିବା ସହିତ ତାକୁ ଏକ ଆଦର୍ଶ ବିଦ୍ୟାଳୟ ଭାବେ ଗଢ଼ିବା ଓ ଉଦ୍ୟାନ ଉନ୍ନତୀକରଣ ପାଇଁ ଅନୁଦାନ ଆସିଲେ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଜିଲାପାଳ ମହାପାତ୍ର ସ୍ମୃତିସଭାରେ ପ୍ରତିଶ୍ରୁତି ଦେଇଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ..............................


ଆଦି
ପରିବାରବର୍ଗ


ଆୟୁଷ
ପରିବାରବର୍ଗ


ମଧୁସୂଦନ
ପରିବାରବର୍ଗ


ଶିବାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଦୋଷ ମାନିଲେ ...

ଝିଅ ବବ୍‌ଲି(୧୩)। ଘଟଣା ସ୍ଥଳରୁ ମହିଳାଙ୍କ ମୋବାଇଲ ମିଳି ନ ଥିଲା। ପରେ ତାଙ୍କ ମୋବାଇଲ ନମ୍ବର ଆଣିବା ପରେ କଲ୍ ଡିଟେଲ୍ସ ଅଣାଯାଇଥିଲା। ସେଥିରୁ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ସହିତ ତାଙ୍କର ଲିଙ୍କ୍ ଥିବା ଜଣାପଡିଥିଲା। ଏହି ତଥ୍ୟ ପାଇବା ପରେ ଛତିଶଗଡ଼ ପୋଲିସ ବିଭିନ୍ନ ସମୟରେ ଅନୁପଙ୍କୁ ନୋଟିସ ପଠାଇବା ସହିତ ଫୋନ କରି ପୋଲିସକୁ ସହଯୋଗ କରିବାକୁ କହିଥିଲା। ହେଲେ ସେ ରାଜନୈତିକ ପଦବୀରେ ଥିବାରୁ ଏହାର ଫାଇଦା ଉଠାଇ ଚାଲୁଥିଲେ। ପରେ ପୋଲିସ ସମସ୍ତ ତଥ୍ୟ, ପ୍ରମାଣ ଯୋଗାଡ କରିବା ପରେ ଗତ ୬ ମାସ ଧରି ତାଙ୍କ ଉପରେ ନଜର ରଖିଥିଲା। । ମାସକୁ ପ୍ରାୟ ୨୦ ଦିନ ଅନୁପଙ୍କ ପିଛା କରୁଥିଲା ପୋଲିସର ଏକ ସ୍ୱତନ୍ତ୍ର ଟିମ। ଶେଷରେ ଗତ ବୁଧବାର ରାତିରେ ତାଙ୍କୁ ଉଠାଇ ଆଣିଥିଲା ପୋଲିସ।

### ୨୦୧୧ରୁ କଳ୍ପନାଙ୍କ ସହ ସମ୍ପର୍କ

୨୦୧୧ରେ କଳ୍ପନାଙ୍କ ସହିତ ତାଙ୍କ ସ୍ୱାମୀ ସୁନୀଲ ଶ୍ରୀବାସ୍ତବଙ୍କ ବିବାହ ବିଚ୍ଛେଦ ହୋଇଥିଲା। ଏହାପରେ କଳ୍ପନାଙ୍କ ସହିତ ଅନୁପଙ୍କ ସମ୍ପର୍କ ବଢ଼ିଥିଲା। ସେହିବର୍ଷ ଅନୁପ ଭୁବନେଶ୍ୱର ସୁନ୍ଦରପଦାରେ ଏକ ୩ ମହଲାର ଫ୍ଲାଟ୍ ତିଆରି କରି କଳ୍ପନାଙ୍କୁ ସେଠାରେ ରଖିଥିଲେ। ଉଭୟେ ସେଠାରେ ସ୍ୱାମୀସ୍ତ୍ରୀ ଭାବେ ରହୁଥିଲେ। ଭୁବନେଶ୍ୱରର ଏକ ଘରୋଇ ସ୍କୁଲରେ ବବ୍‌ଲିଙ୍କ ଆଡମିଶନ ବେଳେ ଅନୁପ ଓ କଳ୍ପନା ଅଭିଭାବକ ଭାବେ ନିଜକୁ ଦର୍ଶାଇଥିଲେ। ବିଭିନ୍ନ ସମୟରେ ଅନୁପ ଓ କଳ୍ପନା ଦିଲ୍ଲୀ, ବିଶାଖାପଟନାମ୍, ହାଇଦ୍ରାବାଦ ଓ ଗୋଆ ଆଦି ବୁଲାବୁଲି କରିବାକୁ ଯାଉଥିଲେ। ପରେ କଳ୍ପନା କଟକରେ ଆଇନଜୀବୀ ଭାବେ କାମ କରିବା ଆରମ୍ଭ କରିଥିଲେ। ଏମିତି ଦୀର୍ଘଦିନ ଧରି ଏକା ସଙ୍ଗେ ରହିବାରୁ କଳ୍ପନା ସ୍ତ୍ରୀର ମର୍ଯ୍ୟାଦା ଦାବି କରିବା ସହିତ ସମ୍ପତ୍ତିର ଭାଗ ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ ପାଟିତୁଣ୍ଡ ହେଉଥିଲା। ଅନ୍ୟପକ୍ଷେ କଳ୍ପନା କିଛି କାମରେ ବିଳାସପୁର ଯାଉଥିଲେ। ଏହାକୁ ନେଇ ଅନୁପଙ୍କ ସନ୍ଦେହ ବଢ଼ିଥିଲା। କଳ୍ପନା ଆଉ କାହା ସହ ସମ୍ପର୍କ ରଖୁଥିବା ଅନୁପ ସନ୍ଦେହ କରିଥିଲେ। ଏହାପରେ କଳ୍ପନାଙ୍କୁ ରାସ୍ତାରୁ ହଟାଇବାକୁ ଅନୁପ ଯୋଜନା କରିଥିଲେ।

### ବିବାହ ଆଳରେ ହତ୍ୟା

ଯୋଜନା ମୁତାବକ ରାୟଗଡ ଯାଇ ଏକ ମନ୍ଦିରରେ ବିବାହ କରିବାକୁ କଳ୍ପନାଙ୍କୁ ରାଜି କରାଇଥିଲେ ଅନୁପ। ଓଡିଶାରେ ବାହାଘର ହେଲେ ଲୋକେ ଜାଣିବେ ଓ ତାଙ୍କ ରାଜନୈତିକ ଭବିଷ୍ୟତ ନଷ୍ଟ ହୋଇଯିବ କଳ୍ପନାଙ୍କୁ ସେ ଖୁବ୍ ଚତୁରତାର ସହ ବୁଝାଇ ଦେଇଥିଲେ। କଳ୍ପନା ରାଜି ହେବା ପରେ ଅନୁପ ଏଥିପାଇଁ ସମସ୍ତ ଯୋଜନା ପ୍ରସ୍ତୁତ କରିଥିଲେ। ସେଦିନ ଥିଲା ୨୦୧୬ ମେ ୫ ତାରିଖ। ପ୍ରଥମେ କଳ୍ପନା ଓ ବବ୍‌ଲିକୁ ଏକ ଗାଡିରେ ଝାରସୁଗୁଡା ପଠାଇଦେଇଥିଲେ ଅନୁପ। ପରେ ସେ ଅନ୍ୟ ଏକ ଗାଡ଼ିରେ ପିଛା କରି ଝାରସୁଗୁଡା ଆସିଥିଲେ। ଝାରସୁଗୁଡ଼ାର ଏକ ହୋଟେଲରେ କଳ୍ପନା ଓ ବବ୍‌ଲିଙ୍କୁ ରହିବାର ବ୍ୟବସ୍ଥା କରି ଅନୁପ ବ୍ରଜରାଜନଗରସ୍ଥିତ ଘରକୁ ଫେରିଯାଇଥିଲେ। ତା'ପର ଦିନ ଅର୍ଥାତ୍ ୬ ତାରିଖ ରାତି ପ୍ରାୟ ୯ ଟାରେ ଅନୁପ ସେମାନଙ୍କୁ ନେଇ ନିଜ ଗାଡିରେ ଡ୍ରାଇଭର ବର୍ମନ ଟପ୍ପୋଙ୍କ ସହିତ ରାୟଗଡ ଅଭିମୁଖେ ବାହାରିଥିଲେ। ରାତିର ଅନ୍ଧକାର ଓ ଜଙ୍ଗଲ ରାସ୍ତାରେ ଅନୁପଙ୍କ ଗାଡ଼ି ଦ୍ରୁତଗତିରେ ଚାଲୁଥିଲା। ଏହି ସୁଯୋଗକୁ ହାତଛଡ଼ା କରି ନ ଥିଲେ ଅନୁପ। ଗାଡିରେ ଥିବା ଏକ ଲୁହା ରଡରେ କଳ୍ପନା ଓ ବବ୍‌ଲିଙ୍କ ମୁଣ୍ଡକୁ ପିଟି ଚାଲିଥିଲେ ସେ। ଅନ୍ଧକାର ଓ ନିସ୍ତବ୍ଧ ଜଙ୍ଗଲ ଭିତରେ କଳ୍ପନା ଓ ବବ୍‌ଲିଙ୍କ କରୁଣ ଚିତ୍କାର ଆସ୍ତେ ଆସ୍ତେ କମି ଆସିଥିଲା। ଶେଷରେ ଉଭୟଙ୍କ ଶରୀର ନିସ୍ତେଜ ହୋଇପଡିବା ପରେ ସେମାନଙ୍କୁ ରାସ୍ତା ଉପରେ ପକାଇ ତାଙ୍କ ଉପରେ ଗାଡି ଚଢ଼ାଇବାକୁ ଉଦ୍ୟମ କରିଥିଲେ ଅନୁପଙ୍କ ଗାଡ଼ି ଚାଳକ। ହେଲେ ସେହି ରାସ୍ତାରେ ଅନ୍ୟ ଗାଡି ଚଳାଚଳ କରୁଥିବାରୁ ଠିକ ଭାବେ ଗାଡି ଚଢ଼ାଇ ନ ପାରି ସେଠାରୁ ଖସିଯାଇଥିଲେ ଅନୁପ ଓ ଡ୍ରାଇଭର ଟପ୍ପୋ।

### ୬ରାଜ୍ୟର ୭ ଶହ ଲୋକଙ୍କୁ ପଚରାଉଚୁରା

ଏସ୍‌ପି ସିଂ ଆହୁରି କହିଛନ୍ତି, ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ରଡ ମିଳିନାହିଁ। ଡ୍ରାଇଭର ବର୍ମନ ଟପ୍ପୋଙ୍କୁ ପୋଲିସ ଖୋଜିବା ଆରମ୍ଭ କରିଛି। ଶୁକ୍ରବାର ଅନୁପଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ମାମଲାରେ ଅଧିକ ତଥ୍ୟ ପାଇଁ ଅନୁପଙ୍କୁ ଡିଏନଏ ଟେଷ୍ଟ କରାଯିବ। ନାର୍କୋ ଟେଷ୍ଟ ଓ ରିମାଣ୍ଡରେ ଅଣାଯିବା ପାଇଁ କୋର୍ଟରେ ଆବେଦନ କରାଯିବ। ଅନୁପ ୨ଟି ମୋବାଇଲ ବ୍ୟବହାର କରୁଥିଲେ। ଗୋଟିଏ ମୋବାଇଲରେ କେବଳ କଳ୍ପନାଙ୍କ ସହିତ କଥା ହେଉଥିଲେ। ଏହି ହତ୍ୟାକାଣ୍ଡର ଖିଅ ପାଇବା ପାଇଁ ପୋଲିସ ୬ ରାଜ୍ୟର ପ୍ରାୟ ୭ ଶହ ଲୋକଙ୍କୁ ପଚରା ଉଚୁରା କରିଥିଲା ବୋଲି ଏସ୍‌ପି କହିଛନ୍ତି। ଅନୁପ ଦୀର୍ଘ ବର୍ଷ କଳ୍ପନାଙ୍କ ସହିତ ସ୍ୱାମୀ ସ୍ତ୍ରୀ ଭାବେ ରହିଥିଲେ। ସେ ନିଖୋଜ ହେବା ପରେ ବି ଅନୁପ ଥାନାରେ କୌଣସି ଅଭିଯୋଗ କରି ନ ଥିଲେ। ଯାହା ପୋଲିସର ସନ୍ଦେହକୁ ଆହୁରି ଦୃଢ଼ୀଭୂତ କରିଥିଲା। ଏହି ଘଟଣାରେ ଅନ୍ୟ କେତେଜଣ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି ବୋଲି ଏସ୍‌ପି କହିଛନ୍ତି।

### ଦୋଷୀଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଉ

ଅନ୍ୟପକ୍ଷେ କଳ୍ପନାଙ୍କ ସ୍ୱାମୀ ତଥା ଝାରସୁଗୁଡ଼ା ବାସିନ୍ଦା ସୁନୀଲ ଶ୍ରୀବାସ୍ତବ ଗଣମାଧ୍ୟମକୁ କହିଛନ୍ତି, କଳ୍ପନା ଜଣେ ଉଚ୍ଚ ଅଭିଳାଷୀ ମହିଳା ଥିଲେ। ଏହି ଅଭିଳାଷ ଓ ବଡ ହେବାର ସ୍ୱପ୍ନ ତାଙ୍କ ଜୀବନ ନେଲା। ତେବେ ଝିଅ ବବ୍‌ଲିର କିଛି ଭୁଲ ନ ଥିଲା। ନିଷ୍ପାପ ଶିଶୁକୁ ନିର୍ମମ ଭାବେ ହତ୍ୟା କରିଥିବା ଅନୁପଙ୍କୁ ଦଣ୍ଡ ସ୍ୱରୂପ ଫାଶୀ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ରାଜ୍ୟ ସରକାରୀ...

ଶୁକ୍ରବାର ଏହି ସୂଚନା ଦିଆଯାଇଛି। ଏଥି ସହିତ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଛି। ଏହି ଘୋଷଣାର ଗୋଟିଏ ଦିନ ପୂର୍ବରୁ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ପୂର୍ବ ବକେୟା ଦରମାରୁ ୧୦ ପ୍ରତିଶତ ଦେବାକୁ ଘୋଷଣା କରିସାରିଛନ୍ତି। ଅର୍ଥାତ୍ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀ ୧୦ ପ୍ରତିଶତ ବକେୟା ରାଶି ସହ ୫ ପ୍ରତିଶତ ମହଙ୍ଗା ଭତ୍ତା ପାଇବେ। ଏହାକୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଲରେ ସ୍ୱାଗତ କରାଯାଇଛି। ହେଲେ ଅଧିକାଂଶ କର୍ମଚାରୀ ବଳକା ୫୦ ପ୍ରତିଶତ ବକେୟା ଦରମା ଏବଂ ଗତବର୍ଷ ଜୁଲାଇରୁ ମହଙ୍ଗା ଭତ୍ତା ମିଳୁ ବୋଲି ମତ ରଖିଛନ୍ତି। ରାଜ୍ୟ ସରକାରୀ କର୍ମଚାରୀ ବର୍ତ୍ତମାନ ୧୨ ପ୍ରତିଶତ ମହଙ୍ଗା ଭତ୍ତା ପାଉଛନ୍ତି। ଏବେ ଘୋଷିତ ୫ ପ୍ରତିଶତ ମିଶାଇଲେ ଏହା ୧୭ ପ୍ରତିଶତକୁ ବୃଦ୍ଧି ପାଇଛି। ହେଲେ ଗତବର୍ଷ ଜୁଲାଇ ପହିଲାରୁ ଏହି ମହଙ୍ଗା ଭତ୍ତା ପାଇବା କଥା। ତେଣୁ ଏହି ୬ ମାସର ଡିଏ କେବେ ମିଳିବ ବୋଲି କର୍ମଚାରୀ ଏବଂ ପେନସନ୍‌ଭୋଗୀ ମହଲରେ ଆଲୋଚନା ହେଉଛି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ କର୍ମଚାରୀ ଗତ ଜୁଲାଇରୁ ଏହି ୫ ପ୍ରତିଶତ ବର୍ଦ୍ଧିତ ମହଙ୍ଗା ଭତ୍ତା ପାଇ ଆସୁଛନ୍ତି। ରାଜ୍ୟରେ ଏହି ସମସ୍ୟାର ସମାଧାନ ପାଇଁ କେତେକ କର୍ମଚାରୀ ଗଠନଧର୍ମୀ ପ୍ରସ୍ତାବ ମଧ୍ୟ ରଖିଛନ୍ତି। ଅବଶିଷ୍ଟ ୫୦ ପ୍ରତିଶତ ବକେୟା ଦରମା ଏବଂ ବକେୟା ୬ ବର୍ଷର ମହଙ୍ଗା ଭତ୍ତାର ଅର୍ଥରାଶି କର୍ମଚାରୀମାନଙ୍କ ଜିପିଏଫ୍ ଆକାଉଣ୍ଟକୁ ଟ୍ରାନ୍ସଫର କରିବାକୁ ପ୍ରସ୍ତାବ ରଖିଛନ୍ତି। ଏହାଦ୍ୱାରା କର୍ମଚାରୀମାନେ ନଗଦ ଅର୍ଥ ନ ପାଇଲେ ମଧ୍ୟ , ଏହି ଜମା ଅର୍ଥ ରାଶି ଉପରେ ସୁଧ ପାଇ ପାରିବେ ବୋଲି କେତେକ ମତ ରଖିଛନ୍ତି। ସରକାର ଯଦି ଏସବୁ ବିଚାର କରି ଉଚିତ ପଦକ୍ଷେପ ନିଅନ୍ତି, ତେବେ ରାଜ୍ୟର ପ୍ରାୟ ୪.୫ ଲକ୍ଷ ସରକାରୀ କର୍ମଚାରୀ ଏବଂ ୩.୫ ଲକ୍ଷ ପେନ୍‌ସନ ଭୋଗୀ ଉପକୃତ ହୋଇପାରିବେ। ଏଥିପାଇଁ ବାର୍ଷିକ ୬୦୦ କୋଟି ଟଙ୍କାର ଅନୁଦାନ ଆବଶ୍ୟକ ହେବ ବୋଲି ପୂର୍ବାନୁମାନ କରାଯାଇଛି।

## ଗିଟାରିଷ୍ଟ ସୋନମ୍ ...

ସେ ଦିଲ୍ଲୀରେ ଏକ ସଙ୍ଗୀତ ବିଦ୍ୟାଳୟ ଚଳାଉଥିଲେ। ତାଙ୍କ ପରଲୋକରେ ସଙ୍ଗୀତ ଓ ବଲିଉଡ୍ ଚିତ୍ରଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଶେର୍ପାଙ୍କ ଅକାଳ ବିୟୋଗରେ ମର୍ମାହତ ବୋଲି ଫାର୍‌ହାନ ଅଖତର ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି। ସେହିପରି ସଙ୍ଗୀତକାର ଏହସାନ୍ ଶୋକବାର୍ତ୍ତାରେ କହିଛନ୍ତି, ରକ୍ ବ୍ୟାଣ୍ଡ ଗିଟାରିଷ୍ଟ ଶେର୍ପାଙ୍କ କାର୍ଯ୍ୟ ସ୍ମରଣୀୟ ହୋଇ ରହିବ। ୧୯୭୧ ଅକ୍ଟୋବର ୮ରେ ପଶ୍ଚିମବଙ୍ଗର କାଲିମ୍ପଙ୍ଗରେ ଜନ୍ମିତ ଶେର୍ପା ୯ ବର୍ଷ ବୟସରୁ ଗିଟାର ବଜାଇବା ଆରମ୍ଭ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ବିବାଦୀୟ ପରିସ୍ଥିତିରେ ବନ୍ଧୁମାନଙ୍କ ସହାୟତାରେ ପରିସ୍ଥିତିକୁ ହାଲ୍‌କା କରିବାରେ ସମର୍ଥ ହେବେ। ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟରେ ପୂର୍ବରୁ ଲାଗିରହିଥିବା ସମସ୍ୟା ସକାଶେ ଚିନ୍ତା କରିବାକୁ ପଡ଼ିପାରେ। ଅତି ଭଲ ପାଉଥିବା ବନ୍ଧୁଟି ପ୍ରତି ନିର୍ଦ୍ଦୟ ହୁଅନ୍ତୁ ନାହିଁ , ବରଂ କିଛି ସାହାଯ୍ୟ କରନ୍ତୁ ଭଲ ହେବ।

**ବୃଷ** ସକାଳୁ ସକାଳୁ କିଛି ଘରର କଥା, ମତ ମତାନ୍ତର, ଦୂରଯାତ୍ରା ଓ ବନ୍ଧୁବର୍ଗଙ୍କ ବିଷୟରେ ଚିନ୍ତା କରିବେ। କିନ୍ତୁ କର୍ମକ୍ଷେତ୍ରରେ ସ୍ନେହ,ସହାନୁଭୂତି ଯୋଗୁ ସମସ୍ୟା ଓ ଦୁଃଖକୁ କିଛିକ୍ଷଣ ପାଇଁ ଭୁଲିଯାଇପାରନ୍ତି। ମନ ଭିତରେ ଘାରିହେଉଥିବା ଘଟଣାଗୁଡ଼ିକ ସମାଧାନ ସକାଶେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ।

**ମିଥୁନ** ହାତକୁ ନେଇଥିବା କାମ ସବୁ ଠିକ୍ ହୋଇଯିବ ଏବଂ ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବ। ସୁନ୍ଦର କଥା ଓ ସରଳ ବ୍ୟବହାର ହେତୁ ବହୁ ବିପଦରୁ ରକ୍ଷା ପାଇବେ। ବାଣିଜ୍ୟ,ବ୍ୟବସାୟରେ ସାଧାରଣ ସମସ୍ୟା ଦେଖାଦେଇପାରେ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ହେତୁ ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ।

**କର୍କଟ** ପୂର୍ବାପେକ୍ଷା ଆପଣଙ୍କ ପରିସ୍ଥିତି କିଛି ମନ୍ଦହେବ ନାହିଁ ତଥାପି ଅଧିକ ଆଶା କରି ନ ପାଇବା କାରଣରୁ ମନ ଅଶାନ୍ତ ରହିବ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବା ହେତୁ ସାମୟିକ ଚିନ୍ତିତ ରହିପାରନ୍ତି। ସହକର୍ମୀ ସହଯୋଗର ହାତ ବଢ଼ାଇବେ ଓ ସାହାଯ୍ୟ କରିବାକୁ ଆଗେଇ ଆସିପାରନ୍ତି। ଭୁଲ୍ ବୁଝାମଣା ହେତୁ ଅଫିସରେ ସମସ୍ୟା ବଢ଼ିପାରେ।

**ସିଂହ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବ ଓ କାମକୁ ମନ୍ଥର କରିପାରେ। ରାଜନୀତି, ଆନୁଷ୍ଠାନିକ କାମ, ସଭାସମିତି, ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କଳା, ସାହିତ୍ୟ, ସାମ୍ବାଦିକତା, ବନ୍ଧୁଙ୍କୁ ଦେଖା କରିବା ପ୍ରଭୃତି ସକାଶେ କୌଣସି ଅସୁବିଧା ହେବନି।

**କନ୍ୟା** ପାରିବାରିକ ବିଷମତାକୁ ନେଇ ଆପଣ ଯେତିକି ଯେତିକି ଭାବୁଥିବେ ସେତିକି ମନଟା ବିଷାଦିତ ରହିବ। ଏଣେ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ହେତୁ କାମ ଗୁଡ଼ିକ ବିଶୃଙ୍ଖଳିତ ହୋଇଯିବ। ଆଜି ସକାଳୁ କିଛି ନୂତନ ଖବର ପାଇବାର ସୁଯୋଗ ଜୁଟିବା ସୂଚନା ରହିଛି। ଆଇନ ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ସହ ଅଭିଳଷିତ କାମ କରିପାରିବେ ନାହିଁ। ଗତକାଲିର ଯୋଜନା ଠିକ୍ ଭାବରେ ସମ୍ପନ୍ନ କରିବା ପାଇଁ ବହୁ ପ୍ରକାର ଚେଷ୍ଟା କରିପାରନ୍ତି। ଯେତେ ଭଲ କାମ କଲେ ମଧ୍ୟ ଟିକିଏ ଟିକିଏ କଥାରେ ଚିହ୍ନାପଡ଼ି ସମାଲୋଚିତ ହେବେ।

**ବିଛା** ସବୁ ସୁବିଧା ଥିଲେ ମଧ୍ୟ କୌଣସି କାମରେ ପୂର୍ଣ୍ଣ ସନ୍ତୋଷ ମିଳିବ ନାହିଁ, ସବୁ କାମ ଦରଖଣ୍ଡିଆ ରହିଯିବ। ଆପଣଙ୍କ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ପୂର୍ବ ସ୍ଥିରୀକୃତ କାର୍ଯ୍ୟ ସକାଶେ ଘରେ ବନ୍ଧୁମିଳନ ଓ ଖୁସିର ଆସର ଜମିପାରେ। କିଛି ଅଘଟଣ ଆଶଙ୍କାକରି ଅନୁରାଧା ନକ୍ଷତ୍ରର ମନ ବିବ୍ରତ ରହିପାରେ।

**ଧନୁ** ଆଜି ସାଧାରଣ କଥାରେ ଆକସ୍ମିକ କଳହ କିମ୍ବା ପକେଟମାର ଅଥବା ଚୋରି ଜନିତ ଧନହାନିର ସୂଚନା ରହିଛି। କିନ୍ତୁ ନିଜର ଦୃଢ଼ତା ହେତୁ କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ପୂର୍ବାଷାଢ଼ା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ସୁଯୋଗ ପାଇଲେ ମଧ୍ୟ ସଦୁପଯୋଗ କରିପାରିବେନି।

**ମକର** ଆଜିର ଯାତ୍ରା ଶୁଭପ୍ରଦ ହେବ ଏବଂ କାମଗୁଡ଼ିକ ମଧ୍ୟ ଆଶାନୁରୂପ ହେବା କାରଣରୁ ମନ ଖୁସିହୋଇଯିବ। କିନ୍ତୁ ଆଗନ୍ତୁକ ବନ୍ଧୁଙ୍କ ଆଗମନରେ ଯେତିକି ଖୁସି ହେବେ ତା'ଠାରୁ ତାଙ୍କର ମତିଗତି ଓ କାର୍ଯ୍ୟକଳାପରେ ସେତିକି ଅସନ୍ତୁଷ୍ଟ ହେବେ। ଶିଳ୍ପ, ବାଣିଜ୍ୟ ଓ କଳା କାରିଗରି, ପରିବହନରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ।

**କୁମ୍ଭ** ଆଜିର ଆବଶ୍ୟକତା ପୂରଣ ସକାଶେ ପରିସ୍ଥିତିରେ ପଡ଼ି ଧାରକରଜ କରିବାକୁ ବାଧ୍ୟ ହେବେ। ଅଫିସରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କଥାରେ ବେଶି ରାଗନ୍ତୁ ନାହିଁ। ଧନିଷ୍ଠା ନକ୍ଷତ୍ର ସକାଶେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ।

**ମୀନ** ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ବନ୍ଧୁଙ୍କ ନିକଟରୁ ପାଇପାରନ୍ତି। ବ୍ୟବସାୟ, ପରିବହନ, ସଭାସମିତି ଓ କଚେରି ମାମଲା କ୍ଷେତ୍ରରୁ ଶୁଭଫଳ ପାଇବେ। ପରିବାର ଭିତରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟିହେବା ଆଶଙ୍କା ରହିଛି। ରେବତୀ ନକ୍ଷତ୍ର ସ୍ୱାଭାବିକ ଭାବରେ ଦିନଟି କଟାଇବାର ସୌଭାଗ୍ୟ ଲାଭ କରିବେ।

ଆଜି ଫାଲ୍‌ଗୁନ କୃଷ୍ଣ ସପ୍ତମୀ ଶନିବାର, ଫେବୃୟାରୀ ୧୫ ତାରିଖ, ରାଶି ନକ୍ଷତ୍ର-ସକାଳ ଘ୭।୧୧ମି. ପରେ ବିଶାଖା/ତୁଳା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୦।୦୭ମି. ଗତେ ଘ୧।୦୯ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୫ମି. ଗତେ ଘ୯।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୩୫ମି. ଗତେ ଘ୧୨।୦୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**automobile**

**SALE**

9000K.M run March 2019 Maruti Ignis Alfa blue colour. 9437284700. D-16720

**real estate**

**SALE**

Plot sale Banguary (Hanspal) 1300/- per sqft. construction 450/- and 850/- per sqft. Contact: 8018961216. D-16371

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ୍‌କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

Khordha Malipada NH ପାଖରେ 2000sqft. boundary ସହିତ ନିଜସ୍ୱ plot ବିକ୍ରିହେବ। 8480619769. D-68788

ଭୁବନେଶ୍ୱର New Rly. Station 1200sqft. @ 5,80,000/- yellowzone plot ମିଳୁଛି। 6371406921. D-16644

Flats for sale at DHPL Crystal Raghunathpur. Contact: 9937059891, 8908292617. D-16586

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft. 650/- 7008045582, 9692003948. D-16692

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-16587

Buy 1/2/3BHK luxury flats at Bhubaneswar near SUM Hospital Gothapatna with many amenities. 9078263828. D-16530

ଭୁବନେଶ୍ୱର କଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/registration, 8144706560, 7750909843. D-68488

3BHK Duplex 35,00,000/- finishing Hanspal (Bank finance available)- 9348633789, 8093465134. D-68663

Never before offer: Free 200sqft. land fully developed residential plots at Reasionable Price near Gudiapokhari (Pamasara road). Purchase 1200sqft. plot, get 200sqft. Free. Offer valid upto 29th February- 8917527308, 9437030095 (T&C apply). D-68659

Gharabari plots eastfacing boundary walls Tankapani Road Saimandir Sqft. 1600/- 7735738102. D-16716

3BHK Duplex 35,00,000/- finishing Hanspal, Gharabari plot Bhingarpur- 8093465134, 9668194157. D-68665

2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746. D-68491

30'road boundary, gharabari fully developed plot Gudiapokhari (KEC) 9937166932. D-68585

ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) କଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547. D-68489

3BHK duplex for sale at Gothapatna, Bhubaneswar 3km. from SUM Hospital 8917665342, 9861444497. D-68584

4000 Sqft. GA plot immediately sale at Surya Nagar Bhubaneswar, only buyer contact Deepak- 9937329999. D-68066

4/5 BHK Duplex at Balianta. Construction - 2200 @ 60Lakhs/ 2600 @ 70Lakhs. Finance by LIC. Mplanets: 9938219397, 9861022055. D-16718

Gharabari 8 guntha along with building for sale at Boniamal, Kendrapara. Contact: 9437048845. D-16722

**construction**

Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777. D-16719

**to-let**

Space available at IRC Village first floor main road facing near Vishal Megha Mart suitable for office/ Clinic- 9090901043. D-68067

2500 Sqft. godown space, 200 meters from platform No-6. 9437026400. D-16667

**packers & movers**

Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608

**healthcare**

Kasturi massage club, fully relaxed by expert lady, home service: 9178845612. D-68779

Ayurvedic full body massage ladies and gents. Contact: 9861064981. D-68789

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68783

Completely stress management therapy, visit us our clinic. Contact: 7852986810. D-68582

Refresh your mind and soul with best therapy at Orchid Salon/Spa. 9937287222. D-68786

Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Herbal full body massage by smart / expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69203

Body massage @ 1099 at mystic Unisex Salon and Spa. 9556978408. D-69206

Rejuvenate and Ayurvedic full body massage by smart therapist. 9114402304. D-69204

Newly open full body massage by ladies, gents therapist. 8018656899 D-60870

Ayurvedic refreshment massage therapy refresh mind and body. Appointment: 7894855541. D-68583

Ayurvedic full body massage by ladies, gents therapist. 7008773793 D-60871

Elite Unisex Salon- A complete family Spa. Male to male and female to female- 7326977966. D-69207

Sai herbal spa refresh your body with smart, expert therapist. 7608062524. D-69205

Ayurvedic full body massage ladies/gents smart experts therapist:- 8480939300. D-68790

Ayurvedic full body massage ladies & gents smart therapist, 9668814589. D-68784

**business**

Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery @ 3500/- per month. Pokhariput, Bhubaneswar. Contact: 9668732935. D-67291


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ କବି କୁଳମଣି ସାମଲଙ୍କ ମୃତ୍ୟୁ



ଚଣ୍ଡିଖୋଲ,୧୪।୨(ଡିଏନଏ)- ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅଧୀନ ଚାରିନଙ୍ଗଳ ପଞ୍ଚାୟତ ବାହାଦୁରନଗର ଗ୍ରାମର କବି କୁଳମଣି ସାମଲ (୮୦)ଙ୍କର ଶୁକ୍ରବାର ସକାଳେ ଏକ ଟ୍ରକ ଧକ୍କାରେ ମୃତ୍ୟୁ ଘଟିଛି। ସେ ୫୩ନଂ ଜାତୀୟ ରାଜପଥ ଦେଇ ବାଲିଚନ୍ଦ୍ରପୁର ଛକ ନିକଟରେ ରାସ୍ତା ଅତିକ୍ରମ କରୁଥିବାବେଳେ ପଛପଟୁ ଏକ ଟ୍ରକ (ଓଡି୦୪ଏନ୪୬୭୨) ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଟ୍ରକ ଚାଳକ ଫେରାର ହୋଇଯାଇଥିବାବେଳେ ବାଲିଚନ୍ଦ୍ରପୁର ପୋଲିସ ଶ୍ରୀରାମପୁର ଟୋଲ୍‌ଗେଟ ନିକଟରୁ ଟ୍ରକଟିକୁ ଜବତ କରିଥିଲା। ସ୍ୱର୍ଗତ ସାମଲ ଜଣେ କବି, ନାଟ୍ୟ ନିର୍ଦ୍ଦେଶକ ଓ ଲେଖକଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବ୍ୟକ୍ତି ତାଙ୍କ ମରଶରୀର ନିକଟରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ମୃତଦେହକୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯିବା ପରେ ବାଲିଚନ୍ଦ୍ରପୁରରୁ ଶୋକାକୁଳ ପରିବେଶରେ ଶୋଭାଯାତ୍ରା କରାଯାଇ ନିଜ ଗ୍ରାମ ବାହାଦୁର ନଗରକୁ ନିଆଯାଇଥିଲା। ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବାଲିଚନ୍ଦ୍ରପୁର ପୋଲିସ ଏକ ମାମଲା (ନଂ. ୩୩) ରୁଜୁ କରି ଟ୍ରକଟିକୁ ଜବତ କରିଛି।

### ଭଞ୍ଜନଗରରେ କରୋନା ଭୟ ପରୀକ୍ଷା କରାଇବାକୁ କଟକ ଗଲେ ଡାକ୍ତରୀ ଛାତ୍ର

ଭଞ୍ଜନଗର,୧୪।୨(ଡି.ଏନ.ଏ): ଗଞ୍ଜାମ ଜିଲା ଭଞ୍ଜନଗର ସହରରେ କରୋନା ଭୂତାଣୁ ଭୟ ଦେଖାଦେଇଛି। ଗତ ଜାନୁୟାରୀ ୧୪ରେ ଚାଇନାରୁ ଫେରିଥିବା ଜଣେ ଡାକ୍ତରୀ ଛାତ୍ରଙ୍କୁ କରୋନା ଭୂତାଣୁ ସଂକ୍ରମଣ କରିଥାଇପାରେ ବୋଲି ସନ୍ଦେହ କରାଯାଉଛି। ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଶୁକ୍ରବାର ରାତି ପ୍ରାୟ ୯ଟାରେ କଟକ ବଡ଼ ମେଡିକାଲକୁ ପଠାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ଅଞ୍ଚଳବାସୀ ଆତଙ୍କିତ ହୋଇଛନ୍ତି। ଅନ୍ୟପକ୍ଷରେ ଲୋକେ ଭୟଭୀତ ନ ହେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ସେପଟେ ଭଞ୍ଜନଗର ବୁଲିବାକୁ ଆସିଥିବା ଦୁଇ ବିଦେଶୀ ପର୍ଯ୍ୟଟକଙ୍କ ପାସ୍‌ପୋର୍ଟ ମଧ ପୋଲିସ ଯାଞ୍ଚ କରିଛି। ସେମାନେ ଆମେରିକାର ବୋଲି ଜଣାପଡ଼ିଛି। ଚାଇନାରେ ଡାକ୍ତରୀ ପାଠ ପଢୁଥିବା ଭଞ୍ଜନଗରର ଛାତ୍ରଜଣକ ନିଜ ଗ୍ରାମକୁ ଫେରିବାର ମାସେ ବିତିଲାଣି। କରୋନା ଭୂତାଣୁ ସଂକ୍ରମଣ ନେଇ ତାଙ୍କଠାରେ କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ମାତ୍ର ଶୁକ୍ରବାର ସନ୍ଧ୍ୟାରେ କେତେଜଣ ଲୋକ ସମ୍ପୃକ୍ତ ଛାତ୍ରଙ୍କୁ ନେଇ ଭୟଭୀତ ହୋଇ ତାଙ୍କ ସମ୍ପର୍କରେ ସ୍ଥାନୀୟ ପୋଲିସ ପ୍ରଶାସନକୁ ଜଣାଇଥିଲେ। ରାତି ପ୍ରାୟ ସାଢ଼େ ୮ଟାରେ ତାଙ୍କୁ ଭଞ୍ଜନଗର ଡାକ୍ତରଖାନାକୁ ଆଣି ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ଏଠାରେ କୌଣସି ବ୍ୟବସ୍ଥା ନଥିବା ଯୋଗୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି। ବିଦେଶରୁ ଯେଉଁମାନେ ଗତ କିଛିଦିନ ମଧ୍ୟରେ ଆସିଛନ୍ତି, ସେମାନେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

# ଅନ୍ୟ କୋର୍ଟକୁ ମାମଲା ସ୍ଥାନାନ୍ତର ନିଷ୍ପତ୍ତି

ସମ୍ବଲପୁର,୧୪।୨(ବ୍ୟୁରୋ)



ଦିଲ୍ଲୀରେ ସୁପ୍ରିମକୋର୍ଟର ବାର୍ ସଦସ୍ୟଙ୍କ ସହ ପଶ୍ଚିମ ଓଡିଶାରୁ ଯାଇଥିବା ଓକିଲମାନେ ଆଲୋଚନା କରୁଛନ୍ତି ।

- ଓକିଲଙ୍କୁ ଡରାଇବାକୁ ଚକ୍ରାନ୍ତ
- ସମ୍ବଲପୁର ଓକିଲ ସଂଘର ନାପସନ୍ଦ
- ସୁପ୍ରିମକୋର୍ଟ ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ସହ ଆଲୋଚନା
- ୧୭ରେ ସୁପ୍ରିମକୋର୍ଟରେ ଆବେଦନ ହେବ

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଚାଲି ଆସୁଥିବା ଆନ୍ଦୋଳନର ସମାଧାନ ହୋଇପାରୁନାହିଁ । ହେଲେ ରାଜ୍ୟ ସରକାର କୋର୍ଟରେ ଗଡୁଥିବା ମାମଲାଗୁଡିକ ଅନ୍ୟ କୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସମ୍ବଲପୁର ଜିଲାର ସମ୍ବଲପୁର ସମେତ କୁଚିଣ୍ଡା, ରେଢାଖୋଲ କୋର୍ଟରେ ମାମଲାଗୁଡିକ ଆବଶ୍ୟକ ହେଲେ ବରଗଡ କୋର୍ଟକୁ ସ୍ଥାନାନ୍ତରିତ ହେବ। ସେହିପରି ଦେବଗଡ଼ ଜିଲାର ମାମଲା କେନ୍ଦୁଝର କୋର୍ଟକୁ, ଝାରସୁଗୁଡ଼ା ଜିଲାର ମାମଲା ସୁନ୍ଦରଗଡ଼ କୋର୍ଟକୁ, ବଲାଙ୍ଗୀର କୋର୍ଟରେ ମାମଲା ଟିଟିଲାଗଡ଼ ଓ ସଇଁତଲା କୋର୍ଟକୁ ସ୍ଥାନାନ୍ତର କରାଯିବାକୁ ରାଜ୍ୟ ସରକାରଙ୍କ ଆଇନ ବିଭାଗ ନିର୍ଦ୍ଦେଶ ଜାରି କରିଛନ୍ତି ।

ଏହାକୁ ସମ୍ବଲପୁର ଓକିଲ ସଂଘ ନାପସନ୍ଦ କରିଛି । ଏଭଳି ଘୋଷଣା ଆଇନଗତ ସଙ୍ଗତ ନୁହେଁ । ସରକାର ଭୟରେ ନିଜକୁ ବଞ୍ଚାଇବା ପାଇଁ ଏଭଳି ନିଷ୍ପତ୍ତି ନେଇଛନ୍ତି । ପୂର୍ବରୁ ପ୍ରତିଶ୍ରୁତି ଦେଇ ଠକି ଚାଲୁଥିଲେ ରାଜ୍ୟ ସରକାରଙ୍କ ଅଭିମୁଖ୍ୟ ଜଣାପଡିଯାଇଛି ବୋଲି ଜିଲା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ ବହିଦାର କହିଛନ୍ତି। କୌଣସି ମାମଲାକୁ ବାଧ୍ୟତାମୂଳକ ଅନ୍ୟ କୋର୍ଟକୁ ନିଆଯାଇ ପାରିବନାହିଁ। ଓକିଲଙ୍କୁ କେବଳ ଭୟଭୀତ କରି ମାନସିକ ଭାବେ ଦୁର୍ବଳ କରିବାକୁ ସରକାର ଏଭଳି ହୀନ ପ୍ରୟାସ କରିଛନ୍ତି। ହେଲେ ଆଉ ପଛକୁ ଫେରିବାର ନାହିଁ । ସରକାର ଜନମଙ୍ଗଳକାରୀ ନିଷ୍ପତ୍ତି ନେଇନାହାନ୍ତି । ଆମେ ସବୁ ସମସ୍ୟାର ସାମ୍ନା କରିବାକୁ ପ୍ରସ୍ତୁତ ରହିଛୁ ବୋଲି ସେ କହିଛନ୍ତି। ଅନ୍ୟପଟେ ଜିଲା ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ, ସୁରେଶ୍ୱର ମିଶ୍ର, ବିକାଶ ପ୍ରଧାନ, ଦୁଷ୍ମନ୍ତ ନାଏକଙ୍କ ସମେତ ସୁପ୍ରିମ୍‌କୋର୍ଟ ଓକିଲ ରେଣୁକା ସାହୁ, ସାଗର ପ୍ରଧାନ ଦିଲ୍ଲୀରେ ସୁପ୍ରିମକୋର୍ଟ ବାର୍ ସଭାପତି ଓ ସଦସ୍ୟଙ୍କ ସହିତ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ ସଭାପତି ପ୍ରଧାନ କହିଛନ୍ତି ଯେ, ସୁପ୍ରିମକୋର୍ଟ ବାର୍ ସଦସ୍ୟମାନେ ମଧ ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ରାଜ୍ୟ ସରକାର ନେଇଥିବା ଏଭଳି ନିଷ୍ପତ୍ତି ବିରୋଧରେ ଯାହା ପଦକ୍ଷେପ ଗ୍ରହଣ ନିଆଯିବ ସେମାନେ ସମର୍ଥନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଫେବୃୟାରୀ ୧୭ ତାରିଖ ସୁପ୍ରିମକୋର୍ଟ ବାର୍ ସଦସ୍ୟମାନେ ସର୍ବୋଚ୍ଚ ଅଦାଲତରେ ଏହାକୁ ନେଇ ଆବେଦନ ମଧ କରିବାର ରହିଛି ବୋଲି ସଭାପତି ପ୍ରଧାନ କହିଛନ୍ତି।

# ହାତୀର ଗଳିତ ମୃତଦେହ ଠାବ

ଭଞ୍ଜନଗର,୧୪।୨(ଡି.ଏନ.ଏ): ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜ ବଡଗୁଣ୍ଡିରିବାଡି ଜଙ୍ଗଲରେ ଶୁକ୍ରବାର ବନ ବିଭାଗ ଏକ ମାଇ ହାତୀ କଙ୍କାଳ ଠାବ କରିଛି । ପ୍ରାୟ ୧୫ ଦିନ ପୂର୍ବରୁ ହାତୀଟି ମରିଥିବା ଅନୁମାନ କରାଯାଉଛି। ଡିଏଫ୍‌ଓ ଅଭୟ କୁମାର ଦଳେଇ, ରେଞ୍ଜର ଆଶାଲତା ଦିଗାଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ହାତୀଟିର ଦାନ୍ତ ନ ଥିବାରୁ ନାନା ସନ୍ଦେହ ସୃଷ୍ଟି ହେଉଛି।



ପ୍ରକାଶ ଯେ, ବଡଗୁଣ୍ଡିରିବାଡି ଗ୍ରାମଠାରୁ ପ୍ରାୟ ୬ କି.ମି. ଜଙ୍ଗଲ ଭିତରେ ଏକ ହାତୀର ଗଳିତ ମୃତଦେହ ପଡିଥିବା ଜଙ୍ଗଲକୁ ଯାଇଥିବା କେତେଜଣ ଲୋକେ ଗୁରୁବାର ଦେଖିଥିଲେ। ଖବର ବନ ବିଭାଗ କର୍ମଚାରୀଙ୍କ ନିକଟରେ ପହଞ୍ଚିଥିଲା । ଶୁକ୍ରବାର ଡିଏଫ୍‌ଓ ଓ ରେଞ୍ଜର କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ କରି ସେଠାରେ ପୋତି ଦିଆଯାଇଥିଲା । ହାତୀର ଦାନ୍ତ ନ ଥିବା ଯୋଗୁ ନାନା ସନ୍ଦେହ ପ୍ରକାଶ ପାଉଛି। ମାଇ ହାତୀର ଛୋଟ ଦାନ୍ତ ରହିବା କଥା। ଏନେଇ ତାରସିଂ ପ୍ରାଣୀ ବିଶେଷଜ୍ଞ ଡ. ବିଜୟିନୀ ପଣ୍ଡା କହିଛନ୍ତି, ମୃତ ହାତୀଟି ଏକ ମାଇ ହାତୀ। ମୃତଦେହ ପଚିଯାଇଥିବା ଯୋଗୁ ମୃତ୍ୟୁର ଠିକ୍ କାରଣ ଜଣାପଡୁନାହିଁ।

ତାରସିଂ ରେଞ୍ଜରେ ୨ ମାସ ମଧ୍ୟରେ ୨ଟି ହାତୀର ମୃତଦେହ ମିଳିଲାଣି। ଗତ ଡିସେମ୍ବର ୬ରେ ଏହି ରେଞ୍ଜର କଳିଙ୍ଗପଦର ନିକଟରେ ଏକ ମାଖୁନା ହାତୀର ମୃତଦେହ ମିଳିଥିଲା। ତଦନ୍ତ ପରେ ଅନ୍ୟହାତୀଙ୍କ ଆକ୍ରମଣରେ ମାଖୁନା ହାତୀଟିର ମୃତ୍ୟୁ ଘଟିଥିବା ଜଣାପଡିଥିଲା। ଏହି ବନଖଣ୍ଡରେ ହାତୀ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି।

# ଭିତରକନିକା ମହୋତ୍ସବ ଉଦ୍‌ଘାଟିତ

ରାଜନଗର,୧୪।୨(ଡି.ଏନ.ଏ.) କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ନଳିତାପାଟିଆଠାରେ ଶୁକ୍ରବାର ସନ୍ଧ୍ୟାରେ ବହୁ ପ୍ରତୀକ୍ଷିତ ଭିତରକନିକା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଆୟୋଜିତ ଏହି ମହୋତ୍ସବକୁ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରି ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଭିତରକନିକାର ବିଭବକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ମହୋତ୍ସବ ଏକ ପ୍ରୟୋଗଶାଳା ବୋଲି ମତବ୍ୟକ୍ତ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଭିତରକନିକା ପ୍ରାକୃତିକ ବିଭବ ପାଇଁ ସୁପରିଚିତ। ଏହାର ଜୈବ ବିବିଧତା, ବିରଳ ଜୀବଜନ୍ତୁ , ହେନ୍ତାଳ ବଣ, ଆର୍ଦ୍ରଭୂମି, ବିଦେଶାଗତ ପକ୍ଷୀ, ଗହୀରମଥାକୁ ଆସୁଥିବା ଅଲିଭରିଡଲେ କଇଁଛଙ୍କ ସୁରକ୍ଷା ଆମର ସଂକଳ୍ପ ହେବା ଉଚିତ । ମହୋତ୍ସବ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶ ଲାଗି ଖୁବଶୀଘ୍ର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ଯାଉଥିବା କହିଥିଲେ। ଏହାଛଡା ଭିତରକନିକାରେ ୱାଟର ପାର୍କ ସ୍ଥାପନ ପାଇଁ କେନ୍ଦ୍ର ପର୍ଯ୍ୟଟନ ବିଭାଗ ସହିତ ଏକ ଚୁକ୍ତିନାମା ଖୁବ ନିକଟରେ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦେଇଥିଲେ। ମହୋତ୍ସବରେ ନିମନ୍ତ୍ରିତ ଅତିଥି ଭାବେ କେନ୍ଦ୍ରାପଡା ଏମପି ଅନୁଭବ ମହାନ୍ତି ଯୋଗଦେଇ କହିଥିଲେ ଯେ, ଭିତରକନିକା ପାଇଁ କେନ୍ଦ୍ରାପଡା ବିଶେଷ କରି ରାଜନଗର ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚିତି ଲାଭ କରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଭିତରକନିକାର ଇକୋ ଡେଭଲପମେଣ୍ଟ କରାଯିବ। ସମ୍ମାନିତ ଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ପ୍ରଥମ କରି ଭିତରକନିକା ମହୋତ୍ସବ ହେଉଥିବାରୁ ପର୍ଯ୍ୟଟନ କ୍ଷେତ୍ରରେ ନୂତନ ସୂର୍ଯ୍ୟ ଉଦୟ ହେବ ବୋଲି କହିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ମହୋତ୍ସବ ସରକାରଙ୍କ ଏକ ସଫଳ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ। ଭିତରକନିକା ମହୋତ୍ସବର ଆବାହକ ତଥା କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି ମହୋତ୍ସବରେ ଉପସ୍ଥାପିକା ସୁଲଗ୍ନା ରାଉତ ସଂଯୋଜନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ପର୍ଯ୍ୟଟନ ମନ୍ତ୍ରୀ ପାଣିଗ୍ରାହୀ ମହୋତ୍ସବର ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ବଉଳାକୁମ୍ଭୀର ଗବେଷକ ବୈଜ୍ଞାନିକ ଡ. ସୁଧାକର କରଙ୍କୁ ତାଙ୍କ ସାମଗ୍ରିକ କୃତି ପାଇଁ ଭିତରକନିକା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ମହୋତ୍ସବ ୧୬ ତାରିଖ ଯାଏ ଚାଲିବ।



ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

# ବନୀକରଣରେ ଅନିୟମିତତା, ଫରେଷ୍ଟର, ଗାର୍ଡ ନିଲମ୍ବିତ

କେନ୍ଦୁଝର/ ଘଟଗାଁ, ୧୪।୨ (ସ୍ୱ.ପ୍ର./ଡି.ଏନ୍.ଏ.): କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ଦେଓବନ୍ଧ ସେକସନ୍ ଅଧୀନସ୍ଥ ଆଡକଟା ଜଙ୍ଗଲରେ ବନୀକରଣରେ ଅନିୟମିତତା ଘଟଣାରେ ବନବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦେଓବନ୍ଧ ଫରେଷ୍ଟର ମୋହିନୀ ମହାନ୍ତ ଓ ଫରେଷ୍ଟ ଗାର୍ଡ ସାଗରିକା ବେଜଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏ ସମ୍ପର୍କରେ ଡିଏଫଓ ସନ୍ତୋଷ ଯୋଶୀ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ୨୦ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ ସମୟରେ ବହୁ ସଂଖ୍ୟାରେ ମୂଲ୍ୟବାନ ଗଛ କଟାଯାଇଥିଲା । ଏହାର ଭରଣା ଲାଗି ଏନଏଚଏଆଇ ଓ ବନ ବିଭାଗ ମଧ୍ୟରେ ଚୁକ୍ତି ହୋଇ ବନୀକରଣ କରାଯାଇଥିଲା । ଏନଏଚଏଆଇ ଏହି ବନୀକରଣ ବାବଦକୁ ଅର୍ଥ ଖର୍ଚ୍ଚ କରିଥିଲା । ଏହି ଅର୍ଥରେ ଘଟଗାଁ ରେଞ୍ଜ ବାରବାଙ୍କ ଜଙ୍ଗଲରେ ଦେଢ ଲକ୍ଷ ନୂତନ ଗଛ ଲଗାଯାଇଥିବା ସୂଚନାଫଳକରେ ଉଲ୍ଲେଖ କରାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୫୦୧.୬୦ ହେକ୍ଟର ପରିମିତ ଜଙ୍ଗଲରେ ଏହି ବନୀକରଣ କରାଯାଇଥିଲା । ତେବେ ଯେତିକି ସଂଖ୍ୟାରେ ଗଛ ଲଗାଯିବା କଥା ତା'ଠାରୁ କମ ଗଛ ଲଗାଯାଇଥିବା ନେଇ ବନ ବିଭାଗ ନିକଟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ କେନ୍ଦୁଝର ଡିଏଫଓ ଏହାର ତଦନ୍ତ ଲାଗି ଏସିଏଫଙ୍କୁ ଆଦେଶ ଦେଇଥିଲେ। ତେବେ ତଦନ୍ତ ବେଳେ ଅନିୟମିତତା ହୋଇଥିବା ଜଣାପଡିବାରୁ ଡିଏଫଓ ଦୁଇ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି ଓ ଏଥିନେଇ ଅଧିକ ତଦନ୍ତ ଚାଲିଥିବା କହିଛନ୍ତି । ଏନେଇ ଏସିଏଫ ଘନଶ୍ୟାମ ମହାନ୍ତ କହିଛନ୍ତି ଯେ, ତଦନ୍ତ ବେଳେ କମ ଗଛ ଲଗାଯାଇଥିବା ଜଣାପଡିଥିଲା । ଏଥିସହ ସାର ଓ ପାଣି ଦେବା ପାଇଁ କୌଣସି ଗଛ ନିକଟରେ ଗାତ ଖୋଳା ଯାଇ ନ ଥିବା, କୋଡାଖୋସା ଓ ଯତ୍ନ ଅଭାବରୁ ଅନେକ ଗଛ ମରିଯାଇଥିବା ଯାଞ୍ଚ ବେଳେ ଜଣାପଡିଥିଲା । ତେବେ ତଦାରଖ ଦାୟିତ୍ୱରେ ଥିବା ଅନ୍ୟମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ସେହିପରି ଜିଲାର ଅନ୍ୟାନ୍ୟ ସ୍ଥାନରେ କଟା ଗଛର ଭରଣା ଲାଗି ହୋଇଥିବା ବନୀକରଣ ଗୁଡିକ ଯାଞ୍ଚ କଲେ ଅନିୟମିତତା ପଦାକୁ ଆସିବ ବୋଲି ମତ ପ୍ରକାଶ ପାଉଛି । ସୂଚନା ଯୋଗ୍ୟ ପୂର୍ବରୁ ପାଟଣା ରେଞ୍ଜରେ ଏଭଳି ବନୀକରଣରେ ଅନିୟମିତତା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।



ନଷ୍ଟ ହୋଇ ଯାଇଥିବା ଚାରାକୁ ଫିଙ୍ଗି ଦିଆଯାଇଛି।


## ସଫା ହାତ ଜୀବନ ବଞ୍ଚାଏ!

Brought to you by: Apollo HOSPITALS BHUBANESWAR

- ୨୦ ସେକେଣ୍ଡ ପାଇଁ ନିଜ ହାତକୁ ସାବୁନ ଓ ଉଷୁମ ପାଣିରେ ଧୋଇବା ସର୍ବୋତ୍ତମ।
- ପାଣି ଉପଲବ୍ଧ ନ ଥିଲେ ଆଲ୍‌କହଲ୍-ଭିତ୍ତିକ ଉତ୍ପାଦ (ସାନିଟାଇଜର୍) ବ୍ୟବହାର କରନ୍ତୁ।
- ଖାଦ୍ୟ ପ୍ରସ୍ତୁତ ଓ ଖାଇବା ପୂର୍ବରୁ ଏବଂ ଶୌଚାଳୟରୁ ଆସିବା ପରେ ହାତ ଧୁଅନ୍ତୁ।
- ହାତକୁ ସଫା ରଖି ଆପଣ ଅସୁସ୍ଥତାକୁ ଏଡ଼ାଇପାରିବେ।

### ଆପଣ କେବେ ହାତ ଧୋଇବା ଉଚିତ ?

● ଖାଦ୍ୟ ପ୍ରସ୍ତୁତ କରିବା ଓ ଖାଇବା ପୂର୍ବରୁ । ● ଶୌଚାଳୟରୁ ଆସିବା ପରେ। ● ଶିଶୁର ଡାଇପର୍ ବଦଳାଇବା କିମ୍ବା ତା' ଶୌଚକୁ ଧୋଇବା ପରେ । ● ଅସୁସ୍ଥ ବ୍ୟକ୍ତିଙ୍କ ସେବା କରିବା ପୂର୍ବରୁ ଓ ପରେ । ● ଅରନ୍ଧା ଖାଦ୍ୟ, ବିଶେଷକରି କଞ୍ଚା ମାଂସ, କୁକୁଡ଼ା ମାଂସ କିମ୍ବା ମାଛ ଇତ୍ୟାଦିର ସଂସ୍ପର୍ଶରେ ଆସିବା ପରେ। ● ନାକ ସଫା କରିବା, କାଶିବା କିମ୍ବା ଛିଙ୍କିବା ପରେ । ● ପଶୁପକ୍ଷୀ କିମ୍ବା ପଶୁପକ୍ଷୀଙ୍କ ମଳମୂତ୍ର ସଂସ୍ପର୍ଶରେ ଆସିବା ପରେ। ● ଆବର୍ଜନା ସଂସ୍ପର୍ଶରେ ଆସିବା ପରେ । ● କ୍ଷତ ବା ଘା'ର ଉପଚାର କରିବା ପୂର୍ବରୁ ଓ ପରେ । ● ବନ୍ୟପାଣି କିମ୍ବା ଆବର୍ଜନା ପାଣିରେ ପ୍ରଦୂଷିତ ବସ୍ତୁଗୁଡ଼ିକ ସଂସ୍ପର୍ଶରେ ଆସିବା ପରେ । ● ଆପଣଙ୍କ ହାତ ଅସନା ଦେଖାଯାଉଥିଲେ।

### ଆଲ୍‌କହଲ୍ ଭିତ୍ତିକ ସାନିଟାଇଜର୍‌ର ବ୍ୟବହାର

- ଉତ୍ପାଦକୁ ହାତ ପାପୁଲିରେ ନିଅନ୍ତୁ ।
- ଉଭୟ ହାତକୁ ଘଷନ୍ତୁ ।
- ହାତ ଶୁଖିବା ପର୍ଯ୍ୟନ୍ତ ଉତ୍ପାଦକୁ ହାତର ସବୁ ଅଂଶ ଏବଂ ଆଙ୍ଗୁଳିରେ ଘଷନ୍ତୁ ।

### ପାଣି ଓ ସାବୁନରେ ହାତ ଧୋଇବା

- ହାତକୁ ଏକାଠି ପାଣି ତଳକୁ ଆଣନ୍ତୁ (ସମ୍ଭବ ହୋଇଥିଲେ ଉଷୁମ ପାଣି)।
- ହାତକୁ ଅତିକମ୍‌ରେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଘଷନ୍ତୁ (ସମ୍ଭବ ହୋଇଥିଲେ ସାବୁନ ସହିତ)।
- ମଣିବନ୍ଧ, ପାପୁଲି, ହାତର ପଛପାର୍ଶ୍ୱ ଏବଂ ନଖ ତଳ ସମେତ ହାତକୁ ଭଲଭାବରେ ଧୁଅନ୍ତୁ ।
- ନଖ ତଳ ମଳିକୁ ସଫା କରନ୍ତୁ ।
- ହାତରୁ ସାବୁନକୁ ଧୋଇଦିଅନ୍ତୁ ।
- ସମ୍ଭବ ହୋଇଥିଲେ ଏକ ସଫା ତଉଲିଆ ସାହାଯ୍ୟରେ ହାତକୁ ସମ୍ପୂର୍ଣ୍ଣ ଶୁଖାଇଦିଅନ୍ତୁ (ଜୀବାଣୁକୁ ଦୂର କରିବାରେ ଏହା ସାହାଯ୍ୟ କରିଥାଏ)। ତଉଲିଆ ଉପଲବ୍ଧ ନ ଥିଲେ, ପବନରେ ହାତ ଶୁଖାଇପାରନ୍ତି ।
- ଚର୍ମ କ୍ଷୟକ୍ଷତିକୁ ଏଡ଼ାଇବା ପାଇଁ ପୋଛିବା ବଦଳରେ ହାତକୁ ଥାପି ଶୁଖାନ୍ତୁ ।
- ଡିସ୍‌ପୋଜେବଲ୍ ଟାୱେଲ୍ ବ୍ୟବହାର କରୁଥିଲେ ତାହାକୁ ଡଷ୍ଟବିନ୍‌ରେ ଫୋପାଡ଼ିଦିଅନ୍ତୁ।

ଡା. ସୁନୀତା ସାହୁ, ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬


# ବସ୍ତାନି ବୋଝ ଯାଞ୍ଚ ରିପୋର୍ଟ ଦାଖଲ କର

**ସମସ୍ତ ଜିଲାପାଳଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ**

ଭୁବନେଶ୍ୱର, ୧୪।୨ (ବ୍ୟୁରୋ): ସ୍କୁଲ ବସ୍ତାନି ବୋଝ ଯାଞ୍ଚ ରିପୋର୍ଟ ଦାଖଲ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ହୋଇଛି। ଆସନ୍ତା ୨୦ତାରିଖ ସୁଦ୍ଧା ନିଜ ନିଜ ଜିଲାର ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରଣାଳୟର ସ୍କୁଲ ବସ୍ତାନି ବୋଝ ଗାଇଡ୍‌ଲାଇନ୍ ଅନୁପାଳନ ହେଉଛି କି ନାହିଁ ସେ ନେଇ ଜିଲାପାଳମାନେ ରିପୋର୍ଟ ଦେବେ। ପୂର୍ବରୁ ବିଭାଗ ପକ୍ଷରୁ ଦୁଇଥର ଚିଠି ହୋଇଥିଲେ ମଧ କି ପଦକ୍ଷେପ ନିଆଯାଇଛି ସେ ନେଇ ରିପୋର୍ଟ ଦାଖଲ କରାଯାଇନାହିଁ। ଜିଲାସ୍ତରରୁ ଘରୋଇ ଇଂଲିଶ ମିଡିୟମ ସ୍କୁଲ ସମେତ ସମସ୍ତ ବିଦ୍ୟାଳୟ ଗସ୍ତ କରି ବସ୍ତାନି ଓଜନ ଯାଞ୍ଚ କରି ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷରେ ଓଡ଼ିଶା ଅଭିଭାବକ ମହାସଂଘ ଏ ନେଇ ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିକଟରେ ଫେରାଦ ହୋଇଥିଲା । ଏଥିସହ ଏନ୍‌ସିଇଆର୍‌ଟି ବହି ଲାଗୁ କରିବାକୁ ମହାସଂଘ ଦାବି କରିଛି। ଯଦି ତୁରନ୍ତ ଏହାକୁ ଖୋର୍ଦ୍ଧାରେ ଜିଲା ଶିକ୍ଷାଧିକାରୀ ଲାଗୁ ନ କରନ୍ତି ତେବେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏ ନେଇ ଆସନ୍ତା ୨୭ ତାରିଖରେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

# 'ପ୍ରଲୋଭନ ଛାଡ଼ି ସ୍ୱଳ୍ପ ସଞ୍ଚୟ ଯୋଜନାର ଲାଭ ଉଠାଅ'

**'ଏ ପି' ସିରିଜ୍‌ର ପୁରସ୍କାର ବିତରଣ ଉତ୍ସବ**

ଭୁବନେଶ୍ୱର,୧୪।୨(ବ୍ୟୁରୋ): ବର୍ତ୍ତମାନ ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନରେ ସମାଜର ପ୍ରତ୍ୟେକ ବର୍ଗ ନିଜକୁ ସାମିଲ କରିବା ଆବଶ୍ୟକ। ସୁରକ୍ଷିତ ଏବଂ ସରଳ ଉପାୟରେ ବ୍ୟକ୍ତିଗତ ଆର୍ଥିକ ପରିଚାଳନା ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ଆର୍ଥିକ ସ୍ଥିତି ସୁଦୃଢ଼ କରିବା ଦରକାର। ଲୋକସେବା ଭବନସ୍ଥିତ ନିଜ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା 'ଏ ପି' ସିରିଜ୍‌ର ପୁରସ୍କାର ବିତରଣ ଅବସରରେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହା କହିଛନ୍ତି। ବିଜୟୀମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରି ସେ କହିଛନ୍ତି ଯେ, ଏହି ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଆମ ରାଜ୍ୟର ଜମାକାରୀଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇପାରିଛି। ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ରହିବା, ମିତବ୍ୟୟିତା ଅବଲମ୍ବନ ସହ ଜନସାଧାରଣଙ୍କ ମଧ୍ୟରେ ସଞ୍ଚୟ ମନୋବୃତ୍ତି ଜାଗ୍ରତ କରିବା ପାଇଁ ଏହି ଯୋଜନା ବେଶ୍ ଫଳପ୍ରଦ ପ୍ରମାଣିତ ହୋଇଛି। ଜନସାଧାରଣ ଅଯଥା ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ଏଭଳି ସୁରକ୍ଷିତ ସଞ୍ଚୟ ଯୋଜନାର ଲାଭ ଉଠାଇବାକୁ ସେ ପରାମର୍ଶ ଦେଇଥିଲେ। ଅନୁଗୋଳର ରାଜେଶ ଗୁପ୍ତାଙ୍କୁ ପ୍ରଥମ, ରାଉରକେଲାର ଅଜେୟ ମହାପାତ୍ର ଏବଂ ଶିବାନୀ ମହାପାତ୍ରଙ୍କୁ ଦ୍ୱିତୀୟ, ଦୁଇଜଣଙ୍କୁ ତୃତୀୟ ଏବଂ ଚରିଜଣଙ୍କୁ ଚତୁର୍ଥ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଯୋଜନାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଷ୍ଠ ପୁରସ୍କାର ରାଶି ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ, ୧ ଲକ୍ଷ ଏବଂ ୫୦ ହଜାର ଟଙ୍କା ରହିଛି । ପୁରସ୍କାର ରାଶିର ୩୦ ପ୍ରତିଶତ ଆୟକର ବାବଦକୁ କାଟି ବଳକା ରାଶି ପୁରସ୍କାର ବିଜୟୀଙ୍କୁ ପ୍ରଦାନ କରାଯାଇଛି।


Government of Odisha

NATIONAL LEVEL HANDLOOM EXPO 2020

IDCO EXHIBITION GROUND, UNIT-III, BHUBANESWAR

Upto 23rd February 2020
Daily 11.30 AM to 9.30 PM

TODAY ATTRACTION
GHAZAL, ODIA & HINDI SONGS
by Mohd. Abid & Group, Cuttack

Exquisite Handloom Products from 16 States

Organised by : Odisha State Handloom WCS Ltd., boyanika
Handlooms, Textiles & Handicrafts Deptt., Govt. of Odisha

ତୁମ ଆଧାରର ଗୋଟିଏ ପାଖରେ ବା ଗୋଟାଏ ଅଂଶରେ ଯଦି ତୁମେ ସତ୍ୟ ଆଡକୁ ନିଜକୁ ଖୋଲିଧର – ଅନ୍ୟଦିଗରେ ସର୍ବଦା ହିଁ ବିରୋଧୀ ଶକ୍ତି (ସଇତାନି ଶକ୍ତି) ନିମିତ୍ତ ଦ୍ୱାର ଖୋଲା ରଖ– ତେବେ ଭଗବତୀ କରୁଣା ତୁମ ସହିତ ସ୍ଥାୟୀ ହୋଇ ରହିବ ବୋଲି ଆଶା କରିବା ବୃଥା।
–ଶ୍ରୀଅରବିନ୍ଦ



# ବିଦେଶ ତାଲିମ କମିବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଡୋମେଷ୍ଟିକ ଫଣ୍ଡିଂ ଅଫ୍ ଫରେନ୍ ଟ୍ରେନିଂ (ଡିଏଫ୍‌ଏଫ୍‌ଟି) ନୀତି ଅଧୀନରେ ପ୍ରଶାସକମାନଙ୍କୁ ବିଦେଶକୁ ପଠାଇ ପ୍ରଶିକ୍ଷଣ ଦେବାରେ ବ୍ୟୟ ବୃଦ୍ଧି ହେଉଥିବା ଯୋଗୁ ମୋଦି ସରକାର ଏହାକୁ କମାଇବାର ସମ୍ଭାବନା ଦେଖାଦେଇଛି। ୨୦୧୮–୧୯ରେ ସରକାର ୩୩୨ ଜଣ ବାବୁଙ୍କୁ ପ୍ରଶିକ୍ଷଣ ଦେବାରେ ଖର୍ଚ୍ଚ କରିଛନ୍ତି ୬୦ କୋଟି। ଏହା କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି)ର ବାର୍ଷିକ ପ୍ରଶିକ୍ଷଣ ବଜେଟର ଅଧାରୁ ଅଧିକ। ଏହି ନୀତିରେ ବାବୁମାନେ କେମ୍ବ୍ରିଜ, ହାର୍ଭାର୍ଡ ଓ ଅନ୍ୟ ଶୀର୍ଷ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟକୁ ଦୀର୍ଘ ଓ ସ୍ୱଳ୍ପମିଆଦୀ କୋର୍ସ ପାଇଁ ସରକାରୀ ଖର୍ଚ୍ଚରେ ଯାଇଥାନ୍ତି। ଏବେ ଡିଓପିଟି ସମସ୍ତ କ୍ୟାଡର କର୍ତ୍ତୃପକ୍ଷଙ୍କୁ ଲେଖିଛନ୍ତି ଯେ, ଡିଏଫ୍‌ଏଫ୍‌ଟି ନୀତିକୁ ପରିବର୍ତ୍ତନ କରାଯିବା ସହ ଖ୍ୟାତନାମା ବିଦେଶୀ ପ୍ରଶିକ୍ଷକଙ୍କୁ ଭାରତକୁ ଆଣି ସମନ୍ୱିତ ପ୍ରଶିକ୍ଷଣ ଦିଆଯିବ। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଶିକ୍ଷଣ ଦେବା ସହ ପ୍ରଶିକ୍ଷଣ ଲାଗି ବିଦେଶକୁ ଅଳ୍ପ କେତେଜଣ ବାବୁଙ୍କୁ ପଠାଇ ପରେ ସେମାନଙ୍କୁ ଭାରତରେ ଅନ୍ୟ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବା କାମରେ ଲଗାଯିବ। ମୋଦି ସରକାରଙ୍କ ଏହି ପଦକ୍ଷେପରୁ ସ୍ପଷ୍ଟ ଜଣାପଡୁଛି ଯେ ସରକାର ଏବେ ପୂରା ଖର୍ଚ୍ଚକାଟ ନୀତି ଅବଲମ୍ବନ କରୁଛନ୍ତି।

## ସେବି ମୁଖ୍ୟ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ପରବର୍ତ୍ତୀ ମୁଖ୍ୟ ପଦ ପାଇଁ ଦରଖାସ୍ତ ଆହ୍ୱାନ କରିବା ଦ୍ୱାରା ଅଜୟ ତ୍ୟାଗୀଙ୍କ କାର୍ଯ୍ୟକାଳ ଆଉ ଦୁଇବର୍ଷ ବୃଦ୍ଧି କରାଯାଇପାରେ ବୋଲି ସୃଷ୍ଟି ହୋଇଥିବା ଗୁଜବର ଅନ୍ତ ଘଟିଛି। ତ୍ୟାଗୀଙ୍କ ତିନିବର୍ଷିଆ କାର୍ଯ୍ୟକାଳ ଏହି ମାସରେ ଶେଷ ହେଉଛି। ହିମାଚଳପ୍ରଦେଶ କ୍ୟାଡର ୧୯୮୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ତ୍ୟାଗୀଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇପାରେ ବୋଲି ଅନେକେ ମନେକରୁଥିଲେ। ତାଙ୍କ ପୂର୍ବରୁ ୟୁ.କେ. ସିହ୍ନାଙ୍କ କାର୍ଯ୍ୟକାଳ ତିନିବର୍ଷ ବୃଦ୍ଧି କରାଯାଇଥିଲା, ଯାହାଦ୍ୱାରା ସବୁଠୁ ଦୀର୍ଘଦିନ ରହିବାରେ ସେ ଦ୍ୱିତୀୟ ସେବି ମୁଖ୍ୟ ହୋଇପାରିଥିଲେ। ୨୦୧୭ରେ ତ୍ୟାଗୀଙ୍କୁ ନିଯୁକ୍ତି ଦେବାବେଳେ ସରକାର ଦୁଇଥର ବିଜ୍ଞପ୍ତି ଜାରି କରିଥିଲେ। ଆଗରୁ ତ୍ୟାଗୀ ଅର୍ଥନୈତିକ ବ୍ୟାପାର ବିଭାଗର ଯୁଗ୍ମସଚିବ ଥିଲେ ଓ ପରେ ତାଙ୍କୁ ସେବି ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଥିଲା। ପ୍ରଥମ ବିଜ୍ଞପ୍ତିରେ ତାଙ୍କର କାର୍ଯ୍ୟକାଳ ସର୍ବାଧିକ ୫ ବର୍ଷ ହେବ ବା ସେ ୬୫ ବର୍ଷ ବୟସ ପର୍ଯ୍ୟନ୍ତ ରହିବେ– ଏହି ଦୁଇଟିରୁ ଯେଉଁଟି ପ୍ରଥମେ ପଡିବ ତାହା କାର୍ଯ୍ୟକାରୀ ହେବାର ନିୟମ ରହିଥିଲା। ପରେ ତ୍ୟାଗୀଙ୍କ ନିଯୁକ୍ତି ଅବଧିକୁ କମାଇ ତିନିବର୍ଷ କରି ଆଉ ଗୋଟିଏ ବିଜ୍ଞପ୍ତି ଜାରି କରାଯାଇଥିଲା। ପ୍ରାପ୍ତ ସୂତ୍ରରୁ ପ୍ରକାଶ୍ୟ ଯେ, ତ୍ୟାଗୀଙ୍କ ଅବସର ବୟସ ହୋଇ ନ ଥିବାରୁ ସେ ପୁଣି ଏହି ପଦ ପାଇଁ ଦରଖାସ୍ତ କରିପାରନ୍ତି। କିନ୍ତୁ ଯଦି ତାଙ୍କୁ ପୁଣି ନିଯୁକ୍ତି ମିଳେ ତେବେ ଏହାକୁ ତାଙ୍କର କାର୍ଯ୍ୟକାଳ ବୃଦ୍ଧି ବଦଳରେ ନୂତନ ନିଯୁକ୍ତି ଭାବେ ଗଣାଯିବ।

## ଜମ୍ମୁ–କାଶ୍ମୀର ପୋଲିସ କ୍ଷୁବ୍ଧ

ନିକଟରେ ଜମ୍ମୁ–କଶ୍ମୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର ଜି.ସି. ମୁର୍ମୁଙ୍କ ନୂଆ ପରାମର୍ଶଦାତା ଭାବେ ନିଯୁକ୍ତି ପାଇଥିବା ଆର୍.ଆର୍. ଭଟ୍ଟନାଗରଙ୍କୁ ସୁରକ୍ଷା ସମ୍ବନ୍ଧିତ ସବୁ କ୍ଷମତା ଦିଆଯିବା ନିଷ୍ପତ୍ତିକୁ ନେଇ ସେଠାକାର ପୋଲିସ ବାବୁମାନେ ମର୍ମାହତ ହୋଇଛନ୍ତି। ଥାନା ଅଧିକାରୀ (ଏସ୍‌ଏଚ୍‌ଓ)ଙ୍କ ବଦଳିଠାରୁ ଆରମ୍ଭ କରି ଅର୍ଦ୍ଧସାମରିକ ବଳ ଓ ରାଜ୍ୟ ସୁରକ୍ଷା ବଳର ସଶସ୍ତ୍ର ବାହିନୀରେ ନିଯୁକ୍ତି ପର୍ଯ୍ୟନ୍ତ ସମସ୍ତ କ୍ଷମତା ଭଟ୍ଟନାଗରଙ୍କୁ ଦିଆଯିବାରୁ ଏଭଳି ଅସନ୍ତୋଷ ପ୍ରକାଶ ପାଇଛି। ଭଟ୍ଟନାଗର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ସୁରକ୍ଷା ପରାମର୍ଶଦାତା କେ. ବିଜୟ କୁମାରଙ୍କ ପରାମର୍ଶ ନେଇ କାର୍ଯ୍ୟ କରିବେ। ଅର୍ଥାତ୍ ବାସ୍ତବ କ୍ଷମତା କୁମାରଙ୍କ ପାଖରେ ରହିବ। କୌତୂହଳର ବିଷୟ ହେଉଛି, ୧୯୭୫ ବ୍ୟାଚ୍‌ର ତାମିଲନାଡୁ କ୍ୟାଡର ଆଇପିଏସ୍ ଅଧିକାରୀ କୁମାର ଡେପୁଟେଶନରେ ଦିଲ୍ଲୀ ପଳାଇଥିଲେ କାରଣ ତାଙ୍କଠାରୁ ୧୦ ବର୍ଷ କନିଷ୍ଠ ମୁର୍ମୁଙ୍କ ଅଧୀନରେ କାର୍ଯ୍ୟ କରିବା ଲାଗି ସେ ଚାହୁଁ ନ ଥିଲେ। ଭଟ୍ଟନାଗର ହେଉଛନ୍ତି ସିଆର୍‌ପିଏଫ୍‌ର ପୂର୍ବତନ ମହାନିର୍ଦ୍ଦେଶକ କିନ୍ତୁ ତାଙ୍କର ଜମ୍ମୁ–କଶ୍ମୀରରେ କାର୍ଯ୍ୟ କରିବାର ଅଭିଜ୍ଞତା ନାହିଁ। ବହୁ ବରିଷ୍ଠ ପୋଲିସ ଅଧିକାରୀ କୁହନ୍ତି ଯେ, ସିଆର୍‌ପିଏଫ୍‌ର ନେତୃତ୍ୱ ନେଇଥିବା ସତ୍ତ୍ୱେ ତାଙ୍କର ଏହି କେନ୍ଦ୍ରଶାସିତ ଅଞ୍ଚଳରେ କୌଣସି ସନ୍ତ୍ରାସବାଦ–ବିରୋଧୀ ଅଭିଯାନର ଅଭିଜ୍ଞତା ନାହିଁ। ପୁନଶ୍ଚ ୩୭୦ ଧାରା ଉଚ୍ଛେଦ ହେବା ପରେ ଦକ୍ଷ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ଅଭାବ ହେତୁ ସରକାର କୁମାରଙ୍କୁ ସବୁ କ୍ଷମତା ଦେବାର ନିଷ୍ପତ୍ତି ନେଇଥିବା ବିଶ୍ୱାସ କରାଯାଉଛି। କେନ୍ଦ୍ର ସରକାର ଜମ୍ମୁ–କଶ୍ମୀରର ସୁରକ୍ଷା ଦାୟିତ୍ୱ ନିଜ ହାତରେ ରଖିବାକୁ ଚାହୁଁଥିବାରୁ ଏଭଳି ନିଷ୍ପତ୍ତି ନେଇଥିବା ମଧ୍ୟ ଆଉ ଏକ କାରଣ ହୋଇପାରେ।

Email: dilipcherian@gmail.com

## ଚିରନ୍ତନୀ

ତୋ ତୀରେ ସେ କେଉଁ ପକ୍ଷୀ ଗାଏ ଲୋ ପ୍ରଭାତୀ,
କି ଆଲୋକେ ଲାଜେ ତୋର ଛନ ଛନ ଛାତି ?
ମୋହରି ସେହି ବିହଙ୍ଗ
ଚିର ସଙ୍ଗୀତର ସଙ୍ଗ,
ମୋହରି ଆଲୋକ ସେ ତ ମନଭୁଲା ଜାତି।
(ଚିତ୍ରୋତ୍ପଳା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | A | | | | | 7 | | D | | 6 | | |
| | | D | | | | | B | | E | 2 | | | | |
| | | | | | 5 | | | | A | | C | 2 | E | B |
| | | 1 | | 9 | | A | E | | 7 | | | C | | |
| | 3 | | 6 | | | | | | 0 | | 8 | | 9 | D |
| | | 6 | | | 3 | | | | | | D | | C | E |
| | | 7 | | E | | 2 | | | C | | 6 | | 8 | 4 |
| | D | 9 | 5 | B | 7 | | | 8 | | | | 3 | | |
| | | | 1 | | | 4 | | 0 | | | | | | 9 |
| | | | | | 0 | 5 | | C | 2 | | 3 | | | |
| | 2 | | | | | | | | | 3 | 1 | E | | |
| | | | | C | | 9 | | | B | | | D | 4 | |
| | 7 | | B | | | | | | 9 | | 0 | | 5 | 8 |
| | 4 | | | | | 1 | | | D | | E | | 3 | |
| | | | D | 2 | A | | | 3 | | | | B | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 5 | 4 | 9 | 1 | 2 | A | D | 0 | 6 | E | 7 | B | 8 | C |
| E | 7 | 0 | D | B | 6 | 8 | 4 | 5 | 3 | C | 2 | A | 9 | 1 |
| 2 | C | 6 | A | 3 | 5 | E | B | 9 | 8 | 1 | 4 | 7 | 0 | D |
| B | 1 | D | 8 | 7 | 4 | 6 | 2 | C | 9 | A | 0 | E | 3 | 5 |
| 9 | A | 8 | 0 | C | E | 3 | 1 | 7 | 5 | D | B | 4 | 6 | 2 |
| 0 | 4 | 1 | 6 | 5 | 3 | 9 | C | A | B | 7 | D | 8 | 2 | E |
| C | 9 | B | E | D | 8 | 4 | 7 | 6 | 1 | 2 | 5 | 3 | A | 0 |
| 5 | D | 2 | 7 | A | 0 | 1 | E | 8 | 4 | 3 | C | 6 | B | 9 |
| A | 6 | 7 | 1 | 2 | B | D | 0 | 3 | E | 9 | 8 | C | 5 | 4 |
| 8 | 3 | E | 4 | 9 | C | B | 5 | 2 | 0 | 6 | A | 1 | D | 7 |
| 7 | B | C | 2 | 6 | 9 | 0 | 3 | 4 | D | 8 | 1 | 5 | E | A |
| D | 2 | 5 | B | 0 | 7 | C | 8 | E | A | 4 | 3 | 9 | 1 | 6 |
| 1 | E | 9 | C | 8 | D | 7 | A | B | 2 | 5 | 6 | 0 | 4 | 3 |
| 4 | 0 | 3 | 5 | E | A | 2 | 6 | 1 | 7 | B | 9 | D | C | 8 |
| 6 | 8 | A | 3 | 4 | 1 | 5 | 9 | D | C | 0 | E | 2 | 7 | B |

ଗତକାଲିର ଉତ୍ତର

# ପିଲାଙ୍କୁ ଅବୋଧ ବୁଢ଼ାଙ୍କ ଭାଷା



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ବେଳେ ବେଳେ ଆମେ ଶୁଣିବା ପୁରୁଖା ଲୋକମାନେ ଏହିପରି କଥାବାର୍ତ୍ତା ହେଉଥିବେ– ଆଗେ ଶସ୍ତା ଯୁଗ ଥିଲା। ଭରଣେ ଧାନ ବିକିଲେ ଭରିଏ ସୁନା କିଣି ହେଉଥିଲା। ଏସନ ପାଳକ ଏପରି ହେଲା ଲଘୁଧାନ ଅମଳ ୮ ଅଣା ମାଡ଼ ଖାଇଗଲା ଓ ଝିଅ ପାଇଁ ରତିଏ ସୁନା କିଣି ପାରିଲିନି। ଜଗନ୍ନାଥଙ୍କ ରତ୍ନଭଣ୍ଡାରରେ ମହଣ ମହଣ ସୁନା ଅଛି। ଆମେ ବିନା ରାସାୟନିକ ସାରରେ ଉତ୍ପାଦିତ ଶସ୍ୟ ଓ ପନିପରିବା ଖାଇ ଦେହରେ ଏତେ ତାକତ ଥିଲା ଯେ ଆମ ଘରଠାରୁ ଶ୍ରୀମନ୍ଦିର ୮ କୋଶ ବାଟ ହେଲେ ମଧ୍ୟ ମୁଁ ଝିଟ୍‌ଝିଟିଆରୁ ଘରୁ ବାହାରି ପୁରୀରେ ଦିପହର ଆଗରୁ ପହଞ୍ଚି, ସେଠାରେ ଜଗନ୍ନାଥ ଦର୍ଶନ ସାରି ଖରାବେଳେ ବାହାରି ଗୋଧୂଳି ବେଳକୁ ଗାଁରେ ପହଞ୍ଚୁଥିଲି। ସେମାନେ କଥା ହେଉଥିବା ଭରଣେ, ଭରିଏ, ୮ ଅଣା, ମହଣ, କୋଶ, ଝିଟ୍‌ଝିଟିଆ, ଦିପହର, ଖରାବେଳ, ଗୋଧୂଳି ଇତ୍ୟାଦି ଶବ୍ଦ ଏବର ଯୁବପିଢ଼ିକୁ ଅବୋଧ ହେବ। ଏ ପ୍ରକାର ଓଜନ ମାପ ପ୍ରଣାଳୀ ୧୯୭୦ ଦଶକ ପର୍ଯ୍ୟନ୍ତ ପ୍ରଚଳିତ ଥିଲା। ଏ ଓଜନ ମାପ ପ୍ରଣାଳୀକୁ କୁହାଯାଉଥିଲା ଫୁଟ୍–ପାଉଣ୍ଡ–ସେକେଣ୍ଡ ବା ଏଫ୍‌ପିଏସ୍ ମାପ ପ୍ରଣାଳୀ। ଏବେ ଯେଉଁ ମାପ ପ୍ରଣାଳୀରେ କାରବାର ଚାଲିଛି, ତାକୁ କୁହାଯାଉଛି, ମିଟର–କିଲୋଗ୍ରାମ୍–ସେକେଣ୍ଡ ବା ଏମ୍‌କେଏସ୍ ମାପ ପ୍ରଣାଳୀ ବା ମେଟ୍ରିକ ପ୍ରଣାଳୀ।

ପୂର୍ବେ ଏଫ୍‌ପିଏସ୍ ପ୍ରଣାଳୀରେ ଦୈର୍ଘ୍ୟ ବା ଦୂରତା ମାପର ଏକକ ଥିଲା ଫୁଟ। ଦୂରତା ମପା ଯାଉଥିଲା ଫୁଟର ଗୁଣିତକ ଗଜ, ମାଇଲରେ। ଯେପରି ୩ ଫୁଟରେ ହେଉଥିଲା ଏକ ଗଜ ଓ ୧୭୬୦ ଗଜରେ ହେଉଥିଲା ଏକ ମାଇଲ। କମ୍ ଦୈର୍ଘ୍ୟ ମପାଯାଉଥିଲା ଫୁଟର ଭଗ୍ନାଂଶରେ, ଯେପରି ଫୁଟକର ୧୨ ଭାଗରୁ ଭାଗେ ଏକ ଇଞ୍ଚ। ଛୋଟ ଦୈର୍ଘ୍ୟ ମପାଯାଉଥିଲା ୬ ଫୁଟିଆ ଫିତାରେ ବା ଫୁଟିକିଆ ସ୍କେଲରେ। ବଡ଼ ଦୈର୍ଘ୍ୟ ମପାଯାଉଥିଲା ଚେନ୍‌ରେ। ଏ ଚେନ୍‌କୁ କୁହାଯାଏ ଗଣ୍ଟର ଚେନ୍ ବା ଜମିବାଡ଼ି ମାପ ଚେନ୍। ଏ ଚେନ୍‌ର ଲମ୍ବ ୬୬ ଫୁଟ୍ ଓ ଏଥିରେ ଥିଲା ୧୦୦ଟି କଡ଼ି। ୮୦ ଚେନ୍‌ରେ ହୁଏ ଏକ ମାଇଲ। ଦେଢ଼ ମାଇଲକୁ କୁହାଯାଉଥିଲା ଏକ କୋଶ। ହାଟ ବଜାରରେ ଗାମୁଛା, ଧୋତି, ଶାଢ଼ି ଇତ୍ୟାଦି ଲୋକେ ମାପୁଥିଲେ ହାତ କହୁଣିରେ, ଯେପରି ଚାରିହାତି ଗାମୁଛା, ଛଅହାତି ଧୋତି, ୧୦ ହାତି ଶାଢ଼ି ଇତ୍ୟାଦି। ଦେଢ଼ ଫୁଟ୍‌ରେ ଏକ ହାତ ଧରୁଥିଲେ। ଦୁଇ ଚାଖଣ୍ଡରେ ଏକ ହାତ ହୁଏ। ଜଣେ ମଣିଷର ଉଚ୍ଚତା ତା' ହାତରେ ଚଉଦ ପା ଅର୍ଥାତ୍ ସାଢ଼େ ତିନି ହାତ ବା ତିନି ହାତ ଏକ ଚାଖଣ୍ଡ। ଜଳାଶୟରେ ଜଳର ଗଭୀରତା ପ୍ରକାଶ କରିବାକୁ କହୁଥିଲେ– ଆଣ୍ଠୁଏ, ଜଙ୍ଘେ, ଅଣ୍ଟାଏ, ଛାତିଏ, ପୁରୁଷେ ବା କାତେ ପାଣି, ନଇରେ ଡଙ୍ଗା ଚଲାଯାଏ ବାଉଁଶ କାତରେ ଓ କାତର ଲମ୍ବ ପ୍ରାୟ ୧୨ ଫୁଟ୍।

ଜମିବାଡ଼ିର ଦୈର୍ଘ୍ୟ, ପ୍ରସ୍ଥ ମପାଯାଉଥିଲା ୬୬ ଫୁଟିଆ ଚେନ୍‌ରେ। କ୍ଷେତ୍ରଫଳ ପ୍ରକାଶ କରାଯାଏ ଏକର, ଗୁଣ୍ଠ, ବିଶ୍ୱା ଓ ଡିସିମିଲରେ। ଏକ ଏକର ୨୫ ଗୁଣ୍ଠ, ଗୁଣ୍ଠକ ୧୬ ବିଶ୍ୱା। ଏକ ଏକର ୧୦୦ ଡିସିମିଲ ଓ କେଉଁଠି କେଉଁଠି ହଜାରେ ଡିସିମିଲ ଧରୁଥିଲେ। ୧୦ ଚେନ୍ ଲମ୍ବ ଓ ଏକ ଚେନ୍ ପ୍ରସ୍ଥ ଜମିର କ୍ଷେତ୍ରଫଳ ଏକ ଏକର ହୁଏ। ଖୋଳାଯାଇଥିବା ମାଟି, ବାଲି ବା ଟ୍ରକ ଡାଲାର ଆୟତନ ମପାଯାଉଥିଲା ସିଏଫ୍‌ଟି ବା ଘନଫୁଟ୍‌ରେ। ଖଣିଜତୈଳ, ଜଳ, କ୍ଷୀର ମପାଯାଉଥିଲା ଗ୍ୟାଲେନରେ। ଦଶ ପାଉଣ୍ଡ ଓଜନ ଜଳର ପରିମାଣକୁ କୁହାଯାଉଥିଲା ଏକ ଗ୍ୟାଲେନ। ସେତେବେଳେ ବୈଜ୍ଞାନିକ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଓଜନର ଏକକ ଥିଲା ପାଉଣ୍ଡ। ହଜାରେ ପାଉଣ୍ଡ ଓଜନକୁ କୁହାଯାଉଥିଲା ଏକ ଟନ୍। ହାଟ ବଜାରରେ ଖାଇବା ତେଲ, ଘିଅ, କ୍ଷୀର ଇତ୍ୟାଦି ତରଳ ପଦାର୍ଥକୁ ଏକ ବାଉଁଶ ନଳା ବା ଟିଣ ପଳାରେ ମାପ କରାଯାଉଥିଲା। ଏକ ସେର ଓଜନ ପାଣି ଧରୁଥିବା ନଳାକୁ ଏକ ସେରିଆ ନଳା କୁହାଯାଉଥିଲା। ଏକ ସେରିଆର ଅଧାକୁ ଅଧସେରିଆ, ଏକ ସେରିଆର ଏକ ଚତୁର୍ଥାଂଶକୁ ପାଆକିଆ ଓ ଏକ ସେରିଆର ୧୬ ଭାଗରୁ ଏକ ଭାଗକୁ ଛଟାଙ୍କିଆ ନଳା କୁହାଯାଉଥିଲା।

ନିକିତି ଓ ବଟକରାରେ କାରବାର ହେଉଥିବା ପଦାର୍ଥ ହେଲା ଚାଉଳ, ଡାଲି, ମସଲା, ପରି ଯାବତୀୟ ତେଜରାତି ପଦାର୍ଥ, ମିଠା ଜିନିଷ, ପନିପରିବା, ମାଛଶୁଖୁଆ, ଫଳମୂଳ ଇତ୍ୟାଦି। ବ୍ୟବହାର ହେଉଥିବା ବଟକରା ଥିଲା ସେର, ଅଧସେର, ପାଆ, ଛଟାଙ୍କି ଓ ତୋଳା। ସେତେବେଳେ ପ୍ରଚଳିତ ବଡ଼ ଏକଟଙ୍କିଆ ମୁଦ୍ରା ଓଜନକୁ କୁହାଯାଉଥିଲା ଏକ ତୋଳା ବା ଏକ ଭରି। ୧୦୫ ତୋଳା ଓଜନକୁ କୁହାଯାଉଥିଲା ଏକ ସେର। ଦେଢ଼ସେର ଓଜନକୁ କୁହାଯାଉଥିଲା ଏକ ବିଶା। ବଡ଼ ମାଛ ଶୁଖୁଆ, ଖମ୍ବଆଳୁ, ସାରୁ, କଖାରୁ ଇତ୍ୟାଦିକୁ ମପା ଯାଉଥିଲା ବିଶାରେ। ବଡ଼ ବଡ଼ ଭୋଜି ପାଇଁ ବା ବନ୍ଧୁବାନ୍ଧବଙ୍କ ଘରକୁ ପଠାଯାଉଥିବା ପରିବା ମପାଯାଉଥିଲା ଅଙ୍ଗାରେ। ପାଖାପାଖି ୧୦ ସେର ଓଜନର ପରିବା ଧରୁଥିବା ଟୋକେଇକୁ କୁହାଯାଉଥିଲା ଅଙ୍ଗାକିଆ ଟୋକେଇ। ଦୁଇ ଅଙ୍ଗାରେ ହୁଏ ଏକ ଭାର। ୪୦ ସେରରେ ହୁଏ ଏକ ମହଣ। କୋଇଲା, ଜାଳେଣି କାଠ, ଚାଉଳ ବସ୍ତା, ଲୁହାଛଡ଼, କଡ଼ି, ବର୍ଗା ଇତ୍ୟାଦି ଓଜନିଆ ପଦାର୍ଥକୁ ମପାଯାଉଥିଲା ମହଣରେ। ସୁନା, ରୁପା ପରି ଦାମିକା ଧାତୁ ବା ଗହଣା ଓଜନ ହେଉଥିଲା ଭରି (ତୋଳା), ରତି, ଧାନରେ। ଭରିକର ଏକ ଅଷ୍ଟମାଂଶ ହେଉଥିଲା ଏକ ରତି ଓ ରତିକର ଏକ ଚତୁର୍ଥାଂଶ ହେଉଥିଲା ଏକ ଧାନ। ଜଳରେ କ୍ଷୁଦ୍ରାତିକ୍ଷୁଦ୍ର ପଦାର୍ଥ ଓ ବାଷ୍ପ ଦ୍ରବୀଭୂତ ହୋଇଥାଏ। ତାକୁ ମପା ଯାଉଥିଲା ପିପିଏମ୍ (ପାର୍ଟସ ପର୍ ମିଲିୟନ)ରେ। ଯଦି କୁହାଯାଉଥିଲା ଜଳରେ ଅମ୍ଳଜାନ ଭାଗ ୮ ପିପିଏମ୍, ତେବେ ବୁଝିବାକୁ ହେଉଥିଲା ଜଳର ଏକ ନିୟୁତ ଭାଗରୁ ୮ ଭାଗ ହେଉଛି ଅମ୍ଳଜାନ। କୁହାଯାଏ ପାନୀୟଜଳରେ ଦେଢ଼ ପିପିଏମ୍‌ରୁ ଅଧିକ ଭାଗ ଫ୍ଲୋରାଇଡ ପଦାର୍ଥ ଥିଲେ, ସେ ଜଳ ପାନ କଲେ ଗଳଗଣ୍ଡ ରୋଗ ଧରେ।

ଅମଳ ଧାନ ମପାଯାଉଥିଲା ଭରଣ ଓ ଗୌଣୀରେ। ବେତରେ ତିଆରି ଗୌଣୀରେ ଧରୁଥିଲା ୪ ସେର ଓଜନର ଧାନ। ୮୦ ଗୌଣୀ ଧାନରେ ହେଉଥିଲା ଏକ ଭରଣ। ଧାନ, ଚାଉଳ, ଚୁଡ଼ା, ମୁଢ଼ି ଇତ୍ୟାଦି ମପାଯାଉଥିଲା ବେତ ତିଆରି ମାଉଣୀରେ। ଏକ ମାଉଣୀ ଚାଉଳର ଓଜନ ଥିଲା ଏକ ସେର। ଗ୍ରାମଗୁଡ଼ିକରେ ଚାଉଳ, ମୁଗ, ବିରି, ମୁଢ଼ି, ଚୁଡ଼ା ଇତ୍ୟାଦି ବିକ୍ରି ଖର୍ଦ୍ଦି ହେଉଥିଲା ବିଶେଷକରି କାଠ ତିଆରି ଅଡ଼ାରେ। ଏକ ଅଡ଼ା ଚାଉଳର ଓଜନ ଥିଲା ୪ ଛଟାଙ୍କି। ଦେଶୀ ଆମ୍ବ ବିକ୍ରି ହେଉଥିଲା ପଣରେ। ୮୦ଟା ଆମ୍ବକୁ କୁହାଯାଉଥିଲା ଏକ ପଣ ଆମ୍ବ। ୪ଟା ଆମ୍ବକୁ କୁହାଯାଉଥିଲା ଏକ ଗଣ୍ଡା ବା ଏକ ପୁଞ୍ଜା ଆମ୍ବ। ପର୍ବପର୍ବାଣିରେ ଯୋଗୀ, ଭିକାରି, ଚାକରବାକର ଗୃହସ୍ଥଙ୍କ ଘରକୁ ଯାଇ ମାଗନ୍ତି ପୁଞ୍ଜାଏ ମଣ୍ଡାପିଠା। କଦଳୀ, ଅଣ୍ଡା ଇତ୍ୟାଦି ବିକ୍ରି ହେଉଥିଲା ଡଜନରେ। ୧୨ଟାକୁ କୁହାଯାଏ ଡଜନେ। ପାନପତ୍ର ବିକ୍ରି ହୁଏ କଡ଼ା ଓ ଯୋଡ଼ାରେ। ଏକକଡ଼ା ପାନ କହିଲେ ୨୫ ଯୋଡ଼ା ବା ୫୦ଟା ପାନପତ୍ର।

ଜଳାଶୟର ଜଳ ଧାରଣ କ୍ଷମତା ପ୍ରକାଶ କରାଯାଉଥିଲା ଏକର–ଫୁଟରେ। ୫ ଏକର ଜଳାଶୟରେ ୨ ଫୁଟ ଗଭୀରର ଜଳ ଥିଲେ, ସେ ଜଳାଶୟର କ୍ଷମତା ୫x୨=୧୦ ଏକର ଫୁଟ। ନଦୀରେ ବା ପୋଲ ଫୁଙ୍କାରରେ ବା ନଦୀବନ୍ଧ ଗେଟ୍‌ରେ ପ୍ରବାହିତ ଜଳକୁ ମପାଯାଉଥିଲା କ୍ୟୁସେକରେ, ଯାହାର ଅର୍ଥ ସେକେଣ୍ଡକୁ କେତେ ଘନଫୁଟ ଜଳ ପ୍ରବାହିତ ହେଉଛି। ଭାରି ପଦାର୍ଥ ଉଠାଇବାକୁ ବଳ ମପାଯାଉଥିଲା ପାଉଣ୍ଡରେ। ଗାଁ ଗଣ୍ଡାରେ ପାଉଣ୍ଡ ଜାଗାରେ ସେର ଓ ବିଶା ବ୍ୟବହାର ହୁଏ। ରାମାୟଣରେ ବର୍ଣ୍ଣିତ ଅଛି– ହନୁମାନ ଲଙ୍କାଗଡ଼ର କାଳୀଠାକୁରାଣୀଙ୍କ ପିଠିରେ ବିଶାବଳି (ଏକ ବିଶା ଓଜନ) ବିଧା ମାରିଥିଲେ।

ପ୍ରେସର ବା ଚାପ ମପାଯାଉଥିଲା ପାଉଣ୍ଡ/ବର୍ଗଇଞ୍ଚରେ। ପୃଥିବୀପୃଷ୍ଠରେ ବାୟୁମଣ୍ଡଳୀୟ ଚାପ ବର୍ଗଇଞ୍ଚକୁ ୧୪.୭ ପାଉଣ୍ଡ କୁହାଯାଉଥିଲା। ବାୟୁର ଚାପକୁ ମଧ୍ୟ ଇଞ୍ଚ ଓ ଫୁଟରେ ପ୍ରକାଶ କରାଯାଉଥିଲା। ବାୟୁମଣ୍ଡଳୀୟ ଚାପ ହେଉଥିଲା ୩୦ ଇଞ୍ଚ ପାରଦ ବା ୩୪ ଫୁଟ ଜଳ। ଅର୍ଥାତ୍ ଏକ ଜଳାଶୟରେ ଆମେ ନଳୀଟିଏ ରଖି ୪୦ ଫୁଟ ଉପରୁ ଶୋଷିଲେ ନଳୀରେ ଜଳ ମାତ୍ର ୩୪ ଫୁଟ ଉପରକୁ ଉଠିବ, ତା'ଠାରୁ ଅଧିକ ଉଚ୍ଚ ଉଠିବନି। ଏପରି ପାଣିପମ୍ପ ଉଦ୍ଭାବନ ହୋଇପାରିବ ନାହିଁ ଯେ ୩୪ ଫୁଟରୁ ଅଧିକ ତଳୁ ପାଣି ଉଠାଇପାରିବ। କିନ୍ତୁ ପମ୍ପଟିଏ ଶହ ଶହ ଫୁଟ ଉପରକୁ ପାଣି ଠେଲି ଫିଙ୍ଗିଦେବ।

ପୂର୍ବେ କିଣାବିକାରେ ଯେଉଁ ମୁଦ୍ରା ପ୍ରଚଳନ ଥିଲା, ସେଗୁଡିକ ଥିଲା ଟଙ୍କା, ଅଧୁଲି, ସିଉକି, ଦୋଅଣି, ଅଣି ବା ଅଣା, ପଇସା, ଅଧଲା ଓ ପାହୁଲା, ଟଙ୍କାର ଅଧାକୁ ଅଧୁଲି, ଅଧୁଲିର ଅଧାକୁ ସିଉକି, ସିଉକିର ଅଧାକୁ ଦୋଅଣି, ଦୋଅଣି ଅଧାକୁ ଏକ ଅଣି ବା ଏକ ଅଣା କୁହାଯାଉଥିଲା। ଏକ ଅଣାକୁ ଚାଲି ପଇସା, ଏକ ପଇସାକୁ ଦୁଇ ଅଧଲା ଓ ଏକ ପଇସାକୁ ତିନି ପାହୁଲା ହେଉଥିଲା। ଏକ ଟଙ୍କାକ ୧୬ ଅଣାର ବ୍ୟବହାର ଏତେ ବହୁଳ ଥିଲା ଯେ ସେତେବେଳେ ପ୍ରତିଶତ ବା ଶତକଡା ବଦଳରେ ଲୋକେ ଅଣାରେ କହୁଥିଲେ। ଯଦି ଫସଲ ହାନି ୫୦ ପ୍ରତିଶତ ହେଉଥିଲା, ଲୋକେ କହୁଥିଲେ ୮ ଅଣା ଫସଲ ମାଡ଼ ଖାଇଗଲା। ଏକ ଟଙ୍କା ୧୬ ଅଣା ପରି ଏକ ସେର ୧୬ ଛଟାଙ୍କି। ବିକ୍ରି ଖର୍ଦ୍ଦି ସମୟରେ ୧୬ର ଗୁଣିତକ ଓ ଗୁଣନୀୟକର ବହୁଳ ବ୍ୟବହାର ହେଉଥିଲା। ଓଜନ ପରି ସଉଦା କିଣାବିକାରେ ଚଟାପଟ ହିସାବ ପାଇଁ ପଣିକିଆରେ ଘୋଷା ଯାଉଥିଲା କାହାଣପଣ। ୧୬ ପଣରେ ହୁଏ ଏକ କାହାଣ। ପଣିକିଆରେ ବୋଲା ଯାଉଥିଲା, ଛଅ ଚଉ ଚବିଶ ପଣ = କାହାଣେ ଆଠପଣ। କାହାଣେ ଆଠପଣ ଲେଖାଯାଉଥିଲା ଏହିପରି– ୧୴, ୨୪ ଅଣା ମଧ୍ୟ ଲେଖାଯାଉଥିଲା ସେହିପରି– ଟ୧୴।

କୋଟିତୀର୍ଥ, ଭୁବନେଶ୍ୱର, ମୋ–୭୦୦୮୮୪୬୨୭୨

# ସେଦିନ ଶୌଚାଳୟରେ



ଅଞ୍ଜନ ଚାନ୍ଦ

ନାଟୁବାବୁଙ୍କୁ ଅଦ୍ଭୁତରୋଗ। ବେଳେବେଳେ ଶୋଇଯିବେ ଯେ ଆଉ ଉଠିବେ ନାହିଁ। ଦିନେ ସେମିତି ଶୋଇଲେ। ଯେତେ ଯାହା କଲେ ଉଠିଲେ ନାହିଁ। ଡାକ୍ତର ଆସି ପରୀକ୍ଷା କଲେ। କହିଲେ, ସେ ଆଉ ନାହାନ୍ତି। ତାଙ୍କ ସ୍ତ୍ରୀ ବିକଳ ସ୍ୱରରେ କାନ୍ଦିଉଠିଲେ। କାନ୍ଦ ଶୁଣି ହଠାତ୍ ନାଟୁବାବୁଙ୍କ ଚେତା ଫେରିଆସିଲା। କହିଲେ– ତୁମେ କାନ୍ଦୁଛ କାହିଁକି? ମୁଁ ତ ବଞ୍ଚିଛି। ସ୍ତ୍ରୀ ଚମକି ପଡ଼ିଲେ। ଆଶ୍ଚର୍ଯ୍ୟରେ କହିଲେ– ତୁମେ କ'ଣ ଡାକ୍ତରଙ୍କଠାରୁ ବେଶି ଜାଣିଛ?

ଏହାପର ଘଟଣାଟି ଅଧିକ ବିସ୍ମୟକର। ସେଥର ଡାକ୍ତରବାବୁ ଆଉ ରିସ୍କ ନେଲେନାହିଁ। କ୍ଲିନିକ୍‌କୁ ନେଇ ଗୋଟିଏ ଦିନ ରଖିଲେ। ଯେତେ ଯନ୍ତ୍ରପାତି ଥିଲା ସବୁଥିରେ ପରୀକ୍ଷା କଲେ। ଶେଷରେ ନିଃସନ୍ଦେହରେ କହିଲେ– ତାଙ୍କ ଆତ୍ମା ଆରପୁରରେ ପହଞ୍ଚିସାରିଛି। ସ୍ତ୍ରୀ ପୁଣି କାନ୍ଦିଲେ। ତାଙ୍କ ଛାତି ଉପରେ ଢୋ ଢୋ ମୁଣ୍ଡ ବାଡ଼େଇଲେ। ସେଇ ଆଘାତରେ ନିଶ୍ଚଳ ହୋଇପଡ଼ିଥିବା ହୃତ୍‌ପିଣ୍ଡ ପୁଣି ଧୁକ୍‌ଧୁକ୍ କରି ଉଠିଲା। ଡାକ୍ତର କହିଲେ– କୁଦ୍‌ରତ୍ କା କରିସ୍ମା। ସେପୁରକୁ ଯାଇ ଫେରିଆସିବା କାହାର ଭାଗ୍ୟରେ ଥାଏ?

ଡାକ୍ତରବାବୁଙ୍କ କଥା ସତ ଥିଲା। ସେଥର ନାଟୁବାବୁ ଯମପୁରରେ ପହଞ୍ଚି ଯାଇଥିଲେ। କିଛି ସମୟ ଏଣେତେଣେ ବୁଲିଥିଲେ। ଦେଖିଲେ କାନ୍ଥରେ ଅସଂଖ୍ୟ ଘଣ୍ଟା ଲାଗିଛି। ସବୁ ଘଣ୍ଟାରେ ଗୋଟେ ଗୋଟେ ଦେଶର ନାଁ ଲେଖାଯାଇଛି। ସେଗୁଡ଼ିକ ବି ଠିକ୍ ଚାଲୁନାହିଁ। କେଉଁଟା ଜୋର୍ ଚାଲୁଛି ତ କେଉଁଟା ଧୀରେ। ଏଠାରେ କ'ଣ କେହି ଘଣ୍ଟା ମେକାନିକ୍ ନାହାନ୍ତି? ଯମରାଜଙ୍କୁ ଦେଖାକରି ସେ ପଚାରିଲେ। ଯମରାଜ କହିଲେ– ସେଗୁଡ଼ିକ ସମୟଘଣ୍ଟା ନୁହେଁ, ମିଛଘଣ୍ଟା। ଯେଉଁ ଦେଶରେ ମିଛ ଯେତେ ଅଧିକ ସେ ଦେଶର ଘଣ୍ଟା ସେତେ ବେଗରେ ଚାଲିଛି। ନାଟୁବାବୁ ପଚାରିଲେ– ଭାରତର ଘଣ୍ଟା ତ କେଉଁଣେ ଦେଖିବାକୁ ପାଇଲିନାହିଁ? ଯମରାଜ କହିଲେ– ମୋ ମୁଣ୍ଡ ଉପରେ ଏଇ ଯେଉଁ ପଙ୍ଖାଟି ବୁଲୁଛି ସେଇଟା ଆଉ କ'ଣ କି? ଭାରତରେ ମୋବାଇଲର ପ୍ରଚଳନ ଦିନରୁ ଏଇଟା ବଢ଼ିଆ ବୁଲୁଛି।

ନାଟୁବାବୁଙ୍କୁ ନେଇ ଏଇ ଯେଉଁ କଥା ତାହା ସତ କି ମିଛ ମୋତେ ଜଣାନାହିଁ କିନ୍ତୁ ମୋବାଇଲ ଆସିବା ଦିନରୁ ଦେଶରେ ମିଛ ବଢ଼ିଛି କଥାଟି ନିରାଟ ସତ। କେଜାଣି କେଉଁ ମହାପୁରୁଷ ଏହାର ନାଁ ଦେଇଛନ୍ତି 'ମିଛକୁହା ଯନ୍ତ୍ର'। ଯନ୍ତ୍ରଟି ଯେବେ ବଜାରକୁ ଆସିଲା ବିଜ୍ଞାପନରେ ଦେଖାଇଲା ଜଣେ ସେଲୁନରେ ଖିଅର ହେଉଛି। ସେତେବେଳେ ତା' ପାଖକୁ ଆସୁଥିବା ଫୋନ୍‌ରେ ସେ କହୁଛି– ମୁଁ ଜରୁରୀ ମିଟିଂରେ ଅଛି। ସେଦିନରୁ 'ଆପଣ କେଉଁଠି ଅଛନ୍ତି?' ପ୍ରଶ୍ନର ଉତ୍ତରରେ ଶହେରୁ ନବେ ଜଣ ମିଛ କହୁଛନ୍ତି। ଫୋନ୍‌ରେ ମିଛ କହିବାରେ ଏମିତି ଅଭ୍ୟସ୍ତ ହୋଇଯାଇଛନ୍ତି ଯେ, ମୋ ସାଙ୍ଗ ରାଧୁ ଦିନେ ତା' ଘରର ଲ୍ୟାଣ୍ଡଫୋନ୍ ଧରି କହିଲା– ମୁଁ ଆଜି ଭୁବନେଶ୍ୱରରେ ଅଛି।

ସର୍ବେକ୍ଷଣରୁ ଜଣାଯାଇଛି ଆମ ଦେଶରେ ମୋବାଇଲର ପ୍ରଚଳନ ସବୁଠାରୁ ବେଶି। ପାଖରେ ଆଉ କିଛି ଥାଉ କି ନ ଥାଉ ମୋବାଇଲ ନ ଥିଲେ ଦଶଦିଗ ଅନ୍ଧାର। କ୍ୟାମେରା ଓ ଇଣ୍ଟରନେଟ୍ ଲାଗିବା ଦିନରୁ ଲୋକଙ୍କ ଆକର୍ଷଣ ପ୍ରବଳ ଗଢ଼ିଛି। ଗାଁ ଓ ବସ୍ତିରେ ଆଜି ବି ଅନେକ ଲୋକ ଅଛନ୍ତି ସକାଳେ ଲୋଟା ଧରି ବୁଦାମୂଳକୁ ଯାଆନ୍ତି। ସେତେବେଳେ ବି ସେମାନେ ହାତରେ ମୋବାଇଲ ଧରିଥାଆନ୍ତି ଏବଂ ଦିନେ ଆଶ୍ଚର୍ଯ୍ୟ ହୋଇ ମୁଁ ଦେଖିଲି ବୁଦାପଛରୁ ହାତଟେକି ଜଣେ ସେଲ୍‌ଫି ନେଉଛି।

ମୋବାଇଲ ବିଷୟରେ ଛୋଟ ପିଲାମାନେ ଓଳିଆରୁ ଗଜା। ହାତରେ ଖଡ଼ି ଧରିବା ଆଗରୁ ମୋବାଇଲରେ ଟିପ ମାରି କେତେ କ'ଣ କରିଦିଅନ୍ତି। ପଣ୍ଡିତ ମହାଶୟ କୁହନ୍ତି– ସେମାନେ ସବୁ ଅଭିମନ୍ୟୁ। ଆଜିକାଲି ମାଆମାନେ ଗର୍ଭବତୀ ହେବାମାତ୍ରେ ଡାକ୍ତରଙ୍କ ପାଖକୁ ଯାଆନ୍ତି। ଡାକ୍ତର ମହାଶୟ କୁହନ୍ତି– ଔଷଧ ଖାଅ, ବିଶ୍ରାମ କର। ମାଆମାନେ ବିଶ୍ରାମ କରନ୍ତି। କାମ ନ ଥିବାରୁ ଟିଭି ଦେଖନ୍ତି। ମୋବାଇଲ ଚିପନ୍ତି। ପେଟ ଭିତରେ ଥିବା ପିଲା ସେଇଦିନରୁ ସେ ଦୁଇଟି ଜିନିଷ ବିଷୟରେ ଜ୍ଞାନ ପାଇଯାଆନ୍ତି ଏବଂ ଜନ୍ମହେବା ବେଳକୁ ଦଶମାସର ଅଭିଜ୍ଞତା ନେଇ ବାହାରନ୍ତି।

ଆଗରୁ କୁହାଯାଉଥିଲା କଥା କମ୍ କାମ ବେଶି। ଏବେ ସେଇଟା ଓଲଟି ଯାଇଛି। କାମ କମ୍ କଥା ବେଶି। ପଣ୍ଡିତେ କୁହନ୍ତି, ଏଇଟା ବି ମୋବାଇଲର ଅବଦାନ। ସେଥିରେ ଏବେ ମାଗଣା ଟକ୍‌ଟାଇମ୍ ମିଳୁଛି।

ମୋବାଇଲର ଯେତେ ଗୁଣଗ୍ରାମ, ଦେଶ ଦୁନିଆକୁ ସେ ଯେମିତି ନିଜ ଇଚ୍ଛାରେ ଚଳାଇ ନେଉଛି, ସବୁକଥା ଲେଖିବସିଲେ ଗ୍ରନ୍ଥଟିଏ ହେବ। ମୋବାଇଲକୁ ନେଇ କାହାର କେତେ କ'ଣ ଅନୁଭୂତି। ମୋ ଅନୁଭୂତିରୁ କଥାଟିଏ ଶୁଣନ୍ତୁ।

ଘଟଣାଟି ଷ୍ଟେଶନ ପାଖରେ ଥିବା ଗୋଟେ ବେସରକାରୀ ଶୌଚାଳୟରେ ଘଟିଥିଲା। ଆଜ୍‌ବେଷ୍ଟସ୍ ଛାଉଣି ଧାଡ଼ିଏ ଘର। ତା' ଭିତରେ ଟିଣକବାଟ ଲାଗିଥିବା କେତୋଟି ଦୁଇଫୁଟିଆ ପାଇଖାନା। ମଝିରେ ତିନିଇଞ୍ଚିଆ ପତଳା କାନ୍ଥ। ସେଇଥିରୁ ଗୋଟିକରେ ମୁଁ ବସିଛି। ହଠାତ୍ ସେପାଖ ପାଇଖାନାରୁ ଶୁଭିଲା– ଆଉ କ'ଣ ଖବର? ମୁଁ କହିଲି– ଭଲ। –କାମ ଠିକ୍ ଚାଲିଛି। – ନା, ଟିକେ କଠିନ ଦୋଷ ଅଛି। –ମୁଁ ଯିବି କି? –ଆପଣ ଆସିଲେ କ'ଣ ତରଳିଯିବ? ସେପଟ ଲୋକଟି ହଠାତ୍ ବଡ଼ପାଟିରେ କହିଲା– ତୁ ଟିକେ ଫୋନ୍‌ଟା ରଖିଲୁ। ସେପଟେ କିଏ ଗୋଟେ ବସି ମୋର ସବୁକଥାରେ ଜବାବ ଦେଉଛି। ଯାଉଛି ତା' ହରି ଛଡ଼ାଇଦେବି।

ବିକାଶ ନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର,
ମୋ– ୯୪୩୭୨୯୬୮୬୪

## ଏଇ ଭାରତରେ

ହେଲ୍‌ମେଟ ପିନ୍ଧି ବୁଲେଟ ଚଢି ଉଦୟପୁର ସହରରେ ସ୍ୱଚ୍ଛତା ପାଇଁ ଲୋକଙ୍କୁ ସଚେତନ କରୁଥିବା ଝିଅ ଜଣଙ୍କୁ ଦେଖିଲେ ଜାଣିବେ ଯେ ସେ ହେଉଛନ୍ତି ଡ. ମୋନିକା ଜୈନ। ରାଜସ୍ଥାନର ଉଦୟପୁର ସହରର ୨୭ ନମ୍ବର ୱାର୍ଡର କାଉନ୍‌ସିଲର ମୋନିକା ଏବେ ସ୍ୱଚ୍ଛତାର ରୋଲ୍ ମଡେଲ ପାଲଟିଯାଇଛନ୍ତି। ବୁଲେଟ୍‌ବାଲି କାଉନ୍‌ସିଲର ଭାବେ ଜଣାଶୁଣା ମୋନିକା ଘର ଘର ବୁଲି ହଜାର ହଜାର ଲୋକଙ୍କୁ ସଚେତନ କରିବା ସହ ପ୍ରତିଦିନ ସହରକୁ ସ୍ୱଚ୍ଛ ରଖିବା ଲାଗି ଲୋକମାନଙ୍କୁ ଶପଥ କରାଉଛନ୍ତି। ଆଇନ୍‌ରେ ଡିଗ୍ରୀ ହାସଲ ପରେ ପିଏଚ୍‌ଡି କରିଥିବା ମୋନିକା ତାଙ୍କ ସହଯୋଗୀଙ୍କ ସହ କେବଳ ତାଙ୍କ ୱାର୍ଡ ନୁହେଁ ଉଦୟପୁର ସହରର ସ୍ୱଚ୍ଛତା ଲାଗି ସକ୍ରିୟ ଅଭିଯାନ ଚଳାଇଛନ୍ତି। ଲୋକମାନେ ବି ତାଙ୍କର ଏହି ଅଭିଯାନରେ ଯୋଡି ହେଉଛନ୍ତି। କେବଳ ଏତିକି ନୁହେଁ ସହରର ଛୋଟବଡ ଦୋକାନକୁ ତାଙ୍କ ଅଭିଯାନରେ ସାମିଲ କରୁଛନ୍ତି। ଏହି ଅଭିଯାନର ପ୍ରଭାବ ଏମିତି ପଡିଛି ଯେ, ୨୭ ନମ୍ବର ୱାର୍ଡରେ ଠେଲା ଗାଡିଠାରୁ ଆରମ୍ଭ କରି ଛୋଟ ବଡ଼ ଦୋକାନ ସମସ୍ତେ ଡଷ୍ଟବିନ ରଖିଛନ୍ତି। ଡ. ମୋନିକାଙ୍କ ସ୍ୱଚ୍ଛତା ଅଭିଯାନରେ ଆଖପାଖର ସରକାରୀ ଓ ବେସରକାରୀ ସଂସ୍ଥାଗୁଡିକ ସଫେଇ କାର୍ଯ୍ୟରେ ଲାଗିଯାଇଛନ୍ତି। ଉଦୟପୁର ପରେ ଇନ୍ଦୋରକୁ ସ୍ୱଚ୍ଛ ରଖିବାକୁ ଲକ୍ଷ୍ୟ ରଖିଛନ୍ତି ମୋନିକା ।

## ୨୫ ବର୍ଷ ତଳର ଧରିତ୍ରୀ

### ୧୫ ଫେବୃୟାରୀ ୧୯୯୫

- ଜାପାନର ଅର୍ଥନୈତିକ ବଜାରରେ ବିଦେଶୀ କମ୍ପାନୀମାନଙ୍କୁ ସୁବିଧା ଦେବା ନିମନ୍ତେ ଜାପାନ ଆମେରିକା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଚଳିତବର୍ଷ ଜୁଲାଇ–୧୭ ତାରିଖ ପର୍ଯ୍ୟନ୍ତ ଜମ୍ମୁ–କଶ୍ମୀରରେ ରାଷ୍ଟ୍ରପତି ଶାସନର ମିଆଦ ବୃଦ୍ଧି ପ୍ରସ୍ତାବ ପାର୍ଲାମେଣ୍ଟରେ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଛି।
- କେରଳର କେ. କରୁଣାକରନଙ୍କ ନେତୃତ୍ୱାଧୀନ ୪୩ ମାସର ମିଳିତ ଗଣତାନ୍ତ୍ରିକ ସାମ୍ମୁଖ୍ୟ ସରକାର ବିରୁଦ୍ଧରେ ବିରୋଧୀ ଦଳ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ କାଟ ଖାଇଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତ୍ୟେକ ଅଫିସ୍‌ରେ ହେଲ୍ପ ଡେସ୍କ ରହୁ

ମହାଶୟ,

ଅନେକ ଦିନରୁ ପିସି ଚାଲିଥିଲା। ହଠାତ୍ ଦିନେ ମୁଖ୍ୟମନ୍ତ୍ରୀ କହି ପକାଇଲେ ଏଣିକି ପିସି ବନ୍ଦ। ସେହି ଦିନଠାରୁ ଲୋକଙ୍କ ଉପରେ ପିସିର ଚାପ ବଢ଼ିଗଲା। ଭିଜିଲାନ୍ସକୁ ଡରି ବାବୁମାନେ ଦଲାଲଙ୍କୁ ପାଳି ପୋଷି ରଖିଲେ। ଫଳରେ ଦାତା ବା ଗ୍ରହୀତା କେତେ ନେଲେ ବା ଦେଲେ କେହି କିଛି ଜାଣିଲେ ନାହିଁ ବରଂ ଦଲାଲମାନଙ୍କର ହାତ ଚିକ୍କଣ ହେଲା। ବିଭିନ୍ନ ଦପ୍ତରରେ ଦଲାଲମାନେ ଆସନ ଜମାଇ ଦେଲେ। ବିନା ଦଲାଲରେ କୌଣସି ସ୍ଥାନରେ କିଛି କାମ ହେଲାନାହିଁ। ସରକାର ଦିନେ ହଠାତ୍ ଘୋଷଣା କଲେ ଦପ୍ତରଗୁଡିକୁ ଦଲାଲମୁକ୍ତ କରାଯିବ। ଅନେକ ଦଲାଲଙ୍କୁ ଆର୍‌ଟିଓ ଅଫିସ ଏବଂ ହସ୍ପିଟାଲରୁ ଧରାଗଲା। ଲୋକେ ଏବେ କାମ କରାଇବା ପାଇଁ ଅସୁବିଧା ଭୋଗୁଛନ୍ତି। ତେଣୁ ସେମାନଙ୍କ ପାଇଁ ପ୍ରତ୍ୟେକ ଅଫିସରେ ହେଲ୍ପ ଡେସ୍କର ବ୍ୟବସ୍ଥା କରାଯାଉ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ମିଲର ମାଲାମାଲ, ଚାଷୀ ବେହାଲ

ମୁଣ୍ଡର ଝାଳ ତୁଣ୍ଡରେ ମାରି ଚାଷୀ ସମସ୍ତଙ୍କୁ ଆହାର ଯୋଗାଉଥିଲେ ମଧ୍ୟ ସେମାନଙ୍କ ଦୁଃଖ କେହି ବୁଝୁନାହାନ୍ତି। ସରକାରୀ ନିୟମ ଅନୁସାରେ ମଣ୍ଡିରେ ଧାନ ଦେଇ ପାରୁନାହାନ୍ତି ଚାଷୀ। କାରଣ ଚାଷୀମାନେ ଠିକ୍ ସମୟରେ ଟୋକନ ପାଇ ପାରୁନାହାନ୍ତି। ଫଳରେ ବିଲରେ ଧାନବସ୍ତା ହୋଇ ପଡି ରହୁଛି ଦିନ ଦିନ ଧରି। ଏଣେ ବର୍ଷା ଦାଉ ସାଧୁଛି। ବିଲରେ ଓ ମଣ୍ଡିରେ ଧାନ ଓଦା ହେଉଛି। ମଣ୍ଡିରେ ଧାନକୁ ଘୋଡାଇବା ପାଇଁ ପାଲର ବ୍ୟବସ୍ଥା ନାହିଁ। ସୋସାଇଟିରେ ଧାନ ରଖିବାକୁ ମଧ୍ୟ ଜାଗା ନାହିଁ। ତେଣୁ ଚାଷୀ ବାଧ୍ୟ ହୋଇ ବାହାର ବେପାରୀଙ୍କୁ ଧାନ ବିକୁଛନ୍ତି। ଏହାର ଫାଇଦା ଉଠାଉଛନ୍ତି ମିଲରମାନେ। ସେମାନେ କୁଇଣ୍ଟାଲରେ ୪/୫ କିଲୋ ଧାନ ଅଧିକ ନେଉଛନ୍ତି, ସରକାରୀ ରେଟ୍‌ଠାରୁ ୪୦୦/୫୦୦ ଟଙ୍କା କମ୍‌ରେ କିଣୁଛନ୍ତି ଓ ଓଜନରେ ମଧ୍ୟ ଠକୁଛନ୍ତି। ଏହି ଧାନକୁ ମିଲରମାନେ ପଡ଼ୋଶୀ ରାଜ୍ୟକୁ ଚାଲାଣ କରୁଛନ୍ତି। ଫଳରେ ମିଲରମାନେ ମାଲାମାଲ ହେଉଥିବା ବେଳେ ବିଚରା ଚାଷୀମାନେ ତଳିତଳାନ୍ତ ହେଉଛନ୍ତି। ତେଣୁ ସରକାର ଚାଷୀଙ୍କୁ ଶୀଘ୍ର ଟୋକନ ଦିଅନ୍ତୁ, ମଣ୍ଡିରେ ଚାଷୀଙ୍କ ସବୁ ଧାନ କିଣିବା ପାଇଁ ସମୟସୀମା ବଢାଇ ଦିଆଯାଉ ଓ ମିଲରମାନଙ୍କ ଉପରେ ଅଙ୍କୁଶ ଲଗାଯାଉ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କଳି କଳୁଷ ନାଶିନୀ ସଭା ଉଦ୍‌ଯାପିତ

ଭୋଗରାଇ,୧୪।୨(ଡି.ଏନ.ଏ.)-ଧର୍ମୀୟ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନୂତନ ଗ୍ରାମରେ ହେଉଥିବା କଳି କଳୁଷ ନାଶିନୀ ସଭା ୯୫ତମ ବାର୍ଷିକୀ କାର୍ଯ୍ୟକ୍ରମ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଛି। ମାଘ ସପ୍ତମୀଠାରୁ ୧୩ଦିନ ବ୍ୟାପୀ ଏହି ଧାର୍ମିକ ଅନୁଷ୍ଠାନରେ ୨୪ ପ୍ରହର ନାମ ସଂକୀର୍ତ୍ତନ, ବ୍ରାହ୍ମଣଭୋଜନ, ବୈଷ୍ଣବ ସେବା, ପ୍ରସାଦ ବିତରଣ, ଚିତ୍ତବିନୋଦନ, ଶିଶୁମେଧା ଅନ୍ୱେଷଣ, ଧର୍ମାଲୋଚନା, କ୍ରୀଡ଼ା ପ୍ରତିଯୋଗିତା, ମାଗଣାରେ ରୋଗୀ ଓ ଚକ୍ଷୁ ଚିକିତ୍ସା ଶିବିର, ଗରିବଙ୍କୁ ବସ୍ତ୍ର ପ୍ରଦାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ୨୨ ମୌଜା ସଙ୍ଗଠିତ ଏହି ଧାର୍ମିକ ସଭା ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସଭାପତି ଶ୍ରୀନିବାସ ପାତ୍ରଙ୍କ ପୌରୋହିତ୍ୟରେ ସମ୍ପାଦକ ଭୂପେଶ ଚନ୍ଦ୍ର ପାତ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଡ. ରମାକାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷୋଦ୍ୟୋଗୀ ତଥା ସାମାଜିକ କର୍ମୀ ଅଂଶୁମାନ ମହାନ୍ତି, ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କୃପାସିନ୍ଧୁ ମହାପାତ୍ର, ଜଗନ୍ନାଥ ଦତ୍ତ, ସାମାଜିକ କର୍ମୀ ଆଶିଷ କୁମାର ଦାସ ପ୍ରମୁଖ ସକଳ ବିପତ୍ତିରୁ ଉଦ୍ଧାର ପାଇଁ କଳି କଳୁଷ ନାଶିନୀ ସଭାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ। ଦୁର୍ଗା ଦାସ ଫାଉଣ୍ଡେଶନ ପକ୍ଷରୁ ଗରିବଙ୍କୁ ଶୀତବସ୍ତ୍ର ପ୍ରଦାନ ସହ ସଙ୍ଗୀତ, ନୃତ୍ୟ ଓ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଧର୍ମୀୟ ଅନୁଷ୍ଠାନରେ ସତ୍ୟନାରାୟଣ ପାତ୍ର, ସୁବାସ ମହାପାତ୍ର, ସୂର୍ଯ୍ୟକାନ୍ତ ରଣା, ରବୀନ୍ଦ୍ର କାମିଲା, ମଧୁସୂଦନ ଦେ, ପରେଶ ବଟବ୍ୟାଲ ପ୍ରମୁଖ ବହୁ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ।

### କ୍ୟାଣ୍ଡେଲ ଶୋଭାଯାତ୍ରା

ଖଇରା, ୧୪।୨(ଡି.ଏନ.ଏ.)-କଶ୍ମୀର ପୁଲୱାମାରେ ଶହୀଦ ହୋଇଥିବା ୪୦ଜଣ ଯବାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଖଇରା ବ୍ଲକର ପୃଥକ ସ୍ଥାନରେ କ୍ୟାଣ୍ଡେଲ ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜନହିତ ଯୁବକ ସଂଘର ସଭାପତି ସନ୍ତୋଷ ହାତୀ ଓ କୋଷାଧ୍ୟକ୍ଷ ଭକ୍ତ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ବ୍ଲକ ସମ୍ମୁଖରୁ ବାହାରି ବଜାର ପରିକ୍ରମା କରି ଦୁର୍ଗାମଣ୍ଡପ ନିକଟରେ ପହଞ୍ଚିଥିଲା । ସଦସ୍ୟ ମାନଙ୍କ ତରଫରୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା।

# ବିକଶିତ ଭାରତ ଗଠନ ଉପରେ ଗୁରୁତ୍ୱ

ବାଲେଶ୍ୱର ଅଫିସ,୧୪।୨

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ନୂତନ ଭାରତ; ଆଞ୍ଚଳିକ ପ୍ରଯୁଜ୍ୟତା ଏବଂ ବିଶ୍ୱସ୍ତରୀୟ ଆକାଂକ୍ଷା' ଶୀର୍ଷକ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ପ୍ରଫେସର ନନ୍ଦିନୀ ପଟେଲ ଯୋଗଦେଇ ରାଜନୈତିକ ଏବଂ ଶୈକ୍ଷିକ କ୍ଷେତ୍ରକୁ ପରସ୍ପର ସହ ସଂଯୋଗ କରିବା ଦ୍ୱାରା ଏକ ଦୃଢ଼ ଓ ବିକଶିତ ଭାରତ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଦୁଇଶହରୁ ଊର୍ଦ୍ଧ୍ୱ ଯୋଗଦେଇଥିବା ବିଭିନ୍ନ ଦେଶର ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ଏବଂ ରିସୋର୍ସପର୍ଶନଙ୍କ ମଧ୍ୟରୁ ୧୫୭ଜଣ ସନ୍ଦର୍ଭ ଉପସ୍ଥାପନା କରିଥିଲେ।

ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଯୋଗଦେଇ ଦୃଢ଼ ଇଚ୍ଛାଶକ୍ତି ଓ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଜନସେବା କରିଲେ ଦେଶର ଅର୍ଥନୀତି ସୁଦୃଢ଼ ହେବ। ସାମାଜିକ ଓ ପରିବେଶର ବିକାଶ



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ଏବଂ ରିସୋର୍ସପର୍ଶନ।

**ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ**

**୧୫୭ଟି ସନ୍ଦର୍ଭ ଉପସ୍ଥାପନା**

ପାଇଁ ପ୍ରତ୍ୟେକ ସରକାର ବଜେଟ୍‌ରେ ଗୁରୁତ୍ୱାରୋପ କରିବା ଉଚିତ୍ ବୋଲି କହିଥିଲେ। ସମ୍ମାନିତ ଅତିଥି ତଥା ବାଲେଶ୍ୱରର ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ସ୍ୱାଧୀନତା ପୂର୍ବରୁ ଓ ପରେ ଭାରତର ଅର୍ଥନୀତି କିପରି ବିଶ୍ୱ ଅର୍ଥନୀତି ସହ ସଂଶ୍ଳିଷ୍ଟ ଏବଂ ଆଞ୍ଚଳିକ ବିକାଶ ଦ୍ୱାରା ସାମଗ୍ରିକ ବିକାଶ ସମ୍ଭବ ଉପରେ ବକ୍ତବ୍ୟ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଡ. ଅତନୁ ମହାପାତ୍ର ନିଜ ବକ୍ତବ୍ୟରେ ନୂତନ ଭାରତ ଗଠନ ନିମନ୍ତେ ସାମାଜିକ, ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଉନ୍ନତି ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଅଧ୍ୟାପକ ଡ. ସଚ୍ଚିଦାନନ୍ଦ ସା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ବିଭାଗର ଛାତ୍ରୀ ଦୀପ୍ତିଶିଖା ଆଚାର୍ଯ୍ୟ ସମ୍ପୂର୍ଣ୍ଣ ବିବରଣୀ ପାଠ କରିଥିଲେ। ସନ୍ଧ୍ୟାରେ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ସୁନୀଲ କୁମାର ପାଢ଼ୀ, ଡ. ରାମକୃଷ୍ଣ ପ୍ରଧାନ, ଡ. ଗୀତାଞ୍ଜଳି ପଣ୍ଡା, ପ୍ରଫେସର ଗୀତାଞ୍ଜଳି ଦାଶ, ପ୍ରଫେସର ଅନୀଲ କୁମାର ମହାପାତ୍ର, ଡ. ସ୍ମୃତିଶିକ୍ତା ଥାପ୍ପା, ଡ. ସଞ୍ଜୀବ କୁମାର ମାଝୀ, ଡ. ପବିତ୍ର ମୋହନ ନାୟକ, ଡ. ରାଜଶ୍ରୀ ଦତ୍ତ, ଡ. ସିପ୍ରା ସାଗରିକା ପ୍ରମୁଖ ଅଧ୍ୟାପିକାଅଧ୍ୟାପକ ପରିଚାଳନା କରିଥିଲେ।

# ଜମି ଚିହ୍ନଟ ଦାବିରେ ଆର୍‌ଆଇ ଅଫିସ୍ ଘେରାଉ

ବାଲେଶ୍ୱର ଅଫିସ, ୧୪।୨

ବାଲେଶ୍ୱର ଜିଲା ସଦର ତହସିଲ ଅଧୀନ ହିଡ଼ିଗାଁ ପଞ୍ଚାୟତରେ ଥିବା ଭୂମିହୀନମାନେ ୫ବର୍ଷ ପୂର୍ବରୁ ଚିହ୍ନଟ ହୋଇ ଚାନ୍ଦିପୁର ଆର୍‌ଆଇ ଅଫିସରୁ ପଟ୍ଟା ପାଇଥିଲେ। ପଟ୍ଟା ପାଇଥିବା ଭୂମିହୀନମାନେ ନିଜର ଜମି ଚିହ୍ନଟ ଦାବିରେ ଶୁକ୍ରବାର ଘେରାଉ କରିଥିଲେ। ସରକାରଙ୍କ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ କରାଯାଇଥିବା ଉଚ୍ଛେଦ ନୋଟିସ୍‌କୁ ବିରୋଧ କରି ପ୍ରଥମେ ମିଳିଥିବା ଜମିର ଚିହ୍ନଟ ଓ ପରେ ଉଚ୍ଛେଦ ଦାବି କରିଛନ୍ତି।

ହିଡ଼ିଗାଁ ପଞ୍ଚାୟତର ୩୧ଜଣ ଗରିବ ଆଦିବାସୀ ଲୋକ ଭୂମିହୀନ ଭାବେ ଚିହ୍ନଟ ହୋଇ ଗତ ୫ବର୍ଷ ପୂର୍ବରୁ ସରକାରଙ୍କଠାରୁ ୪ ଡିସିମିଲ କରି ଜମିର ପଟ୍ଟା ପାଇ ଖଜଣା ମଧ୍ୟ ଦେଉଛନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସ୍ଥାନ ଚିହ୍ନଟ ନ କରିବାରୁ କେତେକ ଲୋକ ଉକ୍ତ ଜମି ଉପରେ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ଜ୍ୟୋତି ଯୋଜନାରେ ବିଦ୍ୟୁତ୍ ସଂଯୋଗ ସହ ସ୍ୱଚ୍ଛ ଭାରତ ମିଶନରେ ଶୌଚାଳୟ ପାଇ ସାରିଛନ୍ତି। ଗତ କିଛିଦିନ ପୂର୍ବରୁ



ଭୂମିହୀନ ପରିବାର ପକ୍ଷରୁ ଆରଆଇ ଅଫିସ ଘେରାଉ କରାଯାଇଛି।

ସେମାନଙ୍କୁ ଉଚ୍ଛେଦ ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶରେ ସଦର ତହସିଲଦାର ପଞ୍ଚାନନ ପାତ୍ର ଆର୍‌ଆଇଙ୍କ ମାଧ୍ୟମରେ ୧୫ ତାରିଖରେ ଉଚ୍ଛେଦ କରାଯିବା ପାଇଁ ନୋଟିସ୍ କରିଥିଲେ। ସ୍ଥାନୀୟ ଜିଲାପରିଷଦ କମଳା ସାହୁଙ୍କ ନେତୃତ୍ୱରେ ୩୧ପରିବାରର ଲୋକମାନେ ଶୁକ୍ରବାର ପୂର୍ବାହ୍ଣରେ ଚାନ୍ଦିପୁର ଆର୍‌ଆଇ ଅଫିସ୍ ଘେରାଉ କରି ସରକାରଙ୍କ ଦ୍ୱାରା ପାଇଥିବା ଅନୁଦାନ ଜମିର ସ୍ଥିତି କେଉଁଠି ବୋଲି ପଚାରିଥିଲେ। ଜିଲାପରିଷଦ ସାହୁଙ୍କ କହିବାନୁସାରେ, ୫ବର୍ଷ ପୂର୍ବରୁ ଉକ୍ତ ଆଦିବାସୀ ଲୋକମାନେ ପାଇଥିବା ପଟ୍ଟାର ପ୍ରଶାସନ ଚିହ୍ନଟ ନ କରିବା ଫଳରେ ଲୋକେ ଉକ୍ତ ସ୍ଥାନରେ ରହି ଘରଦ୍ୱାର କରିସାରିଛନ୍ତି। ପ୍ରଶାସନ ଥଇଥାନ ବ୍ୟବସ୍ଥା ନ କରି ଏପରି ଭାବେ ସେମାନଙ୍କୁ ଉଚ୍ଛେଦ କଲେ ସେମାନେ କେଉଁଠି ରହିବେ ଏବଂ ହଠାତ୍ କେଉଁ ଜାଗାରେ ଘର କରିବେ ତାହା ପ୍ରଶ୍ନ ଉଠୁଛି। ଏଥିପାଇଁ ପ୍ରଥମେ ଥଇଥାନ ଓ ପରେ ଉଚ୍ଛେଦ ପାଇଁ ଦାବି କରିଛନ୍ତି।

ସଦର ତହସିଲଦାର ପଞ୍ଚାନନ ପାତ୍ରଙ୍କ କହିବାନୁସାରେ, ଲୋକମାନେ ରହୁଥିବା ଜମିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୪କୋଟି ଟଙ୍କାର ରାଡ଼ାର୍ ସେଣ୍ଟର ନିର୍ମାଣ କରାଯାଉଛି। ରାସ୍ତା ପାଇଁ ଉକ୍ତ ସ୍ଥାନରେ ରହୁଥିବା ୪/୫ଟି ଘରର ଉଚ୍ଛେଦ ପାଇଁ ନୋଟିସ୍ ହୋଇଛି। ଏଥିପାଇଁ ସେମାନଙ୍କ ସହ ଆଲୋଚନା କରାଯାଇଛି। ସ୍ଥାନୀୟ ସରପଞ୍ଚ ଓ ଜିଲାପରିଷଦ ସଦସ୍ୟଙ୍କ ଉପସ୍ଥିତିରେ ସେମାନଙ୍କୁ କିଛିଦିନ ସମୟ ମଧ୍ୟ ପ୍ରଦାନ କରାଯାଇଛି। ସେମାନେ ଉକ୍ତ ସମୟ ମଧ୍ୟରେ ନିଜସ୍ୱ ଉଠି ପଳାଇଯିବାର ପ୍ରତିଶ୍ରୁତି ଦେଇଥିବାରୁ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରଖାଯାଇଛି।

# ବିଜୁସେତୁର ଭିତ୍ତିପ୍ରସ୍ତର ସ୍ଥାପନ

ଜଳେଶ୍ୱର, ୧୪।୨(ସ୍ୱ.ପ୍ର.)-

ବାଲେଶ୍ୱର ଜିଲାର ରାଇବଣିଆର ମାଳିପାଳସ୍ଥିତ ଗହିରାଖାଲ ଉପରେ ୬କୋଟି ୯ଲକ୍ଷ ୫୦ହଜାର ଟଙ୍କା ବିଜୁ ସେତୁର ଶିଳାନ୍ୟାସ ଗୁରୁବାର ପୂର୍ବାହ୍ଣରେ କରାଯାଇଛି। ଏହି ପୋଲ ରାଇବଣିଆର ଦକ୍ଷିଣପ୍ରହରାଜ, ଶ୍ରୀରାମପୁର, କ୍ଷୁଦିଆମାଝିସାହି, ଓଲମରା, ମାକିଡ଼ିଆ ପଞ୍ଚାୟତର ଲୋକେ ଯାତାୟାତ ଲାଗି ସୁବିଧା ହୋଇପାରିବ ବୋଲି ସେଠାରେ ଆୟୋଜିତ ସଭାରେ ଜୟନ୍ତ ଦାସ ଅଧିକାରୀ ଅଧ୍ୟକ୍ଷତା କରିଥିଲେ। ସେଠାରେ ଅନ୍ୟ ଏକ ପୋଲର ଆବଶ୍ୟକତା ଥିବାରୁ ତାହା ମଧ୍ୟ ସ୍ୱଳ୍ପ ସମୟ ମଧ୍ୟରେ ଆରମ୍ଭ ହେବ ବୋଲି ବିଧାୟକ ଅଶ୍ୱିନୀ ପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ସରପଞ୍ଚ ଆରତୀ ଗିରି, ଦକ୍ଷିଣ ପ୍ରହରାଜପୁର ସରପଞ୍ଚ ସତ୍ୟନାରାୟଣ ଦାସ, ଆଲୋକ ଗିରି, ମାନସ ଜେନା, ନଗେନ୍ଦ୍ର ଜେନା, ଭୁପତି ମିର୍ଦ୍ଧା, ବ୍ରିଜେସ ରଣା ଉପସ୍ଥିତ ଥିଲେ। ଏହି ପୋଲ ଆର୍‌ଡି ବିଭାଗ ଦ୍ୱାରା ନିର୍ମାଣ ହେଉଥିବାରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ସାହୁ, ଜେଇ ବିଜୟ କୁମାର ଦାସ, ବ୍ଲକ ଅଧ୍ୟକ୍ଷା ସବିତା ଦଳେଇ, ଗୁଣାଧର ଭୂୟାଁ ଗୌରୀଚରଣ ଗିରି ସୁଜୟ କୁମାର କରଣ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରାମଚନ୍ଦ୍ର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଖୁଆଡ଼-କେନ୍ଦୁଖୁଣ୍ଟା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସ୍ଥାନୀୟ ଏକ ଖାଲ ଉପରେ ଅନ୍ୟ ଏକ ପୋଲ ନିର୍ମାଣ ଲାଗି ୨କୋଟି ୬୩ଲକ୍ଷ ୩୩ହଜାର ଟଙ୍କା ମଞ୍ଜୁର ହୋଇଥିବାରୁ ବିଧାୟକ ଅଶ୍ୱିନୀ ପାତ୍ର ସେଠାକାର ପୋଲର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।



ବିଜୁସେତୁର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ଅତିଥି।

# ବେଆଇନ କାଠପୋଲ ଉଚ୍ଛେଦ ପାଇଁ ଥାନାରେ ଅଭିଯୋଗ

ଜଳେଶ୍ୱର, ୧୪।୨(ସ୍ୱ.ପ୍ର.)

ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ କରି ଚାଲାଣ କରିବା ଲାଗି କାଠପୋଲ ନିର୍ମାଣ କରାଯାଇଛି। ଫଳରେ ନଦୀର ସ୍ରୋତ ବାଧାପ୍ରାପ୍ତ ହେଉଥିବାରୁ ନଦୀକୂଳ ମାଟି ଅତଡା ଖସୁଛି। ସେହିପରି କାଠପୋଲଗୁଡିକ ନଦୀଗର୍ଭରେ ରହିଯାଉଥିବାରୁ ବର୍ଷାଦିନେ ନଦୀର ଜଳ ସହଜରେ ପ୍ରବାହିତ ହୋଇ ନ ପାରିବାରୁ ନଦୀକୂଳ ଉଲଙ୍ଘନ କରି ବନ୍ୟା ସୃଷ୍ଟି କରୁଛି। ଏତଦ୍‌ବ୍ୟତୀତ କାଠପୋଲ ରାସ୍ତା ନିର୍ମାଣ କରୁଥିବା ବାଲି ଲିଜ୍‌ଧାରୀମାନେ ଜଳସେଚନ ବିଭାଗର ଥିବା ମାଟିରେ ତିଆରି ନଦୀବନ୍ଧକୁ କାଟି ରାସ୍ତା ନିର୍ମାଣ କରିଛନ୍ତି। ଯଦ୍ୱାରା ଉକ୍ତ ସ୍ଥାନରେ ମାଟିବନ୍ଧ ଦୁର୍ବଳ ରହୁଥିବାରୁ ସାମାନ୍ୟ ବନ୍ୟା ହେଲେ ଜନସାଧାରଣଙ୍କ ଧନଜୀବନ ବିପନ୍ନ ହେଉଛି । ତେଣୁ ନଦୀ ଉପରେ ଏପରି ବେଆଇନ କାଠପୋଲ ନିର୍ମାଣ ବିରୋଧରେ ଭାଜପା ଜାତୀୟ ପରିଷଦ ସଭ୍ୟ ସମୀର କୁମାର ପାତ୍ର, ଜଳେଶ୍ୱର ତହସିଲଦାର ଓ ଜଳସେଚନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ବିରୋଧରେ ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି । ମାତ୍ର ଏହି ଅଭିଯୋଗ ସମ୍ପର୍କରେ ଥାନା ଆଇଆଇସି ଧନେଶ୍ୱର ସାହୁଙ୍କୁ ପଚାରିବାରୁ ସେ ଏହି ଅଭିଯୋଗ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି ଅଦ୍ୟାବଧି କୌଣସି ମାମଲା ରୁଜୁ ହୋଇନାହିଁ ବୋଲି ପ୍ରକାଶ କରିଥିଲେ ।





## ଗଣିତ (MATHEMATICS)

**ସମୟ : 2.30 Hrs** **ପୂର୍ଣ୍ଣସଂଖ୍ୟା : 100**

ନିର୍ଦ୍ଦେଶ ଅନୁଯାୟୀ ଉତ୍ତର ଲେଖ ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି ।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ।

### PART - I (OBJECTIVE)

#### ବୀଜଗଣିତ

**1. ଶୂନ୍ୟସ୍ଥାନ ପୂରଣ କର ।** [1×5=5

(a) $\begin{vmatrix} x & y \\ 3 & 5 \end{vmatrix} = 4$ ହେଲେ, 'x'ର ମାନ — ହେବ ।

(b) $x^2 + x - 6 = 0$ ଦ୍ୱିଘାତ ସମୀକରଣର ମୂଳଦ୍ୱୟର ଅନ୍ତର — ।

(c) 4, 7, 10, 13,..... ଅନୁକ୍ରମର $t_{10}$ = — ।

(d) ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇଲେ ଫଳ 3 ବା ତା' ଠାରୁ କମ୍ ହେବାର ସମ୍ଭାବ୍ୟତା — ।

(e) $P(A) = \frac{3}{10}$ ହେଲେ $P(A')$ = — ।

**2. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) 't' ର କେଉଁ ମାନ ପାଇଁ $tx + 3y = 0$ ଓ $3x + 6y = 0$ ସହ ସମୀକରଣ ଦ୍ୱୟର ଅସଂଖ୍ୟ ସମାଧାନ ରହିବ ?

(b) $4x^2 - 4x + 1 = 0$ ଦ୍ୱିଘାତ ସମୀକରଣର ପ୍ରଭେଦକ କେତେ ?

(c) $1^3 + 2^3 + 3^3 + ....... + 10^3$ ର ମାନ କେତେ ?

(d) ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇଲେ ଫଳ 3 ରୁ କମ୍ ଆସିବାର ସମ୍ଭାବ୍ୟତା କେତେ ?

(e) A(2, 0), B(2, –1) ଓ C(2, 3) ହେଲେ Δ ABC ର କ୍ଷେତ୍ରଫଳ କେତେ ?

**3. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) $152x - 378y = -74$ ଏବଂ $-378x + 152y = -60y$ ସମୀକରଣ ଦ୍ୱୟରୁ 'x' ର ମାନ କେତେ ?

(b) $x^2 - 8x + 16P = 0$ ସମୀକରଣର ମୂଳଦ୍ୱୟ α ଓ β ହେଲେ $\frac{\alpha\beta}{\alpha+\beta}$ ର ମାନ କେତେ ?

(c) ଗୋଟିଏ A.P.ର $t_n = 2n - 1$ ହେଲେ A.P.ର ସାଧାରଣ ଅନ୍ତର କେତେ ?

(d) M ମାଧ୍ୟମାନ ବିଶିଷ୍ଟ 20ଟି ଲବ୍ଧାଙ୍କ ପ୍ରତ୍ୟେକକୁ 2 ବଢ଼ାଇଦେଲେ ଲବ୍ଧାଙ୍କମାନଙ୍କର ମାଧ୍ୟମାନ କେତେ ହେବ ?

(e) ସମତଳରେ ମୂଳବିନ୍ଦୁଠାରୁ A(5, 12) ର ଦୂରତା କେତେ ?

**4. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ ।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) $x + y = 9$ ଏବଂ $x = 2y$ ହେଲେ 'x' ର ମାନ = | (a) 7 |
| (b) $3x^2 - x - 2 = 0$ର ପ୍ରଭେଦକ = | (b) 6.5 |
| (c) ଗୋଟିଏ A.P.ର ପ୍ରଥମ ପଦ = –3 ଓ ସାଧାରଣ ଅନ୍ତର = 1 ହେଲେ ପଞ୍ଚମ ପଦ = | (c) 0.75 |
| (d) 7, 9, 4, 5, 6, 8 ର ମଧ୍ୟମା = — | (d) 6 |
| (e) ଗୋଟିଏ ମୁଦ୍ରାକୁ ଦୁଇଥର ଟସ୍ କଲେ ଅତିକମ୍‌ରେ ଗୋଟିଏ T ଆସିବା ଘଟଣାର ସମ୍ଭାବ୍ୟତା = | (e) 25 |
| | (f) 1 |

**5. ନିମ୍ନସ୍ଥ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଭୁଲ୍ ଉକ୍ତି (×) ଏବଂ କେଉଁଗୁଡ଼ିକ ଠିକ୍ ଉକ୍ତି (✓) ଦର୍ଶାଅ ।** [1×5=5

(a) $x + 2y - 4 = 0$ ଓ $2x + 4y - 8 = 0$ ସମୀକରଣ ଦ୍ୱୟର କୌଣସି ସମାଧାନ ନାହିଁ ।

(b) $cx^2 - bx - a = 0$ ଦ୍ୱିଘାତ ସମୀକରଣର ପ୍ରଭେଦକ $= \sqrt{b^2 + 4ac}$ ।

(c) A(0, 4) ଓ B(2, 2) ବିନ୍ଦୁଦ୍ୱୟ ସମତଳରେ ମୂଳବିନ୍ଦୁଠାରୁ ସମଦୂରବର୍ତ୍ତୀ ।

(d) ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇଲେ 'ଯୁଗ୍ମ ମୌଳିକ ସଂଖ୍ୟା' ଦୃଶ୍ୟମାନ ହେବା ଘଟଣାର ସମ୍ଭାବ୍ୟତା $\frac{1}{6}$ ହେବ ।

(e) ପ୍ରଥମ ଦଶଗୋଟି ଗଣନସଂଖ୍ୟାର ମାଧ୍ୟମାନ 6 ।


#### ଜ୍ୟାମିତି

**6. ଶୂନ୍ୟସ୍ଥାନ ପୂରଣ କର ।** [1×5=5

(a) Δ DEF ~ Δ PQR । DE = 3 ସେ.ମି., EF = 4 ସେ.ମି. ଓ PQ = 9 ସେ.ମି. ହେଲେ QR = — ସେ.ମି. ।

(b) ବୃତ୍ତର କେନ୍ଦ୍ର O ଏବଂ ଏହାର ବହିଃସ୍ଥ ଏକ ବିନ୍ଦୁ P । $\overrightarrow{PT}$ ବୃତ୍ତ ପ୍ରତି ଅଙ୍କିତ ସ୍ପର୍ଶକ । PT = 40 ସେ.ମି., OP = 41 ସେ.ମି. ହେଲେ OT = — ସେ.ମି. ।

(c) PQR ବୃତ୍ତର O କେନ୍ଦ୍ର । $m\widehat{PRQ} = 230°$ ହେଲେ, $m\angle PXQ$ = — ।





(d) Δ PQR ରେ tan (R + P) = 1 ହେଲେ m∠Q = — ।

(e) ଦୁଇଟି ଏକ-କେନ୍ଦ୍ରିକ ବୃତ୍ତର ପରିଧି 88 ମିଟର ଓ 132 ମିଟର । ସୃଷ୍ଟି ହେଉଥିବା ବଳୟର ପ୍ରସ୍ଥ = — ମିଟର ।


**7. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) Δ DEF ରେ ∠E ର ସମଦ୍ୱିଖଣ୍ଡକ $\overline{DF}$ କୁ P ବିନ୍ଦୁରେ ଛେଦ କରେ । DE = 12 ସେ.ମି. ଓ EF = 9 ସେ.ମି. ହେଲେ DP : DF କେତେ ?

(b) ପାର୍ଶ୍ୱସ୍ଥ ଚିତ୍ରରେ 'O' ବୃତ୍ତର କେନ୍ଦ୍ର । ଏହାର ବହିଃସ୍ଥ Q ବିନ୍ଦୁରୁ ବୃତ୍ତ ପ୍ରତି $\overleftrightarrow{PQ}$ ସ୍ପର୍ଶକ । ବୃତ୍ତର ବ୍ୟାସାର୍ଦ୍ଧ OP = 5 ସେ.ମି., OQ = 12 ସେ.ମି. ହେଲେ PQ କେତେ ସେ.ମି. ?




(c) ଦତ୍ତ ଚିତ୍ରରେ $\overrightarrow{TA}$, ABC ବୃତ୍ତପ୍ରତି A ବିନ୍ଦୁରେ ଏକ ସ୍ପର୍ଶକ, m∠TAB = 60° ଓ m∠ABC = 40° ହେଲେ m∠BAC କେତେ ?




(d) sin (30° + A) – sin (30° – A) ର ମାନ କେତେ ?

(e) କୋନ୍‌ର ଭୂମିର ବ୍ୟାସାର୍ଦ୍ଧ 8 ସେ.ମି. ଓ ଉଚ୍ଚତା 6 ସେ.ମି. ହେଲେ କୋନ୍‌ର ଆୟତନ କେତେ ଘନ ସେ.ମି. ?


**8. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର ।** [1×5=5

(a) A + B + C = 90° ହେଲେ sin (A + B) ର ମାନ କେତେ ?


(b) ଦୁଇଟି ଏକକେନ୍ଦ୍ରିକ ବୃତ୍ତର ଅନ୍ତର 264 ସେ.ମି. ହେଲେ, ସଂପୃକ୍ତ ବଳୟର ପ୍ରସ୍ଥ କେତେ ସେ.ମି. ?

(c) ଦୁଇଟି ବହିଃସ୍ପର୍ଶୀ ବୃତ୍ତର ତୀର୍ଯ୍ୟକ୍ ସାଧାରଣ ସ୍ପର୍ଶକ ସଂଖ୍ୟା କେତେ ?

(d) ଦତ୍ତ ଚିତ୍ରରେ ABC ବୃତ୍ତର କେନ୍ଦ୍ର O । B ବିନ୍ଦୁରୁ ବୃତ୍ତପ୍ରତି ଅଙ୍କିତ ସ୍ପର୍ଶକ ଦ୍ୱୟର ଛେଦବିନ୍ଦୁ A ଓ C । ଯଦି m∠BAC = 85° ହୁଏ, ତେବେ $m\widehat{AXC}$ କେତେ ?




(e) Δ PQR ରେ $\overline{MN} \parallel \overline{PQ}$, PM : PR = 2 : 5 ଏବଂ QN = 4 ସେ.ମି. ହେଲେ, NR କେତେ ସେ.ମି. ?




**9. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳାଅ ।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (a) sin 15° + cos 105° ର ମାନ କେତେ ? | (a) 0.5 |
| (b) ଦୁଇଟି ଅନ୍ତଃସ୍ପର୍ଶୀ ବୃତ୍ତର ବ୍ୟାସ 4 ସେ.ମି. ଓ 3 ସେ.ମି. ହେଲେ କେନ୍ଦ୍ରଦ୍ୱୟ ମଧ୍ୟରେ ଦୂରତା କେତେ ସେ.ମି. ? | (b) 10 |
| (c) ଗୋଟିଏ ବୃତ୍ତର ଏକ ଚାପର ଦୈର୍ଘ୍ୟ, ଏହାର ବ୍ୟାସାର୍ଦ୍ଧ ସହ ସମାନ । ଏହି ଚାପର ଡିଗ୍ରୀ ପରିମାପ ରେଡ଼ିଆନ୍ ମାପରେ କେତେ ? | (c) 0 |
| (d) Δ ABC ରେ m∠B = 90° । $\overline{BD} \perp \overline{AC}$ । CD = 9 ସେ.ମି. ଓ AD = 7 ସେ.ମି. ହେଲେ BC କେତେ ସେ.ମି. ? | (d) 3 |
| (e) ଗୋଟିଏ ଗୋଲକର ଆୟତନ ଯେତିକି ଘନମିଟର, ଏହାର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ସେତିକି ବର୍ଗମିଟର ହେଲେ ଗୋଲକର ବ୍ୟାସାର୍ଦ୍ଧ କେତେ ମିଟର ? | (e) 1 |
| | (f) 12 |

**10. ଠିକ୍ ଉକ୍ତି ପାଇଁ '✓' ଚିହ୍ନ ଏବଂ ଭୁଲ୍ ଉକ୍ତି ପାଇଁ '×' ଚିହ୍ନ ଦେଇ ଉକ୍ତିଗୁଡ଼ିକୁ ଚିହ୍ନଟ କର ।** [1×5=5

(a) ଗୋଟିଏ ବୃତ୍ତର ଏକ ଚାପର ଡିଗ୍ରୀ ପରିମାପ 90° ହେଲେ, ସଂପୃକ୍ତ ଜ୍ୟା ଓ ବ୍ୟାସାର୍ଦ୍ଧର ଅନୁପାତ $1:\sqrt{2}$ ହେବ ।

(b) ଏକ ବୃତ୍ତର କେନ୍ଦ୍ର O । P ବୃତ୍ତର ବହିଃସ୍ଥ ଏକ ବିନ୍ଦୁ । $\overline{PT}$ ଉକ୍ତ ବୃତ୍ତର ଏକ ସ୍ପର୍ଶକ ଖଣ୍ଡ ହେଲେ m∠OTP = 90° ।

(c) ଏକ ରେଖାଖଣ୍ଡ ସର୍ବାଧିକ ଦୁଇଟି ବୃତ୍ତର ଜ୍ୟା ହୋଇପାରିବ ।

(d) $\tan\theta = \frac{3}{4}$ ହେଲେ $\sin\theta = \frac{4}{5}$ ହେବ ।

(e) Δ ABC ରେ m∠B = 90° ଏବଂ $\overline{BD} \perp \overline{AC}$ ହେଲେ $BD^2 = AD.DC$ ହେବ ।

### PART - II (SUBJECTIVE)

**11.(i)** ପୂର୍ଣ୍ଣବର୍ଗରେ ପରିଣତ କରି ସମାଧାନ କର । [5
$2x^2 - 9x + 4 = 0$

**କିମ୍ବା,** ଯଦି $5x^2 - 3x - 2 = 0$ ସମୀକରଣର ମୂଳଦ୍ୱୟ α ଓ β ହୁଏ, ତେବେ ପ୍ରମାଣ କରଯେ, $\alpha^3 + \beta^3 = \frac{117}{125}$

**(ii)** 80 ଜଣ ପିଲା ଗଣିତରେ ରଖିଥିବା ନମ୍ବରକୁ ନିମ୍ନ ସାରଣୀରେ ଦିଆଯାଇଛି । ପିଲାମାନେ ରଖିଥିବା ନମ୍ବରର ମାଧ୍ୟମାନ ନିର୍ଣ୍ଣୟ କର । [5

| ନମ୍ବର | 10ରୁ କମ୍ | 20ରୁ କମ୍ | 30ରୁ କମ୍ | 40ରୁ କମ୍ | 50ରୁ କମ୍ | 60ରୁ କମ୍ |
|---|---|---|---|---|---|---|
| ଛାତ୍ରସଂଖ୍ୟା | 3 | 12 | 27 | 57 | 75 | 80 |

**କିମ୍ବା,** ନିମ୍ନସ୍ଥ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ କର ।

| ସଂଭାଗ (C.I) | 1-10 | 10-20 | 20-30 | 30-40 | 40-50 | 50-60 |
|---|---|---|---|---|---|---|
| ବାରମ୍ବାରତା(f) | 5 | 12 | 22 | 18 | 10 | 6 |

**12.(i)** 1 + (1 + 3) + (1 + 3 + 5) + (1 + 3 + 5 + 7) +..... ଶ୍ରେଣୀର n ସଂଖ୍ୟକ ପଦ ପର୍ଯ୍ୟନ୍ତ ଯୋଗଫଳ ନିର୍ଣ୍ଣୟ କର । [4

**କିମ୍ବା,** ଗୋଟିଏ A.P. ରେ ଥିବା ଚାରିଗୋଟି ପଦ ନିର୍ଣ୍ଣୟ କର, ଯାହାର ଯୋଗଫଳ 2 ଏବଂ ଆଦ୍ୟ ଓ ପ୍ରାନ୍ତ ପଦଦ୍ୱୟର ଗୁଣଫଳ ମଧ୍ୟକଦ୍ୱୟର ଗୁଣଫଳର 10 ଗୁଣସହ ସମାନ ।

**(ii)** ବଜ୍ରଗୁଣନ ପଦ୍ଧତିରେ ସମାଧାନ କର : [4
$3x - 4y + 1 = 0$ ଓ $5x + 2y - 7 = 0$

**କିମ୍ବା,** ଦୁଇଟି ସଂଖ୍ୟାର ଯୋଗଫଳ 15 ଓ ସେମାନଙ୍କ ବ୍ୟୁତ୍କ୍ରମର ଯୋଗଫଳ $\frac{3}{10}$ ହେଲେ ସଂଖ୍ୟାଦ୍ୱୟ ନିରୂପଣ କର ।

**(iii)** ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇବାରୁ "ଫଳ ଯୁଗ୍ମ କିମ୍ବା ଫଳ ≥ 3' ଘଟଣାଟିର ସମ୍ଭାବ୍ୟତା ନିରୂପଣ କର । [4

**କିମ୍ବା,** (x, y), (3,4) ଓ (–5, – 6) ବିନ୍ଦୁତ୍ରୟ ଏକରେଖୀୟ ହେଲେ ପ୍ରମାଣ କର ଯେ $5x - 4y + 1 = 0$

**13.(i)** ଗୋଟିଏ ବୃତ୍ତରେ ଦୁଇଟି ସର୍ବସମ ଜ୍ୟା ବୃତ୍ତର କେନ୍ଦ୍ରଠାରେ ଯେଉଁ କୋଣ ଉତ୍ପନ୍ନ କରନ୍ତି ସେମାନେ ସର୍ବସମ । ପ୍ରମାଣ କର । [5


**କିମ୍ବା,** ଏକ ବୃତ୍ତର କୌଣସି ଗୋଟିଏ ବିନ୍ଦୁ P ଦେଇ ବୃତ୍ତ ପ୍ରତି ଏକ ସ୍ପର୍ଶକ ଖଣ୍ଡ $\overline{PT}$ ଏବଂ ଏକ ଛେଦକ $\overleftrightarrow{PAB}$ ଅଙ୍କିତ ହେଲେ $PA \times PB = PT^2$ । ପ୍ରମାଣ କର ।

**(ii)** 8.3 ସେ.ମି. ବ୍ୟାସ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର । ଏଥିରେ ABC ସମଦ୍ୱିବାହୁ ତ୍ରିଭୁଜ ଅନ୍ତର୍ଲିଖନ କର ଯେପରି BC = 6.5 ସେ.ମି. ଏବଂ AB = AC ହେବ । [5

**କିମ୍ବା,** 3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର । ଏହାର ଏକ ବହିଃସ୍ଥ ବିନ୍ଦୁ P ରୁ $\overline{PA}$ ଓ $\overline{PB}$ ଦୁଇଟି ସ୍ପର୍ଶକଖଣ୍ଡ ଅଙ୍କନ କର ଯେପରିକି m∠APB = 60° ହେବ ।

**14.(i)** ଏକ ଟ୍ରାପିଜିୟମ୍‌ର ଅସମାନ୍ତର ବାହୁଦ୍ୱୟ ସର୍ବସମ ହେଲେ ପ୍ରମାଣ କର ଯେ, ଟ୍ରାପିଜିୟମ୍‌ଟି ବୃତ୍ତାନ୍ତର୍ଲିଖିତ ହେବ । [5

**କିମ୍ବା,** ଦୁଇଟି ବହିଃସ୍ପର୍ଶୀ ବୃତ୍ତ $S_1$ ଓ $S_2$ ର ସ୍ପର୍ଶବିନ୍ଦୁ P । ବୃତ୍ତଦ୍ୱୟର ଏକ ସରଳ ସାଧାରଣ ସ୍ପର୍ଶକ $S_1$ ଓ $S_2$ ବୃତ୍ତକୁ ଯଥାକ୍ରମେ A ଓ B ବିନ୍ଦୁରେ ସ୍ପର୍ଶ କରେ । P ବିନ୍ଦୁ ଦେଇ ଅଙ୍କିତ ସାଧାରଣ ସ୍ପର୍ଶକ $\overleftrightarrow{AB}$ କୁ C ବିନ୍ଦୁରେ ଛେଦ କରେ ।




ପ୍ରମାଣ କର ଯେ, m∠APB = 90° ।

**(ii)** ପ୍ରମାଣ କର : [5
(1 + tan 15°)(1 + tan 30°) = 2

**କିମ୍ବା,** ସୂର୍ଯ୍ୟର କୌଣିକ ଉନ୍ନତିର ପରିମାଣ 60° ବେଳେ ଏକ ଗଛର ଛାୟାର ଦୈର୍ଘ୍ୟ 15 ମିଟର ଥିଲା । ସୂର୍ଯ୍ୟଙ୍କ କୌଣିକ ଉନ୍ନତିର ପରିମାଣ 30° ବେଳେ ଗଛର ଛାୟାର ଦୈର୍ଘ୍ୟ କେତେ ମିଟର ହେବ ?

**15.(i)** ଖଣ୍ଡେ ତାରକୁ ସମବାହୁ ତ୍ରିଭୁଜାକୃତି କଲେ ତ୍ରିଭୁଜର କ୍ଷେତ୍ରଫଳ $1936\sqrt{3}$ ବ.ମି. ହୁଏ । ଉକ୍ତ ତ୍ରିଭୁଜର ପରିସୀମା ସହ ସମାନ ପରିଧି ଥିବା ବୃତ୍ତଟିର ବ୍ୟାସ ନିର୍ଣ୍ଣୟ କର । [4

**କିମ୍ବା,** ଏକ ବୃତ୍ତକଳାର କ୍ଷେତ୍ରଫଳ 231 ବର୍ଗସେ.ମି. । ବୃତ୍ତଟିର ବ୍ୟାସାର୍ଦ୍ଧ 21 ସେ.ମି. ହେଲେ ବୃତ୍ତକଳାର ଚାପର ଡିଗ୍ରୀ ପରିମାପ ନିର୍ଣ୍ଣୟ କର ।

**(ii)** ଏକ ଲୁହାନଳର ଦୈର୍ଘ୍ୟ 84 ସେ.ମି. ଓ ମୋଟେଇ 2 ସେ.ମି. । ଭୂମିର ବହିର୍ବ୍ୟାସାର୍ଦ୍ଧ 8 ସେ.ମି. ହେଲେ ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ନିରୂପଣ କର । [4

**କିମ୍ବା,** ଏକ ନିଦା କୋନ୍‌ର ଭୂମିର ବ୍ୟାସ 6 ସେ.ମି. ଓ ଉଚ୍ଚତା 8 ସେ.ମି. । ଏହାକୁ ଆଂଶିକ ଜଳପୂର୍ଣ୍ଣ ଏକ ସିଲିଣ୍ଡର ଆକାରର ପାତ୍ର ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବୁଡ଼ାଇ ଦିଆଗଲା । ସିଲିଣ୍ଡରର ଭିତରର ବ୍ୟାସ 8 ସେ.ମି. ହେଲେ ସେଥିରେ ଥିବା ଜଳସ୍ତର କେତେ ବୃଦ୍ଧି ପାଇବ ?

### ANSWERS Part - I (Objective)

1. (a) 2 (b) 5 (c) 31 (d) $\frac{1}{2}$ (e) $\frac{7}{10}$
2. (a) ±3 (b) 0 (c) 3025 (d) $\frac{1}{3}$ (e) 0 ବର୍ଗ ଏକକ
3. (a) 2 (b) 2P (c) 2 (d) M+2 (e) 13 ଏକକ
4. (a) - (d), (b) - (e), (c) - (f), (d) - (b), (e) - (c)
5. (a) ✓ (b) × (c) × (d) ✓ (e) ×
6. (a) 12 (b) 9 (c) 115° (d) 135° (e) 7
7. (a) 4 : 7 (b) 13 (c) 80° (d) $\sqrt{3}\sin A$ (e) 128
8. (a) cos C (b) 42 (c) 1 (d) 95° (e) 6 ସେ.ମି.
9. (a) - (c), (b) - (a), (c) - (e), (d) - (f), (e) - (d)
10. (a) ✓ (b) ✓ (c) × (d) × (e) ✓

### ANSWERS Part - II (Subjective)

**11.(i)** $2x^2 - 9x + 4 = 0$

$\Rightarrow x^2 - \frac{9}{2}x + 2 = 0$

$\Rightarrow (x)^2 - 2 . x \frac{9}{4} + \left(\frac{9}{4}\right)^2 = -2 + \left(\frac{9}{4}\right)^2$

$\Rightarrow \left(x - \frac{9}{4}\right)^2 = -2 + \frac{81}{16}$

$\Rightarrow \left(x - \frac{9}{4}\right)^2 = \frac{49}{16}$

$\Rightarrow x - \frac{9}{4} = \pm\frac{7}{4}$

$\Rightarrow x = \frac{9}{4} + \frac{7}{4}$ ଅଥବା $x = \frac{9}{4} - \frac{7}{4}$

$\Rightarrow x = 4$ ଓ $\frac{1}{2}$

**କିମ୍ବା,** $5x^2 - 3x - 2 = 0$

$\alpha + \beta = \frac{3}{5}$

$\alpha\beta = -\frac{2}{5}$

$\alpha^3 + \beta^3 = (\alpha + \beta)^3 - 3\alpha\beta(\alpha + \beta)$

$= \left(\frac{3}{5}\right)^3 - 3\left(-\frac{2}{5}\right)\left(\frac{3}{5}\right)$

$= \frac{27}{125} + \frac{18}{25} = \frac{117}{225}$

**(ii)** ଦତ୍ତ ସଂଭାଗଗୁଡ଼ିକର ରାଶିକୃତ ବାରମ୍ବାରତାରୁ ପ୍ରତ୍ୟେକର ଅନୁରୂପ ବାରମ୍ବାରତାକୁ ନିର୍ଣ୍ଣୟ କରି ସଂଭାଗଗୁଡ଼ିକୁ ଲେଖିଲେ ପାଇବା ।

| ସଂଭାଗ | ବାରମ୍ବାରତା (f) | ସଂଭାଗର ମଧ୍ୟବିନ୍ଦୁ (x) | fx |
|---|---|---|---|
| 0-10 | 3 | 5 | 15 |
| 10-20 | 9 | 15 | 135 |
| 20-30 | 15 | 25 | 375 |
| 30-40 | 30 | 35 | 1050 |
| 40-50 | 18 | 45 | 810 |
| 50-60 | 5 | 55 | 275 |
| | Σf = 80 | | Σfx = 2660 |

ମାଧ୍ୟମାନ $= \frac{\Sigma fx}{\Sigma f} = \frac{2660}{80} = 33.25$

∴ ଦତ୍ତ ତଥ୍ୟାବଳୀର ମାଧ୍ୟମାନ = 33.25

**କିମ୍ବା,**

| ସଂଭାଗ (x) | 0-10 | 10-20 | 20-30 | 30-40 | 40-50 | 50-60 |
|---|---|---|---|---|---|---|
| ବାରମ୍ବାରତା (f) | 5 | 12 | 22 | 18 | 10 | 6 |
| ରାଶିକୃତ ବାରମ୍ବାରତା (c.f.) | 5 | 17 | 39 | 57 | 67 | 73 |

∴ ମଧ୍ୟମ ସ୍ଥାନ $m = \frac{73 + 1}{2} = 37$

m ଠାରୁ ଠିକ୍ ବୃହତ୍ତର ରାଶିକୃତ ବାରମ୍ବାରତା = 39

∴ ମଧ୍ୟମା ସଂଭାଗ (20 – 30)

ଯେଉଁଠାରେ $l_1 = 20, l_2 = 30$

$\Rightarrow i = l_2 - l_1 = 30 - 20 = 10$

ମଧ୍ୟମା ସଂଭାଗର ବାରମ୍ବାରତା = f = 22

ମଧ୍ୟମା ସଂଭାଗର ଠିକ୍ ପୂର୍ବବର୍ତ୍ତୀ ସଂଭାଗର ରାଶିକୃତ ବାରମ୍ବାରତା = c = 17

ମଧ୍ୟମା $= l_1 + \frac{m - c}{f} \times i$

$= 20 + \frac{37 - 17}{22} \times 10 = 20 + \frac{20 \times 10}{22}$

= 20 + 9.1 = 29.1 (ପ୍ରାୟ)

**12.(i)** 1 + (1 + 3) + (1 + 3 + 5) + .....ର n ତମ ପଦ = 1 + 3 + 5 + ........ n ତମ ପଦ ପର୍ଯ୍ୟନ୍ତ

$= \frac{n}{2}[2 \times 1 + (n - 1)2] = \frac{n}{2}[2 + 2n - 2] = n^2$

$\therefore t_n = n^2$

$S_n = \Sigma t_n = \Sigma n^2 = \frac{n(n+1)(2n+1)}{6}$

**କିମ୍ବା,** ମନେକର A.P. ରେ ଥିବା ଚାରିଗୋଟି ସଂଖ୍ୟା a – 3d, a – d, a + d, a + 3d

ପ୍ରଶ୍ନାନୁସାରେ,

a – 3d + a – d + a + d + a + 3d = 2

$\Rightarrow 4a = 2 \Rightarrow a = \frac{1}{2}$

ପୁନଶ୍ଚ (a – 3d) (a + 3d) = 10 (a – d) (a + d)

$\Rightarrow a^2 - 9d^2 = 10(a^2 - d^2)$

$\Rightarrow a^2 - 9d^2 = 10a^2 - 10d^2$

$\Rightarrow 10d^2 - 9d^2 = 10a^2 - a^2 \Rightarrow d^2 = 9a^2$

$\Rightarrow d^2 = 9 \times \left(\frac{1}{2}\right)^2 \Rightarrow d^2 = \frac{9}{4} \Rightarrow d = \pm\frac{3}{2}$

$a = \frac{1}{2}$ ଏବଂ $d = \frac{3}{2}$ ନେଇ ସଂଖ୍ୟାମାନ ନିର୍ଣ୍ଣୟ କଲେ –4, –1, 2, 5 ହେବ ।

$a = \frac{1}{2}$ ଏବଂ $d = -\frac{3}{2}$ ନେଇ ସଂଖ୍ୟାମାନ ନିର୍ଣ୍ଣୟ କଲେ 5, 2, –1, –4 ହେବ ।

**(ii)** $3x - 4y + 1 = 0$ ......(1)
$5x + 2y - 7 = 0$ ......(2)

ଏଠାରେ, $a_1 = 3, b_1 = -4$ ଓ $c_1 = 1$, ଏବଂ $a_2 = 5, b_2 = 2$ ଓ $c_2 = -7$

ପୁନଶ୍ଚ $\frac{a_1}{a_2} = \frac{3}{5}, \frac{b_1}{b_2} = \frac{-4}{2} \Rightarrow \frac{a_1}{a_2} \neq \frac{b_1}{b_2}$

∴ ସହ ସମୀକରଣଦ୍ୱୟର ଅନନ୍ୟ ସମାଧାନ ରହିବ ।

ବଜ୍ରଗୁଣନ ସୂତ୍ରର ପ୍ରୟୋଗରେ

$\frac{x}{b_1c_2 - b_2c_1} = \frac{y}{c_1a_2 - c_2a_1} = \frac{1}{a_1b_2 - a_2b_1}$

$\Rightarrow \frac{x}{(-4)(-7) - (2)(1)} = \frac{y}{(1)(5) - (-7)(3)} = \frac{1}{(3)(2) - (5)(-4)}$

$\Rightarrow \frac{x}{28 - 2} = \frac{y}{5 + 21} = \frac{1}{6 + 20}$

$\Rightarrow \frac{x}{26} = \frac{y}{26} = \frac{1}{26}$

$\Rightarrow x = \frac{26}{26} = 1, \quad y = \frac{26}{26} = 1$

∴ ସମାଧାନ (1, 1) ।

**କିମ୍ବା,** ମନେକର ସଂଖ୍ୟାଦ୍ୱୟ x ଓ y ।

ପ୍ରଶ୍ନାନୁଯାୟୀ x + y = 15 .....(1) ଏବଂ

$\frac{1}{x} + \frac{1}{y} = \frac{3}{10}$ .....(2)

$\frac{1}{x} + \frac{1}{y} = \frac{3}{10} \Rightarrow \frac{x + y}{xy} = \frac{3}{10}$

$\Rightarrow \frac{15}{xy} = \frac{3}{10}$ $(\because x + y = 15)$

$\Rightarrow 3xy = 150 \Rightarrow xy = 50$

ମାତ୍ର $x - y = \pm\sqrt{(x+y)^2 - 4xy} = \pm\sqrt{15^2 - 4 \times 50}$

$= \pm\sqrt{225 - 200} = \pm\sqrt{25} = \pm 5$

$\Rightarrow x - y = 5$ .....(3); $x - y = -5$ .......(4)

(1) ଓ (3) କୁ ଯୋଗକଲେ x+y+x – y = 15+5=20

$\Rightarrow 2x = 20 \Rightarrow x = 10$

x ର ମାନକୁ (1) ରେ ସ୍ଥାପନ କଲେ 10+y=15

⇒ y=5

ପୁନଶ୍ଚ (1) ଓ (4) କୁ ଯୋଗକଲେ x+y+x – y =15 – 5=10 ⇒ 2x = 10 ⇒ x = 5

x ର ମାନ (1) ରେ ସ୍ଥାପନ କଲେ 5+y=15

⇒ y=10

⇒ ସଂଖ୍ୟାଦ୍ୱୟ 10 ଓ 5 ଏବଂ 5 ଓ 10

∴ ନିର୍ଣ୍ଣେୟ ସଂଖ୍ୟାଦ୍ୱୟ 10 ଓ 5 ।

**ବି.ଦ୍ର.:** ମନେକର ସଂଖ୍ୟାଦ୍ୱୟ x ଓ 15–x ।

ପ୍ରଶ୍ନାନୁସାରେ, $\frac{1}{x} + \frac{1}{x} + \frac{1}{15 - x} = \frac{3}{10}$

$\Rightarrow 45x - 3x^2 = 150 \Rightarrow x^2 - 15x + 50 = 0$

ସମୀକରଣର ସମାଧାନରୁ ସଂଖ୍ୟା ଦ୍ୱୟ ସ୍ଥିର କରିହେବ ।

**(iii)** ଗୋଟିଏ ଲୁଡୁଗୋଟିକୁ ଥରେ ଗଡ଼ାଇଲେ

Sample Space S = {1, 2, 3,4, 5, 6}

ଏବଂ |S| = 6

'ଫଳ 5' ଘଟଣାଟି $E_1$ ହେଲେ, $E_1 = \{5\}$

ଏବଂ $|E_1| = 1$

{'ଫଳ ଏକ ଅଯୁଗ୍ମ ସଂଖ୍ୟା'} $E_2$ ହେଲେ

$E_2 = \{1, 3, 5\}$ ଏବଂ $|E_2| = 3$

ଏଠାରେ $E_1$ ଏବଂ $E_2$ ଘଟଣାଦ୍ୱୟ ବହିର୍ଭୁକ୍ତ ନୁହଁନ୍ତି ।

କାରଣ $E_1 \cap E_2 = \{5\}$ ଏବଂ

$|E_1 \cap E_2| = 1$

'ଫଳ 5' କିମ୍ବା 'ଫଳ ଏକ ଅଯୁଗ୍ମ ସଂଖ୍ୟା' ଘଟଣା $= E_1 \cup E_2$

$\therefore P(E_1 \grave{E} E_2) = P(E_1) + P(E_2) - P(E_1 \cap E_2)$

$\Rightarrow \frac{|E_1|}{|S|} + \frac{|E_2|}{|S|} - \frac{|E_1 \cap E_2|}{|S|}$

$= \frac{1}{6} + \frac{3}{6} - \frac{1}{6} = \frac{3}{6}$ ବା $\frac{1}{2}$

**କିମ୍ବା,** A(x, y), B(3, 4) ଓ C(–5, – 6) ବିନ୍ଦୁତ୍ରୟ ଏକରେଖୀୟ ହେଲେ A, B ଓ C ଶୀର୍ଷବିନ୍ଦୁବିଶିଷ୍ଟ ତ୍ରିଭୁଜର କ୍ଷେତ୍ରଫଳ 0 ହେବ ।

ମନେକର $(x_1, y_1) = (x, y)$, $(x_2, y_2) = (3, 4)$ ଏବଂ $(x_3, y_3) = (-5, -6)$

∴ Δ ABC ର କ୍ଷେତ୍ରଫଳ =

$\frac{1}{2}|x_1(y_2 - y_3) + x_2(y_3 - y_1) + x_3(y_1 - y_2)|$


$\therefore \frac{1}{2}|x(4 + 6) + 3(-6 - y) - 5(y - 4)| = 0$

$\Rightarrow 10x - 18 - 3y - 5y + 20 = 0$

$\Rightarrow 10x - 8y + 2 = 0 \Rightarrow 5x - 4y + 1 = 0$

**(ପ୍ରମାଣିତ)**

**13.(i) ଦତ୍ତ :** S ବୃତ୍ତରେ O କେନ୍ଦ୍ର ଏବଂ $\overline{AB}$ ଓ $\overline{CD}$ ଦୁଇଟି ସର୍ବସମ ଜ୍ୟା । $\overline{AB}$ ଓ $\overline{CD}$ କେନ୍ଦ୍ରଠାରେ ଯଥାକ୍ରମେ ∠AOB ଏବଂ ∠COD ଉତ୍ପନ୍ନ କରନ୍ତି ।




**ପ୍ରାମାଣ୍ୟ :** ∠AOB ≅ ∠COD

**ପ୍ରମାଣ :** Δ AOB ଏବଂ Δ OCD ମଧ୍ୟରେ

OA = OC, OB = OD (ଏକା ବୃତ୍ତର ବ୍ୟାସାର୍ଦ୍ଧ)


AB = CD (ଦତ୍ତ)

∴ Δ OAB ≅ Δ OCD (ବାହୁ-ବାହୁ-ବାହୁ)

⇒ ∠AOB ≅ ∠COD **(ପ୍ରମାଣିତ)**

**କିମ୍ବା, ଦତ୍ତ :** TBA ବୃତ୍ତର କେନ୍ଦ୍ର O ଏବଂ P ବୃତ୍ତର ବହିଃସ୍ଥ ଏକ ବିନ୍ଦୁ । P ବିନ୍ଦୁ ଦେଇ ଅଙ୍କିତ ଛେଦକ, ବୃତ୍ତକୁ A ଓ B ବିନ୍ଦୁରେ ଛେଦ କରେ ଏବଂ $\overleftrightarrow{PT}$ ସ୍ପର୍ଶକ, ବୃତ୍ତକୁ T ବିନ୍ଦୁରେ ସ୍ପର୍ଶ କରେ ।

**ପ୍ରାମାଣ୍ୟ :** $PA \times PB = PT^2$




**ଅଙ୍କନ :** $\overline{TA}$ ଓ $\overline{TB}$ ଅଙ୍କନ କରାଯାଉ ।

**ପ୍ରମାଣ :** TAB ବୃତ୍ତର T ବିନ୍ଦୁରେ $\overleftrightarrow{PT}$ ସ୍ପର୍ଶକ ଏବଂ $\overline{TA}$ ହେଉଛି ଏକ ସ୍ପର୍ଶବିନ୍ଦୁଗାମୀ ଜ୍ୟା ।

∴ m∠PTA = m∠TBA (ପ୍ରମେୟ - 3.2 )

ΔPTA ଏବଂ ΔPBT ମଧ୍ୟରେ

m∠TPA = m∠TPB (ସାଧାରଣ କୋଣ) ଏବଂ


m∠PTA = m∠TBP

∴ ΔPTA ~ ΔPBT (କୋ-କୋ ସାଦୃଶ୍ୟ)

$\Rightarrow \frac{PA}{PT} = \frac{PT}{PB} = \frac{AT}{BT} \Rightarrow \frac{PA}{PT} = \frac{PT}{PB}$

$\Rightarrow PA \times PB = PT^2$ (ପ୍ରମାଣିତ)

**(ii)**





$\overline{MN}$ ବ୍ୟାସ ନେଇ ଏକ ବୃତ୍ତ ଅଙ୍କନ କର ।

6.5 ସେ.ମି. ଦୀର୍ଘ ଏକ ଜ୍ୟା $\overline{BC}$ ।

$\overline{BC}$ ର ସମଦ୍ୱିଖଣ୍ଡକ ଲମ୍ବ A ବୃତ୍ତକୁ ବିନ୍ଦୁରେ ସ୍ପର୍ଶ କର । ABC ଆବଶ୍ୟକୀୟ ତ୍ରିଭୁଜ ।

**କିମ୍ବା,**




3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତ ଅଙ୍କନ କର ।

$\overline{OM}$ ଓ $\overline{ON}$ ବ୍ୟାସାର୍ଦ୍ଧ ଦ୍ୱୟ ଅଙ୍କନ କର ଯେପରିକି m∠MON = 120°,

M ଓ N ବିନ୍ଦୁରେ ଯଥାକ୍ରମେ $\overline{OM}$ ଓ $\overline{ON}$ ପ୍ରତି $\overleftrightarrow{MP}$ ଓ $\overleftrightarrow{NP}$ ଲମ୍ବ ଅଙ୍କନ କରି P ବିନ୍ଦୁ ସ୍ଥିର କର ।


(ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...)

## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

**ଜଳେଶ୍ୱର,୧୪।୨(ସ୍ୱ.ପ୍ର.):** ବାଲେଶ୍ୱର ଜିଲାର ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧୀନରେ ରାଇବଣିଆ ଥାନା ଅନ୍ତର୍ଗତ କାଳୀକ ପଞ୍ଚାୟତର ଚାକୁଆପାଳଠାରେ ଗୁରୁବାର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ପ୍ରକଳ୍ପକୁ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିଲାଗି ସରକାର ୪ଏକର ୮୦ ଡିସିମିଲ ସ୍ଥାନ ଯୋଗାଇଥିବା ବେଳେ ଆସନ୍ତା ଦିନରେ ଅନ୍ୟ ୨ ଏକର ସ୍ଥାନ ଯୋଗାଇ ଦେବାର ପ୍ରତିଶ୍ରୁତି ଦିଆଯାଇଛି। ଏଥିରେ ବିଦ୍ୟାଳୟ, ହଷ୍ଟେଲ, ଖେଳପଡ଼ିଆ, ଲାଇବ୍ରେରୀ, ଅଡିଟୋରିୟମ୍, ସୁଇମିଂପୁଲ ଓ ଅତ୍ୟାଧୁନିକ କମ୍ପ୍ୟୁଟର ମାଧ୍ୟମରେ ବିଭିନ୍ନ ଶିକ୍ଷା ଦିଆଯିବାର ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟ ଆର୍‌ଡି ବିଭାଗ ଜରିଆରେ ହେଉଥିବାରୁ ନିର୍ବାହୀଯନ୍ତ୍ରୀ ଇଂ. ତ୍ରିଲୋଚନ ସାହୁ ଏହି କାର୍ଯ୍ୟ ଲାଗି ମୋଟ୍ ୩କୋଟି ୯୬ଲକ୍ଷ ୬୫ହଜାର ବ୍ୟୟବରାଦରେ ଗୃହ ନିର୍ମାଣ, ୩୧ଲକ୍ଷ ୩୦ହଜାର ଟଙ୍କାରେ ବିଦ୍ୟୁତୀକରଣ, ୩୮ଲକ୍ଷ ୩୦ହଜାର ଟଙ୍କାରେ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥା ହେବା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟ ୨୮।୯।୨୦ରେ ଶେଷ ହେବାକୁ ଥିବା ବେଳେ ସେଥିରେ ୬୦ଜଣ ପିଲା ପାଠପଢ଼ିବାର ବ୍ୟବସ୍ଥା ହୋଇଛି। ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ସାମାଜିକକର୍ମୀ ଗଙ୍ଗାଧର ଦାସ, ବ୍ଲକ ଅଧ୍ୟକ୍ଷା ସବିତା ଦଲେଇ, ସରପଞ୍ଚ ବିଜୟ କୁମାର ବେହେରା, ଜିଲାପରିଷଦ ସଦସ୍ୟ ରଙ୍ଗଲତା ଆଚାର୍ଯ୍ୟ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅନନ୍ତ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉଲମରା ସରପଞ୍ଚ ଯତିନ୍ଦ୍ର ମହାନ୍ତି, ସର୍ଦ୍ଧାରବନ୍ଧ ସରପଞ୍ଚ ଦିଲୀପ ସାମଲ, ସୁରେଶ ମହନ୍ତଙ୍କ ସହିତ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ମାତୃପିତୃ ପୂଜନ ଉତ୍ସବ

**ବାଲେଶ୍ୱର ଅଫିସ, ୧୪।୨:** ବାଲେଶ୍ୱର ଜିଲା ବୃନ୍ଦାବତୀ ବିହାରସ୍ଥ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃପିତୃ ପୂଜନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି କାଞ୍ଚନବାଳା ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଙ୍କୁଳ ପ୍ରମୁଖ ଉପେନ୍ଦ୍ର ନାଥ ପାତ୍ର ଯୋଗଦେଇ ଆଜିର ଦିବସକୁ ମାତୃପିତୃ ପୂଜନ ଦିବସ ଭାବରେ ପାଳନ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟା କଳ୍ପଲତା ହାଜରା ଯୋଗଦେଇ ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଆଚାର୍ଯ୍ୟ ସୁଧୀର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଭିଭାବିକା ଓ ଅଭିଭାବକମାନଙ୍କୁ ଶିଶୁମାନେ ପୂଜନ କରିଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ସୁନୀତା ମାଇତି କୃତଜ୍ଞତା ଜ୍ଞାପନ କରିଥିଲେ। ଆଚାର୍ଯ୍ୟ ମାନସ କୁମାର ମଲ୍ଲିକ ଉକ୍ତ କାର୍ଯ୍ୟକୁ ସୂଚାରୁ ଭାବେ ତୁଲାଇଥିଲେ। ଆଚାର୍ଯ୍ୟା ସୁନନ୍ଦା ପାଳ ଉତ୍ସବରେ ସଂଯୋଜନା କରିଥିଲେ।

## ଚାନ୍ଦଗୋଛିରେ କୁମ୍ଭମେଳା

# ୧୫ହଜାର ଶ୍ରଦ୍ଧାଳୁଙ୍କ ସମାଗମ

**ଖଇରା, ୧୪।୨(ଡି.ଏନ.ଏ.)**



ସନ୍ଧ୍ୟାରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ସାଧୁମହାରାଜ।

ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ଚାନ୍ଦଗୋଛି ମଠରେ ଗୁରୁବାର କୁମ୍ଭମେଳା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଦିବସବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ୧୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ରାଧାକୃଷ୍ଣଙ୍କ ପାଦପଦ୍ମ ଦର୍ଶନ କରି ମହନ୍ତ ଇଷ୍ଟବନ୍ଧୁ ମହାରାଜଙ୍କ ସାନିଧ୍ୟ ଲାଭ କରିଥିଲେ। ମଠ ପୋଖରୀରୁ କଳସ ଶୋଭାଯାତ୍ରା ଆସିବା ପରେ ଜହ୍ନିଆପଦା, ମଙ୍ଗଳପୁର, ବଉଳଗଡିଆ ସମେତ ବିଭିନ୍ନ ଅଞ୍ଚଳରୁ ୧୪ଦଳ କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମଯଜ୍ଞରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ମଠର ମହନ୍ତ ଇଷ୍ଟବନ୍ଧୁ ପରମହଂସ ଦେବ ପୌରୋହିତ୍ୟରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ, ରାମକୃଷ୍ଣ ଦାସ ପ୍ରମୁଖ ଯୋଗଦେଇ ବିଶ୍ୱାସରେ ହରି ମିଳିଥାନ୍ତି ବୋଲି ବିଭିନ୍ନ ଉପାଖ୍ୟାନ ମାଧ୍ୟମରେ ପ୍ରକାଶ କରିଥିଲେ। ରାତିରେ କୁନି କୁନି ପିଲାମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ନୃତ୍ୟ ପରିବେଷିତ ହୋଇଥିଲା। ହରିଗୋପାଳ ଦାସ, ବାସୁଦେବ ଦାସ, ବୃନ୍ଦାବନ ଦାସ, ଶ୍ୟାମସୁନ୍ଦର ଦାସ, କିଶୋର ଦାସ, ବ୍ରଜସୁନ୍ଦର ଦାସ, ରାମକୃଷ୍ଣ ଦାସ ପ୍ରମୁଖଙ୍କ ସମେତ ଚାନ୍ଦଗୋଛି ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଠ ସ୍ଥାପନା ସମ୍ପର୍କରେ ଯାହା କୁହାଯାଏ ୧୯୩୦ ମସିହାରେ ନନ୍ଦପୁର ଗ୍ରାମର ବାବା ସନାତନ ଗିରି ବୃନ୍ଦାବନରେ କିଛିଦିନ କଟାଇ ସ୍ୱପ୍ନାଦେଶକ୍ରମେ ଆଶ୍ରୟସ୍ଥଳରେ ପହଞ୍ଚିଥିଲେ। ବଣ ଜଙ୍ଗଲରେ ପରିପୂର୍ଣ୍ଣ ବର୍ତ୍ତମାନର ଏହି ସ୍ଥାନରେ ଏକା ସଙ୍ଗରେ ୨ଟି କଦମ୍ବଗଛ ଦେଖି ରାଧାକୃଷ୍ଣଙ୍କ ଆରାଧନା କରିବା ପାଇଁ ସେହି ସ୍ଥାନକୁ ଉପଯୁକ୍ତ ବୋଲି ବିବେଚନା କରି ମଠ ସ୍ଥାପନ କରିଥିଲେ। ତାଙ୍କର ଉତ୍ତରାଧୀକାରୀ ଭାବେ ଯାଜପୁରର ଯଦୁମଣି ବାବା ଏବଂ ଯଦୁମଣୀଙ୍କ ଉତ୍ତରାଧିକାରୀ ଭାବେ ଏବେ ବର୍ତ୍ତମାନର ଇଷ୍ଟବନ୍ଧୁ ପରମହଂସ ଦେବ ଓରଫ ଅଗଣିବାବା ମଠାଧୀଶ ଭାବେ ଅବତୀର୍ଣ୍ଣ। ପ୍ରତିଷ୍ଠା ଦିବସରୁ ପ୍ରତ୍ୟେକ କୁମ୍ଭ ସଂକ୍ରାନ୍ତିରେ କୁମ୍ଭ ମେଳା ଅନୁଷ୍ଠିତ ହୋଇଆସୁଛି।



ବୈଠକରେ ଉପସ୍ଥିତ ନାଗରିକ କମିଟି କର୍ମକର୍ତ୍ତା।

# ବିଧିବଦ୍ଧ ଭାବେ ଗଠିତ ହେଲା ବରିଷ୍ଠ ନାଗରିକ କମିଟି

**ଖଇରା, ୧୪।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ଶତାଧିକ ବରିଷ୍ଠ ନାଗରିକଙ୍କର ଏକ ବୈଠକ ଶୁକ୍ରବାର ସ୍ଥାନୀୟ ଶହୀଦ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ଜିଲା ସଭାପତି ବୈଦ୍ୟନାଥ ଷଡଙ୍ଗୀ ଓ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ଯୋଗ ଦେଇଥିଲେ। ରାଜ୍ୟରେ ୮୨ ପ୍ରତିଶତ ବରିଷ୍ଠ ନାଗରିକ ପିଲାମାନଙ୍କ ଉପରେ ନିର୍ଭରଶୀଳ। ଏଥିମଧ୍ୟରୁ ୬୭ପ୍ରତିଶତ ନିଜ ପିଲାମାନଙ୍କ ଦ୍ୱାରା ନିର୍ଯାତୀତ ହେଉଛନ୍ତି। ଖଇରା ଅଞ୍ଚଳରେ ଥିବା ୨୩ହଜାର ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ପାଇଁ କିଛି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ସବୁ ସମୟରେ ନ୍ୟାୟ ପାଇଁ ଆଇନର ଆଶ୍ରୟ ନେବା ସମୟ ସାପେକ୍ଷ ଓ ବ୍ୟୟବହୁଳ। ଏଣୁ ବରିଷ୍ଠ ନାଗରିକମାନଙ୍କ ସମସ୍ୟାର ସମାଧାନ ପାଇଁ ବରିଷ୍ଠ ନାଗରିକ ମଞ୍ଚର ଗୁରୁଦାୟିତ୍ୱ ରହିଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଏକ ୧୧ଜଣିଆ କମିଟି ଗଠନ କରାଯାଇ ଶରତ କୁମାର ବିଶ୍ୱାଳଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋନୀତ କରାଯାଇଥିଲା। ବୈଠକରେ କରୁଣାକର ମହାପାତ୍ର, ଅନ୍ତର୍ଯ୍ୟାମୀ ପାତ୍ର, ବିଷ୍ଣୁମୋହନ ଶତପଥି, ଅନାମ ଚରଣ ପଣ୍ଡା, ଜଗତାନନ୍ଦ ମହାପାତ୍ର, ଗୋବିନ୍ଦ ବଲ୍ଲଭ ଜେନା, ସନ୍ତୋଷ କୁମାର ଶତପଥି, ଦାମୋଦର ନାୟକ, ମଧୁସୂଦନ ଜେନା, ଦେବେନ୍ଦ୍ର କୁମାର ରାଉତ, ରମଚନ୍ଦ୍ର ଦାସ, ଶ୍ରୀଧର ତ୍ରିପାଠୀ, ମଧୁସୂଦନ ଦାସ, ରତ୍ନାକର ସେଣ୍ଠ, ଦେବେନ୍ଦ୍ର କୁମାର ରାଉତ, ଲୋକନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମଞ୍ଚ ଗଠନ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ୩୭ ପଞ୍ଚାୟତରୁ ସଭ୍ୟ ସଂଗ୍ରହ ପାଇଁ କମିଟିକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ଜୀବନରେ ସରସତା ଭରିଦିଏ ମହୋତ୍ସବ

**ରୂପସା, ୧୪।୨(ଡି.ଏନ.ଏ.)**

ମହୋତ୍ସବ ବିକାଶର କଥା କହେ। ଲୁପ୍ତ ପ୍ରାୟ ସଂସ୍କୃତି, ଐତିହ୍ୟର ପୁନରୁଦ୍ଧାର ହୁଏ। ଏହା ସଭିଙ୍କ

## ରୂପସା ମହୋତ୍ସବର ୪ର୍ଥ ସନ୍ଧ୍ୟା



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ଜୀବନର ସରସତା ଭରିଦିଏ ବୋଲି ରୂପସା ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଯୋଗଦେଇ ମୁଖ୍ୟଅତିଥି ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଓ ମୁଖ୍ୟବକ୍ତା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅନ୍ତର୍ଗତ ପୋଡ଼ାଡ଼ିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୮ମ ବାର୍ଷିକ ମହୋତ୍ସବର ୪ର୍ଥ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ନିରଞ୍ଜନ ପଣ୍ଡାଶର୍ମା ପୌରୋହିତ୍ୟ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ଜିଲାପରିଷଦ ସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ ଓ ସରପଞ୍ଚ ସଞ୍ଜୟ କୁମାର ସେଠୀ ଯୋଗଦେଇ ରୂପ୍‌ସାର କଳା, ନୈପୁଣ୍ୟ ଅନନ୍ୟ ବୋଲି ବକ୍ତବ୍ୟରେ କହିଥିଲେ। ଉପଦେଷ୍ଟା ଯୋଗେଶ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବୀଣାପାଣି ଶିଶୁ ମନ୍ଦିର ଛାତ୍ରୀଛାତ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଉପଦେଷ୍ଟା ଭିକାରୀ ଚରଣ ମିସ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକୃତି ପ୍ରେମୀ ରବୀନ୍ଦ୍ର କୁମାର ବେହେରା 'ତାରାରୋପଣ' ସମ୍ପର୍କିତ ସଙ୍ଗୀତ ଗାନ କରିଥିଲେ। ଶେଷରେ କଟକର ନବରଙ୍ଗ ମ୍ୟୁଜିକାଲ ଅର୍କେଷ୍ଟ୍ରାର ଖ୍ୟାତନାମା କଳାକାରଙ୍କ ଦ୍ୱାରା ନାଚ, ଗୀତ ପରିବେଷଣ ହୋଇଥିଲା। ମହୋତ୍ସବ କମିଟି ସଭାପତି ରବୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉପଦେଷ୍ଟା ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, ସୁଧାକର ଗିରି, ବିଜୟ ବେହେରା, ଚନ୍ଦନ ଜେନା, ଚିତ୍ତରଞ୍ଜନ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚମ୍ପଟ କଏଦୀ ଧରାପଡ଼ିଲେ

## ପୋଲିସ ମାଡ଼କୁ ଆଇନଜୀବୀଙ୍କ ବିରୋଧ

**ବାଲେଶ୍ୱର ଅଫିସ, ୧୪।୨**

ବାଲେଶ୍ୱର ଜେଲରୁ ବିଚାରାଧୀନ ୧୫ରୁ ୨୦ଜଣ ବନ୍ଦୀମାନଙ୍କୁ ଏକ ପୋଲିସ ଭ୍ୟାନ୍ ଯୋଗେ ସେକସନ୍ କୋର୍ଟକୁ ହାଜର ପାଇଁ ଶୁକ୍ରବାର ଅଣାଯାଇଥିଲା। କୋର୍ଟରେ ହାଜର ପରେ ପୋଲିସ ହାଜତରୁ ଭ୍ୟାନ୍ ପାଖକୁ ଅପରାହ୍ନ ୪ଟାରେ ନେଉଥିବା ବେଳେ ଜଣେ କଏଦୀ ପୋଲିସ୍‌ର ଖାମଖିଆଲ ଅବସ୍ଥାର ସୁଯୋଗ ନେଇ ଚମ୍ପଟ ମାରିଥିଲେ। କୋର୍ଟ ପରିସରରେ ଥିବା ଏକ ହୋଟେଲ ଦେଇ ଷ୍ଟେଶନ ଆଡ଼କୁ ପଳାଇଯିବା ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉକ୍ତ କଏଦୀଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲା। ପରେ ପୋଲିସର ଆକ୍ରୋଶରେ ଶୀକାର ହୋଇଥିଲା କଏଦୀଜଣକ। ଦୁଇତିନିଜଣ ପୋଲିସ କଏଦୀଙ୍କୁ ମାଡ଼ ମାରୁଥିବା ବେଳେ ଏହାକୁ ବିରୋଧ କରିଥିଲେ ଉକ୍ତ କୋର୍ଟ ପରିସରରେ ଉପସ୍ଥିତ ଥିବା ଆଇନଜୀବୀମାନେ। ପୋଲିସର ଅବହେଳା କାରଣରୁ ଖସି ପଳାଇଯିବାର ସୁଯୋଗ ପାଇଥିବା ସେମାନେ ପ୍ରକାଶ କରିଥିଲେ। ଏହାପରେ ପୋଲିସ ଉକ୍ତ କଏଦୀଙ୍କୁ ଭ୍ୟାନ୍‌ରେ ଭର୍ତ୍ତି କରି ଜେଲ ହାଜତକୁ ନେଇଥିବା ଜଣାପଡ଼ିଛି। ପୋଲିସ ଏସକର୍ଟ ଟିମ୍‌ର ବାରମ୍ବାର ଖାମଖିଆଲି କାର୍ଯ୍ୟ ପାଇଁ କଏଦୀମାନେ ବାରମ୍ବାର ଖସି ପଳାଉଛନ୍ତି।

# ପୁଲଓ୍ୱାମା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର ଅଫିସ, ୧୪।୨**

ଭାରତୀୟ ପୂର୍ବତନ ସୈନିକ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ଷ୍ଟେଶନ ଛକସ୍ଥିତ ସଂଘ କାର୍ଯ୍ୟାଳୟରେ ପୁଲଓ୍ୱାମାରେ ଶହୀଦ ଯବାନମାନଙ୍କୁ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସଂଘର ସଭାପତି ସନ୍ତୋଷ କାଠ ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ଥିବା ସଦସ୍ୟମାନେ ବକ୍ତବ୍ୟରେ ଆଜକୁ ଠିକ୍ ଗୋଟିଏ ବର୍ଷ ତଳେ ସିଆର୍‌ପିଏଫ୍‌ର ଯବାନମାନେ କଶ୍ମୀରକୁ ଯାଉଥିବାବେଳେ ପାକିସ୍ଥାନର ଆତ୍ମଘାତୀ ସଂସ୍ଥା ଜୈସ୍-ଏ-ମହମ୍ମଦ ଦ୍ୱାରା ବିସ୍ଫୋରକ ପଦାର୍ଥ ଦ୍ୱାରା ଯବାନମାନଙ୍କର ମୃତ୍ୟୁ ହୋଇଥିଲା। ଦେଶପାଇଁ ସେମାନେ ପ୍ରାଣବଳି ଦେଇଛନ୍ତି। ସେଇ ଅମର ଆତ୍ମାଙ୍କୁ ଆମ୍ଭେମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଏହି ଶହୀଦ ଯବାନଙ୍କ ପ୍ରତିଶୋଧ ପାଇଁ ଆମ୍ଭ ସରକାର ମଧ୍ୟ ଦୃଢ଼ ପଦକ୍ଷେପ ନେଇଛନ୍ତି ଏବଂ ୩୨୦ ଆତଙ୍କବାଦୀଙ୍କୁ ଏୟାର ଷ୍ଟ୍ରାଇକ୍ ଦ୍ୱାରା ମରାଯାଇଛି। ଯବାନମାନଙ୍କର ମନୋବଳ ବଢ଼ାଇବା ଆମର କର୍ତ୍ତବ୍ୟ ଏବଂ ଆଜିର ଏହି ଶ୍ରଦ୍ଧାଞ୍ଜଳି ସଭା ଏହାର ପ୍ରତୀକ ବୋଲି କହିଥିଲେ। ସଂଘର ଅଧ୍ୟକ୍ଷ ମେଜର ଜେନେରାଲ୍ ରମାକୃଷ୍ଣ ସାହୁ, ଇସିଏଚ୍ଏସ୍‌ର ଭାରପ୍ରାପ୍ତ ଅଧିକାରୀ କର୍ଣ୍ଣେଲ୍ କ୍ଷେତ୍ରମୋହନ ମହାପାତ୍ର, ସଂଘର ସମ୍ପାଦକ ଆନନ୍ଦ ବରାଳ, ଉପସଭାପତି ଅନନ୍ତ ଦାସ, ସଭ୍ୟବୃନ୍ଦ ପ୍ରଦୀପ କୁମାର ବେହେରା, ହେମନ୍ତ କୁମାର ଭୂୟାଁ, ରମେଶ ଚନ୍ଦ୍ର ମହାକୁଡ଼, ପ୍ରଫୁଲ୍ଲ କୁମାର ପଣ୍ଡା, କରୁଣାକର ସୁତାର, ଅଶ୍ୱିନୀ କୁମାର ବର୍ଦ୍ଧନ, ଉମାକାନ୍ତ ମହାପାତ୍ର, ଶ୍ରୀନାଥ ପ୍ରଧାନ, ଜୟନ୍ତ କୁମାର ସାହୁ ଏବଂ ସଂଘର ପୂର୍ବତନ ସଭାପତି ଜୟନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

NATION TAX MARKET
TENDER CALL NOTICE
GST & Central Excise Division, Bhubaneswar-II Division invited sealed tender for hiring new office premises at Puri for Puri Range-I & II Office. The detailed advertisement is available on **http://www.cbec.gov.in/htdocs-cbec/tender-idx.** Eligible parties interested to participate may submit the duly filled in tender by **15:00** Hrs. on **16.03.2020** to the Assistant Commissioner, GST & CX, Bhubaneswar-II Division, Plot-258, District Centre, Chandrasekharpur, Bhubaneswar-751016.
Sd/-
Assistant Commissioner
GST & CX, Bhubaneswar-II Division, Bhubaneswar

ଭାରତୀୟ ରିଜର୍ଭ ବ୍ୟାଙ୍କ୍
RESERVE BANK OF INDIA
www.rbi.org.in
୨ ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ
ଓଡ଼ିଶା ରାଜ୍ୟ ସରକାରଙ୍କ ସର୍ବମୋଟ ₹ ୧୦୦୦.୦୦ କୋଟି ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରିକରିବାର ପ୍ରସ୍ତାବ କରିଅଛନ୍ତି। ଏକାଧିକ ମୂଲ୍ୟ ଫର୍ମାଟ୍ ଅନ୍ତର୍ଗତ ପ୍ରତିଫଳ (*yield*) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର କୋର୍ ବ୍ୟାଙ୍କିଙ୍ଗ୍ ସମାଧାନ (ଇ-କୁବେର) ମାଧ୍ୟମରେ ୧୭ ଫେବୃୟାରୀ ୨୦୨୦ (ସୋମବାର) ଦିନ ଆୟୋଜନ କରାଯିବ। ଏ ସମ୍ପର୍କିତ ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ୍ (**www.rbi.org.in**) ୧୩ ଫେବୃୟାରୀ ୨୦୨୦ (ଗୁରୁବାର) (ଶୁକ୍ରବାର)ରେ ପ୍ରକାଶିତ ଆର୍‌ବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ।
"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମୀରେ ପଡନ୍ତୁ ନାହିଁ"

**SAMBALPUR UNIVERSITY**
**Jyoti Vihar, Burla-768019, Sambalpur (Odisha) www.suniv.ac.in**
**Advertisement For Teaching Posts**
Applications in prescribed format are invited from the eligible candidates for the posts of **Assistant Professors, Associate Professors and Professors** in different subjects of Sambalpur University, Jyoti Vihar, Burla, Sambalpur, Odisha. **The last date for submission of application is 16.03.2020.** The candidates are requested to visit the University Website **www.suniv.ac.in** for post-wise Advertisement No., qualifications and other terms and conditions. **Sd/- Registrar**

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ଗଣିତ (MATHEMATICS)


**14.(i) ଦତ୍ତ:** ABCD ଏକ ଟ୍ରାପିଜିୟମ୍ ।

$\overline{AD} \parallel \overline{BC}$ ଏବଂ $\overline{AB} \cong \overline{CD}$ ।

**ପ୍ରାମାଣ୍ୟ:** ABCD ବୃତ୍ତାନ୍ତର୍ଲିଖିତ ଟ୍ରାପିଜିୟମ୍ ।

**ଅଙ୍କନ:** $\overline{DM} \parallel \overline{AB}$ ଅଙ୍କନ କର ।

$\overline{DM}$, $\overline{BC}$ କୁ M ବିନ୍ଦୁରେ ଛେଦକରୁ ।



**ପ୍ରମାଣ:** ADMB ଏକ ସାମାନ୍ତରିକ ଚିତ୍ର ।

($\because \overline{AD} \parallel \overline{BM}$ ଏବଂ $\overline{DM} \parallel \overline{AB}$)

$\Rightarrow \overline{AB} \cong \overline{DM}$, କିନ୍ତୁ ଦତ୍ତ ଅଛି $\overline{AB} \cong \overline{DC}$

$\Rightarrow \overline{DM} \cong \overline{DC} \Rightarrow m\angle DMC = m\angle DCM$

କିନ୍ତୁ $\overline{AB} \parallel \overline{DM}$, $\overline{BC}$ ଛେଦକ ।

$\Rightarrow m\angle ABM = m\angle DCM$

$\Rightarrow m\angle ABC = m\angle DCB$

ପୁନଶ୍ଚ $\overline{AD} \parallel \overline{BC}$


$\Rightarrow m\angle DAB + m\angle ABC = 180^0$

$\Rightarrow m\angle DAB + m\angle DCB = 180^0$ ($\because m\angle ABC = m\angle DCB$)

$\Rightarrow$ ABCD ବୃତ୍ତାନ୍ତର୍ଲିଖିତ ହେବ । **(ପ୍ରମାଣିତ)**

**କିମ୍ବା, ଦତ୍ତ:** ଦୁଇଟି ବୃତ୍ତ ପରସ୍ପରକୁ P ବିନ୍ଦୁରେ ସ୍ପର୍ଶ କରନ୍ତି । ସାଧାରଣ ସ୍ପର୍ଶକ $\overleftrightarrow{AB}$ ବୃତ୍ତଦ୍ୱୟକୁ A ଓ B ବିନ୍ଦୁରେ ସ୍ପର୍ଶକରେ । P ବିନ୍ଦୁଗାମୀ ସ୍ପର୍ଶକ $\overleftrightarrow{AB}$ କୁ C ବିନ୍ଦୁରେ ଛେଦ କରୁଛି ।

**ପ୍ରାମାଣ୍ୟ:** $m\angle APB = 90^0$ ।



**ପ୍ରମାଣ :** ବହିଃସ୍ଥ ବିନ୍ଦୁରୁ ଅଙ୍କିତ ସ୍ପର୍ଶକଖଣ୍ଡ ଦ୍ୱୟର ଦୈର୍ଘ୍ୟ ସମାନ ।

ଅର୍ଥାତ୍ CA = CD ।

ସେହିପରି ଅନ୍ୟ ବୃତ୍ତରେ CP = CB

$\therefore$ CA = CB ...(i)

$\because CA = CP \Rightarrow m\angle CAP = m\angle CPA$

ଏବଂ $\because CP = CB \Rightarrow m\angle CBP = m\angle CPB$

$\therefore m\angle CAP + m\angle CBP = m\angle CPA + m\angle CPB$

$\Rightarrow m\angle CAP + m\angle CBP = m\angle APB$

$\Rightarrow m\angle CAP + m\angle CBP + m\angle APB = 2m\angle APB$

$\Rightarrow 180^0 = 2m\angle APB$

$\Rightarrow m\angle APB = 90^0$ ....(ii) **(ପ୍ରମାଣିତ)**

**(ii)** $(1 + \tan 15^0)(1 + \tan 30^0) = 2$

ଆମେ ଜାଣିଛେ, $15^0 + 30^0 = 45^0$

$\Rightarrow \tan(15^0+30^0) = \tan 45^0$

$\Rightarrow \dfrac{\tan 15^0 + \tan 30^0}{1 - \tan 15^0 . \tan 30^0} = 1$

$\Rightarrow \tan 15^0 + \tan 30^0 = 1 - \tan 15^0 . \tan 30^0$

$\Rightarrow \tan 15^0 + \tan 30^0 + \tan 15^0 . \tan 30^0 = 1$


$\Rightarrow 1 + \tan 15^0 + \tan 30^0 + \tan 15^0 . \tan 30^0 = 2$

$\Rightarrow 1(1 + \tan 15^0) + \tan 30^0 (1 + \tan 15^0) = 2$

$\Rightarrow 1(1 + \tan 15^0)\ (1 + \tan 30^0) = 2$

**(ପ୍ରମାଣିତ)**

**କିମ୍ବା,**



AB = ଗଛର ଉଚ୍ଚତା

$m\angle ACB = 60°$ ଏବଂ $m\angle ADB = 30°$

AB ଗଛର ଛାଇର ଦୈର୍ଘ୍ୟ 15 ମିଟର ।

ଅର୍ଥାତ୍ CB = 15 ମିଟର ।

$\Delta$ ADC ରେ $m\angle DAC = 60° - 30° = 30°$

$\Rightarrow AC = DC$

ମନେକର CD = AC = x ମିଟର ।

$\Delta$ ACB ରେ $\cos 60° = \dfrac{BC}{AC} \Rightarrow \dfrac{1}{2} = \dfrac{15}{x}$

$\Rightarrow$ x = 30 ମିଟର ।

$\therefore$ ସୂର୍ଯ୍ୟର କୌଣିକ ଉନ୍ନତି 30° ବେଳେ ଗଛର ଛାଇର ଦୈର୍ଘ୍ୟ = BD

= BC + CD = 15 + 30 = 45 ମିଟର ।

**15.(i)** ସମବାହୁ ତ୍ରିଭୁଜର କ୍ଷେତ୍ରଫଳ = $1936\sqrt{3}$ ବର୍ଗ ମି.

$\Rightarrow \dfrac{\sqrt{3}}{4}$ x (ବାହୁର ଦୈର୍ଘ୍ୟ)$^2$ = $1936\sqrt{3}$

$\Rightarrow$ (ବାହୁର ଦୈର୍ଘ୍ୟ)$^2$ = $\dfrac{1936\sqrt{3} \times 4}{\sqrt{3}}$

$\Rightarrow$ ବାହୁର ଦୈର୍ଘ୍ୟ = $\sqrt{1936 \times 4}$ = 88 ମି. ।

$\therefore$ ସମବାହୁ ତ୍ରିଭୁଜର ବାହୁର ଦୈର୍ଘ୍ୟ 88 ମି. ।

ସମବାହୁ ତ୍ରିଭୁଜର ପରିସୀମା = (3 x 88) ମି.

= 264 ମି. = ବୃତ୍ତର ପରିଧି

ଯଦି ବୃତ୍ତର ବ୍ୟାସାର୍ଦ୍ଧ r ମି. ହୁଏ ତେବେ ପରିଧି = $2\pi r$ ମି. ହେବ ।

ପ୍ରଶ୍ନାନୁସାରେ,

$2\pi r = 264 \Rightarrow 2 \times \dfrac{22}{7} \times r = 264$

$\Rightarrow r = 264 \times \dfrac{7}{2 \times 22} = 42$ ମି.

$\therefore$ ବୃତ୍ତର ବ୍ୟାସ= 2r = 2 x 42 = 84 ମି.

**କିମ୍ବା,** ମନେକର ବୃତ୍ତକଳାର ବ୍ୟାସାର୍ଦ୍ଧ = r ମି.

ବୃତ୍ତକଳାର ଚାପର ଦୈର୍ଘ୍ୟ(L) = 22 ମି.

$\therefore$ ବୃତ୍ତକଳାର କ୍ଷେତ୍ରଫଳ = $\dfrac{1}{2} \times Lr$.

$\Rightarrow 231 = \dfrac{1}{2} \times 22 \times r$

$\Rightarrow r = \dfrac{231 \times 2}{22} = 21$ ମି.

ମନେକର ବୃତ୍ତକଳାର ଚାପର ଡିଗ୍ରୀ ପରିମାପ = $\theta^0$

ଚାପର ଦୈର୍ଘ୍ୟ (L) = $\dfrac{\theta}{180^0} \times \pi r$

$\Rightarrow 22 = \dfrac{\theta}{180^0} \times \dfrac{22}{7} \times 21$

$\Rightarrow \theta = \dfrac{22 \times 180 \times 7}{22 \times 21} = 60$

$\therefore$ ବୃତ୍ତକଳାର ଚାପର ଡିଗ୍ରୀ ପରିମାପ $60^0$ ।

**(ii)** ଲୁହାନଳର ଦୈର୍ଘ୍ୟ ଅର୍ଥାତ୍ ଫମ୍ପା ସିଲିଣ୍ଡରର ଉଚ୍ଚତା (h) = 84 ସେ.ମି., ଲୁହାନଳର ଅନ୍ତଃବ୍ୟାସାର୍ଦ୍ଧ ଓ ବହିଃବ୍ୟାସାର୍ଦ୍ଧ ଯଥାକ୍ରମେ r ସେ.ମି. ଓ R ସେ.ମି. ହେଲେ,

ଲୁହାନଳର ବେଧ (t) = R − r = 2 ସେ.ମି.

$\Rightarrow 8 - r = 2 \Rightarrow r = 6$ ସେ.ମି. [$\because$ R = 8 ସେ.ମି.(ଦତ୍ତ)]

ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ = $2\pi (R + r)(h + t)$

$= 2 \times \dfrac{22}{7} \times (8+6)(84+2)$ ବ.ମି.

$= 2 \times \dfrac{22}{7} \times 14 \times 86 = 7568$ ବ.ସେ.ମି.

$\therefore$ ଲୁହାନଳର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ 7568 ବ.ସେ.ମି.

**କିମ୍ବା,** କୋନ୍‌ଟିର ଭୂମିର ବ୍ୟାସ = 6 ସେ.ମି.

$\therefore$ ଏହାର ବ୍ୟାସାର୍ଦ୍ଧ r=3 ସେ.ମି.ଏବଂ ଉଚ୍ଚତା h = 8 ସେ.ମି.

$\therefore$ କୋନ୍‌ଟିର ଆୟତନ = $\dfrac{1}{3}\pi r^2 h$

$= \dfrac{1}{3} \times \pi \times (3)^2 \times 8 = 24\pi$ ଘ.ସେ.ମି

ସିଲିଣ୍ଡର ଆକାର ବିଶିଷ୍ଟ ପାତ୍ରର ଭୂମିର ବ୍ୟାସ 8 ସେ.ମି. ।

$\therefore$ ପାତ୍ରର ଭୂମିର ବ୍ୟାସାର୍ଦ୍ଧ $r_1 = 4$ ସେ.ମି.

ମନେକର ସିଲିଣ୍ଡରରେ ଥିବା ଜଳ ମଧ୍ୟରେ କୋନ୍‌ଟି ବୁଡ଼ିବା ପରେ ସେଥିରେ ଜଳସ୍ତର x ସେ.ମି. ଉପରକୁ ଉଠିଯିବ ।

$\therefore$ ବୃଦ୍ଧି ପାଉଥିବା ଜଳର ଆୟତନ = $\pi(4)^2.x$ = $16\pi x$ ଘ.ସେ.ମି.

କିନ୍ତୁ ବୃଦ୍ଧି ପାଇଥିବା ଜଳର ଆୟତନ= କୋନ୍‌ଟିର ଆୟତନ

$\therefore \pi(4^2)x = 24\pi \Rightarrow x = \dfrac{24}{16} = \dfrac{3}{2} = 1.5$ ସେ.ମି.

$\therefore$ ପାତ୍ରଟିରେ ଜଳସ୍ତର 1.5 ସେ.ମି. ଉପରକୁ ଉଠିବ । (ଉ)

## ସଂକ୍ଷେପରେ

### ଛାତ୍ରୀଙ୍କ ଆତ୍ମହତ୍ୟା

ଭଦ୍ରକ ଅଫିସ,୧୪।୨-ଭଦ୍ରକ ଟାଉନ ଥାନା ଅଞ୍ଚଳ ଆଚାର୍ଯ୍ୟନଗରରେ ଭଡ଼ାରେ ରହୁଥିବା ମୋନାଲିସା ସେଠୀ ନାମ୍ନୀ ଜଣେ କଲେଜ ଛାତ୍ରୀ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ଟାଉନ ପୋଲିସ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଛି। କିନ୍ତୁ ସନ୍ଧ୍ୟା କାରଣରୁ ବ୍ୟବଚ୍ଛେଦ ହୋଇପାରି ନ ଥିବା ସୂଚନା ମିଳିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୨/୨୦) ରୁଜୁ କରାଯାଇଛି।

### ଉତ୍ପଳଙ୍କ ସ୍ମୃତିଚାରଣ

ଭଦ୍ରକ ଅଫିସ, ୧୪।୨- ବହୁ ପ୍ରତିଭାର ଅଧିକାରୀ ଥିଲେ ଉତ୍ପଳ ନାୟକ। ସେ ଏକାଧାରରେ ବିଶିଷ୍ଟ ରାଜନେତା, କ୍ରୀଡ଼ାବିତ୍, ଶିକ୍ଷାବିତ୍ ଓ ସାମାଜିକ କର୍ମୀ ଭାବେ ଭଦ୍ରକରେ ବେଶ୍ ପରିଚିତ ଥିଲେ ବୋଲି ଗେଲପୁରଠାରେ ଅନୁଷ୍ଠିତ ତାଙ୍କ ଏକାଦଶାହ କ୍ରିୟା ଏବଂ ସ୍ମୃତିସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଚନ୍ତି। ଭଦ୍ରକ ଓ ଏହା ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ଶିକ୍ଷାବିତ୍, ରାଜନେତା, କ୍ରୀଡ଼ାବିତ୍ ଏବଂ ସାମାଜିକ କର୍ମୀଙ୍କୁ ନେଇ କବି ବିପ୍ଳବ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ବିଶିଷ୍ଟ ବକ୍ତାମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ଲକ୍ଷ୍ମୀ ମହାପାତ୍ର, ଅଜୟ ନାୟକ, ଅଶୋକ ଦାସ, ହେମନ୍ତ ପାଢ଼ୀ, ବଦ୍ରିନାରାୟଣ ଧଳ, ନଳିନୀ ମହାନ୍ତି, ରାଧା ଦାସ, ମୁକ୍ତିକାନ୍ତ ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ନାରାୟଣ ପାଢ଼ୀ, ନରେନ ପଲେଇ, ଦେବରୂପ ମହାନ୍ତି, ସୁଧାକର ରାଉତ, ଅଶୋକ ନାୟକ, ଚନ୍ଦ୍ରଶେଖର ନାୟକ, ପ୍ରଫୁଲ୍ଲ ସାମଲ, ପ୍ରଭାକର ମଲ୍ଲିକ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

### ଭଲ ମଣିଷ ହେବାକୁ ପରାମର୍ଶ

ଭଦ୍ରକ ଅଫିସ, ୧୪।୨- ଭଦ୍ରକ ବ୍ଲକ କୋଡ଼ବରୁଆଁ ପଞ୍ଚାୟତ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ପୁରସ୍କାର ବିତରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଘୁନାଥ ମଲ୍ଲିକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ସ୍ୱାଇଁ, ବରେଣ୍ୟ ଅତିଥି ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତ ଓ ମୁଖ୍ୟବକ୍ତା ଭାବେ ସାଧନକେନ୍ଦ୍ର ସଂଯୋଜକ ପ୍ରକାଶ କୁମାର ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ରଜତ କୁମାର ଦାସ ସ୍ୱାଗତ ଭାଷଣ ଓ ଗୌତମ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରସ୍କାର ପ୍ରଦାନ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ଅକ୍ଷୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

### ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

ଦୋବଲ,୧୪।୨-ଧାମନଗର ବ୍ଲକ ଜାହାଙ୍ଗିର ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ବାବୁରାମ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଗୌରାଙ୍ଗ ବାରିକ, ସମ୍ମାନିତ ଅତିଥି ଭାବେ ଧାମନଗର ପ୍ରେସ୍ କ୍ଲବ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, ସରପଞ୍ଚ ବିରେନ୍ଦ୍ର ବାରିକ, ସମିତିସଭ୍ୟ ପ୍ରତିନିଧି ବିରଜା ପ୍ରସନ୍ନ ରାଉତ, ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ ଓ ପୂର୍ବତନ ପ୍ରଧାନଶିକ୍ଷକ ରମାକାନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଅବସରକାଳୀନ ସମ୍ବର୍ଦ୍ଧନା

ଭଦ୍ରକ ଅଫିସ, ୧୪।୨- ସ୍ଥାନୀୟ ରାମଚନ୍ଦ୍ର ବିହାରୀ ଲାଲ ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୮ ବର୍ଷ ଧରି ଶିକ୍ଷକତା କରିଆସୁଥିବା ଶିକ୍ଷକ ଶ୍ରୀକାନ୍ତ ପାଢ଼ୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିଥି ଭାବେ ନବକିଶୋର ପାତ୍ର, ପ୍ରଫୁଲ୍ଲ ପଲେଇ, ଗଗନ ବିହାରୀ ରାଉତ, ଜଗବନ୍ଧୁ ବାରିକ, ରମାକାନ୍ତ ପରିଡ଼ା, ବିନୟ ପଣ୍ଡା, ଅର୍ଜୁନ ଚୌଧୁରୀ, ଓଷ୍ଟାର ସମ୍ପାଦକ ପ୍ରଦୀପ୍ତ ଦାସ ଓ ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷକଙ୍କ ଅବସର ନ ଥାଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଭାକର ଦାସ ମାନପତ୍ର ପାଠ କରିଥିଲେ। ରଞ୍ଜିତା ପରିଡ଼ା, ସଂଘମିତ୍ରା ବିଶ୍ୱାଳ, ପ୍ରଭାକର ଦାସ ଓ କୃତ୍ତିବାସ ମହାନ୍ତି ବକ୍ତବ୍ୟ ରଖିଥିଲେ।

# ହାତପାହାନ୍ତାରେ ଝୁଲୁଛି ବିପଦ

ଭଦ୍ରକ ଅଫିସ, ୧୪।୨

ଭଦ୍ରକ ଜିଲା ଧାମନଗର ବ୍ଲକ ପଦ୍ମପୋଖରୀ ଛକ ନିକଟରେ ହାତପାହାନ୍ତାରେ ଝୁଲିଛି ବିପଦ। ସତେ ଯେପରି ଯେକୌଣସି ମୁହୂର୍ତ୍ତରେ ଝୁଲି ରହିଥିବା ୧୧ କେଭି ବିଦ୍ୟୁତ୍ ତାର ବିପଦକୁ ଚାହିଁ ରହିଛି। ଧାମନଗର ବ୍ଲକର ଭଗବାନପୁର ଏବଂ ଏନ୍‌ଏସିର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ରାସ୍ତା ଉପରେ ଭଣ୍ଡାରିପୋଖରୀକୁ ଯାତାୟାତ ପାଇଁ ନିର୍ଭର କରନ୍ତି। ଭଗବାନପୁରଠାରୁ ପଳିକିରି ଓ ଦକ୍ଷିଣବାଡ଼ ବାଇପାସ୍ ରୋଡ ପଦ୍ମପୋଖରୀ ଛକ ନିକଟରେ ଏହି ବିଦ୍ୟୁତ୍ ତାର ବିପଦ ସଙ୍କୁଳ ଭାବେ ନୀଚାବସ୍ଥାରେ ଝୁଲି ରହିଛି। ଅପରପକ୍ଷେ ପଦ୍ମପୋଖରୀଠାରୁ ଦକ୍ଷିଣବାଡ଼ ବାଇପାସ୍ ରାସ୍ତା ନିର୍ମାଣାଧୀନ ରହିଥିବାରୁ ଆହୁରି ୨ ଫୁଟ୍ ରାସ୍ତା ଉଚ୍ଚତା ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଉକ୍ତ ରାସ୍ତା ଉଚ୍ଚା ହେବା ପରେ ଯେକୌଣସି ମୁହୂର୍ତ୍ତରେ ବଡ଼ଧରଣର ଦୁର୍ଘଟଣାର ଆଶଙ୍କା ରହିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏଣୁ ତୁରନ୍ତ ଉକ୍ତ ରାସ୍ତା ଉପରେ ଝୁଲି ରହିଥିବା ବିଦ୍ୟୁତ୍ ତାରକୁ ଆବଶ୍ୟକ ଉଚ୍ଚତାରେ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଥିବା ବିଦ୍ୟୁତ୍ ତାର।

ସୂଚନା ଥାଉକି, ଗତ ରବିବାର ଗଞ୍ଜାମ ଜିଲାରେ ଅଳ୍ପ ଉଚ୍ଚତାରେ ଥିବା ବିଦ୍ୟୁତ୍ ତାର ଲାଗି ୧୦ ଜଣ ବସ୍ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଗୁରୁତର ହୋଇଥିଲେ। ଏହି ଘଟଣା ରାଜ୍ୟରେ ଶୋକର ଛାୟା ଖେଳାଇ ଦେଇଥିଲା। ସେହିଦିନ ବାଲେଶ୍ୱର ଜିଲା ବାଲିଆପାଳଠାରେ ମଧ୍ୟ ଏକ ଟୁରିଷ୍ଟ ବସ୍ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଡ୍ରାଇଭର ଉପସ୍ଥିତବୁଦ୍ଧି ପ୍ରୟୋଗ କରି ଗାଡ଼ିକୁ ପଛକୁ ନେଇଯିବାରୁ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥିଲା। ପରଦିନ ଧାମରା ନିକଟସ୍ଥ କଇଥଖୋଲା ବଜାରରେ ଏଭଳି ଆଉ ଏକ ଦୁର୍ଘଟଣାକୁ ସାମ୍ନା କରିଥିଲେ ଦୁଇ ବାଇକ୍ ଆରୋହୀ। ମୃତ୍ୟୁମୁଖରୁ ଅଳ୍ପକେ ସେମାନେ ବର୍ତ୍ତି ଯାଇଥିଲେ ସୁଦ୍ଧା ସେମାନଙ୍କ ବାଇକ୍‌ଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଧୀରେ ଧୀରେ ଏହିଭଳି ଦୁର୍ଘଟଣା ବିଭିନ୍ନ ସ୍ଥାନରେ ଘଟିଲାଣି। ଏଣୁ ଆଗାମୀ ଦିନରେ ଆଉ ଅଧିକ ଧନଜୀବନ ହାନି ଘଟିବା ପୂର୍ବରୁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହେଉଛି।

## 'ଉତ୍କଳୀୟ ସଂସ୍କୃତିକୁ ବଞ୍ଚାଇ ରଖିଛି ପାଲା'


ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଅତିଥି।

ଧାମନଗର,୧୪।୨(ଡି.ଏନ.ଏ.)-

ଧାମନଗର ବ୍ଲକ ଖଡ଼ିମାହାରାଠାରେ ତ୍ରିଦିବସୀୟ ରାଜ୍ୟସ୍ତରୀୟ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଚିନ୍ତାମଣି ସ୍ମାରକୀ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ସାଂସ୍କୃତିକ ସମାବେଶ ଓ ପାଲା ସମ୍ମିଳନୀ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିଷଦ ସଭାପତି ସୁବାସ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭା ହୋଇଥିଲା। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ଭୀମସେନ ରାଉତ, ସମ୍ପାଦକ ବିରେନ ଆରଣ, ସାମାଜିକ କର୍ମୀ ଚୈତନ ଖଟୁଆ, ନାଟ୍ୟକାର ବିଚିତ୍ରାନନ୍ଦ ଆରଣ, ଶିଶିର ଆରଣ ଓ ଶୁଭେନ୍ଦୁ ଆରଣ ପ୍ରମୁଖ ଯୋଗ ଦେଇଥିଲେ। ଉତ୍କଳୀୟ ସଂସ୍କୃତିରେ ସାଂସ୍କୃତିକ କାର୍ଯ୍ୟକ୍ରମ କହିଲେ ପାଲାକୁ ବୁଝାଉଥିଲା। ପାଲା ପରିବେଷଣରେ ସଙ୍ଗୀତ, ନୃତ୍ୟ ଓ ଅଭିନୟ ତିନୋଟି ମୁଖ୍ୟ ଅଙ୍ଗ। ଉତ୍କଳୀୟ ସଂସ୍କୃତିକୁ ପାଲା ବଞ୍ଚାଇ ରଖିଛି ବୋଲି ଅତିଥିମାନେ କହିଥିଲେ। ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଯୁବପିଢ଼ି ଆଗେଇ ଆସିବାକୁ ହେବ ବୋଲି ଆହ୍ୱାନ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଯାତ୍ରା କଳାକାର କାଳନ୍ଦୀ ଚରଣ ମଲ୍ଲିକ। ପାଲାଗାୟକ ଉମାକାନ୍ତ ହୋତା ଏବଂ ଶରତ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପାଲା ସମ୍ମିଳନୀରେ ରାଜ୍ୟର ବହୁ ବିଶିଷ୍ଟ ପାଲାଗାୟକ ମଞ୍ଚରେ ନିଜ ଦଳ ସହ ପାଲା ପରିବେଷଣ କରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ୯ କେନ୍ଦ୍ରରେ ୧୫୨୮ ମାଟ୍ରିକ ପରୀକ୍ଷାର୍ଥୀ

ଭଣ୍ଡାରିପୋଖରୀ, ୧୪।୨
(ଡି.ଏନ.ଏ.)

ଆସନ୍ତା ୧୯ତାରିଖଠାରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଭଣ୍ଡାରିପୋଖରୀ ବ୍ଲକର ୯ଟି କେନ୍ଦ୍ରରେ ମୋଟ ୧୫୨୮ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଧାର୍ଯ୍ୟ ହୋଇଛି। ଏ ନେଇ ଭଣ୍ଡାରିପୋଖରୀ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। ବ୍ଲକର ୯ଟି ପରୀକ୍ଷା କେନ୍ଦ୍ର ଏବଂ ଗୋଟିଏ ରାଜ୍ୟ ମୁକ୍ତ ବିଦ୍ୟାଳୟ କେନ୍ଦ୍ର ହାରାମଣି ବାଳିକା ଉଚ୍ଚ ବିଦ୍ୟାଳୟରେ ହେବା ପାଇଁ ସ୍ଥିର ହୋଇଛି। ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷା ଉଭୟ ଗୋଟିଏ ସିଟିଂ ଓ ସମାନ ପ୍ରଶ୍ନପତ୍ରରେ ଅନୁଷ୍ଠିତ ହେବ। ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧୨ଟା ୩୦ରେ ଶେଷ ହେବ। ଭଣ୍ଡାରିପୋଖରୀ ହାଇସ୍କୁଲ ନୋଡାଲ ସେଣ୍ଟର ପାଇଁ ୪ ଜଣ ଶିକ୍ଷକ ଦାୟିତ୍ୱରେ ରହିଛନ୍ତି। ସେମାନେ ହେଲେ ଭଣ୍ଡାରିପୋଖରୀ ହାଇସ୍କୁଲର ମାନସ ସାହୁ, ଜଗନ୍ନାଥପ୍ରସାଦ ହାଇସ୍କୁଲ ଆଖୁଆପଦାର ସରୋଜ ପଣ୍ଡା, ହାରାମଣି ବାଳିକା ବିଦ୍ୟାଳୟର ସମରେନ୍ଦ୍ର ଉଦ୍‌ଗାଥା ଓ ମୋବାରକପୁର ହାଇସ୍କୁଲର ବିଶ୍ୱରଞ୍ଜନ ରଥ। ଏହି ୪ ଶିକ୍ଷକ ଦୁଇଟି ଟିମ୍‌ରେ ୨ଟି ଗାଡ଼ିରେ ବିଭିନ୍ନ ସେଣ୍ଟର ବୁଲି ପ୍ରଶ୍ନପତ୍ର ବାଣ୍ଟିବାକୁ ସ୍ଥିର ହୋଇଛି।

ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୦୬ ଜଣ ରେଗୁଲାର ଓ ୨ ଏକ୍ସରେଗୁଲାର ବିଦ୍ୟାର୍ଥୀ ପରୀକ୍ଷା ଦେବେ। ସରସଦା ଉଚ୍ଚ ବିଦ୍ୟାଳୟରେ ୨୧୮ ରେଗୁଲାର ଓ ୭ ଏକ୍ସରେଗୁଲାର, ବାଲିପୋଖରୀସ୍ଥିତ ଶୁକଦେବ ଜେନା ଉଚ୍ଚ ବିଦ୍ୟାପୀଠରେ ୧୩୬ ରେଗୁଲାର ଓ ୧୨ ଏକ୍ସରେଗୁଲାର, ବିଶୋଳ କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠରେ ୧୯୧ ରେଗୁଲାର ଓ ୧୦ ଏକ୍ସରେଗୁଲାର, ବାରିକପୁର ଉଚ୍ଚ ବିଦ୍ୟାଳୟରେ ୧୪୨ ରେଗୁଲାର, ମଞ୍ଜୁରିରୋଡସ୍ଥିତ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠରେ ୧୫୦ ରେଗୁଲାର ଓ ୭ ଏକ୍ସରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ନପଙ୍ଗସ୍ଥିତ ଚଣ୍ଡିମାତା ଉଚ୍ଚ ବିଦ୍ୟାପୀଠରେ ୧୪୨ ରେଗୁଲାର ଓ ୩ ଏକ୍ସରେଗୁଲାର, ଯଶୋଟିକିରିସ୍ଥିତ ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟରେ ୧୮୮ ରେଗୁଲାର ଓ ୧୨ ଏକ୍ସରେଗୁଲାର, ରହଣିଆ ଉଚ୍ଚ ବିଦ୍ୟାଳୟରେ ୧୬୨ ରେଗୁଲାର ଓ ୧୯ ଜଣ ଏକ୍ସରେଗୁଲାର ପରୀକ୍ଷାର୍ଥୀ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ସ୍ଥିର ହୋଇଥିବା ଜଣାଯାଇଛି। ଭଣ୍ଡାରିପୋଖରୀସ୍ଥିତ ହାରାମଣି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ୧୦୭ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବା ପାଇଁ ଧାର୍ଯ୍ୟ ହୋଇଛି ବୋଲି ଭଣ୍ଡାରିପୋଖରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ତଥା ନୋଡାଲ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ରମାକାନ୍ତ ଲେଙ୍କାଙ୍କଠାରୁ ସୂଚନା ମିଳିଛି।

# ଆବାସ ଯୋଜନାରେ ନାମ ତାଲିକାଭୁକ୍ତ ପାଇଁ ଭିଡ଼

ବନ୍ତ,୧୪।୨(ସ୍ୱ.ପ୍ର./ଡି.ଏନ.ଏ.)

ବନ୍ତ ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ କାନ୍ଥରେ ଦୁଇଦିନ ତଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଲିକାଭୁକ୍ତ ହୋଇଥିବା ହିତାଧିକାରୀମାନଙ୍କ ନାମ ପ୍ରକାଶ ପାଇଛି। ଏହି ତାଲିକାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନେ ନିଜ ନାମ ତାଲିକାଭୁକ୍ତ କରାଇବା ପାଇଁ ଆବେଦନ ଲାଗି ବ୍ଲକ କାର୍ଯ୍ୟାଳୟରେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ପଞ୍ଚାୟତ ଅଫିସ୍ କାନ୍ଥରେ ଲାଗିଥିବା ତାଲିକାରେ ଅନେକ ଯୋଗ୍ୟ ହିତାଧିକାରୀଙ୍କ ନାମ ନ ଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ ପାଇଛି। ଆବେଦନପତ୍ର ଗ୍ରହଣ କରିବା ପାଇଁ କାର୍ଯ୍ୟାଳୟରେ ୨ଟି ବାକ୍ସ ରହିଛି। ଗୋଟିଏରେ ନାମ ତାଲିକାଭୁକ୍ତ କରିବା ଲାଗି ଓ ଅନ୍ୟଟିରେ ଅଯୋଗ୍ୟ ହିତାଧିକାରୀ ତାଲିକାରୁ ନାମ ବାଦ୍ କରିବାକୁ ଆବେଦନପତ୍ର ଦାଖଲ କରାଯାଉଛି। ଗତ ୧୨ ତାରିଖରୁ ଆବେଦନପତ୍ର ଗ୍ରହଣ ଆରମ୍ଭ ହୋଇଛି। ୩ ଦିନରେ ୧ ହଜାରରୁ ଅଧିକ ଆବେଦନପତ୍ର ଦାଖଲ ହୋଇଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଶନିବାର ପର୍ଯ୍ୟନ୍ତ ଆବେଦନପତ୍ର ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି।

## ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ


ଅତିଥିଙ୍କ ସହ ଖେଳାଳି।

# ଫାଇନାଲରେ ଆଳି ପଦ୍ମପୁର ଟିମ୍

ଆରଡ଼ି, ୧୪।୨(ଡି.ଏନ.ଏ.)-

ଚାନ୍ଦବାଲି ବ୍ଲକ ନାନ୍ଦପୁର ପଞ୍ଚାୟତ ବାଙ୍କମୁହାଁ ଖେଳପଡିଆରେ ଶୁକ୍ରବାର ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଆରଡ଼ି ଫାଣ୍ଡି ଅଧିକାରୀ କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ରୟାଲ ଆବାସିକ ମହାବିଦ୍ୟାଳୟର ସମ୍ପାଦକ ପ୍ରଦୀପ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚାନ୍ଦବାଲି ଜିଲାପରିଷଦ ସଭ୍ୟା ମମତା ମାଝୀ, ନାନ୍ଦପୁର ସରପଞ୍ଚ ସରଳା ବିଶ୍ୱାଳ, ପୂର୍ବତନ ସରପଞ୍ଚ ସରୋଜ ଦାସ, ପ୍ରସନ୍ନ ଜେନା, ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ, ଶ୍ୟାମସୁନ୍ଦରପୁର ସରପଞ୍ଚଙ୍କ ପ୍ରତିନିଧି ଭୀମସେନ ବାରିକ, ଗୟାଧର ବିଶ୍ୱାଳ, ଗଣେଶ ବିଶ୍ୱାଳ ଓ ଅମର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚାନ୍ଦବାଲି ଏନଏସି ଓ ଆଳି ପଦ୍ମପୁର ଟିମ୍ ଏବଂ ଆଳି ଆଥଲେଟିକ ଓ ରାଜକନିକା ଟିମ୍ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଆଳି ପଦ୍ମପୁର ଓ ରାଜକନିକା ସେମିଫାଇନାଲରେ ପରସ୍ପରକୁ ଭେଟିଥିଲେ। ଶେଷରେ ଆଳି ପଦ୍ମପୁର ଟିମ୍ ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସୁଶାନ୍ତ ବିଶ୍ୱାଳ, ଏସ.କେ ରିଆଜ କାଦିରୀ, ତାଜଉଦ୍ଦିନ ଖାନ ରେଫରି ଭୂମିକା ତୁଲାଇଥିଲେ। ସପନ ନାୟକ ଓ ତାପସ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଧନେଶ୍ୱର ନାୟକ, ଦଶରଥ ବାରିକ, ପ୍ରଶାନ୍ତ ସେଠୀ, ନିରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ବିନଦାସ ବୟ ଚାମ୍ପିୟନ


ଚାମ୍ପିୟନ ଟିମ୍‌କୁ ପୁରସ୍କାର ପ୍ରଦାନ କରାଯାଉଛି।

ଭଣ୍ଡାରିପୋଖରୀ,୧୪।୨(ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ମୁଢ଼ାପଦା ଖେଳପଡ଼ିଆରେ ମହାବୀର ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରାମବାଗର ଏନ୍‌ସିସି ଟିମ୍ ଓ ଚିତାଳର ବିନଦାସ ବୟ ମଧ୍ୟରେ ଉଦ୍‌ଯାପନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏନ୍‌ସିସି ଟସ୍ ଜିତି ବ୍ୟାଟିଂ କରି ୮ ଓଭରରେ ୭ ଉଇକେଟ ହରାଇ ୪୩ ରନ୍ କରିଥିଲା। ପ୍ରତିପକ୍ଷ ବୋଲର ବିପ୍ଳବ ସାହୁ ୨ ଓଭର ୫ ରନ୍ ଦେଇ ୫ ଉଇକେଟ୍ ନେଇଥିଲେ। ଜବାବରେ ବିନଦାସ ବୟ ୫ ଓଭର ୧ ବଲ୍‌ରେ ୨ ଉଇକେଟ୍ ହରାଇ ୪୫ ରନ୍ କରି ଚାମ୍ପିୟନ ହୋଇଥିଲା। ଅମ୍ପାୟର ବିନୋଦ ବିହାରୀ ଜେନା ଏବଂ ସୁନୀଲ ନାୟକ ପରିଚାଳନା କରିଥିଲେ। ସ୍କୋରର ଅଭୟ ବେହେରା ଓ ବିଜୟ ବେହେରା ଥିବାବେଳେ ଧାରାବିବରଣୀ ପ୍ରଦାନ କରିଥିଲେ ଭଗବାନ ନାୟକ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି ଏବଂ ସମ୍ମାନିତ ଅତିଥି ସରପଞ୍ଚ ଭାଗ୍ୟଶ୍ରୀ ଜେନା, ପ୍ରଫୁଲ୍ଲ ନାୟକ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ନଗଦ ଅର୍ଥ ଓ ରନର୍ସଅପ୍‌କୁ ଟ୍ରଫି, ନଗଦ ଅର୍ଥ ପ୍ରଦାନ କରି ପୁରସ୍କୃତ କରିଥିଲେ। ତୃତୀୟ ଟିମ୍ ଭାବେ କଟିକଟାର ଏମ୍‌ବି ୱାରିଅର୍‌ସକୁ ଟ୍ରଫି ସହ ଅର୍ଥରାଶି ଦେଇ ପୁରସ୍କୃତ କରାଯାଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ବେଷ୍ଟ ବୋଲର ବିପ୍ଳବ ସାହୁ, ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ସୁନୀଲ ନନ୍ଦ, ବେଷ୍ଟ ବ୍ୟାଟସ୍‌ମ୍ୟାନ ଧନେଶ୍ୱର ମାଝି ଏବଂ ବେଷ୍ଟ ଉଇକେଟ୍ କିପର ଏସ୍.କେ ରାଜନଙ୍କୁ ପୁରସ୍କୃତ କରାଯାଇଥିଲା। ମହାବୀର ଯୁବକ ସଂଘର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

**ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ**

# ସେମିରେ ୟୁନିକ ଏକାଦଶ

ଭଣ୍ଡାରିପୋଖରୀ, ୧୪।୨
(ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ଡାକ୍ତରଖାନା ଖେଳପଡ଼ିଆରେ ମହାବୀର ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨୬ତମ ବିଦ୍ୟାଧର ସାହୁ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସୋଲାର ଟିମ୍‌କୁ ହରାଇ ଭଦ୍ରକର ୟୁନିକ ଏକାଦଶ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ୟୁନିକ ଏକାଦଶ ଟସ୍ ଜିତି ୨୨ ଓଭରରେ ୧୬୨ ରନ୍ କରି ଅଲ୍‌ଆଉଟ ହୋଇଥିଲା। ସୋଲାର ଟିମ୍ ୨୦ ଓଭରରେ ୧୨୫ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ୟୁନିକ ଏକାଦଶର ଡଲଫିନ ଦାସ ୪ ଓଭର ବୋଲିଂ କରି ୧୫ ରନ୍ ଦେଇ ୪ ଉଇକେଟ୍ ନେଇଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସ୍ଥାନୀୟ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ସୁଶାନ୍ତ ସାହୁ ତାଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟର ସତ୍ୟବ୍ରତ ଜେନା ଓ କାଳନ୍ଦୀ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଥିଲେ ନରେନ ଜେନା ଓ ବିଶ୍ୱରଞ୍ଜନ ଜେନା। ଶନିବାର ଚତୁର୍ଥ କ୍ୱାର୍ଟର ମ୍ୟାଚ୍ ସ୍କାନ କ୍ଲବ ଭୁବନେଶ୍ୱର ଓ ସୂର୍ଯ୍ୟଶିଖା କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇ ୨ୟ ସେମିଫାଇନାଲ ମ୍ୟାଚ୍ ହେବ।

# ପଞ୍ଚାୟତ ସ୍ପୋର୍ଟିଂ କଳିଗାଁ ସେମିରେ

ବନ୍ତ,୧୪।୨(ସ୍ୱ.ପ୍ର./ଡି.ଏନ.ଏ.)-

ବନ୍ତ ବ୍ଲକ ସେଣ୍ଡତିରାଠାରେ ପଞ୍ଚାୟତ ସ୍ପୋର୍ଟିଂ ସେଣ୍ଡତିରା ଆନୁକୂଲ୍ୟରେ ଚାଲିଥିବା ରମେଶ ଚନ୍ଦ୍ର ବେହେରା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୨ୟ କ୍ୱାର୍ଟର ଫାଇନାଲରେ ବ୍ଲୁ ଷ୍ଟାର ପାଣିକୋଇଲିକୁ ହରାଇ ପଞ୍ଚାୟତ ସ୍ପୋର୍ଟିଂ କଳିଗାଁ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ଲୁ ଷ୍ଟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୧୮ ରନ୍ କରି ଅଲଆଉଟ ହୋଇଥିଲା। କଳିଗାଁ ଟିମ୍ ବିଶ୍ୱମ୍ଭରଙ୍କ ଦ୍ରୁତ ୪୭ ରନ୍ ବଳରେ ୩ ଉଇକେଟ ବିନିମୟରେ ୧୨୨ ରନ୍ କରି ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ନିର୍ବାଚନମଣ୍ଡଳୀ ନେତା ତଥା ପିସିସି ସଭ୍ୟ ସୁବ୍ରତ ଦାସ ଏବଂ ସମ୍ମାନିତ ଅତିଥି ଭାବେ ଜୋନ୍ ସଭାପତି ନିରଞ୍ଜନ ମଲ୍ଲିକ, ଯୁବ କଂଗ୍ରେସ ଜିଲା ସଭାପତି ପ୍ରଦ୍ୟୁମ୍ନ ଦାସ, ଯୁବନେତା ରାଜ କିଶୋର ପଣ୍ଡା ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। କଳିଗାଁର ବିଶ୍ୱମ୍ଭରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

**ରମେଶ ଚନ୍ଦ୍ର ବେହେରା ମେମୋରିଆଲ କ୍ରିକେଟ**

ଅମ୍ପାୟରେ ଭାବେ ଉତ୍କଳ ସେନାପତି, ଦୀପକ ପହି, ସ୍କୋରର ଭାବେ ସନ୍ଦିପ ପେଡା ଓ ଆଦିତ୍ୟ ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ। ରାଜେଶ ସେନାପତି ଓ ତାରାଶଙ୍କର ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ସୁନିଲ ସେନାପତି, ଅଭିଜିତ ବେହେରା, ମନୋଜ ସ୍ୱାଇଁ, ଅବିନାଶ ମଲ୍ଲିକ, ଅମରସେନ ଖଣ୍ଡେଇ ପ୍ରମୁଖ ସହଯୋଗ କରିଥିଲେ।


ଟୁର୍ନାମେଣ୍ଟରେ ଯୋଗ ଦେଇଥିବା ଅତିଥିଙ୍କ ସହ ଖେଳାଳିମାନେ।

## ସଂକ୍ଷେପରେ

### ବିଦ୍ୟାଳୟରେ ପାନୀୟଜଳ ସମସ୍ୟା

**ତେଲକୋଇ, ୧୪।୨(ଡି.ଏନ.ଏ.)-** ତେଲକୋଇ ବ୍ଲକ ଅନ୍ତର୍ଗତ ତାଳପଦା ପଞ୍ଚାୟତ ଅଧୀନରେ ଶିମିଳିପାଳ ପ୍ରାଥମିକ ବିଦ୍ୟାଳୟରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ନିକଟସ୍ଥ ଝରଣାରୁ ପାନୀୟ ଜଳ ସଂଗ୍ରହ କରାଯାଇ ମଧ୍ୟାହ୍ନଭୋଜନ ରୋଷେଇ କରାଯିବା ସହ ପିଲମାନେ ପାନୀୟଜଳ ରୂପେ ବ୍ୟବହାର କରିଥାନ୍ତି। ପ୍ରାଥମିକ ବିଦ୍ୟାଳୟରେ ୧ମ ଶ୍ରେଣୀଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୧୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଜଣେ ଶିକ୍ଷକ ଦ୍ୱାରା ପାଠପଢ଼ା କାର୍ଯ୍ୟ ହୋଇଥାଏ। ପାନୀୟଜଳ ସମସ୍ୟା ସାଙ୍ଗକୁ ଶୌଚାଳୟ ନ ଥିବା ଯୋଗୁ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଭାବକ ସମରେଶ ଦେହୁରୀ, ଅଲେଖ ନାୟକ, ଡିଲେସ ପାତ୍ର, କୈଳାସ ପାତ୍ର ସ୍ଥାନୀୟ ବିଡିଓଙ୍କଠାରେ ଏହାର ପ୍ରତିକାର ପାଇଁ ଦାବି କରିଛନ୍ତି ।

### ଅବକାରୀ ବିଭାଗର ଚଢ଼ାଉ: ୭ ମଦ ବେପାରୀ ଗିରଫ

**ପାଟଣା,୧୪।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଅବକାରୀ ବିଭାଗ ତରଫରୁ ଶୁକ୍ରବାର ପାଟଣା ଓ ତୁରୁମୁଙ୍ଗା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଜବତ କରିବା ସହ ବେଆଇନ ମଦ ବେପାର ସମ୍ପୃକ୍ତି ଅଭିଯୋଗରେ ୭ ଜଣଙ୍କୁ ଅବକାରୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଟଣା ଥାନା ନୂଆପଡା ଗ୍ରାମର ଗୌରୀ ଶଙ୍କର ମହାନ୍ତ, ଗୁଲୁଦୀପଶି ଗ୍ରାମର ପଞ୍ଚାନନ ମୁଣ୍ଡା, ରାଇଟର ମୁଣ୍ଡା, ତୁରୁମୁଙ୍ଗା ଥାନା କଣ୍ଟିଆପଡା ଗ୍ରାମର ଟଙ୍କଧର ବେହେରା, ମହିଷାମୁଣ୍ଡି ଗ୍ରାମର ସୀତାରାଣୀ ମୁଣ୍ଡା,କୈଳାଶ ନାଏକ ଓ ଶୁକ ନାଏକ। ସେମାନଙ୍କଠାରୁ ମୋଟ ୩୩ଲିଟର ଦେଶୀ ମହୁଲୀ ମଦ, ୫ଲିଟର ଭାଟି ମଦ ଓ ୧୮୦ ଲିଟର ହାଣ୍ଡିଆ ଜବତ ହୋଇଛି। ଜିଲା ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ପାଟଣା ଅବକାରୀ ଅଧିକାରୀ ଦିଲ୍ଲୀପ ତାଣ୍ଡି ଓ ଜନାର୍ଦ୍ଦନ ପଲେଇଙ୍କ ସହ ପାଟଣା ଅବକାରୀ କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିଲେ।

### ସ୍କୁଲରେ ପଶି ହତ୍ୟା ଧମକ କମିଟି ଅଧ୍ୟକ୍ଷଙ୍କ ନାମରେ ମାମଲା

**ହାଟଡିହୀ,୧୪।୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ଥିବା ଏକ ବିଦ୍ୟାଳୟର କମିଟି ଅଧ୍ୟକ୍ଷ ଅମୂଲ୍ୟ ପେରେଇଙ୍କ ନାମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜ୍ୟୋତିର୍ମୟ ନାୟକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ନନ୍ଦିପଦା ଥାନାରେ ମାମଲା ଦାଏର ହୋଇଛି। ପେରେଇ ନିଶାଗ୍ରସ୍ତ ସ୍କୁଲ ଭିତରେ ପଶି କର୍ମଚାରୀଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପୋଲିସ୍ ମାମଲା(ନଂ. ୧୫/୨୦୨) ରୁଜୁ କରିଛି। ଘଟଣାକୁ ୩ଦିନ ବିତି ଯାଇଥିଲେ ବି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରିନି। ତଦନ୍ତ ଚାଲିଛି ବୋଲି ପୋଲିସ କହିଛି ।

# ଜେନେରେଟର ଅଚଳ: ବିପଦରେ ଶିଶୁ

**କେନ୍ଦୁଝର,୧୪।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା



ଅନ୍ଧାରରେ ଥିବା ଏସଏନସିୟୁ ୱାର୍ଡ ।

ଜିଲା ମୁଖ୍ୟ ଡାକ୍ତରଖାନାରେ ଶିଶୁମାନଙ୍କ ପାଇଁ ଥିବା ଏସଏନସିୟୁ (ସ୍ପେଶାଲ ନିଉବର୍ଣ୍ଣ କେୟାର ୟୁନିଟ) ୱାର୍ଡରେ ବିଦ୍ୟୁତ୍‌କାଟ ସମୟରେ ଜେନେରେଟର ଚାଲୁ ନ ଥିବାରୁ ଶିଶୁମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଶୁକ୍ରବାର ଦିନ ବେଳା ବିଦ୍ୟୁତ୍‌କାଟ ହୋଇଥିବା ବେଳେ ଡିଜି ସେଟ ଖରାପ ଥିବାରୁ ୨ ଘଣ୍ଟାରୁ ଅଧିକ ସମୟ ଏହି ୱାର୍ଡ ଅନ୍ଧାରରେ ରହିଥିଲା । ଫଳରେ ଏଠାରେ ଚିକିତ୍ସିତ ହେଉଥିବା ପ୍ରାୟ ୨୦ ଶିଶୁଙ୍କ ଜୀବନ ସଙ୍କଟରେ ରହିଥିଲା । ଯାହାକୁ ନେଇ ଅଭିଭାବକ ତଥା ଚିକିତ୍ସା କରୁଥିବା ଡାକ୍ତରଖାନା କର୍ମଚାରୀମାନେ ଚିନ୍ତାରେ ପଡି ଯାଇଥିଲେ। ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ଏବଂ କୌଣସି ଅଘଟଣ ଘଟି ନ ଥିଲା । ଉଲ୍ଲେଖଯୋଗ୍ୟ ଯେ, ନବଜାତ ଶିଶୁମାନଙ୍କୁ ଆପାତକାଳୀନ ଚିକିତ୍ସା ଯୋଗାଇ ଦେବା ପାଇଁ ଜିଲା ମୁଖ୍ୟଡାକ୍ତରଖାନାରେ ରହିଛି ଏହି ଏସଏନସିୟୁ ୱାର୍ଡ । ଏଠାରେ କମ୍ ଓଜନ ଜନ୍ମିତ ଶିଶୁ ବା ରୋଗାଗ୍ରସ୍ତ ଶିଶୁମାନଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇଦେବାକୁ ଭର୍ତ୍ତି କରାଯାଇଥାଏ । ସେମାନଙ୍କ ଦେଖାରଖା ସ୍ୱତନ୍ତ୍ର ଭାବରେ ଡାକ୍ତର ଓ ନର୍ସ କରିଥାନ୍ତି। ବିଶେଷ କରି ସେଠାରେ ଗୁରୁତର ଅସୁସ୍ଥ ଶିଶୁମାନଙ୍କୁ ରଖାଯାଇ ଅକ୍ସିଜେନ ଦେଇ ନିଶ୍ୱାସପ୍ରଶ୍ୱାସ ବ୍ୟବସ୍ଥା କରିବା, ଭେଣ୍ଟିଲେଟର ବ୍ୟବସ୍ଥା ସହ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସା କରାଯାଇଥାଏ । ତେବେ ବିଭିନ୍ନ ସମୟରେ ବିଦ୍ୟୁତ୍‌କାଟ ହେଲେ ଜେନେରେଟର ସହାୟତାରେ ଆଲୋକିତ କରାଯାଇଥାଏ । ତେବେ କିଛି ଦିନ ହେଲା ଦିନ ସାରା ମରାମତି ପାଇଁ ବିଦ୍ୟୁତ୍‌କାଟ ହେଉଥିବାରୁ ଜେନେରେଟରର ଆବଶ୍ୟକତା ଅଧିକ ରହୁଛି । ତେବେ ଏହା ଅଚଳ ବା ଖରାପ ହେଲେ ପରିସ୍ଥିତି ଗୁରୁତର ହେବା ଆଶଙ୍କା ରହୁଛି। ଏନେଇ ଏଡିଏମଓ ମେଡିକାଲ ଡା. କେ.ସି.ପୃଷ୍ଟି କହିଛନ୍ତି ଯେ, ଜେନେରେଟର ସଜାଡିବା ପାଇଁ ପଦକ୍ଷେପ ନିଆଯାଇ ସ୍ୱାଭାବିକ ଅବସ୍ଥା କରାଯାଇଛି। ସେଭଳି କୌଣସି ସମସ୍ୟା ନାହିଁ ।



କୋର୍ଟ ଗୃହ ପରିଦର୍ଶନବେଳେ ଉପସ୍ଥିତ ଅତିରିକ୍ତ ଜିଲା ଦୌରାଜଜ୍ ଓ ଅନ୍ୟମାନେ।

# କୋର୍ଟ ଗୃହ ପରିଦର୍ଶନ କଲେ ଅତିରିକ୍ତ ଜିଲା ଦୌରାଜଜ୍

**ଆନନ୍ଦପୁର, ୧୪।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁରରେ ପ୍ରାୟ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ନୂତନ କୋର୍ଟ ଗୃହ ପରିଦର୍ଶନ କରିଛନ୍ତି ନୂତନ ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜନ କୁମାର ସୂତାର। ସେ କୋର୍ଟ ଗୃହ ସ୍ଥିତି ଅନୁଧ୍ୟାନ କରିଥିଲେ। ଅତ୍ୟାଧୁନିକ ଶୈଳୀରେ ନିର୍ମାଣ ହୋଇଥିବା ଏହି କୋର୍ଟରେ ୬ଟି ଗୃହ ରହିଛି। ସିଏସ୍‌ଆଇ କାର୍ଯ୍ୟାଳୟ, କନଫରେନ୍ସ ହଲ୍, ୩ଟି ଲିଫ୍ଟ ସିଷ୍ଟମ, ସମ୍ମୁଖ ଭାଗରେ ଉଦ୍ୟାନ କରାଯିବାର ବ୍ୟବସ୍ଥା ଏବଂ ଓକିଲମାନଙ୍କ ପାଇଁ ଚାମ୍ବର ବ୍ୟବସ୍ଥା କରାଯାଇଛି। ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଏହି ନୂତନ କୋର୍ଟ ଉଦ୍‌ଘାଟନ କରାଯିବାକୁ ସ୍ଥିର ହୋଇଛି। କୋର୍ଟ ପରିଦର୍ଶନ ସମୟରେ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ସହ ସବ୍‌ଜଜ୍ ପୁନମ ଜେନା, ଆନନ୍ଦପୁର ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ସମ୍ପାଦକ ଅମର ମହାପାତ୍ର, ବରିଷ୍ଠ ଆଇନଜୀବୀ ବାଇଧର ସେଠୀ, ଭାଗୀରଥି ଦାଶ, ନାଜିର ଓ କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ବେପରୁଆ ଗାଡ଼ି ଚାଳନାରୁ ବଢୁଛି ଦୁର୍ଘଟଣା

**ଯୋଡ଼ା,୧୪।୨ (ଡି.ଏନ୍.ଏ.)**



ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଡମ୍ଫର।

କେନ୍ଦୁଝର ଜିଲା ଯୋଡା ସହରର ରାଜ୍ୟ ରାଜପଥ ନଂ. ୨ ବାମେବାରୀ–ରଣାଶାଳ ରାସ୍ତାର ଧରଣୀଧର ଛକଠାରେ ଶୁକ୍ରବାର ଭୋର ସମୟରେ ଦ୍ରୁତ ଗତିରେ ଯାଉଥିବା ଏକ ଡମ୍ଫର ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଡମ୍ଫର (ନଂ. ଓଆର୦୯ କେ –୬୩୮୧) ଟି ଭାଙ୍ଗି ଚୂରମାର ହୋଇଯାଇଛି।

ବାମେବାରୀ–ଜୁରୁଡି–ଯୋଡା ଦେଇ ହଜାର ହଜାର ଟ୍ରକ୍, ଡମ୍ଫର , ଛୋଟ ବଡ ଯାନବାହନ ଦୈନିକ ଯାତାୟାତ କରୁଛି । ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବାରୁ ଡିଏମଏଫ ଫଣ୍ଡ ବ୍ୟୟରେ ଏହି ରାସ୍ତାର ପ୍ରଶସ୍ତୀକରଣ କରାଯାଉଛି । ପୂର୍ବରୁ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ଥିବାରୁ ଯାନବାହନ ମନ୍ଥର ଗତିରେ ଚଳାଚଳ କରୁଥିଲେ । ମାତ୍ର ଏହି ରାସ୍ତାର କେତେକାଂଶରେ ଆଂଶିକ ମରାମତି ହେତୁ ଲୁହାପଥର ବୋଝେଇ ଟ୍ରକ୍, ଡମ୍ଫର ସହିତ ଛୋଟବଡ ଯାନବାହନଗୁଡିକ ଦ୍ରୁତ ଗତିରେ ଚଳାଚଳ କରୁଛନ୍ତି। ଫଳରେ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି । କମାରଯୋଡାଠାରେ ଏକ ପାର୍କିଂସ୍ଥଳ ରହିଥିଲେ ମଧ୍ୟ ଗାଡ଼ି ସଂଖ୍ୟା ବୃଦ୍ଧି ପାଉଥିବାରୁ ବହୁ ସଂଖ୍ୟକ ଗାଡ଼ି ସେଠାରେ ସ୍ଥାନ ନ ପାଇ ରାସ୍ତା କଡ଼ରେ ଠିଆ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ଅନ୍ୟପକ୍ଷରେ ବଡବିଲ୍ ଆରଟିଓଙ୍କ ତତ୍ତ୍ୱାବଧାନରେ ଥିବା ଇଣ୍ଟରସେପ୍ଟର ବାହନକୁ ରାଜପଥ ଉପରେ ଠିଆକରି ବିଡ୍ ଯାଞ୍ଚ କରାଯାଉଥିବା ଦେଖିବାକୁ ମିଳୁଛି । ହେଲେ ବାମେବାରୀ–ଜୁରୁଡି–ଯୋଡା ରାସ୍ତାରେ ସବୁଠାରୁ ତୀବ୍ର ଗତିରେ ଯାଉଥିବା ଯାନବାହନକୁ ତନଖି କରାଯାଉ ନ ଥିବା ଅଭିଯୋଗ ହୋଇଛି । ଇନ୍ଟରସେପ୍ଟରକୁ ଆଣି ଯୋଡା– ବାମେବାରୀ ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ଗାଡ଼ିଗୁଡ଼ିକର ବେଗ ନିୟନ୍ତ୍ରଣ କରିବା ପାଇଁ ରଖାଯାଉ ବୋଲି ସାଧାରଣରେ ଦାବି ହୋଇଛି ।

# ମାର୍ଚ୍ଚ ୨୦ରେ କଣ୍ଟିଆପଡ଼ା ସମିତିସଭ୍ୟ ଉପନିର୍ବାଚନ

**ପାଟଣା,୧୪।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡ଼ା ପଞ୍ଚାୟତ ପାଇଁ ଶୁକ୍ରବାର ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ନିର୍ବାଚନ ଅଧିକାରୀ ଈଶ୍ୱର ଚନ୍ଦ୍ର ନାଏକ ବିଜ୍ଞପ୍ତି ଜାରି କରିଛନ୍ତି। ଆସନ୍ତା ମାର୍ଚ୍ଚ ୨୦ ତାରିଖରେ ଉପନିର୍ବାଚନ ଲାଗି ଧାର୍ଯ୍ୟ ହୋଇଛି। ପ୍ରତିଦ୍ୱନ୍ଦ୍ୱିତା ଆବଶ୍ୟକ ହେଲେ ସେହିଦିନ ସକାଳ ୭ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ମତଦାନ ଅନୁଷ୍ଠିତ ହେବ। ଆସନ୍ତା ୧୯, ୨୦ ଓ ୨୪ ତାରିଖରୁ ମନୋନୟନ ସକାଶେ ଆବେଦନପତ୍ର ବ୍ଲକ କାର୍ଯ୍ୟାଳୟରେ ଉପଲବ୍ଧ ହେବା ସହ ଏହି ସମୟ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ କରାଯିବ। ଆସନ୍ତା ୨୫ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୨୮ରେ ପ୍ରତ୍ୟାହାର ସକାଶେ ଦିନ ଧାର୍ଯ୍ୟ ହୋଇଛି। ବହୁଚର୍ଚ୍ଚିତ କଣ୍ଟିଆପଡ଼ା ସମିତିସଭ୍ୟ ପଦବୀ ୮ମାସରୁ ଊର୍ଦ୍ଧ୍ୱ ଦିନ ଧରି ଖାଲିପଡ଼ିଥିଲା। ଉପନିର୍ବାଚନ ତାରିଖ ଘୋଷଣା ହେବା ପରେ ସ୍ଥାନୀୟ ଅଞ୍ଚଳର ରାଜନୈତିକ ମହଲରେ ତତ୍ପରତା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ୮ ମାସ ତଳେ ତତ୍କାଳୀନ ସମିତିସଭ୍ୟ ତଥା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ ବିଜେଡି ଟିକେଟରେ ପାଟଣା ବିଧାନସଭା ଆସନରୁ ନିର୍ବାଚିତ ହେବା ପରେ ସମିତିସଭ୍ୟ ପଦବୀରୁ ଇସ୍ତଫା ଦେଇଥିଲେ।

# ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ହୋଇଥିବା ଯୁବଗୋଷ୍ଠୀ।

**କେନ୍ଦୁଝର, ୧୪।୨(ସ୍ୱ.ପ୍ର.)**

କେନ୍ଦୁଝରର ପୁରୁଣା ସହରରେ ପୁଲୱାମାରେ ଶହୀଦ ହୋଇଥିବା ଅମର ଜବାନଙ୍କ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଏହି ଅବସରରେ ବଳଦେବଜୀଉଙ୍କଠାରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଯୁବ ସମାଜ, ପୁରୁଣାବଜାର ପକ୍ଷରୁ ଏକ କ୍ୟାଣ୍ଡେଲ ଯାତ୍ରା ଆୟୋଜନ କରାଯାଇଥିଲା । ବିଭିନ୍ନ ବର୍ଗର ଲୋକେ କ୍ୟାଣ୍ଡଲ ଧରି ସିଦ୍ଧମଠରୁ ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିରକୁ ଏକ ଶୋଭାଯାତ୍ରାରେ ଯାଇ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**ପାଟଣା,୧୪।୨(ସ୍ୱ.ପ୍ର.)**



ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣାର ଛାତ୍ରୀମାନଙ୍କ ସକାଶେ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏଥିରେ ଯୁକ୍ତ ୨ରୁ ୧୮୦ ଓ ଯୁକ୍ତ ୩ରୁ ୧୮୦ ଜଣଙ୍କୁ ମିଶାଇ ମୋଟ ୩୬୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରଶିକ୍ଷଣ ୧୨ ଦିନ ଧରି ଚାଲିବ। ମୁଖ୍ୟ ତାଲିମଦାତା ଭାବେ ଉମାବତୀ ପାତ୍ର ତାଲିମ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ନାରୀକବି ଜ୍ୟୋତ୍ସ୍ନା ମଞ୍ଜରୀ ତ୍ରିପାଠୀ ଶୁଭାରମ୍ଭ କରିଛନ୍ତି। ଏଥିନେଇ ମହାବିଦ୍ୟାଳୟ ସଭାଗୃହରେ ପ୍ରୋଗ୍ରାମ ଅଫିସର ଧର୍ମେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ତ୍ରିପାଠୀ, ସମ୍ମାନନୀୟ ଅତିଥି ଭାବେ ଇଂରାଜୀ ବିଭାଗ ଅଧ୍ୟାପକ ଶୈଳେନ୍ଦ୍ର କୁମାର ଡାଳୁଆ, ଅଧ୍ୟାପିକା ସୁସ୍ମିତା ଶୋଭାଲିନ ମହାପାତ୍ର, ରଜତ କୁମାର ଦାଶ, ବଜେନ୍ଦ୍ର କୁମାର ପତି, ଦୀକ୍ଷା ରାଉତ ଓ ବୈଶାଳୀ କାର୍ଜି ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କ ଜୀବନରେ ଆତ୍ମାରକ୍ଷା କୌଶଳ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ବିଶାଳ ଶୋଭାଯାତ୍ରା

**ବଡ଼ବିଲ,୧୪।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲରେ ୨୦୧୯ ଫେବୃୟାରୀ ୧୪ରେ କଶ୍ମୀରର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୪୦ଜଣ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଶୁକ୍ରବାର ବଡବିଲ ଜାତୀୟ ଦିବସ ପାଳନ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡିକର ମହିଳା–ପୁରୁଷ କର୍ମକର୍ତ୍ତାମାନେ ସାମିଲ ହୋଇ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ବଡବିଲ ବିକାଶ ମହଲଠାରୁ ଏହି ଶୋଭାଯାତ୍ରା ବାହାରି ଗୁରୁଦ୍ୱାର ଛକ, ବାଟା ଛକ, ଅଟଳ ଛକ ଓ ଥାନା ସମ୍ମୁଖ ଦେଇ ପୌର ଟାଉନହଲଠାରେ ପହଞ୍ଚିଥିଲା। ସମିତି ସଭାପତି ତଥା ତହସିଲଦାର କ୍ଷୀରୋଦ କୁମାର ବେହେରା, ସମ୍ପାଦକ ତଥା ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ପ୍ରତାପ କିଶୋର ଦାସ ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ଲୋକେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ବୀର ଯବାନ ଅମର ରହେ, ଭାରତ ମାତା କୀ ଜୟ, ବନ୍ଦେ ମାତରମ୍ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପୌର ଟାଉନ ହଲ୍‌ଠାରେ ପହଞ୍ଚିବା ପରେ ସେଠାରେ ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ସେଠାରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷିତ ହୋଇଥିଲା। ସେହିପରି ସନ୍ଧ୍ୟାରେ ମୋହନ କରଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ତରଫରୁ ପୁଲୱାମା ଶହୀଦମାନଙ୍କୁ ମନେ ପକାଇ ଶତାଧିକ ଦୀପ ପ୍ରଜ୍ୱଳନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ମାତୃପିତୃ ପୂଜନ ଦିବସ

**ଯୋଡ଼ା,୧୪।୨(ଡି.ଏନ୍.ଏ.)**

ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ଯୋଡା ଶାଖା ପକ୍ଷରୁ ଯୋଡା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ଗ୍ରାମାଞ୍ଚଳରେ ଶୁକ୍ରବାର ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଫେବୃୟାରୀ ୧୪ରେ ପ୍ରତିବର୍ଷ ପରି ଭାଲେନ୍ଟାଇନ୍‌ସ ଡେ ଦିବସ ପରିବର୍ତ୍ତେ ମାତୃପିତୃ ପୂଜନ ଦିବସ ସମଗ୍ର ଦେଶରେ ପାଳନ କରାଯାଉଛି । ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ କରି ପଥଭ୍ରଷ୍ଟ ହେଉଥିବା ଯୁବପିଢ଼ିଙ୍କ ମଧ୍ୟରେ ଉତ୍ତମ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ଏହି ମାତୃପିତୃ ପୂଜନ ଦିବସ ପାଳନ କରାଯାଉଛି । ଏହି ଅବସରରେ ଜୁରୁଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଯୋଡା ସହରର ଆଜାଦବସ୍ତିଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ଯୋଡା ଶାଖାର ସଭାପତି ପ୍ରକାଶ କୁମାର ମହାପାତ୍ର, ବିଦ୍ୟାଳୟ ଶିକ୍ଷା କମିଟିର ଅଧ୍ୟକ୍ଷ, ପ୍ରଧାନ ଆଚାର୍ଯ୍ୟ ଓ ବିଦ୍ୟା ମନ୍ଦିରର ଆଚାର୍ଯ୍ୟାଆଚାର୍ଯ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସର୍ବ ପ୍ରଥମେ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ନିଜ ନିଜର ମା'ବାପାଙ୍କୁ ଉଚ୍ଚ ଆସନରେ ବସାଇ ସେମାନଙ୍କର ପାଦ ଧୋଇ ଚନ୍ଦନ ଲଗାଇଥିଲେ । ପରେ ମସ୍ତକରେ ପୁଷ୍ପମାଲ୍ୟ ଅର୍ପଣ କରି ଧୂପଦୀପରେ ଆଳତି କରି ମା'ବାପାଙ୍କୁ ସାତଥର ପରିକ୍ରମା କରି ପ୍ରଣାମ କରିଥିଲେ । ମା'ବାପାମାନେ ମଧ୍ୟ ସେମାନଙ୍କ ସନ୍ତାନମାନଙ୍କ ମସ୍ତକରେ ହାତ ରଖି ଆଶୀର୍ବାଦ କରିଥିଲେ । ଗତ ଜାନୁୟାରୀ ମାସଠାରୁ ଯୋଡ଼ା ସହରରେ ଥିବା ପ୍ରାୟ ବିଭିନ୍ନ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଯାଇଛି ଏବଂ ଫେବୃୟାରୀ ମଧ୍ୟରେ ଯୋଡା ବ୍ଲକର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସମିତି ପକ୍ଷରୁ ଶାଖା ସଭାପତି ପ୍ରକାଶ କୁମାର ମହାପାତ୍ର ସୂଚନା ଦେଇଛନ୍ତି।



ଯୋଡ଼ା ଅଞ୍ଚଳର ଏକ ଶିକ୍ଷାନୁଷ୍ଠାନରେ ମାତୃପିତୃ ପୂଜନ ଦିବସ ପାଳନ କରାଯାଉଛି।

**ଚମ୍ପୁଆ,(ଡି.ଏନ.ଏ.)–** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହ ପ୍ରଧାନ ଆଚାର୍ଯ୍ୟ ବ୍ରଜକିଶୋର ମହାନ୍ତ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶତାଧିକ ଛାତ୍ର ଅଭିଭାବକ, ମାତାପିତା ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଯୋଗବେଦାନ୍ତ ସମିତିର କେନ୍ଦୁଝର ଜିଲା ପ୍ରଭାରୀ ଚନ୍ଦ୍ରାବତୀ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ନିଜର ମାତାପିତା ଏବଂ ଗୁରୁଜନଙ୍କୁ ବୈଦିକ ପୂଜା ପଦ୍ଧତି ଅନୁସାରେ ପୂଜା କରିଥିଲେ।

# ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

**କେନ୍ଦୁଝର, ୧୪।୨(ସ୍ୱ.ପ୍ର.)**



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ।

ଝୁମ୍ପୁରା ବ୍ଲକ ସୀତାରାମପୁର, ଗୋବିନ୍ଦପୁର, ବାଲିପୋଷି ଗ୍ରାମର ଚାଷୀମାନେ ଶୁକ୍ରବାର କେନ୍ଦୁଝର ଆସି ଜଳ ବିଭାଜିକା ଯୋଜନାରେ ହିତାଧିକାରୀମାନଙ୍କ ପାଇଁ ଆସୁଥିବା ଅନୁଦାନ ହେରଫେର ହୋଇଥିବା ସମ୍ପର୍କରେ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି । ଗତ ସେପ୍ଟେମ୍ବର ମାସରେ ଜଳ ବିଭାଜିକା ଇଞ୍ଜିନିୟର ସ୍ଥାନୀୟ ଜଳ ବିଭାଜିକା କମିଟିର କାର୍ଯ୍ୟକର୍ତ୍ତାଙ୍କ ଜରିଆରେ ହିତାଧିକାରୀ ଚାଷୀଙ୍କ ଘରକୁ ଯାଇ ପ୍ରତ୍ୟେକ ଚାଷୀଙ୍କ ପାସ୍ ବୁକକୁ ୫ ହଜାର ଟଙ୍କା ଆସିବ ବୋଲି କହି ଚାଷ ଜମିର ଫଟୋ, ଚାଷୀଙ୍କ ଆଧାର, ପାସ୍‌ବୁକ ଜମିପଟ୍ଟାର ନକଲ ସହିତ ଓ ଅନ୍ୟାନ୍ୟ ସୂଚନା ନେଇ ଆସିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କିନ୍ତୁ ଅଦ୍ୟାବଧି କୌଣସି ଚାଷୀଙ୍କ ଖାତାକୁ ଟଙ୍କା ନ ଆସିବାରୁ ସେମାନେ ସନ୍ଦେହ ପ୍ରକଟ କରିଛନ୍ତି । କେତେକ ଚାଷୀ ଓ ଅନ୍ୟ କେତେକ ଚାଷ କରି ନ ଥିବା ବ୍ୟକ୍ତିଙ୍କ ଖାତାକୁ ୩ ହଜାର ଟଙ୍କା ଆସିଥିବା କହିଛନ୍ତି । ତେବେ ସେହି ଟଙ୍କା ଜଳ ବିଭାଜିକା ତରଫରୁ ଆସିଥିବା କହି କମିଟି ପକ୍ଷରୁ ସୀତାରାମପୁରର ୪ ଜଣ ଚାଷୀ ଚିତ୍ତରଞ୍ଜନ ମହାନ୍ତ, କେଶବତୀ ମହାନ୍ତ, ନବୀନ ମହାନ୍ତ ଓ ବାବୁଲୁ ମହାନ୍ତ, ଗୋବିନ୍ଦପୁର ଗ୍ରାମର ସଭା ମହାନ୍ତ, ହିରଣ୍ୟ ମହାକୁଡ, ଦିବାକର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ସାଗର ମହାନ୍ତ ଏବଂ ବାଲିପୋଷୀ ଗ୍ରାମର ସଫଳ ମହାନ୍ତଙ୍କୁ ବ୍ୟାଙ୍କକୁ ଡକାଇ ଟଙ୍କା ଉଠାଇ ନେଇଯାଇଥିବା ଅଭିଯୋଗ କରିଛନ୍ତି । ଉକ୍ତ ଯୋଜନା ପାଣ୍ଠିକୁ ସରକାରୀ ଅନୁଦାନ ଆସିଥିବା ଜାଣିବାକୁ ପାଇବା ପରେ କମିଟିର କାର୍ଯ୍ୟକର୍ତ୍ତାଙ୍କୁ ପଚାରିବାରୁ ଜାଣି ନ ଥିବା କହିବା ପରେ ଚାଷୀମାନେ ଅର୍ଥ ହେରଫେର ହୋଇଥିବା ଆଶଙ୍କା କରି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ ତଦନ୍ତ ଦାବି କରିଛନ୍ତି । ଶୁକଦେବ ମହାନ୍ତ, ଋଷିନାଥ ମହାନ୍ତ, ଚନ୍ଦ୍ରଭାନୁ ମହାନ୍ତ, ଜାନକୀ ମହାନ୍ତ, ବିଭୂତି ମହାନ୍ତ, ଯଶୋଦା ମହାନ୍ତଙ୍କ ସମେତ ବହୁ ଚାଷୀ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

### ଅର୍ଥ ହେରଫେର ଅଭିଯୋଗ



ବଲିଉଡ୍‌ର ମହାନାୟକ ଅମିତାଭ ବଚ୍ଚନ 'ନମସ୍କାର'ର ଠିକ୍ ଅର୍ଥକୁ ନେଇ ଏକ ଟୁଇଟ ଶେୟାର କରିଛନ୍ତି। ଯାହା ଏବେ ଭାଇରାଲ ହେବାରେ ଲାଗିଛି। ବିଗ୍ ବି ଏହି ଟୁଇଟ୍‌ରେ ଲେଖିଛନ୍ତି, ନମସ୍କାର କେବଳ ଆମର ସଭ୍ୟତାର ପ୍ରତୀକ, ପ୍ରଥା ବା ପରମ୍ପରା ନୁହେଁ। ଏହା ହେଉଛି ଆମର ଆଦର୍ଶ ଓ ସଂସ୍କୃତିର ପରିଚୟ। ଏହି ନମସ୍କାରକୁ ଆମେ ସମ୍ମାନ, ଆଦର, ପୂଜା, ଅନୁରୋଧ ଏବଂ ପ୍ରଣାମ ମଧ୍ୟ କହିଥାଉ। ଆଉ ବେଳେବେଳେ ଏହି ନମସ୍କାରକୁ ଆମେ ସଙ୍କୋଚ ଭାବେ ମଧ୍ୟ ବ୍ୟବହାର କରିଥାଉ। ନମସ୍କାରରେ ଶକ୍ତି ରହିବା ସତ୍ତ୍ୱେ ଏଥିରେ କ୍ରୋଧ ଏବଂ ହିଂସା ଜାଗ୍ରତ ହୋଇ ନ ଥାଏ। ଏଥିରେ ପ୍ରେମ, ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତି ମଧ୍ୟ ରହିଥାଏ।

# ବିଶ୍ୱର ସବୁଠାରୁ ବୟସ୍କ ପୁରୁଷ

**ନୂଆଦିଲ୍ଲୀ:** ବୟସ ବଢ଼ିବା ସହ ରୋଗ ଏବଂ ଦୁଃଖ ମଧ୍ୟ ବଢ଼ିଚାଲେ। ତେଣୁ ଗୋଡ଼ ହାତ ଚାଲି ସଂସାରରୁ ବିଦାୟ ନେବାକୁ ସମସ୍ତେ ଚାହାନ୍ତି। ହେଲେ ଜୀବନ ଉପରେ କାହାର ବା ଜୋର୍। ଯାହାର ଯେତିକି ଦିନ ଆୟୁଷ, ସେ ସେତିକି ଦିନ ନିଶ୍ଚୟ



ବଞ୍ଚିବେ। ହେଲେ ଜାପାନରେ ଜଣେ ବୃଦ୍ଧ ୧୧୨ ବର୍ଷ ବୟସରେ ମଧ୍ୟ ଜୀବିତ ଥିବା ଜଣାପଡ଼ିଛି। ଏଥିପାଇଁ ସେ ବିଶ୍ୱର ସବୁଠାରୁ ବୟସ୍କ ପୁରୁଷଭାବେ ସମ୍ମାନଜନକ ଗିନିଜ୍ ବୁକ୍ ରେକର୍ଡରେ ମଧ୍ୟ ସ୍ଥାନ ପାଇଛନ୍ତି। ସେ ହେଉଛନ୍ତି ଜାପାନ୍‌ର ଚିତେତ୍ସୁ ୱାତାନାବେ। ୧୯୦୭ରେ ଉତ୍ତର ଜାପାନ୍‌ର ନିଗାଟାଠାରେ ଜନ୍ମଗ୍ରହଣ କରିଥିଲେ। ସେ ଏବେ ଏକ ନର୍ସିଂହୋମ୍‌ରେ ଥିବାବେଳେ ଦୀର୍ଘଜୀବନ ଜିଇବାର ସଫଳତା ପାଇଁ ତାଙ୍କୁ ଗିନିଜ୍ ବୁକ୍ ରେକର୍ଡ ପକ୍ଷରୁ ପ୍ରମାଣପତ୍ର ଦିଆଯାଇଛି। ପ୍ରକାଶ ଯେ, ଚିତେତ୍ସୁ କୃଷି ବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିବାବେଳେ ତାଇୱାନ୍ ଚାଲିଯାଇଥିଲେ। ସେଠାରେ ୧୮ ବର୍ଷ ରହିବା ପରେ ବିବାହ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସେ ନିଗାଟା ଫେରିଥିଲେ ଏବଂ ସେଠାରେ ସରକାରୀ ଚାକିରି ମଧ୍ୟ କରୁଥିଲେ। ନିଜର ଫାର୍ମରେ ଫଳ ଏବଂ ପନିପରିବା ଚାଷ ସହ ପାରମ୍ପରିକ ଚିତ୍ରକଳାରେ ମଧ୍ୟ ତାଙ୍କର ରୁଚି ରହିଥିଲା। ୨ଟି ବିଶ୍ୱଯୁଦ୍ଧ ଦେଖିଥିବା ବୃଦ୍ଧଙ୍କ ୫ ସନ୍ତାନ, ୧୨ ନାତୁଣୀ ନାତି, ୧୬ ପଣ ନାତୁଣୀ ନାତି ଏବଂ ଜଣେ ପଣ-ପଣନାତି ଥିବା ଜଣାପଡ଼ିଛି। ଏବେ ବୟସାଧିକ୍ୟ ଯୋଗୁ ସେ କଷ୍ଟାର୍ଡ, କ୍ରିମ୍ ପଫ୍ ଆଦି ଖାଇବାକୁ ପସନ୍ଦ କରୁଥିବା ଜଣାପଡ଼ିଛି। ତେବେ ଦୀର୍ଘ ବର୍ଷ ଜିଇବା ପଛର ରହସ୍ୟ ନେଇ ସେ କୁହନ୍ତି, ରାଗ ଛାଡ଼ି ସବୁବେଳେ ହସନ୍ତୁ।

**ଗିନିଜ୍ ବୁକ୍ ରେକର୍ଡରେ ଜାପାନର ଚିତେତ୍ସୁ**

# ପ୍ରେମରୁ ମିଳିଲା ଦୃଷ୍ଟିଶକ୍ତି



**ଔରଙ୍ଗାବାଦ୍:** ମହାରାଷ୍ଟ୍ରର ଔରଙ୍ଗାବାଦ୍‌ର ରହୁଥିବା ୩୮ ବର୍ଷୀୟ ଜଣେ ଦିବ୍ୟାଙ୍ଗ ନିକେତ ଦଲାଲ ଦୁବାଇରେ ହୋଇଥିବା ଆଇରନ୍‌ମ୍ୟାନ୍ ରେସ୍‌ରେ ଦ୍ୱିତୀୟ ବିଜେତା ହୋଇଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଏହି ବିଜୟ ହାସଲ କରିଛନ୍ତି। ଫେବୃୟାରୀ ୧୪ରେ ପ୍ରେମୀଯୁଗଳ ପାଳନ କରୁଛନ୍ତି ଭାଲେଣ୍ଟାଇନ୍ସ ଡେ' ବା ପ୍ରେମ ଦିବସ। ପ୍ରେମ ଦିବସରେ ସେ କୁହନ୍ତି, ଆଜି ମୁଁ ଯେଉଁ ଜାଗାରେ ପହଞ୍ଚିଛି କେବଳ ମୋ' ସ୍ତ୍ରୀ ପଲ୍ଲବୀଙ୍କ ପାଇଁ। ଏକ ସାକ୍ଷାତକାରରେ ସେ କହିଛନ୍ତି, ପ୍ରେମ ଅନ୍ଧ। ଏହା କେବେ ବି ମିଛ ନୁହେଁ ବୋଲି ମୁଁ କହିବି। ସେ କୁହନ୍ତି, ପିଲାବେଳେ ସାଇକେଲ୍‌ରେ ସ୍ପୋକ୍ ଲଗାଇବା ସମୟରେ ତାଙ୍କ ଆଖି ନଷ୍ଟ ହୋଇଗଲା। ପରେ ଲ୍ୟୁକେମିଆ ଯୋଗୁ ଆଉ ଗୋଟିଏ ଆଖି ମଧ୍ୟ ନଷ୍ଟ ହୋଇଗଲା। ଏହି ସମୟରେ ତାଙ୍କ ଜୀବନରେ ପଲ୍ଲବୀ ଆସିଲେ। ୧୯୯୭ରେ ପଲ୍ଲବୀ ୯ମରେ ପଢୁଥିବା ବେଳେ ସେ ମାଟ୍ରିକ୍ ପଢୁଥିଲେ। ତାଙ୍କର ଆଖି ନ ଥିବା ପଲ୍ଲବୀ ଜାଣି ମଧ୍ୟ ତାଙ୍କୁ ପ୍ରପୋଜ୍ କରିଥିଲେ। ଯାହାକୁ ସେ ଶବ୍ଦରେ ବି ପ୍ରକାଶ କରିପାରିବେନି ବୋଲି କହିଛନ୍ତି। ବିବାହ ମଧ୍ୟ ଏତେ ସହଜ ନ ଥିଲା। ଘର, ପରିବାର ଏବଂ ବନ୍ଧୁବାନ୍ଧବ କେହି ରାଜି ନ ଥିଲେ। ସମସ୍ତେ ପଲ୍ଲବୀଙ୍କୁ ବୁଝାଇଥିଲେ ଜୀବନ ବହୁ କଷ୍ଟକର ହୋଇପଡ଼ିବ। ମୁଁ ବି ଭାବି ନ ଥିଲି ପଲ୍ଲବୀ ମୋ' ହାତ ଧରିବେ। ସେଥିପାଇଁ ପ୍ରସ୍ତୁତ ନ ଥିଲି। କିନ୍ତୁ ସେ ଥିଲେ ନଛୋଡ଼ବନ୍ଧା। ସବୁ ବାଧାବିଘ୍ନ ସତ୍ତ୍ୱେ ୨୦୦୮ରେ ଆମେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲୁ। ଏହା ଭିତରେ ଆମର ପୁଅଟିଏ ମଧ୍ୟ ହୋଇସାରିଛି। ପଲ୍ଲବୀ ମୋ' ଆଖି ମୋ' ମୋ ଶକ୍ତି। ତାଙ୍କ ଆଖିରେ ମୁଁ ଦୁନିଆ ଦେଖୁଛି। ପୁଅ ମୋ' ଜୀବନ। ସେମାନଙ୍କ ଯୋଗୁ ମୋତେ ଆଜି ଏହି ଖୁସି ମିଳିଛି। ପ୍ରେମରୁ ଦୃଷ୍ଟିଶକ୍ତି ମିଳିଛି ଓ ଏହାଦ୍ୱାରା ମୁଁ ସଫଳ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।

# ସାଇ ବାବାଙ୍କ ମନ୍ଦିରକୁ ୮ ଲକ୍ଷ ଟଙ୍କା ଦାନ କଲେ ଭିକାରି

**ବିଜୟୱାଡା:** ୟାଦି ରେଡ୍ଡି ନାମକ ଜଣେ ୭୩ ବର୍ଷୀୟ ଭିକାରି ବିଜୟୱାଡାରେ ଥିବା ସାଇ ବାବା ମନ୍ଦିରକୁ ୮ ଲକ୍ଷ ଟଙ୍କା ଦାନକରି ଆସିଛନ୍ତି ଚର୍ଚ୍ଚାକୁ। ମନ୍ଦିର ଦ୍ୱାରରେ ପ୍ରତିଦିନ ବସି ହାତ ପାତୁଥିବା



ୟାଦିଙ୍କ ଏହି ବଦାନ୍ୟତା ଏବେ ସମସ୍ତଙ୍କ ନଜରକୁ ଆସିଛି। ପ୍ରାୟ ୭ ବର୍ଷ ଭିତରେ ସେ ମନ୍ଦିରକୁ ଏହି ୮ ଲକ୍ଷ ଟଙ୍କା ଦାନ କରିଥିବା କୁହାଯାଏ। ପ୍ରଥମେ ପ୍ରଥମେ ୟାଦି ରିକ୍ସା ଚଲାଇ ନିଜର ଜୀବିକା ନିର୍ବାହ କରୁଥିଲେ। ହେଲେ ତାଙ୍କ ଆଣ୍ଠୁରେ ଯନ୍ତ୍ରଣା ହେବାରୁ ସେ ଆଉ ରିକ୍ସା ଚଲାଇ ପାରି ନ ଥିଲେ। ପ୍ରାୟ ୪ ଦଶକ ହେବ ସେ ଭିକ୍ଷା ବୃତ୍ତିକୁ ଆପଣେଇ ନେଇଥିବା କୁହନ୍ତି। ପାଖାପାଖି ୪୦ ବର୍ଷ ବୟସ ପର୍ଯ୍ୟନ୍ତ ସେ ରିକ୍ସା ଚଲାଇଥିବା କୁହନ୍ତି। ଏହାପରେ ଭିକ୍ଷାବୃତ୍ତି କରିବା ସହ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ଦେଖି ସଞ୍ଚିତ ଅର୍ଥର ଆବଶ୍ୟକତା ନାହିଁ ଭାବି ମନ୍ଦିରକୁ ଦାନ କରିଥିବା କୁହନ୍ତି। ଆଉ ମନ୍ଦିରକୁ ପ୍ରଥମ ପର୍ଯ୍ୟାୟରେ ୟାଦି ୧ଲକ୍ଷ ଟଙ୍କା ଦାନ କରିଥିଲେ। ଏହାପରେ ତାଙ୍କର ସଞ୍ଚିତ ଅର୍ଥର ପରିମାଣ ବୃଦ୍ଧି ପାଇଥିବା ସେ ପ୍ରକାଶ କରିଛନ୍ତି। ତେଣୁ ଏହାପରେ ସେ ଆଉ ଲୋଭ ନ କରି ଭିକ୍ଷାବୃତ୍ତିରୁ ଯାହାକିଛି ଆୟ କରନ୍ତି ସମସ୍ତ ଅର୍ଥ ସେଇ ଭଗବାନଙ୍କୁ ଅର୍ପଣ କରନ୍ତି ବୋଲି କହିଛନ୍ତି। ମନ୍ଦିର ଟ୍ରଷ୍ଟର ଅଧିକାରୀ କୁହନ୍ତି, ୟାଦି ରେଡ୍ଡୀଙ୍କ ଦାନ ଫଳରେ ମନ୍ଦିରର ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ଏମିତିକି, ୟାଦିଙ୍କ ଦାନରେ ମନ୍ଦିର ଏକ ଗୋଶାଳା ମଧ୍ୟ ନିର୍ମାଣ କରିଛି। ସାଇ ବାବାଙ୍କ ମନ୍ଦିରରେ ଦାନ ପାଇଁ କାହାକୁ ବାଧ୍ୟ କରାଯାଇ ନ ଥାଏ। ଯିଏ ଇଚ୍ଛା ଅନୁଯାୟୀ ଦାନ କରନ୍ତି ତାକୁ ମନ୍ଦିର ଗ୍ରହଣ କରେ।

# ଶହୀଦଙ୍କ ଲାଗି ୬୧ ହଜାର କି.ମି. ଯାତ୍ରା

**ନୂଆଦିଲ୍ଲୀ:** ଗତବର୍ଷ ପୁଲୱାମାରେ ଶହୀଦ ହୋଇଥିବା ୪୦ ଯବାନଙ୍କୁ ଶୁକ୍ରବାର ପୁଲୱାମାରେ ଥିବା ସିଆର୍‌ପିଏଫ୍‌ର ଲେଥିପୋରା ଶହୀଦ ସ୍ମାରକରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବେଙ୍ଗାଲୁରୁର ଉମେଶ ଗୋପିନାଥ ଯାଦବ ଏହି ଶ୍ରଦ୍ଧାଞ୍ଜଳି ଉତ୍ସବର ବିଶେଷ ଅତିଥି ଭାବେ ଯୋଗ ଦେଇଛନ୍ତି। ଉମେଶ ପୁଲୱାମାରେ ଶହୀଦ ହୋଇଥିବା ୪୦ ଯବାନଙ୍କ ପରିବାରଙ୍କୁ ଭେଟିବାକୁ ପାଖାପାଖି ୬୧ ହଜାର କିଲୋମିଟର ଯାତ୍ରା କରିଥିଲେ। ଏହାସହ ସେ ସମସ୍ତ ଶହୀଦ ଯବାନଙ୍କ ଘର, ଶ୍ମଶାନ ଓ ସ୍ମାରକସ୍ଥଳରୁ ମାଟି କଳସରେ ଏକାଠି କରି ଶ୍ରୀନଗରରେ ପହଞ୍ଚିଛନ୍ତି। ଏହାକୁ ନେଇ ଉମେଶ କହିଛନ୍ତି, ସେ ଆଜି ଗର୍ବିତ ଯେ ସମସ୍ତ ପୁଲୱାମା ଶହୀଦଙ୍କ ଘରେ ପହଞ୍ଚିପାରି ସେମାନଙ୍କ ପରିବାରର ଆଶୀର୍ବାଦ ନେଇପାରିଛନ୍ତି। ଏଥିଲାଗି ସେ କାହାର ସାହାଯ୍ୟ ସହଯୋଗ ନେଇ ନ ଥିବା ଉମେଶ କହିଛନ୍ତି। କେବଳ ଶହୀଦଙ୍କୁ ସମ୍ମାନ ଜଣାଇବା ଲାଗି ଏହି ଦୀର୍ଘପଥ ଅତିକ୍ରମ କରିଥିବା ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପୁଲୱାମା ଆତଙ୍କବାଦୀ ଆକ୍ରମଣକୁ ବର୍ଷେ ପୂରିଛି। ଏଥିରେ ଶହୀଦ ହୋଇଥିବା ୪୦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୁଲୱାମା ଲେଥିପୋରା ଶିବିର ନିକଟରେ ଏକ ସ୍ମାରକସ୍ଥଳ ଉଦ୍‌ଘାଟନ କରାଯାଇଛି।



**ପରିବାର ସଦସ୍ୟଙ୍କୁ ଭେଟି କଳସରେ ମାଟି ଆଣିଲେ ଉମେଶ**



ଆମୀର ଖାନ୍

# ଭାଲେଣ୍ଟାଇନ୍ସ ଡେ'ରେ ସ୍ତ୍ରୀଙ୍କୁ ଭୁଲିଗଲେ ଆମୀର !


## କରୀନାଙ୍କୁ ଲେଖିଲେ ପ୍ରେମ ଶାୟରୀ

**ମୁମ୍ବାଇ:** ଶୁକ୍ରବାର ଭାଲେଣ୍ଟାଇନ୍ସ ଡେ'କୁ ସମସ୍ତେ ନିଜ ନିଜ ତରିକାରେ ସେଲିବ୍ରେଟ୍ କରିବା ସହ ଏହାକୁ ସ୍ମରଣୀୟ କରିବାକୁ ଚେଷ୍ଟା ମଧ୍ୟ କରିଛନ୍ତି। ଏହି କ୍ରମରେ ବି-ଟାଉନ୍‌ରେ ମଧ୍ୟ ତାରକାମାନେ ଭି-ଡେ'କୁ ସ୍ୱତନ୍ତ୍ର ଭାବେ ପାଳିଛନ୍ତି। ତେବେ ଟିକେ ହଟ୍‌କେ ଯାଇ ଆମୀର ଖାନ୍ କିଛି ଏମିତି କରିଛନ୍ତି, ଯାହାକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା। ଆମୀର ନିଜ ପତ୍ନୀ କିରନ୍ ରାଓଙ୍କୁ ନୁହେଁ ବରଂ ଆଉ ଜଣଙ୍କୁ ମନେପକାଇ ପ୍ରେମ ଦିବସର ଶୁଭେଚ୍ଛା ଜଣାଇଛନ୍ତି। ଖାଲି ଏତିକି ନୁହେଁ, ବି-ଟାଉନ୍‌ର ଜଣେ ଅଭିନେତ୍ରୀଙ୍କ ପାଇଁ ଶାୟରି ମଧ୍ୟ ଲେଖିଛନ୍ତି। ଭାଲେଣ୍ଟାଇନ୍ସ ଡେ'କୁ ସ୍ପେଶାଲ୍ କରିବାକୁ ବଲିଉଡ୍ ସୁପରଷ୍ଟାର୍ ଆମୀର ଖାନ୍ କଲେ କିଛି ନିଆରା ଉଦ୍ୟମ। ସେ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ କିଛି ଏଭଳି ପୋଷ୍ଟ କରିଛନ୍ତି, ଯାହାକୁ ଦେଖି ପତ୍ନୀ କିରନ୍ ହୋଇପାରନ୍ତି ଖପ୍ପା। ହେଲେ ଆମୀରଙ୍କ ଫ୍ୟାନ୍‌ମାନେ କିନ୍ତୁ ଏନେଇ ବହୁତ ଖୁସି ଓ ଉତ୍ସାହିତ। ଆପଣମାନେ କନ୍‌ଫ୍ୟୁଜ୍ ହୋଇଗଲେ ବୋଧେ। ପ୍ରକୃତରେ ଆମୀର ନିଜ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ ବେବୋ ମାନେ କରୀନା କପୁର ଖାନ୍‌ଙ୍କୁ ଭାଲେଣ୍ଟାଇନ୍ସ ଡେ'ରେ ୱିଶ୍ କରିଛନ୍ତି। ତେବେ ଆପଣମାନେ ଭାବୁଥିବେ ଆମୀର କାହିଁକି ବେବୋଙ୍କୁ ଭାଲେଣ୍ଟାଇନ୍ସ ଡେ'ରେ ମନେପକାଇଲେ ? ଆଉ ଅଧିକ କନ୍‌ଫ୍ୟୁଜ୍ ହୁଅନ୍ତୁ ନାହିଁ, ଆମେ ଏହାର କାରଣ ସ୍ପଷ୍ଟ କରିଦେଉଛୁ। ଶୁକ୍ରବାର ଭାଲେଣ୍ଟାଇନ୍ସ ଡେ' ଅବସରରେ ଆମୀର ନିଜ ଫ୍ୟାନ୍‌ମାନଙ୍କୁ ଖୁସି କରିଦେଇଛନ୍ତି। ସେ ନିଜ ଅପ୍‌କମିଂ ଫିଲ୍ମ 'ଲାଲ୍ ସିଂ ଚଡ୍ଡା'ର କରୀନାଙ୍କ ପ୍ରଥମ ଲୁକ୍ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଶେୟାର କରିଛନ୍ତି। ଏହାସହ ସେ ଏକ ପ୍ରେମଭରା ହିନ୍ଦୀ ଶାୟରି ମଧ୍ୟ ଲେଖିଛନ୍ତି। ସେହିଭଳି କ୍ୟାପ୍‌ଶନରେ କରୀନାଙ୍କୁ ପ୍ରେମ ଦିବସର ଶୁଭେଚ୍ଛା ଜଣାଇବା ସହ ଲେଖିଛନ୍ତି, "କରୀନା, କାସ୍... ପ୍ରତି ଫିଲ୍ମରେ ତୁମ ସହ ମୁଁ ରୋମାନ୍ସ କରିବାର ସୁଯୋଗ ପାଆନ୍ତି, ସ୍ୱାଭାବିକ ରୂପରେ ଏହା ମୋ ପାଇଁ ପ୍ରେମ ହୋଇଥାନ୍ତା।"

ଆମୀରଙ୍କ ଏଭଳି ପୋଷ୍ଟ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଫ୍ୟାନ୍‌ମାନେ କରୀନାଙ୍କ ପ୍ରଥମ ଲୁକ୍ ଦେଖିବା ପରେ ଉତ୍ସାହର ସହ ଫିଲ୍ମର ଅଧିକ ଅପ୍‌ଡେଟ୍‌କୁ ଅପେକ୍ଷା କରିଛନ୍ତି। ଅନ୍ୟପଟେ ଫିଲ୍ମ 'ଲାଲ୍ ସିଂ ଚଡ୍ଡା' ହେଉଛି ହଲିଉଡ୍ କ୍ଲାସିକ୍ ଫିଲ୍ମ 'ଫରେଷ୍ଟ ଗମ୍ପ'ର ଅଫିସିଆଲ୍ ରିମେକ୍। ଫିଲ୍ମରେ ନିଜ ଭୂମିକା ପାଇଁ ଆମୀର ଅନେକ ଟ୍ରାନ୍ସଫର୍‌ମେଶନ୍ କରିଥିବା ଜଣାପଡ଼ିଛି। ଏହାସହ ନିଜ ଭୂମିକାକୁ ଯଥାସମ୍ଭବ ଜୀବନ୍ତ ରୂପ ଦେବାକୁ ସେ ଖୁବ୍ ପରିଶ୍ରମ କରିଥିବା ମଧ୍ୟ କୁହାଯାଉଛି। ତେବେ ଅତୁଲ କୁଲ୍‌କର୍ନୀଙ୍କ ଦ୍ୱାରା ଲିଖିତ ଏହି ଫିଲ୍ମର ନିର୍ଦ୍ଦେଶକ ହେଉଛନ୍ତି ଅଦ୍ୱୈତ ଚନ୍ଦନ। ଚଳିତବର୍ଷ ଖ୍ରୀଷ୍ଟମାସ ଅବସରରେ ଫିଲ୍ମଟିକୁ ରିଲିଜ୍ କରିବାକୁ ଯୋଜନା ରହିଛି।

# ଲାଇଭ୍ ବୁଲେଟିନ୍‌ରେ ଭାବବିହ୍ୱଳ ହେଲେ ନ୍ୟୁଜ୍ ଆଙ୍କର

**ନୂଆଦିଲ୍ଲୀ:** ଲାଇଭ୍ ବୁଲେଟିନ୍ ଚାଲିଥିବା ସମୟରେ ଜଣେ ନ୍ୟୁଜ୍ ଆଙ୍କର ଭାବବିହ୍ୱଳ ହୋଇପଡ଼ିଛନ୍ତି। କାରଣ ଜାଣିଲେ ଆପଣ ମଧ୍ୟ ସାବାସ୍ କହିବେ। ଶ୍ରୀଜା ଶ୍ୟାମ୍ ନାମକ ଜଣେ ଆଙ୍କର ବୁଧବାର ଲାଇଭ୍ ବୁଲେଟିନ୍‌ରେ ଥିଲେ। ସେହି ସମୟରେ କେରଳ ସରକାରଙ୍କ ପକ୍ଷରୁ ୨୦୧୯ ପାଇଁ ମିଡିଆ ଆୱାର୍ଡ ଖବର ବ୍ରେକିଂ ଚାଲିଲା। ଏଥିରେ ନିଜ ନାଁ ଦେଖି ଶ୍ରୀଜା ଭାବବିହ୍ୱଳ ହୋଇ ପଡ଼ିଥିଲେ। ଏପରିକି କିଛି ସମୟ ପାଇଁ ସେ ବାକ୍‌ଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ବେଷ୍ଟ ନ୍ୟୁଜ୍ ଆଙ୍କର ଭାବେ ଚୟନ କରାଯାଇଛି। ବୁଲେଟିନ୍ ସରିବା ପର୍ଯ୍ୟନ୍ତ ତାଙ୍କ ମୁହଁରେ ହସକୁ ସେ ଚାପି ରଖିଥିଲେ। ପରେ ସେ କହିଛନ୍ତି, ଏହି ସମୟରେ ସେ ଯେତିକି ଆଶ୍ଚର୍ଯ୍ୟ ହୋଇଥିଲେ ତା'ଠୁ ଅଧିକ ଖୁସିଥିଲେ। ସମ୍ମୁଖରେ ଥିବା ନ୍ୟୁଜ୍ ଡେସ୍କର ସମସ୍ତ ସହଯୋଗୀ ତାଙ୍କୁ ଦେଖି ହସୁଥିଲେ। ଏହି ସମୟ ମୋ' ପାଇଁ ଅଭୁଲା ବୋଲି ଶ୍ରୀଜା ଶ୍ୟାମ୍ କହିଛନ୍ତି।



# ଭାବୁକ ହେଲେ ନୱାଜୁଦ୍ଦିନ



**ମୁମ୍ବାଇ:** ବଲିଉଡ୍‌ରେ ନିଜର ଦମଦାର ଅଭିନୟ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ନୱାଜୁଦ୍ଦିନ ସିଦ୍ଦିକି। ହେଲେ ସେ କାହାଠାରୁ ଅଭିନୟ ଶିକ୍ଷା କରିଛନ୍ତି ଏକଥା ହୁଏତ କେହି ଜାଣି ନାହାନ୍ତି। ନିକଟରେ ସେ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରି ଭାବୁକ ହୋଇ ପଡିଥିବା ଦେଖାଯାଇଛି। ଉକ୍ତ ଫଟୋଟି ଶେୟାର କରି ସିଦ୍ଦିକି ଲେଖିଛନ୍ତି, ମସ୍କୋର ବାସିନ୍ଦା ସାର୍ ଭୋଲେଣ୍ଟାଇନ୍ ଟେପ୍ଲାକୋଭ ହେଉଛନ୍ତି ତାଙ୍କର ଅଭିନୟର ଗୁରୁ। ସେ ତାଙ୍କଠାରୁ ଅଭିନୟ ଶିକ୍ଷା କରିଛନ୍ତି। ୧୯୯୬ରେ ସେ ସାର୍ ଭୋଲେଣ୍ଟାଇନ୍ ଟେପ୍ଲାକୋଭଙ୍କ ପ୍ଲେ ଇଭାନୋଭରେ କାମ କରିଥିଲେ। ଏହିଠାରୁ ହିଁ ତାଙ୍କ କଳାକାର ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଯାହା ଫଳରେ ସେ ଆଜି ବଲିଉଡ୍‌ର ଜଣେ ପରିଚିତ କଳାକାର ହୋଇ ପାରିଛନ୍ତି ।

# ସଲ୍‌ମାନଙ୍କ ଲାଗି ୬୦୦ କି.ମି. ସାଇକେଲ ଯାତ୍ରା

**ଗୁଆହାଟୀ:** ଚଳିତବର୍ଷ ଫିଲ୍ମ ଫେୟାର ମୁମ୍ବାଇରେ ନ ହୋଇ ଆସାମର ରାଜଧାନୀ ଗୁଆହାଟୀରେ ଅନୁଷ୍ଠିତ ହେବ। ଫେବୃୟାରୀ ୧୫ ଏବଂ ୧୬ରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପୂର୍ବରୁ ବିଜେତାଙ୍କ ନାମ ଘୋଷଣା ହୋଇସାରିଛି। ଏହି କାର୍ଯ୍ୟକ୍ରମରେ ବଲିଉଡ୍‌ର ଅନ୍ୟ ଷ୍ଟାରମାନଙ୍କ ସହ ସଲ୍‌ମାନ ଖାନ୍ ମଧ୍ୟ ଯୋଗଦେବେ। ଏହି ସୁଯୋଗରେ ସଲ୍‌ମାନଙ୍କ ଜଣେ ପ୍ରଶଂସକ ତାଙ୍କୁ ଭେଟିବା ପାଇଁ ୬୦୦ କିଲୋମିଟର ସାଇକେଲ ଚଲାଇ ଗୁଆହାଟୀରେ ପହଞ୍ଚିଛନ୍ତି। ତିନ୍‌ସୁକିଆ ଜିଲାର ଜୁଗୁନ୍‌ରେ ରହୁଥିବା ଭୂପେନ୍ ଲିକ୍ସନ ୮ ଫେବୃୟାରୀରେ ଏହି ସାଇକେଲ ଯାତ୍ରା ଆରମ୍ଭ କରିଥିଲେ। ସେ ନିଜ ସାଥୀରେ ସଲମାନଙ୍କ ଏକ ବଡ଼ ଫଟୋ ମଧ୍ୟ ଆଣିଛନ୍ତି। ୫୨ ବର୍ଷୀୟ ଭୂପେନ୍ ସଲମାନଙ୍କ ଜଣେ ବଡ଼ ପ୍ରଶଂସକ। ୨୦୧୩ରେ ଭୂପେନ ସାଇକେଲ୍ ହ୍ୟାଣ୍ଡେଲ୍ ନ ଧରି ୪୮ କିଲୋମିଟର ଯାତ୍ରା କରିଥିଲେ। ତାଙ୍କର ଏହି ରେକର୍ଡ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ'ରେ ସ୍ଥାନ ପାଇଛି। ସଲ୍‌ମାନ ସାଇକ୍ଲିଂକୁ ପସନ୍ଦ କରୁଥିବାରୁ ଭୂପେନ୍ ଏପରି ତରିକା ଆପଣାଇଛନ୍ତି। ପ୍ରକାଶଥାଉ କି, ଏବେ ବି ବେଳେବେଳେ ସଲ୍‌ମାନ ମୁମ୍ବାଇ ଗଳିକନ୍ଦିରେ ସାଇକେଲ ଚଲାଉଥିବା ନଜର ଆସିଥାଏ।



## ସଂକ୍ଷେପରେ

### ମାତୃପିତୃ ପୂଜନ ଉତ୍ସବ

**କପ୍ତିପଦା,୧୪।୨(ଡି.ଏନ୍.ଏ.):** କପ୍ତିପଦା ବ୍ଲକ୍ ଅଧୀନ ନୁଦୁଡ଼ିହା ଶାସ୍ତ୍ରୀନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟିର ସଭାପତି ଲକ୍ଷ୍ମୀମାନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଯୋଗବେଦାନ୍ତ ସେବା ସମିତିର ଉଦଳା ଶାଖାର ସଞ୍ଜୀବନୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମମତା ସାହୁ, ଦୀପକ ମହାନ୍ତି, ଦୀପେନ୍ଦୁ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ଗୌରଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଇଟିଡିଏ ପକ୍ଷରୁ ସମ୍ପର୍କ ମେଳା

**ଠାକୁରମୁଣ୍ଡା,୧୪।୨(ଡି.ଏନ୍.ଏ.):** ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) କରଞ୍ଜିଆ ପକ୍ଷରୁ ୫-ଟି ପ୍ରସ୍ତୁତି ପରିପ୍ରେକ୍ଷୀରେ ସମ୍ପର୍କ ଶିବିର ଠାକୁରମୁଣ୍ଡା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଧର୍ମେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା, ସମ୍ମାନନୀୟ ଅତିଥି ବିଡିଓ ବିଜୟ କୁମାର ନାୟକ, ସିଡିପିଓ ପ୍ରେମଲତା ସେଠୀ, କରଞ୍ଜିଆ ବିଧାୟିକାଙ୍କ ପ୍ରତିନିଧି ନନ୍ଦକିଶୋର ବାରିକ ଯୋଗ ଦେଇଥିଲେ । ଆଇଟିଡିଏ ତଥା ଅନ୍ୟାନ୍ୟ ସରକାରୀ ବିଭାଗ ଦ୍ୱାରା କିପରି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ଉପସ୍ଥିତ ଜନସାଧାରଣ ମତାମତ ପ୍ରଦାନ ଦେଇଥିଲେ । ଆଇଟିଡିଏ ପ୍ରକଳ୍ପ ପରିଚାଳକ ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଭାରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅପୂର୍ବ ପାତ୍ର, ଯନ୍ତ୍ରୀ ଜେମାଦାର ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଡ଼ସାହି,୧୪।୨(ସ୍ୱ.ପ୍ର.):** ବଡ଼ସାହି ବ୍ଲକ ଅଧୀନ ନରଣଗାଁ ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ପୂର୍ବତନ ପ୍ରଧାନ ଶିକ୍ଷକ ଜଗନ୍ନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଡାକ୍ତର ରଜନୀକାନ୍ତ ମହାପାତ୍ର, ମୁଖ୍ୟବକ୍ତା ବିଆରସିସି ବାବାଜୀ ଚରଣ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ଶ୍ରୀକାନ୍ତ ସି, ପ୍ରଫୁଲ୍ଲ ମହାଲିକ, କାର୍ତ୍ତିକ ଚନ୍ଦ୍ର ଜେନା, ଶୁଭ୍ରାଂଶୁ ଶେଖର ଦାସ ମଙ୍ଗରାଜ ଓ ସିଆରସିସି ପ୍ରଦୀପ କୁମାର ପାତ୍ର ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ଆତ୍ମ ସମୀକ୍ଷା ସାଙ୍ଗକୁ ପ୍ରତିଭାମାନଙ୍କୁ ଆଗକୁ ନେବାରେ ସହାୟତା ଦେଇଥାଏ ବୋଲି କହିଥିଲେ । ସହକାରୀ ଶିକ୍ଷୟିତ୍ରୀ ଅନୁଜା ସିଂହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ତୋଫାନ କୁମାର ମହାଲିକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ଷଣପ୍ରଭା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ରାଇରଙ୍ଗପୁର,୧୪।୨(ଡି.ଏନ୍.ଏ.):** ଗତ ବର୍ଷ ଫେବୃୟାରୀ ୧୪ ତାରିଖରେ ଜମ୍ମୁକଶ୍ମୀରର ପୁଲୱାମା ଅଞ୍ଚଳରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶୁକ୍ରବାର ରାଇରଙ୍ଗପୁର ସହରାଞ୍ଚଳର ୨୨୦ ନଂ. ଜାତୀୟ ରାଜପଥ ଜନଗହଳି ରାସ୍ତାରେ ଶହୀଦ ଯାବନଙ୍କୁ ଶ୍ରଦ୍ଧାଞ୍ଜଳି ସକାଶେ ଏକ ବାଲୁକା କଳା ପ୍ରଦର୍ଶିତ କରାଯାଇଥିଲା। ବାଲେଶ୍ୱର ଜିଲା ରାଇବଣିଆ ଗ୍ରାମ ବାସିନ୍ଦା ତଥା ରାଇରଙ୍ଗପୁର ବ୍ଲକ ଅଞ୍ଚଳର ସରକାରୀ ପ୍ରାଇମେରୀ ଶିକ୍ଷାନୁଷ୍ଠାନର ଶିକ୍ଷକ ଅଜୟ କୁମାର ଘୋଷଙ୍କ ଶହୀଦ ଯବାନଙ୍କ ବାଲୁକା କଳାଚିତ୍ର କରିଥିବା ବେଳେ ତାଙ୍କର ବହୁ ସମର୍ଥକ ଶିକ୍ଷକ ଏବଂ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଏହି ଅବସରରେ ରାଇରଙ୍ଗପୁର ବ୍ଲକ ଶିକ୍ଷାଧିକାରୀ ତଥା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାଲିକ, ଅଧାପକ ବିଜୟ କୁମାର ରାମ ଏବଂ ଶିକ୍ଷାନୁଷ୍ଠାନର ଛାତ୍ରୀଗଣ ଏବଂ ବୁଦ୍ଧିଜୀବୀ ବାଲୁକା କଳା ନିକଟରେ ଶହୀଦ ଯବାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# 'ପ୍ରତ୍ୟେକ ବ୍ୟକ୍ତି ଚାରାରୋପଣ କରିବା ଦରକାର'

## ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ କର୍ମଶାଳା

**ବାରିପଦା ଅଫିସ, ୧୪।୨**




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ (ଜଳବାୟୁ ପରିବର୍ତ୍ତନ ସେଲ) ପକ୍ଷରୁ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆଞ୍ଚଳିକସ୍ତରୀୟ ଦୁଇ ଦିନିଆ ପରାମର୍ଶ କର୍ମଶାଳା ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସହାୟତା ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଜଳବାୟୁ ପରିବର୍ତ୍ତନ ସେଲର ତତ୍ତ୍ୱାବଧାନରେ ସଂକଳ୍ପ ସମ୍ମିଳନୀ ଗୃହଠାରେ ହୋଇଥିବା ଏହି କର୍ମଶାଳାକୁ ବାରିପଦା ଡିଏଫଓ ସ୍ୱୟମ୍ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ମଲ୍ଲିକ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲ ଓ ପରିବେଶ ତଥା ଜୀବଜଗତ ଉପରେ ପଡୁଥିବା ପ୍ରଭାବ ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ପରିବେଶ ସନ୍ତୁଳନ ରକ୍ଷା ଦିଗରେ ଗୁରୁତ୍ୱ ଦେଇ ଜଙ୍ଗଲ ସୁରକ୍ଷା ସହ ବ୍ୟାପକ ଚାରାରୋପଣ କରିବା ପାଇଁ ମତବ୍ୟକ୍ତ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଡ.କୃଷ୍ଣଚନ୍ଦ୍ର ପାଲ ସ୍ୱାଗତ ଭାଷଣ ଦେବା ସହିତ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ଡ. ଯଜ୍ଞଦତ୍ତ ପତି, ବନଖଣ୍ଡ ଅଧିକାରୀ (ବନ୍ୟଜନ୍ତୁ) ବାଲେଶ୍ୱର ବିଶ୍ୱରାଜ ପଣ୍ଡା, ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଅରୁଣ କୁମାର ମିଶ୍ର, କେନ୍ଦ୍ରାପଡା ରାଜନଗର ବନଖଣ୍ଡ ଅଧିକାରୀ ବିକାଶ ରଞ୍ଜନ ଦାସ ଏବଂ ବାରିପଦା ବନଖଣ୍ଡ ଏସିଏଫ ମଗର ଧନଜୀ ରାଉସ ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପୂର୍ବତନ ଅଧାପକ ଡ. ହରିହର ଦାସ, ଜିଲା ପରିବେଶ ସମିତିର ଉପାଧକ୍ଷ ସନ୍ତୋଷ ମହାନ୍ତି, ସମାଜସେବୀ ଡ. ରମାକାନ୍ତ ମହାନ୍ତ ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ ଜଳବାୟୁ ପରିବର୍ତ୍ତନ ଜନିତ ଜୀବଜଗତ ପରିବେଶ ଉପରେ ପଡୁଥିବା କୁପ୍ରଭାବର କାରଣ ଓ ଏହାର ପ୍ରତିକାର ବିଷୟରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଇକୋ କ୍ଲବର ମାଷ୍ଟର ଟ୍ରେନର ଶିକ୍ଷକ ଅଜିତ୍ କୁମାର ଜେନା, ଜିଲା ଶିକ୍ଷା ବିଭାଗ ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇ ଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଓ ଇକୋ କ୍ଲବର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଶ ସନ୍ତୁଳନ ଉପରେ ସାଂସ୍କୃତିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଳବାୟୁ ପରିବର୍ତ୍ତନ ସେଲର କନିଷ୍ଠ ବୈଜ୍ଞାନିକ ସୁଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଟୋ ଚାଳକଙ୍କ ଆକ୍ରମଣରେ ବାଇକ୍ ଆରୋହୀ ଗୁରୁତର

**ବୈଶିଙ୍ଗା,୧୪।୨(ଡ଼ି.ଏନ୍.ଏ.)**

ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡଦେଉଳିଆ ପଞ୍ଚାୟତର ଭଣ୍ଡାରଶୋଳ ନିକଟରେ ରାସ୍ତା ଦୁର୍ଘଟଣାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଅଟୋ ଚାଳକ ଓ ତାଙ୍କ ସହଯୋଗୀଙ୍କ ଆକ୍ରମଣରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ କାନ୍ଥୀ ଗ୍ରାମର ରାମଚନ୍ଦ୍ର ବିନ୍ଧାଣି ବାଇକ ଯୋଗେ ଦଲଦଲି ଗ୍ରାମକୁ ଯାଉଥିବା ସମୟରେ ଗଡଦେଉଳିଆ ନିକଟସ୍ଥ ଭଣ୍ଡାରଶୋଳ ଗ୍ରାମ ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଅଟୋ ସହିତ ତାଙ୍କର ଧକ୍କା ହୋଇଥିଲା। ତେବେ ରାମଚନ୍ଦ୍ର ଅଟୋରେ ଲାଇଟ ଜଳୁ ନ ଥିବା ବିଷୟରେ ପଚାରିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ଅଟୋରେ ଥିବା ୩ଜଣ ବ୍ୟକ୍ତି ରାମଚନ୍ଦ୍ରଙ୍କୁ ଆକ୍ରମଣ କରି ଗୁରୁତର ଅବସ୍ଥାରେ ରାସ୍ତା କଡ଼ରେ ଫିଙ୍ଗି ଦେଇ ପଳାଇ ଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ବୈଶିଙ୍ଗା ଥାନାରେ ଏକ ମାମଲା (ନଂ. ୩୨/୨୦) ରୁଜୁ ହୋଇଛି।

# ଉଦଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଉଦଳା,୧୪।୨(ଡ଼ି.ଏନ୍.ଏ.)**

ଉଦଳା ମହାବିଦ୍ୟାଳୟର ୫୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ଗୋପାଳ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବାଲେଶ୍ୱରର ଡ. ସୀତାଂଶୁ କୁମାର ସାମଲ, ମୁଖ୍ୟବକ୍ତା କବି ବିଷ୍ଣୁ ଶତପଥୀ, ସ୍ୱତନ୍ତ୍ର ଅତିଥି ଶିକ୍ଷାବିତ୍ ଦିଲ୍ଲୀପ କୁମାର ଦିକ୍ଷୀତ, ଡକ୍ଟର ସଚ୍ଚିଦାନନ୍ଦ ପରିଡା ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ମଞ୍ଚାସୀନ ଅତିଥିଗଣ ଛାତ୍ରଛାତ୍ରୀଙ୍କର ବିକାଶର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିବା ସହିତ ଶିକ୍ଷାର୍ଥୀର ଜୀବନର ଉନ୍ନତିରେ ବିଭିନ୍ନ ମାର୍ଗ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଗେଟ ସର୍ବଭାରତୀୟ ପରୀକ୍ଷାରେ ଓଡିଶାରୁ ସର୍ବୋଚ୍ଚ ନମ୍ବର ରଖିଥିବା ମହାବିଦ୍ୟାଳୟର ରସାୟନ ବିଭାଗ ଅଧାପକ ଅଶୋକ କୁମାର ପୃଷ୍ଟି ଏବଂ ୧୪ ବାଟାଲିୟନ୍ କେଉଁଝର ଏନସିସି ପ୍ରତିଯୋଗିତାର ଶ୍ରେଷ୍ଠ ଅଧିକାରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ବିଭିନ୍ନ କ୍ଷେତ୍ରରେ ଜିଲା ଏବଂ ରାଜ୍ୟସ୍ତରରେ କଲେଜ ନିମନ୍ତେ ଗୌରବ ଆଣିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷା ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଭୋଳାନାଥ ସାହୁ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ସଂସଦର ମୁଖ୍ୟ ଉପଦେଷ୍ଟା ଡକ୍ଟର ଆଲୋକ ରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ ।

# ବାଙ୍ଗିରିପୋଷିରେ ୧୫୬୯ ମାଟ୍ରିକ ପରୀକ୍ଷାର୍ଥୀ

**ବାଙ୍ଗିରିପୋଷି,୧୪।୨(ଡ଼ି.ଏନ୍.ଏ.)**

ଚଳିତ ବର୍ଷର ମାଟ୍ରିକ ପରିକ୍ଷା ପାଇଁ ଆସନ୍ତା ଫେବୃଆରୀ ୧୯ ତାରିଖରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଜିଲାର କେତେକ ବିଦ୍ୟାଳୟରେ ନୋଡାଲ ସେଣ୍ଟର କରାଯାଇଛି । ବାଙ୍ଗିରିପୋଷି ଓ କୁଳିଅଣା ବ୍ଲକ ପାଇଁ ସ୍ଥାନୀୟ ବାଙ୍ଗିରିପୋଷି ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯିବା ସହ ବ୍ଲକରେ ଥିବା ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡିକୁ ଉତ୍ତର ଖାତା ଏବଂ ଆଡମିଟ କାର୍ଡ ଏହି ନୋଡାଲ ସେଣ୍ଟର ମାଧ୍ୟମରେ ବିତରଣ କରାଯିବାର ବ୍ୟବସ୍ଥା ହୋଇଛି । ଉକ୍ତ ୨ଟି ବ୍ଲକର ମୋଟ ୧୩ ଟି ସେଣ୍ଟରରେ ୩୭୨୭ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଉଥିବା ବେଳେ ସେଥିମଧ୍ୟରୁ ବାଙ୍ଗିରିପୋଷି ବ୍ଲକରେ ୭ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ସର୍ବମୋଟ ୭ଟି ପରୀକ୍ଷା କେନ୍ଦ୍ରରେ ରେଗୁଲାର ଏବଂ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ମିଶି ୧୫୬୯ ଜଣ ପରୀକ୍ଷାର୍ଥୀ ପରିକ୍ଷା ଦେବେ ବୋଲି ସୂଚନା ମିଳିଛି । ସେଥି ମଧ୍ୟରୁ ବାଙ୍ଗିରିପୋଷି ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୪୫ ଜଣ ପରୀକ୍ଷାର୍ଥୀ,ଗୌରୀଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୪୩ ଜଣ,ଦ୍ୱାରଶୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୭୩ ଜଣ,ଗୋଲାମୁଣ୍ଡାକଟା ଉଚ୍ଚ ବିଦ୍ୟାଳୟରେ୧୮୬ ଜଣ,କୁସୁମବନ୍ଧ ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୨୯ଜଣ,ବଣକାଟୀ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟରେ୨୯୧ ଜଣ,ଜଗନ୍ନାଥ ଖୁଣ୍ଟା ଉଚ୍ଚ ବିଦ୍ୟାଳୟରେ ୧୯୫ ଏବଂ କୁମ୍ଭାରମୁଣ୍ଡାକଟା ଉଚ୍ଚ ବିଦ୍ୟାଳୟରେ ୧୧୭ ଜଣ ଓଡିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସଓଏସି) ଜଣ ପରୀକ୍ଷାର୍ଥୀ ପରିକ୍ଷା ଦେବେ । କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରହିଥିବା ନୋଡାଲ ଅଧିକାରୀ ସାଇବୁ ସୋରେନ ପ୍ରକାଶ କରିଛନ୍ତି। ବ୍ଲକର ୩ କେନ୍ଦ୍ରରେ ଯଥା ବାଙ୍ଗିରିପୋଷି ସରକାରୀ ଉଚ୍ଚ ବିଦ୍ୟାଳୟ,ଗୋଲାମୁଣ୍ଡାକଟା ଉଚ୍ଚ ବିଦ୍ୟାଳୟ ଏବଂ କୁମ୍ଭାରମୁଣ୍ଡାକଟା ଉଚ୍ଚ ବିଦ୍ୟାଳୟଠାରେ ପ୍ରଥମ ଥର ପାଇଁ ସିସିଟିଭି ଲାଗିବାର ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ଗୌରିଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଉତ୍ତର ଖାତା ସାରସକଣା ବ୍ଲକ ସ୍ଥିତ ଶୀର୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟରରୁ ଆସିବାର ବିଜ୍ଞପ୍ତି ଜାରି ହୋଇଛି ।

# ମାଗେ ପରବ ମହୋତ୍ସବ

**କପ୍ତିପଦା,୧୪।୨(ଡ଼ି.ଏନ୍.ଏ.)**

କପ୍ତିପଦା ବ୍ଲକ୍ ଶରଡ଼ିହା ପଞ୍ଚାୟତ ଅନ୍ତର୍ଗତ ଭଣ୍ଡାର ଯୁବକ ସଂଘ ଆନୁକୂଲ୍ୟରେ ଶରତ ଆଞ୍ଚଳିକ ହୋ ସମାଜ ଦିଶୁମ୍ ମାଗେ ପରବ ମହୋତ୍ସବ -୨୦୨୦ ଅନୁଷ୍ଠିତ ହୋଇଯାଇଛି । ୫ଦିନ ଧରି ଅନୁଷ୍ଠିତ ଏହି ପରବରେ ପାଖଆଖ ଅଞ୍ଚଳରୁ ୫ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ। ପ୍ରତ୍ୟେକ ଦିନ ଏହି ଅବସରରେ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ନୃତ୍ୟ ଦଳମାନଙ୍କୁ ଚୟନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସଂଘର ସଭାପତି ମହେଶ୍ୱର ପାଳେୟା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ସଂଯୋଜକ ସୁଦର୍ଶନ ମୁଦୁଲି, ସମ୍ମାନିତ ବକ୍ତା ଭାବେ ହୋ ସାମାଜିକ ସଂଗଠନ ସିଦାହରା ସୁସାର ଆକ୍କା ଓଡ଼ିଶା ଭୁବନେଶ୍ୱରର ପୂର୍ବତନ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ତିଉ, ସମ୍ମାନିତ ଅତିଥି ଭାବେ କପ୍ତିପଦା ବ୍ଲକ୍ ପୂର୍ବତନ ଚେୟାରମ୍ୟାନ ସଙ୍ଗା ପାଳେୟା, ଶରଡ଼ିହା ସରପଞ୍ଚ ରମେଶ ଚନ୍ଦ୍ର ବାନରା, ଦିମିଷ୍ଟ ହୋ ସଙ୍ଗୀତ ଓ କଳା ନିର୍ଦ୍ଦେଶକ ବାବୁଲ ସୁଣ୍ଡି ପ୍ରମୁଖ ଯୋଗ ଦେଇ ଏହି ଉତ୍ସବ ପାଳନର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ଅତିଥିମାନେ ପ୍ରଥମ କୃତୀ ପ୍ରତିଯୋଗୀ ଠାକୁରମୁଣ୍ଡା ବ୍ଲକ୍‌ର ପତରାପଡ଼ା ନୃତ୍ୟ ଦଳ, ଦ୍ୱିତୀୟ କୃତୀ ପ୍ରତିଯୋଗୀ ଡୁମସୁଡୁମ୍ବାଃ ରାଣୀପୋଖରୀ ନୃତ୍ୟ ଦଳ ଓ ତୃତୀୟ କୃତି ପ୍ରତିଯୋଗୀ ସାର୍ନାଧରମ ପିର୍କାଲ ଭଣ୍ଡାରପ୍ରଧାନ ସାହି ଦଳକୁ ପୁରସ୍କାର ବିତରଣ କରିଥିଲେ। କ୍ଲବ୍‌ର ସଦସ୍ୟ ରଜତ କୁମାର ଗୁଇୟା, ପାକୁଲ ମହାକୁଡ଼, ଗୟାଧର ମହାକୁଡ଼, କେପ୍‌ଟେନ୍ ଉନ୍‌ହାଗା, ମୋହନ ବାଦରା, ଦାନିୟେଲ ମେଲ ଗାନ୍ଧି ଓ ବାବୁଲି ହେମ୍ବ୍ରମ୍ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

# ଯୁବଗୋଷ୍ଠୀଙ୍କ ବାଇକ୍ ରାଲି

**ଝାରପୋଖରିଆ,୧୪।୨(ଡି.ଏନ୍.ଏ.)**

ଓଡ଼ିଶାରେ ଜାତୀୟ ଯୁବ ପ୍ରକଳ୍ପ ସଂଗଠନକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ଯୁବ ପ୍ରକଳ୍ପର ସଂଯୋଜକ ମଧୁସୁଦନ ଦାସଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ଗତ ୧୦ ତାରିଖ ଦିନ ଓଡ଼ିଶା ଶାଖାର ଯୁବଗୋଷ୍ଠୀ ଏକ ମୋଟର ସାଇକେଲ ସଦ୍‌ଭାବନା ଯାତ୍ରାରେ ରାଜଧାନୀ ଭୁବନେଶ୍ୱରରୁ ବାହାରି କଟକ, ଯାଜପୁର, ଭଦ୍ରକ ଜିଲାର ଇରମ୍ ପରେ ବାଲେଶ୍ୱର ଜିଲା ଦେଇ ମୟୂରଭଞ୍ଜ ଜିଲାର ବୈଶିଙ୍ଗା, ବେତନଟୀ ପରେ ଜିଲା ମୁଖ୍ୟ ବାରିପଦା ସହର ଓ କୁଳିଅଣା ଦେଇ ଝାରପୋଖରିଆ(ବମ୍ଫେଛକ)ରେ ଗୁରୁବାର ପହଞ୍ଚିଥିଲେ। ଉକ୍ତ ଗୋଷ୍ଠୀକୁ ବମ୍ଫେଛକ ସୀମାନ୍ତ ଯୁବ ସମିତିର ସଦସ୍ୟଗଣ ସ୍ୱାଗତ କରିଥିଲେ। ପରେ ସେମାନେ ବମ୍ଫେଛକ (ଝାରପୋଖରିଆ) ବଜାର ପରିକ୍ରମା କରି ସ୍ଥାନୀୟ ସୀମାନ୍ତ ମହାବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ନେଇ ସଦ୍‌ଭାବନା ଏକତା କାର୍ଯ୍ୟକ୍ରମ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ବିଷ୍ଣୁପଦ ମହାପାତ୍ର, ଅଧାପକ ନିହାର ରଞ୍ଜନ ମହାନ୍ତ, ଜାତୀୟ ସେବାଯୋଜନାର ମହିଳା ୟୁନିଟ୍‌ର ଅଧିକାରିଣୀ ଜୟନ୍ତୀ ସିଂ, ସୀମାନ୍ତ ଯୁବ ସମିତିର ସଭାପତି ଆଶୋକ କୁମାର ପୁଷ୍ଟି, ସମ୍ପାଦକ ବାସୁଦେବ ପାତ୍ର, ସୁମନ ସାହୁ, ରାଜେଶ କୁମାର ଭୂୟାଁ, ପ୍ରୀତମ ପଣ୍ଡା, ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଡକ ସଚେତନତା ଅଭିଯାନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଏସଡିପିଓ ।

**ଚିତ୍ରଡା,୧୪।୨(ଡ଼ି.ଏନ୍.ଏ.)**

ମୟୂରଭଞ୍ଜ ଜିଲାର ମୋରଡ଼ା ବ୍ଲକ ଅଧୀନ ଚିତ୍ରଡାସ୍ଥିତ ହାଟ ଛକ ନିକଟରେ ମା ସିଂଘାସିନୀ ନାରୀ ସଂଘର ସଭାପତି ବିଷ୍ଣୁପ୍ରିୟା ଦାସଙ୍କ ସଭାପତିତ୍ୱ ଶୁକ୍ରବାର ସଡ଼କ ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଚିତ୍ରଡା ପଞ୍ଚାୟତର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀସ୍‌ର ସଦସ୍ୟାମାନେ ଯୋଗ ଦେଇ ଥିଲେ। ଚିତ୍ରଡା ବ୍ୟାଙ୍କ ଅଫ ଇଣ୍ଡିଆ ନିକଟରେ ବାଟରେ ଯାଉଥିବା ମଟର ସାଇକେଲ, ଚାରିଚକିଆ ଯାନ ଆଦିକୁ ଅଟକାଇ ହେଲମେଟ, ଲାଇସେନ୍ସ ଏବଂ ସିଟବେଲ୍ଟ ସମ୍ବନ୍ଧରେ ବୁଝାଇ ଚକଲେଟ ଏବଂ ଗୋଲାପ ଫୁଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହଲଦୀପାଳ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସୁକାନ୍ତି ସେଠୀ, ସାଇବନ୍ଦନା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଫାଣ୍ଡିଅଧିକାରୀ ରାଜେନ୍ଦ୍ର କୁମାର ମଣ୍ଡଳ ଏବଂ ବେତନଟୀ ଏସଡିପିଓ ଲଳିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ମୋ ସରକାର' ସମ୍ପର୍କ ଶିବିର

**କୋଷ୍ଟା,୧୪।୨(ଡି.ଏନ୍.ଏ.)**

ଶୂଳିଆପଦା ବ୍ଲକ ପରିସରରେ 'ମୋ ସରକାର' ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ପରିକ୍ଷିତ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପି.ଏ. ଆଇଟିଡିଏ ବିଜନ କୁମାର ଥମ୍ଭ, ବାରିପଦା ଏଡିଏମ୍ ବ୍ରଜବନ୍ଧୁ ଭୋଳ, ଶୂଳିଆପଦା ବ୍ଲକ ଅଧକ୍ଷ ଠୁମ୍ପୁ ହେମ୍ବ୍ରମ୍, ୫୩ ନଂ.ଜୋନ ଜିଲା ପରିଷଦ ସଦସ୍ୟ ସୁଧୀର କୁମାର ବେହେରା, କେତେକ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଯୋଗଦାନ କରିଥିଲେ। ଏତଦ୍‌ଭିନ୍ନ ବ୍ଲକସ୍ତରୀୟ ସମସ୍ତ ଲାଇନ୍ ବିଭାଗର ଅଫିସରମାନେ ଉପସ୍ଥିତ ରହି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ । କୃଷି ବିଭାଗ ତରଫରୁ କୃଷି ଯନ୍ତ୍ରପାତିର ବ୍ୟବହାର,ବିବିଧ ପ୍ରକାର ଚାଷପ୍ରଣାଳୀ, ପ୍ରାଣୀ ସମ୍ପଦ ବିଭାଗ ତରଫରୁ ବିଭିଓ ଡା.ରାଜୀବ ଲୋଚନ ବେହେରା ବିଭିନ୍ନ ପ୍ରକାର ପ୍ରାଣୀରୋଗ ଓ ଏହାର ଚିକିତ୍ସା, ସତର୍କତା ଉପରେ ଆଲୋକପାତ କରିଥିଲେ। ସେହିପରି ଉଦ୍ୟାନ ବିଭାଗ, ଜଳ ସମ୍ପଦ ବିଭାଗ, ମିଶନ ଶକ୍ତି ଓ ଲୋଧା ଉନ୍ନୟନ ପରିଷଦ ମୋରଡାର ସୋସିଆଲ ମୋବିଲାଇଜର ମମତା ମହାଚାରୀ ଲୋଧା ସମ୍ପ୍ରଦାୟପାଇଁ ସରକାରଙ୍କ ବିବିଧ ଯୋଜନା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗରିବ ଲୋକମାନଙ୍କୁ ବାସଗୃହ ଯୋଗାଇ ଦିଆଯାଇ ନ ଥିବା ମେନକା ନାଏକଙ୍କ ନେତୃତ୍ୱରେ ପଥରନେଶା ଗ୍ରାମର ସଂଖ୍ୟାଧିକ ମହିଳା ଅଭିଯୋଗ କରିଥିଲେ। ବ୍ଲକ ଅଧକ୍ଷ ଏ ସମ୍ବନ୍ଧରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

**ବାରିପଦା ଅଫିସ, ୧୪।୨**




ମାରିସା ସେନା ପକ୍ଷରୁ ଧାରଣା ଦିଆଯାଇଛି।

ମାରିସା ସେନା ପକ୍ଷରୁ ଶୁକ୍ରବାର ଜିଲା ମଙ୍ଗଳ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଦିବାସୀ ପିଲାମାନଙ୍କ ଗୁଣାତ୍ମକ ଶିକ୍ଷା ଲାଭ ନିମନ୍ତେ ସହରରେ ଥିବା ପ୍ରତିଷ୍ଠିତ ଘରୋଇ ବିଦ୍ୟାଳୟରେ ପ୍ରାଥମିକସ୍ତରରୁ ନାମ ଲେଖା ବ୍ୟବସ୍ଥା କରାଯାଇଛି। ଇଂରାଜୀ ମିଡ଼ିୟମ ସ୍କୁଲରେ ପଢୁଥିବା ଆଦିବାସୀ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ୫୦ ହଜାର ଟଙ୍କା ବ୍ୟୟ କରି ଦେୟମୁକ୍ତ ଶିକ୍ଷା ପ୍ରଦାନ କରିବା ପାଇଁ ଆରବାନ୍ ଅନ୍ୱେଷା ଯୋଜନା କାର୍ଯ୍ୟକାରୀ କରାଯାଇଛି। ମାତ୍ର ଜିଲାରେ ଏହି ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇ ନ ଥିବା ସେନା ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେନା ପକ୍ଷରୁ କୁହାଯାଇଛି ଯେ, ୨୦୧୫ ରୁ ଜିଲାର ବାରିପଦା, ରାଇରଙ୍ଗପୁର ଏବଂ କରଞ୍ଜିଆରେ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ବାରିପଦା ବ୍ୟତୀତ ଅନ୍ୟ ଅନ୍ୟ କେଉଁଠି ହଷ୍ଟେଲ କାର୍ଯ୍ୟ ଶେଷ ହୋଇପାରିନାହିଁ। କେଉଁଠି ଭଙ୍ଗା ଘରେ ତ ଆଉ କେଉଁଠି ଭଡ଼ା ଗୋଦାମ ଘରେ ଛାତ୍ରୀଛାତ୍ରମାନେ ରହୁଛନ୍ତି। ଜିଲା ମଙ୍ଗଳ ବିଭାଗ ଓ ହଷ୍ଟେଲ ନିର୍ମାଣ କରୁଥିବା ଠିକା କମ୍ପାନୀ ମଧ୍ୟରେ ସଲାସୁତୁରା ହେଉଥିବା କାରଣରୁ ହଷ୍ଟେଲ କାର୍ଯ୍ୟ ଆଗେଇ ପାରୁ ନାହ ବୋଲି ଅଭିଯୋଗରେ ଦ ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ଛାତ୍ରୀଛାତ୍ରମାନଙ୍କ ପାଇଁ ଥିବା ନିର୍ଦ୍ଧାରିତ ହଷ୍ଟେଲ ନିର୍ମାଣ କରାଯାଇ ସେଠାରେ ସେମାନଙ୍କୁ ସ୍ଥାନାନ୍ତରିତ କରା ନ ଗଲେ ମାରିସା ସେନା ପକ୍ଷରୁ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ତାଲା ବନ୍ଦ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଜିଲା ସଭାପତି ଅର୍ଜ୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ସମ୍ପାଦକ ରାଜ ହେମ୍ବ୍ରମ, ଲଖନ ମାର୍ଣ୍ଡି, କାତୁଲ ବାସ୍କେ, ଶଙ୍କର ବାସ୍କେ, ସଞ୍ଜୀୟ ଟୁଡୁ, ସିମନ ମାର୍ଣ୍ଡିଙ୍କ ସମେତ ଏକାଧିକ ସଦସ୍ୟ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ସଂକ୍ଷେପରେ

### ବିଶୃଙ୍ଖଳିତ ଆଚରଣ ପାଇଁ ନିଲମ୍ବିତ ହେଲେ ଯବାନ

ବଡ଼ସାହି,୧୪।୨(ସ୍ୱ.ପ୍ର)- ଡ୍ୟୁଟି ସମୟରେ ନିଶାଗ୍ରସ୍ତ ଅବସ୍ଥାରେ ପାଟିତୁଣ୍ଡ କରିବା ସହ ଅଶ୍ରାବ୍ୟ ଭାଷା ପ୍ରୟୋଗ କରିଥିବା ଅଭିଯୋଗରେ ଓଡ଼ିଶା ଅକ୍ଜୁଲେରୀ ପ୍ରୋଟେକ୍ସନ ଫୋର୍ସ (ଓଏପିଏଫ୍)ର ଜଣେ ଯବାନଙ୍କୁ ମୟୂରଭଞ୍ଜ ଏସପି କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଏସ୍‌ପିଙ୍କ ଚିଠି ନଂ.୧୭/୧୪।୨।୨୦୨୦ରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି । ତାଙ୍କ ନାମରେ ବଡ଼ସାହି ଥାନାରେ ଶୁକ୍ରବାର ଏକ ମାମଲା (ନଂ.୨୧/୨୦)ରୁଜୁ ହୋଇଛି। ଯବାନ ଜଣକ ହେଲେ ରରୁଆଁ ଥାନା ଅଧୀନ ଦେଉଳି ଗ୍ରାମର ଗଗନ ବିହାରୀ ନାଏକ । ଗତ ୧୧ ଫେବୃଆରୀରେ ବଡ଼ସାହି ବ୍ଲକ ଅଧୀନ ସୁହାଗପୁର-ଚାନ୍ଦଡିହାରେ ଥିବା ମା’ ହିଙ୍ଗୁଳାଙ୍କ ବାର୍ଷିକ ମେଳାରେ ଶାନ୍ତିଶୃଙ୍ଖଳା ରଖିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଫୋର୍ସ ମୃତୟନ କରାଯାଇଥିଲା । ସେଠାରେ ଡ୍ୟୁଟି କରୁଥିବା ଯବାନ ଜଣକ ନିଶାଗ୍ରସ୍ତ ଅବସ୍ଥାରେ ପାଟିତୁଣ୍ଡ କରି ଗାଳିଗୁଲଜ କରିଥିଲେ। ପରେ ଏହି ଘଟଣାର ଭିଡ଼ିଓ ଭାଇରାଲ ହୋଇଥିଲା। ଏସପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ଏ ସମ୍ପର୍କରେ ଜାଣିବା ପରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏସପିଙ୍କ ନିର୍ଦ୍ଦେଶ କ୍ରମେ ବଡ଼ସାହି ଥାନା ଆଇଆଇସି ଜୟନ୍ତ କୁମାର ବେହେରା ସମ୍ପୃକ୍ତ ଯବାନଙ୍କ ବିରୋଧରେ ମାମଲା ରୁଜୁ ପୂର୍ବକ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି ।

### କୁଷ୍ଠ ରୋଗୀ ଚିହ୍ନଟ କାର୍ଯ୍ୟକ୍ରମ

ରାଇସୁଆଁ, ୧୪।୨(ଡି.ଏନ.ଏ.)- କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ କୁଷ୍ଠ ରୋଗ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ରାଇସୁଆଁ, ପଳାଶପଙ୍ଗା, ନରଣପୁର, ମଇଦାନକେଲର ବହୁ ଆଶାକର୍ମୀ, ଅଙ୍ଗନୱାଡି କର୍ମୀଙ୍କ ସହିତ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମସ୍ତ ପଞ୍ଚାୟତରେ କୁଷ୍ଠ ରୋଗୀ ଚିହ୍ନଟ କରାଯାଇ ଚିକିତ୍ସା କରାଯିବ। ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଅଶୋକ ନାଏକ କହିଛନ୍ତି ଯେ, ଔଷଧ ବ୍ୟବହାର କଲେ ଏହି ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ। ସମସ୍ତ କୁଷ୍ଠ ରୋଗୀ ନିସଙ୍କୋଚ ଭାବେ ଚିକିତ୍ସାଳୟକୁ ଆସି ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହିତ ଚିକିତ୍ସିତ ହେବାକୁ ସେ ପରାମର୍ଶ ଦେଇଛନ୍ତି।

### ଟ୍ରେଲର ଧକ୍କାରେ ମହିଳା ମୃତ, ଜଣେ ଗୁରୁତର

ଯୋଡ଼ା, ୧୪।୨(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ସହର ଦେଇ ଯାଇଥିବା ୨ ନମ୍ବର ରାଜ୍ୟ ରାଜପଥର ବାମେବାରୀ-ଯୋଡା ରାସ୍ତାର ଲାଓ ପ୍ୟାଲେସ ଛକ ନିକଟରେ ଶୁକ୍ରବାର ରାତି ପ୍ରାୟ ୯ ଟା ବେଳେ ଏକ ଦୁର୍ଘଟଣା ଘଟିଛି। ଏକ ଟ୍ରେଲର ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। କଳାପାହାଡ ଅଞ୍ଚଳର ଦୁଇ ଜଣ ମହିଳା ଓ ଜଣେ ଯୁବକ ଏକ ବାଇକରେ କମାରଯୋଡା ଅଭିମୁଖେ ଯାଉଥିଲେ। କୌଣସି କାରଣରୁ ପଛରେ ବସିଥିବା କୁସୁମ ମହାନ୍ତି ବାଇକରୁ ତଳେ ପଡିଯାଇଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ତାଙ୍କ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବାଇକରେ ବସିଥିବା ଅନ୍ୟ ଜଣେ ମହିଳା ମନୋରମା ମହାନ୍ତି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କମାରଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି । ଦୁର୍ଘଟଣା ପରେ ଉତ୍ତେଜନା ଦେଖାଦେବାରୁ ଟ୍ରକ ଚଳାଚଳ ବନ୍ଦ ହୋଇଯାଇଥିଲା। ପୋଲିସ ପହଞ୍ଚି ଟ୍ରକ ଜବତ କରିଥିବା ବେଳେ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି। ଖବର ଲେଖା ହେବା ବେଳକୁ ରାସ୍ତା ମଝିରୁ ମୃତଦେହକୁ ଉଠାଯାଇ ନ ଥିବାରୁ ହଜାର ହଜାର ଟ୍ରକ ଡମ୍ଫର ଦୁଇ ପାର୍ଶ୍ୱରେ ଅଟକି ରହିଥିଲା।

# ଦାବି ପୂରଣ ଘୋଷଣା ପରେ ହଟିଲା ଆନ୍ଦୋଳନ

- ରାଣୀତାଲରେ ଫ୍ଲାଏଓଭର ନିର୍ମାଣ ପ୍ରସଙ୍ଗ
- ୫୧ ଦିନ ପରେ ଓହରିଲେ ଆନ୍ଦୋଳନକାରୀ

ଭଦ୍ରକ ଅଫିସ, ୧୪।୨



ରାଣୀତାଲଠାରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଞ୍ଜୀବ ମଲ୍ଲିକ ବ୍ରିଜ୍ କରାଯିବା ନେଇ ଘୋଷଣା କରୁଛନ୍ତି।

ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥ ରାଣୀତାଲ ବଜାର ଉପରେ ଏକ ଫ୍ଲାଏଓଭର ଓ ରାଣୀତାଲ ହାଇସ୍କୁଲଠାରେ ଏକ ଅଣ୍ଡରପାସ୍ ଦାବିରେ ସ୍ଥାନୀୟ ବିକାଶ ମଞ୍ଚ, ସାହିତ୍ୟ ସଂସ୍କୃତି ପରିଷଦ ଓ ଏପିଜେ ଅବଦୁଲ କଲାମ ଟ୍ରଷ୍ଟ ଦ୍ୱାରା ଆନ୍ଦୋଳନ ଚାଲିଥିଲା । ଦାବି ପୂରଣ ଘୋଷଣା ପରେ ୫୧ ଦିନ ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ।

ପ୍ରକାଶ ଯେ, ଗତ ୧୭ ତାରିଖରେ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ଓଡ଼ିଶାର ଅନ୍ୟ ଏମ୍‌ପିଙ୍କ ସହ ଆଲୋଚନା ପରେ ଦାବି ଯୁକ୍ତିଯୁକ୍ତ ବୋଲି ହୃଦୟଙ୍ଗମ କରିଥିଲେ। ଏହାର ଯଥାଶୀଘ୍ର ସମାଧାନ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଓଡ଼ିଶା ମୁଖ୍ୟ ରାମଚନ୍ଦ୍ର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ବୁଧବାର ଭୁବନେଶ୍ୱରରେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଏମ୍‌ପି ମଣ୍ଡଳ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ରାଣୀତାଲ ବିକାଶ ମଞ୍ଚର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ରାଣୀତାଲବାସୀଙ୍କ ଦାବି ଅନୁସାରେ ଦୁଇଟି ନୁହେଁ ୩ଟି ପୋଲ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ରାଣୀତାଲ ବଜାରଠାରୁ ୨୦୦ ମିଟର ଦୂରରେ ଥିବା ପୋଲକୁ ଭାଙ୍ଗି ଏକ ବଡ଼ ଭେଇକୁଲାର ଅଣ୍ଡରପାସ୍, ବଜାର ଉପରେ ଲୋକଙ୍କ ଯାତାୟାତ ପାଇଁ ଓ ରାଣୀତାଲ ହାଇସ୍କୁଲଠାରେ ବକ୍ସ ଟାଇପ୍ ଅଣ୍ଡରପାସ୍ କରିବାକୁ ସେ ରାଜି ହୋଇଛନ୍ତି। ଏହି ମର୍ମରେ ବିଧାୟକ ମଲ୍ଲିକ, ଏମ୍‌ପି ମଣ୍ଡଳ ରାଣୀତାଲରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ କହିଥିଲେ। ରାଣୀତାଲବାସୀଙ୍କ ବହୁଦିନର ଦାବି ପୂରଣ ହେବାକୁ ଯାଉଥିବାରୁ ଶତାଧିକ ଲୋକ ଏକତ୍ର ହୋଇ ବିଧାୟକ ଓ ଏମ୍‌ପିଙ୍କୁ ସ୍ୱାଗତ କରିଥିଲେ। ଦାବି ପୂରଣ କ୍ଷେତ୍ରରେ ସମସ୍ତ ସହଯୋଗ ମିଳିଥିବାରୁ ବିକାଶ ମଞ୍ଚର ସଭାପତି ଭାଗୀରଥି ନାୟକ ଓ ଆବାହକ ଗଣେଶ ପ୍ରସାଦ ଦାଶ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ।

# ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରିଣୀ


କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

ଭଦ୍ରକ ଅଫିସ, ୧୪।୨

ଭଦ୍ରକ ଜିଲା ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରିଣୀ ବୈଠକ ଲଲାଟେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ରାୟ ସ୍ୱାଗତ ଭାଷଣ ଓ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଠକରେ ମହାସଂଘର ପଞ୍ଜୀକରଣ, ସଂଘ ସମ୍ବିଧାନ ପାଠ, କାର୍ଯ୍ୟକାରିଣୀ କମିଟି ସମ୍ପ୍ରସାରଣ, ସଭ୍ୟ ସଂଖ୍ୟା ବୃଦ୍ଧି, ସଂଘର ପାଣ୍ଠି ସଂଗ୍ରହ, ଆୟବ୍ୟୟର ସମୀକ୍ଷା, ଏକାକୀ ନାଗରିକ ସୁରକ୍ଷା ପ୍ରଦାନ ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରିବା, ଜିଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଟିକେଟ କାଉଣ୍ଟର ବ୍ୟବସ୍ଥା ଆଦି ବିଷୟରେ ବକ୍ତାମାନେ ଆଲୋଚନା କରିଥିଲେ। ରଙ୍ଗବଲ୍ଲଭ ଜେନା, ସୂର୍ଯ୍ୟକାନ୍ତ ପାଢ଼ୀ, ବିଜୟ କୁମାର ସେନାପତି, ହରେକୃଷ୍ଣ ମହାକୁଡ଼, ମହେଶ ପ୍ରସାଦ ଦାସ, ଗୋଲକ ଚନ୍ଦ୍ର ନାୟକ, ରତ୍ନାକର ବାରିକ, ଜଗବନ୍ଧୁ ମହାନ୍ତି, ଚକ୍ରମୋହନ ମହାନ୍ତି ପ୍ରମୁଖ ସଂଘର ଲକ୍ଷ୍ୟ ଓ ସମ୍ବିଧାନ ସମ୍ପର୍କରେ କହିଥିଲେ। ଜିଲାର ସମସ୍ତ ବ୍ଲକର ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତାମାନେ ବୈଠକରେ ଯୋଗ ଦେଇଥିଲେ। ସହସମ୍ପାଦକ ବିଭୂତି ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଶାମ୍ବରଥ ପରିକ୍ରମା

ଜଳେଶ୍ୱର, ୧୪।୨ (ସ୍ୱ.ପ୍ର.)

କୁଷ୍ଠରୋଗର ମୂଳୋତ୍ପାଟନ ପାଇଁ ସରକାର ଦୃଢ ପରିକର ହୋଇଥିବାରୁ ଏବେ ପ୍ରତି ଘରକୁ ଘର ଯାଇ ଲୋକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ରୋଗୀ ଚିହ୍ନଟ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଅଧୀନରେ ଥିବା ୧୭୭ ଜଣ ଆଶାକର୍ମୀଙ୍କୁ ଏଥିରେ ନିୟୋଜିତ କରାଯାଇଛି। ଏବେ ଜଳେଶ୍ୱର ବ୍ଲକ ଅଧୀନରେ ୨ଲକ୍ଷ ୧୦ହଜାର ଜନସଂଖ୍ୟା ଥିବାରୁ ପ୍ରତିଦିନ ଆଶାକର୍ମୀମାନେ ପ୍ରତ୍ୟେକ ୨୫ଟି ପରିବାରକୁ ଯାଇ ଏପରି କାର୍ଯ୍ୟ କରିବେ ବୋଲି ବିସିଡବ୍ଲ୍ୟୁଓ ଜ୍ୟୋତିର୍ମୟ ଦେ ପ୍ରକାଶ କରିଛନ୍ତି । ଏଥିଲାଗି ସଚେତନତା ସୃଷ୍ଟି କରିବା ପାଇଁ ଏକ ଶାମ୍ବରଥ ୧୦ ଦିନ ଜଳେଶ୍ୱର ଅଞ୍ଚଳରେ ବୁଲିବ ବୋଲି ଦେ କହିଛନ୍ତି ।


ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

# ମୟୂରଭଞ୍ଜ ଠାକୁରମୁଣ୍ଡା କ୍ଲବ ବିଜୟୀ

**ଗଜେନ୍ଦ୍ରନାଥ ମେମୋରିଆଲ ଟୁର୍ଣ୍ଣାମେଣ୍ଟ**

ରେମୁଣା, ୧୪।୨(ଡି.ଏନ.ଏ.)

ରେମୁଣା ବ୍ଲକ ଅନ୍ତର୍ଗତ ବରୁଣସିଂ ପଞ୍ଚାୟତ ରୂପବାଲି ପଡ଼ିଆରେ ୧୪ତମ ଗଜେନ୍ଦ୍ରନାଥ ସ୍ମାରକୀ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରୁଣସିଂ ପଞ୍ଚାୟତ ସରପଞ୍ଚ ରଘୁନାଥ ନାୟକ ଉତ୍ସବରେ ପତାକା ଉତ୍ତୋଳନ କରିଥିଲେ। ମଞ୍ଜୁଲତା ପରିଡ଼ା, ନୀଳଗିରି ରୋଡ଼ କ୍ଲବର ସମ୍ପାଦକ ବିଶ୍ୱନାଥ ପ୍ରଧାନ ଓ ସଭାପତି ରାଜେନ୍ଦ୍ର ପ୍ରସାଦ ମହାଳିକ ସ୍ୱର୍ଗତ ଗଜେନ୍ଦ୍ର ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଦୁଇଟି ଫୁଟବଲ ଦଳ ନେତାଜୀ କ୍ଲବ ବେଲଦା ବନାମ ମୟୂରଭଞ୍ଜ ଠାକୁରମୁଣ୍ଡା କ୍ଲବ ଅଂଶଗ୍ରହଣ କରିଥିଲେ। ଏଥିରେ ଠାକୁରମୁଣ୍ଡା କ୍ଲବ ୪-୦ରେ ବିଜୟୀ ହୋଇଛି।

ମୁଖ୍ୟଅତିଥି ଭାବେ ରେମୁଣା ବ୍ଲକ ଚେୟାରମ୍ୟାନ୍ ସୁଶାନ୍ତ ପଟ୍ଟନାୟକ କ୍ଲବର ବରିଷ୍ଠ ଖେଳାଳୀ ଗୌରାଙ୍ଗ ପାଣିଗ୍ରାହୀ, ଗଦାଧର ଦଳେଇ, ସୁଧୀର ଶତପଥୀ ଓ ଉମାକାନ୍ତ ପୋଥାଳଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରିଥିଲେ। ମରଣୋତ୍ତର ଭାବେ ସେକ୍ ଅଲି ମହମ୍ମଦ ଓ ନିରଞ୍ଜନ ପରିଡ଼ାଙ୍କ ପରିବାରକୁ ମାନପତ୍ର ପ୍ରଦାନ କରାଯାଇଥିଲା। ସନ୍ତୋଷ କୁମାର ରାଉତ, ରତନ କୁମାର ସ୍ୱାଇଁ, ଦିଲୀପ ପ୍ରଧାନ, କ୍ଲବ କୋଷାଧ୍ୟକ୍ଷ ଶଶିକାନ୍ତ ପରିଡ଼ା, ଲିଗାଲ ଆଡ଼ଭାଇଜର ପ୍ରତାପ କୁମାର ଦାସ, ବରିଷ୍ଠ ସଦସ୍ୟ ରବୀନ୍ଦ୍ର ମହାକୁଡ଼, ରତିକାନ୍ତ ପ୍ରଧାନ, ସୁରେନ୍ଦ୍ର ଜେନା, କାହ୍ନୁଚରଣ ପାଣିଗ୍ରାହୀ, ବନମାଳୀ ଦାସ, ଜୀତେନ୍ଦ୍ର ଜେନା, ମଧୁସୂଦନ ଖଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ପାଇଖାନା ଅନୁଦାନ ହଡ଼ପ ଅଭିଯୋଗ

ହାଟଡିହୀ,୧୪।୨(ଡି.ଏନ.ଏ.)– କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବଡରଂପାସ ପଞ୍ଚାୟତରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପାଇଖାନା ନିର୍ମାଣ ଅନୁଦାନ ହଡପ ହୋଇଥିବା ଅଭିଯୋଗ ହୋଇଛି। ଦାମୋଦର ଜେନା, ନାରାୟଣ ପଣ୍ଡା, ସୁକଦେବ ଯେନା, ସୁରେନ୍ଦ୍ର ଓଝା, ବିଟି ମୁଣ୍ଡା, ରାଜେନ୍ଦ୍ର ଜେନା ପ୍ରମୁଖ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀଙ୍କ ପାଇଖାନା ନିର୍ମାଣ ଅନୁଦାନକୁ ଅନ୍ୟ କେହି ବିଲ୍ କରି ନେଇଯାଇଛନ୍ତି। ହିତାଧିକାରୀଙ୍କ ଅନୁଦାନ କୁ କିଏ ବିଲ୍ କରି ନେଲା ତାହାର ତଦନ୍ତ ଦାବି କରିଛନ୍ତି। ଏପରିକି ପାଇଖାନା ନିର୍ମାଣ ନ କରି କୋଟି କୋଟି ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି । ଲୋକଙ୍କ ଅଭିଯୋଗର ତଦନ୍ତ ହେବ ବୋଲି ଯନ୍ତ୍ରୀ ଉତ୍ସବ ଜେନା କହିଛନ୍ତି। ପୂର୍ବରୁ ପଡିଆରୀପଲି ପଞ୍ଚାୟତରେ ପାଇଖାନା ନିର୍ମାଣ ଅନୁଦାନ ହଡପ ହୋଇଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ପଞ୍ଚାୟତକୁ ତଦନ୍ତକାରୀ ଅଧିକାରୀ ବିନୟ ମିଶ୍ର ୩ ଥର ତଦନ୍ତରେ ଯାଇଥିଲେ। ମାତ୍ର ସହଯୋଗ ନ ମିଳିବାରୁ ନିରାଶ ହୋଇ ଫେରିଥିବା ମିଶ୍ର କହିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ASTROLOGY

ଘରେ ବସି ଫୋନ୍‌ରେ ସବୁ ସମସ୍ୟାର ସମାଧାନ
ଯଦି ଅଛି ସମାଧାନ ତେବେ କାହିଁକି ହେଉଛନ୍ତି ବିବ୍ରତ
ଗୁରୁଜୀ ବଙ୍ଗାଳି ତାନ୍ତ୍ରିକ
ଆମ ପାଖରେ ବିଦ୍ୟା ଅଛି ମିଛ ପ୍ରତିଶ୍ରୁତି ନୁହେଁ
ଶକ୍ତି ଚମତ୍କାର ଦେଖନ୍ତୁ 7 ଘଣ୍ଟାରେ ଗ୍ୟାରେଣ୍ଟିଡ୍, ପ୍ରେମ ବିବାହ, ବଶୀକରଣ କରାଇବା/ଭାଙ୍ଗିବା, ଯାଦୁ ଟୋନା, ସଉତୁଣୀ, ଶତ୍ରୁ ସମସ୍ୟା, ବିବାହ ପାଇଁ ଘର ଲୋକଙ୍କୁ ରାଜି କରାଇବା, ସ୍ୱାମୀ ସ୍ତ୍ରୀ ଶାଶୁ ବୋହୂଙ୍କ ମନୋମାଳିନ୍ୟ, କୋର୍ଟ କଚେରି, ଜମିବାଡ଼ି ବିବାଦ, ସନ୍ତାନ ନ ହେବା, ରୋଗରେ ଔଷଧ କାମ ନ କରିବା, କେହି କିଛି ଖୁଆଇ ପିଆଇଦେବା କିମ୍ବା ଉପରି ପ୍ରଭାବ, ବ୍ୟବସାୟ ବନ୍ଧନ ଭଳି ସମସ୍ୟାର ସମାଧାନ ଅଛି ଆମ ନିକଟରେ । ନିରାଶ ମାତା ଭଉଣୀ ନିଶ୍ଚୟ ଫୋନ୍ କରନ୍ତୁ ।
9917255848
9761318693

BUSINESS
ଖାଲିଥିବା ଜମି ଓ ଛାତ ଉପରେ Tower Vision ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 40,000,00-70,000,00/- ପାଆନ୍ତୁ ଓ ମାସକୁ ଭଡା 35,000 - 650000/- ଟଙ୍କା ପାଆନ୍ତୁ । + Agreement ଆଜି ହିଁ ସଂମ୍ପର୍କ କରନ୍ତୁ
Phase-4 Gurugram Haryana 122015
08794551889

FINANCE
NAB ଋଣ ଲିମିଟେଡ୍ ଆଣିଛି ସବୁ ସମସ୍ୟାର ସମାଧାନ
0% ସୁଧ 50% ଛାଡରେ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ ।
Plot No 428/74, Shahnajaf Rd, Lucknow, Uttar Pradesh 226001
9410319710
7579455687

ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

ଶ୍ରୀରାମ ଟାୱାର ପ୍ରାଇଭେଟ୍ ଲିମିଟେଡ୍
ଦ୍ୱାରା ଆପଣଙ୍କର ଖାଲି ପଡ଼ିଥିବା ଜମି, ଛାତ, କ୍ଷେତ ପ୍ଲଟ୍‌ରେ Digital Tower ଲଗାନ୍ତୁ ।
ଅଗ୍ରିମ- 50,00,000/- + ଭଡା- 50,000/- + 20 ବର୍ଷ କୋର୍ଟ ଏଗ୍ରିମେଣ୍ଟ
TOLL FREE : 1800-102-1344

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲୋକଙ୍କ ଭରସା)
ଶ୍ରୀରାମ ଫାଇନାନ୍ସ
କାମ ଆମର ବିଶ୍ୱାସ ଆପଣଙ୍କର
ଲୋନ
ଲୋନ ପାଆନ୍ତୁ, ଉଜ୍ଜ୍ୱଳ ଭବିଷ୍ୟତ ବନାନ୍ତୁ
• ସମ୍ପତ୍ତି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାରକାର୍ଡ଼ ଋଣ • ବ୍ୟକ୍ତିଗତ ଋଣ • ବିପିଏଲ୍ ଋଣ
2% ସୁଧ | 50% ଛାଡ଼
ମହିଳା, ସିପାହି, କୃଷକ, ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶେଷ ରିହାତି
083074-68262

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

FINANCE
CAPITAL ଋଣ ସରକାରୀ ସୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
9499411272

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ହିନ୍ଦୁସ୍ତାନ ଟାୱାର
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ ।
7838639856
8929313996

FINANCE

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ । Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

HEALTH CARE

nature natural AYURVEDIC LIFE CARE
ଆୟୁର୍ବେଦିକ ଥେରାପିଷ୍ଟ ତାଲିମ
ନେଚର ନେଚୁରାଲ ଆୟୁର୍ବେଦିକ ଲାଇଫ କେୟାରର ତ୍ରୈମାସିକ ଆୟୁର୍ବେଦିକ ଥେରାପିଷ୍ଟ ତାଲିମ (ଫେବୃୟାରୀ ୨୦୨୦ରୁ ଆରମ୍ଭ ହେଉଅଛି) ଇଚ୍ଛୁକ ପ୍ରାର୍ଥୀ (ଉଭୟ ବାଳକ/ବାଳିକା)ମାନେ ନିମ୍ନଲିଖିତ ଠିକଣାରେ ସକାଳ ୯ଟାରୁ ସନ୍ଧ୍ୟା ୫ଟା ଭିତରେ ଯୋଗାଯୋଗ କରିବାକୁ ଅନୁରୋଧ। ଯୋଗ୍ୟତା- ମାଟ୍ରିକ୍ ପାସ୍/ତଦୂର୍ଦ୍ଧ୍ୱ ବୟସ- ୧୮-୩୫ ବର୍ଷ ମଧ୍ୟରେ
ମୋବାଇଲ୍ ନମ୍ବର- ୯୨୩୮୨୩୯୮୬, ୯୪୩୭୫୭୭୩୨୪

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ) ।
ମୋ. 9411277198

ଭାରତର ନଂ.1 କମ୍ପାନୀ
1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପାକିସ୍ତାନକୁ ସମର୍ଥନ ଜାରି ରଖିବ ତୁର୍କୀ

ଇସ୍‌ଲାମାବାଦ, ୧୪।୨ (ପି.ଟି.)



**ପାକ୍ ପାର୍ଲାମେଣ୍ଟରେ ଉଦ୍‌ବୋଧନ**
**ପୁଣି କଶ୍ମୀର ପ୍ରସଙ୍ଗ ଉଠାଇଲେ ଏର୍ଦ୍ଦୋଗାନ୍**

ଭାରତର ପ୍ରତିବାଦ ସତ୍ତ୍ୱେ ତୁର୍କୀ ରାଷ୍ଟ୍ରପତି ରିସେପ୍ ତାୟିପ୍ ଏର୍ଦ୍ଦୋଗାନ୍ ଶୁକ୍ରବାର ପୁଣି ଥରେ କଶ୍ମୀର ପ୍ରସଙ୍ଗ ଉଠାଇଛନ୍ତି। ଏହା ଉଭୟ ଦେଶ ପାଇଁ ଚିନ୍ତାର ବିଷୟ ହୋଇଥିବାରୁ ପାକିସ୍ତାନର ଆଭିମୁଖ୍ୟକୁ ତୁର୍କୀ ସମର୍ଥନ ଜାରି ରଖିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ପାକିସ୍ତାନ ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ଉଦ୍‌ବୋଧନ ଦେଇ ଏର୍ଦ୍ଦୋଗାନ କହିଛନ୍ତି, ଇସ୍‌ଲାମାବାଦକୁ ଫାଇନାନ୍ସିଆଲ୍ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍)ର ଧୂସର ତାଲିକାଭୁକ୍ତ କରିଥିବାବେଳେ ଏଥିରୁ ମୁକୁଳାଇବା ପାଇଁ ତୁର୍କୀ ସମର୍ଥନ ଯୋଗାଇଦେବ। ଏଫ୍‌ଏଟିଏଫ୍ ବୈଠକ ଚଳିତ ସପ୍ତାହରେ ପ୍ୟାରିସ୍‌ରେ ହେବାକୁ ଯାଉଛି। କଶ୍ମୀର ପ୍ରସଙ୍ଗର ସମାଧାନ ବିବାଦ କିମ୍ବା ଅତ୍ୟାଚାର ଦ୍ୱାରା ହୋଇପାରିବ ନାହିଁ ଏହା ନ୍ୟାୟ ଓ ନିରପେକ୍ଷତା ମାଧ୍ୟମରେ ହୋଇପାରିବ। ଏକ୍ଷେତ୍ରରେ ଆଙ୍କାରାର ସମର୍ଥନ ସବୁବେଳେ ଇସ୍‌ଲାମାବାଦ ସହିତ ରହିବ ବୋଲି ଏର୍ଦ୍ଦୋଗାନ୍ ଘୋଷଣା କରିଛନ୍ତି। ସେ କହିଥିଲେ, ଆମର କଶ୍ମୀରୀ ଭାଇଭଉଣୀମାନେ ଦୀର୍ଘ ଦଶନ୍ଧି ଧରି ନିର୍ଯାତିତ ହୋଇଆସୁଥିବାବେଳେ ନିକଟରେ ଭାରତ ସରକାର ୩୭୦ ଉଚ୍ଛେଦ ପାଇଁ ଏକପାଖିଆ ନିଷ୍ପତ୍ତି ନେବା ଫଳରେ ସେମାନଙ୍କ ସମସ୍ୟା ଆହୁରି ବଢ଼ିଯାଇଛି। ଏବେ କଶ୍ମୀର କେବଳ ପାକିସ୍ତାନ ପାଇଁ ନୁହେଁ ତୁର୍କୀ ପାଇଁ ମଧ୍ୟ ପ୍ରସଙ୍ଗ ବୋଲି ସେ କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିର୍ଲଜ୍ଜ ଲାଉ**
**ଟେକି ଟାକି ଦେଲେ ପିଢ଼ାକୁ ଯାଉ**
**ପିଢ଼ାରେ ନଟାଉ ଥାଉ।**

ସାଧାରଣତଃ ଲାଉ ଡଙ୍କକୁ ପିଢ଼ା ବା ଚାଳ ଉପରକୁ ଯେତେ ଟେକାଯାଏ ସେ ସେତେ ସତେଜ ହୋଇ ବଢ଼ିଥାଏ। ପରୋକ୍ଷରେ ଯେଉଁ ଲୋକର ମୁହଁକୁ ଲାଜ ସରମ ନ ଥାଏ ତାକୁ ଟିକେ ଟେକିଟାକି କରି କହିଦେଲେ ସେ ତାକୁ ସତମଣି ଫୁଲି ଉଠୁଥିବାର ଲକ୍ଷ୍ୟ କରାଯାଇଥାଏ। ଅଲାଜୁକ ଶ୍ରେଣୀର ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନିଜେ ରାନ୍ଧି ନିଜେ ଖାଏ,**
**ସୁଆଦ ସୁଆଦ ବୋଲୁଥାଏ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦିଆ ଲାଗୁଥିବା କହିବାରେ ସେତେ ବାହାଦୁରି ନ ଥାଏ। ସାଧାରଣତଃ ସମସ୍ତେ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। ତେବେ ସିଏ ହିଁ ପ୍ରକୃତରେ ଭଲ ବୋଲି ଗଣା ହୋଇଥାଏ ଯାହାକୁ ସମସ୍ତେ ଭଲ ବୋଲି ପ୍ରଶଂସା କରିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିନୟଙ୍କ ପିଟିଶନ ଖାରଜ

ନୂଆଦିଲ୍ଲୀ, ୧୪।୨ (ପି.ଟି.)



**ନିର୍ଭୟା ମାମଲା**
- କ୍ଷମା ଆବେଦନ ଖାରଜକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ
- ଶୁଣାଣି ବେଳେ ମୂର୍ଚ୍ଛା ଗଲେ ବିଚାରପତି ଜଷ୍ଟିସ୍ ବାନୁମଥୀ

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଅନ୍ୟତମ ଅପରାଧୀ ବିନୟ ଶର୍ମାଙ୍କ ପିଟିଶନ୍‌କୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ତାଙ୍କର କ୍ଷମା ଆବେଦନ ଖାରଜକୁ ସେ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ। ରାଷ୍ଟ୍ରପତି ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କ ଆବେଦନ ଖାରଜ କରିଥିବା ସେ ପିଟିଶନରେ ଦର୍ଶାଇଥିଲେ। ତେବେ କ୍ଷମା ଆବେଦନ ଖାରଜର ଆଇନଗତ ସମୀକ୍ଷା କରିବାର କୌଣସି କାରଣ ନାହିଁ ବୋଲି ଜଷ୍ଟିସ ଆର୍. ବାନୁମଥୀ, ଅଶୋକ ଭୂଷଣ ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ବିନୟ ମାନସିକ ଅସୁସ୍ଥ ଥିବା ତାଙ୍କ ଓକିଲ ଦର୍ଶାଇଥିବାବେଳେ ମେଡିକାଲ ରିପୋର୍ଟରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଥିଲା। ରାଷ୍ଟ୍ରପତି ସମସ୍ତ ରିପୋର୍ଟକୁ ଅନୁଧ୍ୟାନ କରି କ୍ଷମା ଆବେଦନ ଖାରଜ କରିଥିଲେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ନିର୍ଭୟା ମାମଲାରେ ଫାଶୀ ପାଇବାକୁ ଥିବା ୪ ଅପରାଧୀ ମୁକେଶ କୁମାର, ପବନ ଗୁପ୍ତା, ବିନୟ ଶର୍ମା ଓ ଅକ୍ଷୟ କୁମାର ବିଭିନ୍ନ ବାହାନା କରି ସମୟ ଗଡ଼ାଇବା ପାଇଁ ବାରମ୍ବାର କୋର୍ଟର ଦ୍ୱାରସ୍ଥ ହେଉଛନ୍ତି। ସେମାନଙ୍କୁ ଫାଶୀ ଦେବା ପାଇଁ ପଟିଆଲା ହାଉସକୋର୍ଟ ଦୁଇଥର ୱାରେଣ୍ଟ ଜାରି କରିବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ପରବର୍ତ୍ତୀ ରାୟ ପର୍ଯ୍ୟନ୍ତ ଦଣ୍ଡାଦେଶ କାର୍ଯ୍ୟକାରୀ କରିବା ଉପରେ ତଳକୋର୍ଟ ଜାନୁୟାରୀ ୩୧ରେ ସ୍ଥଗିତାଦେଶ ଲଗାଇଥିଲେ।

ଅପରାଧୀମାନେ ଜଣକ ପରେ ଜଣେ ରିଭ୍ୟୁ ପିଟିଶନ ଓ କ୍ଷମା ଆବେଦନ କରୁଥିବାରୁ ସମସ୍ତଙ୍କୁ ଏକସଙ୍ଗେ ଫାଶୀ ଦେବାରେ ବିଳମ୍ବ ହେଉଥିବାରୁ ଅଲଗା ଅଲଗା ଫାଶୀ ଦେବା ପାଇଁ ନିର୍ଦ୍ଦେଶ ଦେବାକୁ କେନ୍ଦ୍ର ସରକାର ଆବେଦନ କରିଥିଲେ। ଏହାର ଶୁଣାଣି ବେଳେ ଜଷ୍ଟିସ୍ ବାନୁମଥୀ କୋର୍ଟରୁମ୍‌ରେ ମୂର୍ଚ୍ଛା ଯାଇଥିଲେ। ତାଙ୍କୁ ଅନ୍ୟ ବିଚାରପତି ଓ ସୁପ୍ରିମକୋର୍ଟ କର୍ମଚାରୀ ଚାମ୍ବରକୁ ନେଇଯାଇଥିଲେ। ସେ ସଙ୍ଗେ ସଙ୍ଗେ ଚେତା ଫେରିପାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ହ୍ୱିଲ୍‌ଚେୟାରରେ ନିଆଯାଇଥିଲା।

## ଆର୍‌ଜେଡି ଛାଡ଼ିବେ ଲାଲୁଙ୍କ ସମୁଦି

**ପାଟନା, ୧୪।୨:** ଆର୍‌ଜେଡି ସୁପ୍ରିମୋ ଲାଲୁ ଯାଦବଙ୍କ ସମୁଦି ତଥା ଅସନ୍ତୁଷ୍ଟ ବିଧାୟକ ଚନ୍ଦ୍ରିକା ରାୟ ଦଳ ଛାଡ଼ିବେ ବୋଲି ଘୋଷଣା କରିଛନ୍ତି। ସେ ଜେଡିୟୁରେ ଯୋଗଦେବା ନେଇ ସୂଚନା ଦେଇଛନ୍ତି। ଲାଲୁଙ୍କ ବଡ଼ପୁଅ ତେଜପ୍ରତାପଙ୍କୁ ଚନ୍ଦ୍ରିକାଙ୍କ ଝିଅ ଐଶ୍ୱର୍ଯ୍ୟା ବିବାହ କରିଥିଲେ। ବିବାହର ୬ ମାସ ପରେ ସେମାନଙ୍କ ମଧ୍ୟରେ ଛାଡ଼ପତ୍ର ପାଇଁ ଆବେଦନ ହୋଇଥିଲା ଓ ଉଭୟ ଅଲଗା ରହୁଛନ୍ତି।

ଜେଡିୟୁ ନେତା ନୀତୀଶ କୁମାରଙ୍କୁ ଉଚ୍ଚ ପ୍ରଶଂସା କରି ଚନ୍ଦ୍ରିକା କହିଛନ୍ତି, ବିହାର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଉପରେ ତାଙ୍କର ପୂରା ଭରସା ରହିଛି। ନୀତୀଶ ରାଜ୍ୟକୁ ବିକାଶ କ୍ଷେତ୍ରରେ ଆଗେଇ ନେଇଥିବା ଚନ୍ଦ୍ରିକା କହିଛନ୍ତି।


## କଟକଣା ହଟିବା ଗୁରୁତ୍ୱପୂର୍ଣ୍ଣ

ନୂଆଦିଲ୍ଲୀ, ୧୪।୨

**ଜମ୍ମୁ-କଶ୍ମୀର ଗସ୍ତ ପରେ ଇୟୁ କୂଟନୀତିଜ୍ଞଙ୍କ ମତ**

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ସେଠାରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଲାଗି କେନ୍ଦ୍ର ସରକାର ସକାରାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ସେଠାରେ ଲାଗୁ ହୋଇଥିବା କଟକଣା ଧୀରେ ଧୀରେ ଉଠାଇନିଆଯିବା ଗୁରୁତ୍ୱପୂର୍ଣ୍ଣ ବୋଲି ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳ ଗସ୍ତ କରିବା ପରେ ୟୁରୋପୀୟ ସଂଘ (ଇୟୁ) କୂଟନୀତିଜ୍ଞମାନେ ମତ ଦେଇଛନ୍ତି। ମୋଟ ୨୫ ଦେଶର କୂଟନୀତିଜ୍ଞ ଶ୍ରୀନଗର ଓ ଜମ୍ମୁକୁ ଦୁଇଦିନିଆ ଗସ୍ତରେ ଆସି ୩୭୦ ଉଚ୍ଛେଦ ପରେ ଗତ ୬ ମାସର ସ୍ଥିତି ଅନୁଧ୍ୟାନ କରିଥିଲେ। ଇୟୁ କୂଟନୀତିଜ୍ଞମାନଙ୍କ ସହ ଜର୍ମାନୀ, କାନାଡା, ଫ୍ରାନ୍ସ, ଇଟାଲୀ, ପୋଲାଣ୍ଡ, ନ୍ୟୁଜିଲାଣ୍ଡ, ମେକ୍ସିକୋ, ଆଫଗାନିସ୍ତାନ, ଅଷ୍ଟ୍ରିଆ ଏବଂ ଉଜ୍‌ବେକିସ୍ତାନ ପ୍ରତିନିଧି ଥିଲେ। ଏବେ ମଧ୍ୟ ଉପତ୍ୟକାରେ ଇଣ୍ଟରନେଟ ଏବଂ ମୋବାଇଲ ଟେଲିଫୋନ ସେବା କ୍ଷେତ୍ରରେ କଟକଣା ଜାରି ରହିଛି। କେତେଜଣ ରାଜନେତା ଅଟକ ରହିଥିବା ଇୟୁ ପ୍ରତିନିଧି କହିଛନ୍ତି। ସରକାରଙ୍କ ପକ୍ଷରୁ ଏହି ବିଦେଶୀ କୂଟନୀତିଜ୍ଞମାନଙ୍କ ଗସ୍ତର ଆୟୋଜନ କରାଯାଇଥିବାବେଳେ ବିରୋଧୀ ଦଳଗୁଡ଼ିକ ଏହାର ସମାଲୋଚନା କରିଥିଲେ।


## କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତି ଦେଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ, ୧୪।୨:** ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏଥିସହିତ ଅନ୍ୟ ୬ ଜଣ ମନ୍ତ୍ରୀଙ୍କୁ ମଧ୍ୟ ନିଯୁକ୍ତି ମିଳିଥିବା ଗେଜେଟ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ରବିବାର କେଜ୍‌ରିୱାଲ ତୃତୀୟ ଥର ଲାଗି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଗେଜେଟ ଅନୁଯାୟୀ ତାଙ୍କ ସହ ମନିଷ ସିସୋଡିଆ, ସତ୍ୟେନ୍ଦ୍ର ଜୈନ, ଗୋପାଳ ରାୟ, କୈଳାସ ଗେହଲଟ, ଇମ୍ରାନ୍ ହୁସେନ୍ ଏବଂ ରାଜେନ୍ଦ୍ର ଗୌତମ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ।

## ଜମ୍ମୁ-କଶ୍ମୀର ପ୍ରଶାସନକୁ ନୋଟିସ

**ଓମାରଙ୍କ ଅଟକକୁ ଚାଲେଞ୍ଜ କରିଥିଲେ ଭଉଣୀ ସାରା**



ନୂଆଦିଲ୍ଲୀ, ୧୪।୨ (ପି.ଟି.)

ନ୍ୟାଶନାଲ କନ୍‌ଫରେନ୍ସ ନେତା ତଥା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲାଙ୍କୁ ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ)ରେ ଅଟକ ରଖାଯାଇଥିବାରୁ ତାଙ୍କ ଭଉଣୀ ସାରା ଅବ୍‌ଦୁଲ୍ଲା ପାଇଲଟ ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ। ଜଷ୍ଟିସ ଅରୁଣ ମିଶ୍ର ଓ ଇନ୍ଦିରା ବାନାର୍ଜୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ପିଟିଶନର ଶୁଣାଣି କରି ଜମ୍ମୁ-କଶ୍ମୀର ପ୍ରଶାସନକୁ ଜବାବ ରଖିବା ଲାଗି ନୋଟିସ ଜାରି କରିଛନ୍ତି। ମାର୍ଚ୍ଚ ୨ରେ ପିଟିଶନର ପରବର୍ତ୍ତୀ ଶୁଣାଣି ହେବ। ସାରାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ଶିବଲ କୋର୍ଟରେ ହାଜର ହୋଇଥିଲେ। ପିଏସ୍‌ଏରେ ତାଙ୍କ ଭାଇଙ୍କୁ ଅଟକ ରଖାଯିବା ସମ୍ପୂର୍ଣ୍ଣ ବେଆଇନ ବୋଲି ସାରା ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ଓମାରଙ୍କ ପରିବାର ତରଫରୁ ଜମ୍ମୁ-କଶ୍ମୀର ହାଇକୋର୍ଟରେ କୌଣସି ପିଟିଶନ ଥିଲା କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିବାରୁ ସେପରି କୌଣସି ଆବେଦନ ହୋଇ ନ ଥିବା ଶିବଲ ଜଣାଇଥିଲେ। ଏହା ପରେ ମାର୍ଚ୍ଚ ୨ ସୁଦ୍ଧା ଜବାବ ଦାଖଲ କରିବାକୁ ଖଣ୍ଡପୀଠ ଜମ୍ମୁ-କଶ୍ମୀର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

## ଚାଇନାରେ କରୋନା ମୃତ୍ୟୁସଂଖ୍ୟା ୧୫୦୦

ବେଜିଂ/ଟୋକିଓ/ନୂଆଦିଲ୍ଲୀ, ୧୪।୨ (ପି.ଟି.)

**ଜାପାନ ଜାହାଜରେ ତୃତୀୟ ଭାରତୀୟ ସଂକ୍ରମିତ**

ଚାଇନାରେ ଆଉ ୧୨୧ଜଣଙ୍କ ମୃତ୍ୟୁ ହେବା ପରେ କରୋନା ଭୂତାଣୁ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୧୫୦୦ ଛୁଇଁଛି। ଏଥିସହିତ ଆକ୍ରାନ୍ତଙ୍କ ସଂଖ୍ୟା ୬୫,୦୦୦ରେ ପହଞ୍ଚିଥିବା ଚାଇନା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସଂକ୍ରମଣର କେନ୍ଦ୍ରସ୍ଥଳ ହୁବେଇ ପ୍ରଦେଶରେ ଗୁରୁବାର ୧୧୬ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪୮୨୩ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ହିଲୋଙ୍ଗଜିଆଙ୍ଗ ପ୍ରଦେଶରେ ୨ଜଣ, ଅନ୍‌ହୁଇ, ହେନାନ ଏବଂ ଚୋଙ୍ଗକିଙ୍ଗ୍ ପ୍ରଦେଶରେ ଜଣେ ଲେଖାଏ ଗୁରୁବାର କରୋନା ସଂକ୍ରମଣରେ ପ୍ରାଣ ହରାଇଥିବା ଚାଇନାର ଜାତୀୟ ସ୍ୱାସ୍ଥ୍ୟ କମିଶନଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଜାପାନ ଉପକୂଳରେ ଅଟକି ରହିଥିବା ଜାହାଜରେ ଆଉ ଜଣେ ଭାରତୀୟଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଛି। ଫଳରେ ଉକ୍ତ ଜାହାଜରେ କରୋନା ସଂକ୍ରମିତ ଭାରତୀୟଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ୩୭୧୧ ଜଣ ଯାତ୍ରୀ ଓ କର୍ମଚାରୀ ଥିବା ଡାଇମଣ୍ଡ ପ୍ରିନ୍ସେସ୍ ଜାହାଜରେ ଶୁକ୍ରବାର ସୁଦ୍ଧା ୨୧୮ ଜଣ କରୋନା ଆକ୍ରାନ୍ତ ଥିବା ଜଣାପଡିଛି। ସଂକ୍ରମଣ ଭୟରେ ଜାହାଜକୁ ସମୁଦ୍ର ମଧ୍ୟରେ ଅଲଗା ରଖାଯାଇଥିବାବେଳେ ସଂକ୍ରମିତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଅଳ୍ପ କେତେଜଣଙ୍କୁ ଜାହାଜରୁ ବାହାରକୁ ଯିବା ଲାଗି ଅନୁମତି ଦିଆଯାଇଛି। ଉକ୍ତ ଜାହାଜରେ ମୋଟ ୧୩୮ ଜଣ ଭାରତୀୟ ଥିଲେ।

ଭାରତରେ କରୋନା ଭୂତାଣୁଜନିତ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପ୍ରୀତି ସୂଦନ କହିଛନ୍ତି। ଶୁକ୍ରବାର କରୋନା ନିରାକରଣ ଓ ପରିଚାଳନା ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା ବୈଠକ ପରେ ସେ ଏହି ସୂଚନା ଦେଇଛନ୍ତି। ଏହି ଭିଡିଓ କନ୍‌ଫରେନ୍ସ ବୈଠକରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟ ସଚିବଙ୍କ ସମେତ ଜାହାଜ ଚଳାଚଳ, ବହିର୍ବ୍ୟାପାର, ବେସାମରିକ ଜାହାଜ ଚଳାଚଳ ଓ ପର୍ଯ୍ୟଟନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।

## ୨୦୧୭ରେ ଓଡ଼ିଶାକୁ ହସ୍ତଶିଳ୍ପ କ୍ଷେତ୍ରରେ ସର୍ବାଧିକ ପୁରସ୍କାର

**ଭୁବନେଶ୍ୱର, ୧୪।୨ (ବ୍ୟୁରୋ):** ୨୦୧୭ ମସିହା ପାଇଁ ଓଡ଼ିଶାର ୫ ହସ୍ତଶିଳ୍ପୀ ରାଷ୍ଟ୍ରୀୟ ପୁରସ୍କାର ଓ ୩ ଜଣ ରାଷ୍ଟ୍ରୀୟ ମେରିଟ୍ ସାର୍ଟିଫିକେଟ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗୋଟିଏ ବର୍ଷରେ ଓଡ଼ିଶାରୁ ୮ ଶିଳ୍ପୀ ଜାତୀୟସ୍ତରୀୟ ପୁରସ୍କାର ପାଇଁ ମନୋନୀତ ହେବା ବିଗତ ୨୫ ବର୍ଷ ମଧ୍ୟରେ ସର୍ବାଧିକ ବୋଲି ରାଜ୍ୟ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପଦ୍ମିନୀ ଦିଆନ କହିଛନ୍ତି। ଶୁକ୍ରବାର ଜନତା ମଇଦାନରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଶିଳ୍ପୀମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ସମ୍ମାନିତ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ୧୯୬୭ରୁ ୨୦୧୭ ପର୍ଯ୍ୟନ୍ତ ଆମ ରାଜ୍ୟର ହସ୍ତଶିଳ୍ପୀମାନେ ସମୁଦାୟ ୧୬୫ଟି ଜାତୀୟ ହସ୍ତଶିଳ୍ପ ପୁରସ୍କାର ଓ ଜାତୀୟ ମେରିଟ୍ ସାର୍ଟିଫିକେଟ୍ ପାଇଛନ୍ତି। ଏହାଛଡ଼ା ଓଡ଼ିଶାରୁ ୧୧ ଶିଳ୍ପଗୁରୁ, ୩ ପଦ୍ମଶ୍ରୀ ଓ ଜଣେ ପଦ୍ମ ବିଭୂଷଣ ପାଇବାର କୃତିତ୍ୱ ହାସଲ କରିଛନ୍ତି ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ୧୦୪ ଷ୍ଟଲ୍ ନିର୍ମାଣ କରାଯାଇଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ ହସ୍ତଶିଳ୍ପ ମଧ୍ୟରୁ ପ୍ରାୟ ୨୮ ହସ୍ତଶିଳ୍ପକୁ ନେଇ ୨୩ ଜିଲାର କାରିଗରମାନେ ପ୍ରଦର୍ଶନୀରେ ଭାଗ ନେଇଛନ୍ତି। ଉତ୍ସବରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି, ହସ୍ତଶିଳ୍ପ ଓ କୁଟୀର ଶିଳ୍ପ ନିର୍ଦ୍ଦେଶକ, ବି. କେ. ଦାଶ, ବିଭାଗୀୟ ଅତିରିକ୍ତ ସଚିବ ବୃନ୍ଦାବନ ବେହେରା, ବିଭାଗୀୟ ଯୁଗ୍ମ ସଚିବ ଅଞ୍ଜନା ପଣ୍ଡା ଉପସ୍ଥିତ ଥିଲେ।




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପ୍ରାୟ ସମସ୍ତ ଜିଲାରେ ପାଗ ଶୁଖିଲା ରହିବ। ସ୍ଥାନୀୟ ଅଞ୍ଚଳ-ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଥଣ୍ଡା ଅନୁଭୂତ ହେବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୫ | ୧୩.୦ |
| ଚାନ୍ଦବାଲି | ୩୨.୦ | ୧୫.୦ |
| କଟକ | ୩୨.୮ | ୧୪.୫ |
| ପାରାଦୀପ | ୩୨.୨ | ୧୮.୮ |
| ଭୁବନେଶ୍ୱର | ୩୪.୨ | ୧୪.୫ |
| ଗୋପାଳପୁର | ୨୯.୬ | ୧୭.୩ |
| ପୁରୀ | ୨୯.୮ | ୧୮.୬ |
| ଅନୁଗୋଳ | ୩୨.୧ | ୧୦.୬ |
| ବାରିପଦା | ୩୩.୦ | ୧୩.୬ |
| ଝାରସୁଗୁଡ଼ା | ୩୨.୬ | ୧୩.୦ |
| କେନ୍ଦୁଝର | ୩୦.୫ | ୧୪.୬ |
| ସମ୍ବଲପୁର | ୩୧.୩ | ୧୩.୪ |
| ସୁନ୍ଦରଗଡ଼ | ୩୦.୦ | ୧୪.୦ |
| ହୀରାକୁଦ | ୩୧.୦ | ୧୪.୧ |
| ତାଳଚେର | -- | ୧୪.୪ |
| ଭବାନୀପାଟଣା | ୩୩.୬ | ୧୨.୫ |
| ବଲାଙ୍ଗୀର | ୩୩.୫ | ୧୫.୦ |
| କୋରାପୁଟ | ୩୦.୬ | ୧୨.୦ |
| ଫୁଲବାଣୀ | ୩୧.୦ | ୧୦.୩ |
| ଟିଟିଲାଗଡ଼ | ୩୪.୨ | ୧୧.୧ |
| ମାଲକାନଗିରି | ୩୫.୦ | ୧୪.୮ |
| ସୋନପୁର | ୩୨.୨ | ୯.୬ |
| ଦାରିଙ୍ଗିବାଡ଼ି | ୨୭.୦ | ୧୩.୫ |

ଡିଗ୍ରୀ ସେଲ୍‌ସିୟସ୍

ପ୍ରଥମ ପୃଷ୍ଠାରୁ...

## 'ଦୃଢ଼ ଇଚ୍ଛାଶକ୍ତିରେ ଚାଲିଛି ...

ହେଉଛି 'ମୋ ସରକାର' କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ୫-ଟି (ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି, ଟିମ୍ ୱାର୍କ, ଟାଇମ ଓ ଟ୍ରାନ୍ସଫର୍ମେଶନ) ପ୍ରଶାସନର ମୂଳମନ୍ତ୍ର ପାଲଟିଛି। ୫-ଟି ଏବଂ ମୋ ସରକାର ଭଳି ଅଭିନବ କାର୍ଯ୍ୟକ୍ରମ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ସହ କାର୍ଯ୍ୟକାରୀ ହେଉଛି। ନୂତନ ଓଡ଼ିଶା ଗଠନ କରିବା ଦିଗରେ ପରିବର୍ତ୍ତନ ଉପରେ ଧ୍ୟାନଦେଇ ଏବଂ ଲୋକଙ୍କ ସେବା ପ୍ରତି ଉତ୍ସର୍ଗୀକୃତ ମନୋଭାବ ନେଇ ସରକାର କାର୍ଯ୍ୟ କରି ଚାଲିଛନ୍ତି। କେବଳ ସେତିକି ନୁହେଁ, ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଆଧାରିତ ଅନ୍ତ୍ୟୋଦୟ ନୀତିକୁ ପ୍ରାଥମିକତା ଦେଇ ବିଭିନ୍ନ ଜନକଲ୍ୟାଣ ଯୋଜନା ପ୍ରଣୟନ ଓ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ। ଶୁକ୍ରବାର ବିଧାନସଭା ବଜେଟ ଅଧିବେଶନର ଆରମ୍ଭ ଦିବସରେ ଅଭିଭାଷଣ ରଖି ରାଜ୍ୟପାଳ ଗଣେଶୀ ଲାଲ ସରକାରଙ୍କ ଏମିତି ଗୁଣଗାନ କରିବା ସହ ରାଜ୍ୟ ବିକାଶର ରଙ୍ଗିନ ଚିତ୍ର ଆଙ୍କିଛନ୍ତି।

ରାଜ୍ୟପାଳ ନିଜ ଅଭିଭାଷଣରେ କହିଥିଲେ ଯେ, ୨୦୦୦ରୁ ଓଡ଼ିଶାକୁ ବିକାଶର ଏକ ନୂତନ ଶିଖରରେ ପହଞ୍ଚାଇବାକୁ ସରକାର କଠିନ ପରିଶ୍ରମ କରୁଛନ୍ତି। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ଇତିହାସ ଏବଂ ଐତିହ୍ୟ କ୍ଷେତ୍ରର ସଂରକ୍ଷଣ ଏକାନ୍ତ ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର ପ୍ରାଣ କେନ୍ଦ୍ର ପୁରୀ ଶ୍ରୀମନ୍ଦିର ଏବଂ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଭିତ୍ତିଭୂମିର ବ୍ୟାପକ ପରିବର୍ତ୍ତନ ପାଇଁ ଐତିହାସିକ ପଦକ୍ଷେପ ନିଆଯାଇଛି।

କୃଷକମାନଙ୍କର ଆୟକୁ ବହୁଗୁଣିତ କରିବା ଲକ୍ଷ୍ୟରେ ଜାତୀୟ ଏଜେଣ୍ଡା କାର୍ଯ୍ୟକାରୀ କରାଯାଇଛି। କୃଷି କ୍ଷେତ୍ରର ସମସ୍ତ ସେବାଗୁଡିକୁ ୫-ଟି ଓ ମୋ ସରକାର ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି କାର୍ଯ୍ୟକୁ ଆଗେଇ ନେବା ପାଇଁ ପ୍ରତ୍ୟେକ ଜିଲାରେ ମୋ ସରକାର ଡେସ୍କ ସ୍ଥାପନ କରାଯାଇଛି। କୃଷି ଉଦ୍ୟୋଗକୁ ପ୍ରୋତ୍ସାହନ ଦେବାକୁ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' କାର୍ଯ୍ୟକାରୀ କରାଯାଇଛି। ସମସ୍ତ କୃଷି କାର୍ଯ୍ୟଜନିତ ଆବଶ୍ୟକତା ପାଇଁ ପ୍ରାଥମିକ ସମବାୟ ସମିତିଗୁଡିକୁ ଏକକ ସମାଧାନ କେନ୍ଦ୍ର ଭାବେ ପରିବର୍ତ୍ତନ କରାଯାଇଛି। ୨୦୨୦-୨୧ରେ ସରକାର ୧.୮୪ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ରାଜ୍ୟପାଳ ଉଲ୍ଲେଖ କରିଛନ୍ତି। ସେହିପରି ୧୨ ହଜାର ଅଚଳ ଉଠାଜଳସେଚନକୁ କାର୍ଯ୍ୟକ୍ଷମ କରାଯିବା ସହ ୨୦୦କ୍ଷୁଦ୍ର ଜଳସେଚନ ଭଣ୍ଡାର ଉନ୍ନତୀକରଣ କାର୍ଯ୍ୟ ହାତକୁ ନିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ଦୈନିକ ସର୍ବନିମ୍ନ ୭୦ ଲିଟର ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ୪୮ ଲକ୍ଷ ୩୮ ହଜାର ୫୪୮ ଜଣଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଯୋଗାଇ ଦିଆଯାଇଛି। ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଶା ହସ୍ତଶିଳ୍ପ ନୀତି-୨୦୧୯ ପ୍ରଚଳନ କରାଯାଇଛି। ପିଲାମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ସରକାର ନବମ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ କରାଯାଇଛି।

ରାଜ୍ୟର ଆର୍ଥିକ ସ୍ଥିତି ଭଲ ଅବସ୍ଥାକୁ ଆସିଛି। ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟପାଳ କହିଛନ୍ତି ଯେ, ସରକାର ଋଣଗ୍ରସ୍ତ ଅବସ୍ଥାରୁ ମୁକୁଳି ପାରିଛନ୍ତି। ୨୦୦୨-୦୩ରେ ମୋଟ ଘରୋଇ ଋଣ ଅନୁପାତ ୫୦.୭ ପ୍ରତିଶତ ଥିବା ବେଳେ ୨୦୧୮-୧୯ରେ ଏହା ୧୬.୮ ପ୍ରତିଶତକୁ ଖସି ଆସିଛି। ରାଜସ୍ୱ ପ୍ରାପ୍ତି ଓ ଦେୟ ସୁଧ ଅନୁପାତ ୨୦୦୧-୦୨ରେ ୪୦.୨ ପ୍ରତିଶତ ଥିବା ବେଳେ ୨୦୧୮-୧୯ରେ ଏହା ୫.୮ ପ୍ରତିଶତକୁ ହ୍ରାସ ପାଇଛି। ବଜେଟ ପୁସ୍ତକକୁ ବନ୍ଦ କରି ଡିଜିଟାଲ ପ୍ରକ୍ରିୟାରେ କରାଯାଇଥିବାରୁ ୫୭ ଲକ୍ଷ ପୃଷ୍ଠାର କାଗଜ ମୁଦ୍ରଣ ରୋକାଯାଇପାରିଛି। ଏହାଦ୍ୱାରା ବର୍ଷକୁ ପ୍ରାୟ ୭ ହଜାର ବୃହତ ବୃକ୍ଷ ବଞ୍ଚିପାଇପାରିବ। ଆଗାମୀ ଦିନରେ ସବୁଜ ଅଭିଯାନର ଅଂଶ ଭାବେ ବିନା କାଗଜରେ ବଜେଟ ପ୍ରସ୍ତୁତ କରାଯିବ। ଭିତ୍ତିଭୂମି ସୁଦୃଢ଼ କରିବାକୁ ସରକାର ଚଳିତ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳରେ ୯୨୩୦ କିମି ରାସ୍ତା ଏବଂ ୨୭୫ ସେତୁ ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଜାଗା ମିଶନରେ ବସ୍ତିବାସିନ୍ଦାଙ୍କୁ ଘରଡିହ ପଟ୍ଟା ଦେଇ ସରକାର ଜାତୀୟସ୍ତରରେ ସମ୍ମାନିତ ହୋଇଛନ୍ତି। ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣଠାରୁ ଆରମ୍ଭ କରି ଶିଳ୍ପ ଓ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ସକାଶେ ସରକାର ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ୍ ଆରମ୍ଭ କରିଛନ୍ତି। ଏଥିସହିତ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୨ ମଧ୍ୟରେ ମେକ୍ ଇନ ଓଡ଼ିଶା କନ୍‌କ୍ଲେଭର ୩ୟ ସଂସ୍କରଣ ଅନୁଷ୍ଠିତ ହେବ। ପର୍ଯ୍ୟଟନର ବିକାଶ ପାଇଁ ସରକାର ଶାମୁକା ବେଳାଭୂମି ପ୍ରକଳ୍ପ କରିଛନ୍ତି। ୨୦୨୦ରୁ ଏହା କାର୍ଯ୍ୟକାରୀ ହେବ। କ୍ରୀଡାର ବିକାଶ ସମ୍ପର୍କରେ ସୂଚନା ଦେଇ ରାଜ୍ୟପାଳ କହିଛନ୍ତି ଯେ, ଭୁବନେଶ୍ୱରରେଠାରେ ଚଳିତବର୍ଷ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଆୟୋଜନ କରାଯିବ। ଏଥିସହିତ ୨୦୨୩ରେ ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର ଏବଂ ରାଉରକେଲାଠାରେ ଆୟୋଜନ କରାଯିବ।

# ବିଦ୍ୟୁତ୍‌ଜନିତ ଜୀବନହାନି ହ୍ରାସ କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ସମ୍ବେଦନଶୀଳ ବିଦ୍ୟୁତ୍ ସରବରାହ ସ୍ଥାନଗୁଡ଼ିକୁ ଚିହ୍ନଟ କରି ଭବିଷ୍ୟତରେ କୌଣସି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର ସମସ୍ତ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ସମ୍ପୃକ୍ତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ଏକ ଭିଡିଓ କନ୍‌ଫରେନ୍ସିରେ ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ସମସ୍ତ ଜିଲାର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ବିଦ୍ୟୁତ୍ ବିଭାଗ ଓ ସମ୍ପୃକ୍ତ ବିଭାଗର ସମସ୍ତ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଲୋକପ୍ରତିନିଧିମାନଙ୍କ ସହିତ ଯୋଗସୂତ୍ର ରକ୍ଷା କରି ରାଜ୍ୟର ପ୍ରତ୍ୟେକ କୋଣ-ଅନୁକୋଣରେ ସମ୍ବେଦନଶୀଳ ବିଦ୍ୟୁତ୍ ସରବରାହକୁ ଠିକ୍ ରୂପେ ଏବଂ ନିୟମ ଅନୁଯାୟୀ ରହିଛି ନା ନାହିଁ ତା'ର ଏକ ରିପୋର୍ଟ ଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଏପରି ଦୁର୍ଘଟଣା ଯେପରି ନ ଘଟେ ସେଥିପ୍ରତି ବିଭାଗ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ଏଥି ପାଇଁ ଅର୍ଥର କୌଣସି ଅଭାବ ନ ଥିବା ବୈଠକରୁ ଜଣାପଡ଼ିଛି। ରାସ୍ତାର ୨୦ ଫୁଟ୍ ଉଚ୍ଚରେ ୧୧କେଭି ତାର ରହିବା ଆବଶ୍ୟକ। ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍ ତାର ୧୯ ଫୁଟ ଏବଂ ଅନ୍ୟ ସ୍ଥାନରେ ୧୫ ଫୁଟ ଉଚ୍ଚରେ ରହିବା ଉଚିତ। ଏହି ନିୟମ ଯେଉଁଠାରେ ଅନୁପାଳନ ହୋଇନାହିଁ ଅଥବା କମ୍ ଉଚ୍ଚତାରେ ତାରଗୁଡ଼ିକ ରହିଛି, ସେସବୁ ସରକାରଙ୍କ ଦୃଷ୍ଟିକୁ ଆଣି ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଇଛି। ଏ ଦିଗରେ ବ୍ୟତିକ୍ରମ ଦେଖାଗଲେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଥିଲେ ଯେ, ନିକଟରେ ଘଟିଯାଇଥିବା ଦୁର୍ଘଟଣା ବିଷୟରେ ସମସ୍ତେ ଗୁରୁତ୍ୱ ଦେଇଛନ୍ତି।


ଶକ୍ତି ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଭାଗୀୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଓ ଅନ୍ୟମାନେ।

## ଖୁବ୍‌ଶୀଘ୍ର ଚିହ୍ନଟ ହେବ ସମ୍ବେଦନଶୀଳ

ଓଡ଼ିଶାରେ ମଣିଷ ଜୀବନ ସହିତ ପଶୁ ସମ୍ପଦର ମଧ୍ୟ ବିଦ୍ୟୁତ ଦୁର୍ଘଟଣା ଘଟି ଅନେକ ଜୀବନହାନି ଘଟୁଛି। ଏଣୁ ଏଥି ପ୍ରତି ସରକାର ଗୁରୁତ୍ୱ ଦେଇଛନ୍ତି। ଏ ଦିଗରେ ରହିଥିବା ସମସ୍ତ ପ୍ରତିବନ୍ଧକ ଦୂର କରାଯିବ। ଏହି କାର୍ଯ୍ୟଟିକୁ ସମସ୍ତଙ୍କ ସହଯୋଗ କ୍ରମେ ସୀମିତ ସମୟରେ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଜିଲାପାଳ ନିଜ ସ୍ତରରେ ଏହାକୁ ଗୁରୁତ୍ୱ ସହକାରେ ବିଚାର କରି ନିଜ ଅଞ୍ଚଳରେ ବରିଷ୍ଠ ଅଧିକାରୀମାନଙ୍କୁ ନିୟୋଜିତ ସହ ସପ୍ତାହକ ମଧ୍ୟରେ ତଦନ୍ତ କରି ତା'ର ସ୍ଥିତି ସମ୍ପର୍କିତ ତଥ୍ୟ ବିଦ୍ୟୁତ ବିଭାଗକୁ ଦେବାକୁ ତାଗିଦ୍ କରାଯାଇଛି। ସେହିଭଳି କ'ଣ କଲେ ଏଭଳି ଗମ୍ଭୀର ସମସ୍ୟାର ସମାଧାନ ହୋଇପାରିବ ଏବଂ ଏଭଳି ଘଟଣାର ପୁନରାବୃତ୍ତି ହେବ ନାହିଁ, ସେଥି ପ୍ରତି ଦୃଷ୍ଟି ଦେବାକୁ ସମସ୍ତ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଶକ୍ତି ବିଭାଗର ଶାସନ ସଚିବ ବିଷ୍ଣୁପଦ ସେଠୀ ବିଦ୍ୟୁତ୍ ତାର କିଭଳି ଭାବେ ରହିବା ଉଚିତ ତା'ର ନୀତି ନିୟମ ଖାମଖିଆଲିକୁ କୌଣସି ମତେ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ସେସୁର ମୁଖ୍ୟ ନିର୍ବାହୀ ଅଧିକାରୀ ଡ. ସୌରଭ ଗର୍ଗ ଓପିଟିସିଏଲ୍‌ର ସହକାରୀ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି କହିଥିଲେ। ସେସୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଅରୁଣ ବୋଥ୍ରା ଜଣାଇଥିଲେ 'ଫନୀ' ବାତ୍ୟା ପ୍ରଭାବିତ ଅଞ୍ଚଳରେ ରହିଥିବା କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ୧୧ କେଭି ଏବଂ ଏଲ୍‌ଟି ଲାଇନ୍‌ଗୁଡ଼ିକୁ ସୁଦୃଢ଼ କରିବା, ହାତୀ ଚଳପ୍ରଚଳ (କରିଡର) ଅଞ୍ଚଳଗୁଡ଼ିକରେ ରହିଥିବା ଉଚ୍ଚକ୍ଷମତାସମ୍ପନ୍ନ ବିଦ୍ୟୁତ ଲାଇନ୍‌ର ଉନ୍ନତୀକରଣ ଓ ସଂସ୍ଥାପନ କରିବା, ଶିଶୁମାନଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ରହିଥିବା ଟ୍ରାନ୍ସମିଶନ ଲାଇନ୍ ଏବଂ ଟ୍ରାନ୍ସଫର୍ମରଗୁଡ଼ିକ ସ୍ଥାନାନ୍ତର କରିବା ନେଇ ଆଲୋଚନା ହୋଇଛି। ବୈଠକ ପୂର୍ବରୁ ମେଣ୍ଟରାଜପୁର ଡଙ୍ଗଲପାଡ୍ରୁ ଗ୍ରାମ୍ୟ ରାସ୍ତାରେ ଘଟିଥିବା ଦୁର୍ଘଟଣାରେ ମୃତକଙ୍କ ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲ।। ଶନିବାର ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର କଟକ ସ୍ଥିତ ଏସ୍‌ସିବି ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କ ଚିକିତ୍ସା ସମ୍ପର୍କରେ ବୁଝିବା ପାଇଁ କଟକ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ସ୍ୱରାଷ୍ଟ୍ର ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ଏବଂ ସମ୍ପୃକ୍ତ ବିଭାଗୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଅଟକିଲା ଢେଙ୍କାନାଳ

ଢେଙ୍କାନାଳ ଅଫିସ, ୧୪।୨

- ୧୨ଘଣ୍ଟିଆ ବନ୍ଦକୁ ଅଭୂତପୂର୍ବ ସମର୍ଥନ
- ଚକ ଅଖ ସବୁ ବନ୍ଦ, ଜୀବନଯାତ୍ରା ବ୍ୟାହତ
- ସ୍ୱାଭାବିକ ଭାବେ ଗଡ଼ିଲା ଟ୍ରେନ୍

ଚକ ଅଖ ସବୁ ବନ୍ଦ। ରାସ୍ତାଘାଟ ଶୂନଶାନ। ଗଡ଼ିଲାନି ଗାଡ଼ି। ଅଟକିଗଲା ଜୀବନଯାତ୍ରା। ବାଜିଚୌକସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍ପିଟାଲ ମାନ୍ୟତା ଏବଂ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ କରିବା ଦାବିରେ ଶୁକ୍ରବାର ୧୨ଘଣ୍ଟିଆ ଢେଙ୍କାନାଳ ବନ୍ଦ ଡାକରାକୁ ମିଳିଛି ଅଭୂତପୂର୍ବ ସମର୍ଥନ। ଦଳମତ ନିର୍ବିଶେଷରେ ବନ୍ଦ ପାଳନରେ ଏକାଜୁଟ ହୋଇଥିଲେ ସହରବାସୀ। ଟ୍ରେନ୍ ଚଳାଚଳକୁ ବାଦ୍‌ଦେଲେ ବାକି ସବୁକିଛି ହୋଇଯାଇଥିଲା ଠପ୍।

୭ମହଲା ବିଶିଷ୍ଟ ନୂତନ ଜିଲା ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେବା ପରେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବାଜିଚୌକସ୍ଥିତ ପୁରୁଣା ହସ୍ପିଟାଲ। ଏହାକୁ ସିଟି ହସ୍ପିଟାଲର ମାନ୍ୟତା ଦେଇ ଆନୁଷଙ୍ଗିକ ସୁବିଧା କରାଗଲେ ସହରବାସୀ ହାତପାହାନ୍ତାରେ ସ୍ୱାସ୍ଥ୍ୟସେବା ପାଇପାରିବେ। ସେହିପରି ରାଜ୍ୟର କେନ୍ଦ୍ରସ୍ଥଳରେ ଅବସ୍ଥିତ ତଥା ଶିଳ୍ପସମୃଦ୍ଧ ଏହି ଜିଲାରେ ମେଡିକାଲ କଲେଜ ଖୋଲିବା ସ୍ୱପ୍ନ ପୂରଣ ଦିଗରେ ସରକାର ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ତେଣୁ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜର ମାନ୍ୟତା ଦେବାକୁ ଢେଙ୍କାନାଳବାସୀ ଦୀର୍ଘଦିନ ହେଲା ଏହି ଦାବି କରି ଆସୁଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା।

ବନ୍ଦ ସଫଳ କରିବାକୁ ଏକଜୁଟ୍ ହୋଇଥିଲେ ଜିଲା ଓକିଲ ସଂଘ, ସଚେତନ ନାଗରିକ ଫୋରମ୍, ଚାମ୍ବର ଅଫ କମର୍ସ, ଜଗତ ଉଦ୍ଧାର ମଞ୍ଚ, ଜିଲା ସାମ୍ବାଦିକ ସଂଘ, ପ୍ରେସ କ୍ଲବ ସମେତ ବିଭିନ୍ନ ସାମାଜିକ ଓ ରାଜନୈତିକ ଅନୁଷ୍ଠାନ। ଫଳରେ ଏହାକୁ ଭରପୂର ସମର୍ଥନ ମିଳିଥିଲା। ସକାଳ ୬ଟାରୁ କମିଟି ସଦସ୍ୟ ୫୫ନଂ. ଜାତୀୟ ରାଜପଥର କଲେଜ ବାଇପାସ୍, କୋରିଆଁ ବାଇପାସ ଓ କଣ୍ଟାନାଳୀ ଛକରେ ରାସ୍ତା ଅବରୋଧ କରିଥିଲେ। ଆନ୍ଦୋଳନକାରୀମାନେ ପିକେଟିଂ କରି ଯାନବାହନ ଚଳାଚଳ, ବ୍ୟବସାୟିକ ପ୍ରତିଷ୍ଠାନ, ଔଷଧ ଦୋକାନ, ବ୍ୟାଙ୍କ, ପୋଷ୍ଟ ଅଫିସ, ସରକାରୀ ବେସରକାରୀ କାର୍ଯ୍ୟାଳୟ, ସିଭିଲ କୋର୍ଟ, ଜିଲା କାର୍ଯ୍ୟାଳୟ ବନ୍ଦ କରିଥିଲେ। ଏହାପରେ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଏସ୍‌ପି ଅନୁପମା ଜେମ୍ସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ ପ୍ଲାଟୁନ ଫୋର୍ସ, ୨୫ ପୋଲିସ ଅଧିକାରୀ, ୫୦ ହୋମଗାର୍ଡ ନିୟୋଜିତ ହୋଇଥିଲେ।


ବନ୍ଦ ଯୋଗୁ ରାସ୍ତା ଶୂନ୍‌ଶାନ୍।


# ରେଳପଥ ଆଧୁନିକୀକରଣ ଯୋଗୁ ବାଧାପ୍ରାପ୍ତ ହେବ ଟ୍ରେନ୍ ଚଳାଚଳ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ଉତ୍ତର, କେନ୍ଦ୍ରୀୟ ଓ ଦକ୍ଷିଣ ପଶ୍ଚିମ ରେଳପଥ ପରିସୀମା ମଧ୍ୟରେ ସଂରକ୍ଷଣ ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ପୂର୍ବତଟ ରେଳପଥ ଏବଂ ଏହାର ପରିସୀମାରୁ ଛାଡ଼ିବାକୁ ଥିବା କେତେକ ଟ୍ରେନ ବାତିଲ, ଆଂଶିକ ବାତିଲ ଓ ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ଉତ୍ତର ରେଳପଥର ହଜରତ ନିଜାମୁଦ୍ଦିନ-ପାଲୱାଲ ଷ୍ଟେଶନ ମଧ୍ୟରେ, କେନ୍ଦ୍ରୀୟ ରେଳପଥର ସୋଲାପୁର ରେଳମଣ୍ଡଳରେ ଏବଂ ଦକ୍ଷିଣ ପଶ୍ଚିମ ରେଳପଥର ବେଙ୍ଗାଲୁରୁ ରେଳମଣ୍ଡଳରେ ରେଳ ଭିତ୍ତିଭୂମି କାର୍ଯ୍ୟକ୍ଷମ କରିବା ପାଇଁ ଏହି ପରିବର୍ତ୍ତନ କରାଯିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଶାଖାପାଟଣା -ନିଜାମୁଦ୍ଦିନ-ବିଶାଖାପାଟଣା ସମତା ଏକ୍ସପ୍ରେସ ଭାୟା ରାୟଗଡା-ଟିଟିଲାଗଡ଼-ରାଇପୁର ବିଶାଖାପାଟଣାଠାରୁ ଫେବୃୟାରୀ ୨୭ ଏବଂ ନିଜାମୁଦ୍ଦିନଠାରୁ ୨୯ ତାରିଖ ଦିନ ଉଭୟ ଦିଗରୁ ବାତିଲ ରହିବ।

ସେହିଭଳି ବିଶାଖାପାଟଣା-ମୁମ୍ବାଇ ଏଲଟିଟି-ବିଶାଖାପାଟଣା ଏକ୍ସପ୍ରେସ ବିଶାଖାପାଟଣାଠାରୁ ଫେବୃୟାରୀ ୧୮ରୁ ୨୫ ଏବଂ ଏଲଟିଟିଠାରୁ ଫେବୃୟାରୀ ୧୯ରୁ ୨୬ ତାରିଖ ମଧ୍ୟରେ ଉଭୟ ଦିଗରୁ ପୁଣେ ଓ ଏଲ୍‌ଟିଟି ମଧ୍ୟରେ ବାତିଲ ରହିବ। ଏହା ସିକନ୍ଦରାବାଦ-ଲାଟୁରେ ରୋଡ଼-କୁର୍ଦୁଭାଡ଼ି-ଦୋଣ୍ଡ ଷ୍ଟେଶନ ମାର୍ଗରେ ଚଳାଚଳ କରିବ। ଭୁବନେଶ୍ୱରଠାରୁ ୧୬ତାରିଖରେ ଛାଡ଼ିବାକୁ ଥିବା ଏବଂ ବାଙ୍ଗାଲୋରଠାରୁ ୧୭ ତାରିଖରେ ଛାଡିବାକୁ ଥିବା ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ ଉଭୟ ଦିଗରୁ ଭୁବନେଶ୍ୱର ଓ ସତ୍ୟସାଇ ପ୍ରଶାନ୍ତି ନିଳୟମ ମଧ୍ୟରେ ଚଳାଚଳ କରିବ। ଏଥିସହ ସତ୍ୟସାଇ ପ୍ରଶାନ୍ତି ନିଳୟମ ଓ ବେଙ୍ଗାଲୁରୁ ମଧ୍ୟରେ ବାତିଲ କରାଯିବ। ହରିଦ୍ୱାର-ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ ହରିଦ୍ୱାରଠାରୁ ଫେବୃୟାରୀ ୨୬, ୨୮, ୨୯ ଓ ମାର୍ଚ୍ଚ ୧ ଏବଂ ପୁରୀଠାରୁ ଫେବୃୟାରୀ ୨୬ ଓ ୨୮ ତାରିଖରେ ପରିବର୍ତ୍ତିତ ମାର୍ଗ ମିରଟ ସିଟି-ଖୁରଜା-ଆଗ୍ରା କ୍ୟାଣ୍ଟ ମାର୍ଗରେ ଚଳାଚଳ କରିବ। ଭୁବନେଶ୍ୱର-ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ ଫେବୃୟାରୀ ୧୮ ରୁ ୨୫ ତାରିଖ ମଧ୍ୟରେ ଉଭୟ ପାର୍ଶ୍ୱରୁ ପରିବର୍ତ୍ତିତ ମାର୍ଗ ସିକନ୍ଦରାବାଦ-ବିକାରାବାଦ-ଲାଟୁରରୋଡ଼-କୁର୍ଦୁଭାଡ଼ି-ଦୋଣ୍ଡ ମାର୍ଗ ଦେଇ ଚଳାଚଳ କରିବ। ସେହିଭଳି ପୁଣେ-ଭୁବନେଶ୍ୱର-ପୁଣେ ଏକ୍ସପ୍ରେସ ଭୁବନେଶ୍ୱରଠାରୁ ଫେବୃୟାରୀ ୧୮ ଓ ୨୫ ଏବଂ ପୁନେଠାରୁ ୨୦ତାରିଖ ଦିନ ଉଭୟ ପାର୍ଶ୍ୱରୁ ପରିବର୍ତ୍ତିତ ମାର୍ଗ ସିକନ୍ଦରାବାଦ-ବିକାରାବାଦ-ଲାଟୁର ରୋଡ଼ ଓ କୁର୍ଦୁଭାଡ଼ି ମାର୍ଗ ଦେଇ ଚଳାଚଳ କରିବ।

## ଜିଲା ଟିଠି



### ସମ୍ବଲପୁର

# ପୁରୁଣାକୁ ଅଣଦେଖା

ଚଳିତ ରେଳ ବଜେଟରେ ସମ୍ବଲପୁର ଜିଲାକୁ ମିଳିଥିବା ଅନୁଦାନ ଆଶାନୁରୂପକ ନୁହେଁ। ଦାବି ଓ ଆବଶ୍ୟକତାଠାରୁ କମ୍ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ସମ୍ବଲପୁର ରେଳମଣ୍ଡଳ ଅଧୀନରେ ଅନେକ ପ୍ରକଳ୍ପ ଘୋଷଣା କରାଯାଇଛି। ହେଲେ ପୁରୁଣା ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇ ନାହିଁ। କେବଳ ଦୋହରୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ସମ୍ବଲପୁର ରେଳ ମଣ୍ଡଳ ଓ ପଶ୍ଚିମ ଓଡିଶା କ୍ଷେତ୍ରରେ ପୂର୍ବରୁ ଘୋଷିତ ଅନେକ ପ୍ରକଳ୍ପ ପାଇଁ ଅନୁଦାନ ଦିଆଯାଇନାହିଁ। ଗତବର୍ଷ ବଜେଟରେ ଘୋଷଣା ହୋଇଥିବା ରାୟପୁର-ଝାରସୁଗୁଡା ଭାୟା କନକତୁରା ନୂତନ ରେଳ ଲାଇନ ନେଇ କୌଣସି ଅନୁଦାନ ଘୋଷଣା ହୋଇ ନାହିଁ। ୩୧୦ କି.ମି. ବିଶିଷ୍ଟ ନୂତନ ରେଳପଥ ଗତବର୍ଷ ବଜେଟରେ କେବଳ ଘୋଷଣା ହୋଇଥିଲେ ହେଁ ଅର୍ଥ ବ୍ୟବସ୍ଥା ହୋଇପାରିଲାନାହିଁ। ସେହିପରି ଗତବର୍ଷ ମାନେଶ୍ୱରଠାରେ ଏକ ୱାଗନ ମରାମତି କାରଖାନା ତିଆରି ପାଇଁ ଘୋଷଣା ହୋଇଥିଲା। ହେଲେ କାମ ଆରମ୍ଭ ହୋଇ ପାରିଲାନାହିଁ। ଦୀର୍ଘଦିନର ଦାବି ଥିବା ସମ୍ବଲପୁର-ଗୋପାଳପୁର ଭାୟା ଫୁଲବାଣୀ ନୂତନ ରେଳପଥକୁ ମଞ୍ଜୁରୀ ମିଳିଛି। ସେହିପରି ବହୁ ଚର୍ଚ୍ଚିତ ଖୋର୍ଦ୍ଧା-ବଲାଙ୍ଗୀର ପ୍ରକଳ୍ପ ପାଇଁ ଏବର୍ଷର ବଜେଟରେ ସର୍ବାଧିକ ୫୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାନେଶ୍ୱର ଷ୍ଟେଶନ ନିକଟରେ ଏକ ୱାଗନ୍ ମରାମତି କେନ୍ଦ୍ର ପାଇଁ ଚଳିତ ବର୍ଷ ପୁଣି ଥରେ ମଞ୍ଜୁରୀ ମିଳିଛି। ୨ଟି ପୁରୁଣା ରେଳପଥର ଦୋହରୀକରଣ ପାଇଁ ମୋଟା ଅଙ୍କର ଅର୍ଥବ୍ୟବସ୍ଥା କରାଯାଇଛି। ହେଲେ ଏଥିରେ ପଶ୍ଚିମ ଓଡିଶାର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସାମିଲ କରାଯାଇଛି। ସମ୍ବଲପୁର-ଗୋପାଳପୁର ନୂତନ ରେଳପଥର ୨୪୧ କିମି ପାଇଁ ୧୯୫୭ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି। ସେହିପରି ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥକୁ ଗତବର୍ଷ ୩୫୦ କୋଟି ଟଙ୍କା ମିଳିଥିବା ବେଳେ ଚଳିତ ବଜେଟରେ ସର୍ବାଧିକ ୫୧୦ କୋଟି ବ୍ୟୟ ବରାଦ କରାଯାଇଛି। ସମ୍ବଲପୁର-ତାଳଚେର ୧୭୪.୧୧ କି.ମି. ରେଳପଥର ଦୋହରୀକରଣ ପାଇଁ ୨୯୨ କୋଟି, ସମ୍ବଲପୁର-ଟିଟିଲାଗଡ ୧୮୨.୧୧ କି.ମି. ରେଳପଥର ଦୋହରୀକରଣ ପାଇଁ ୩୮୨ କୋଟି, ବୃନ୍ଦାବନ-ଝାରସୁଗୁଡା ଫ୍ଲାଏଓଭର ପାଇଁ ୧୦ କୋଟି, ରାୟପୁର-ଟିଟିଲାଗଡ ୨୦୩ କି.ମି. ରେଳପଥ ପାଇଁ ୧୪୬ କୋଟି, ଝାରସୁଗୁଡା-ବିଳାସପୁର ଚତୁର୍ଥ ଲାଇନର ୨୦୬ କି.ମି. ରେଳପଥ ପାଇଁ ୨୮୦ କୋଟି, ରାଉରକେଲା-ଝାରସୁଗୁଡା ତୃତୀୟ ଲାଇନ ପାଇଁ ୧୭୦ କୋଟି, ବନ୍ଧାମୁଣ୍ଡା-ରାଉରକେଲା ଚତୁର୍ଥ ଲାଇନ ପାଇଁ ୨୩ କୋଟି ଏବଂ ଛତିଶଗଡ ଚାମ୍ପାରୁ ଝାରସୁଗୁଡାକୁ ତୃତୀୟ ଲାଇନ ପାଇଁ ୨୦ କୋଟି ଟଙ୍କାର ବ୍ୟବରାଦ କରାଯାଇଛି। କଳାହାଣ୍ଡି ଜିଲାରେ ଇଲେକ୍ଟ୍ରିକ ଇଞ୍ଜିନ ଓଭରହଲିଂ ୱାର୍କସପ୍ ପାଇଁ ୧ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ବ୍ରଜରାଜନଗର ଏବଂ ବେଲପାହାଡରେ ଥିବା ଖୋଲା ମୁହଁ କୋଇଲା ଖଣିର ସାଇଡିଂକୁ ଯୋଡିବା ପାଇଁ ବ୍ୟୟ ବରାଦ ରହିଛି। ଏପରି ସ୍ଥିତିକୁ ନେଇ ସାଧାରଣ ଅସନ୍ତୋଷ ଲାଗି ରହିଛି।

– ଶୁଭାଶିଷ ପାଢୀ

# ଦୁବାଇରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

## ଓଡ଼ିଶା: ମୋ ପରିବାର ସଙ୍ଗଠନର ସହାୟତା

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଦୁବାଇସ୍ଥିତ ହୋଟେଲ ରାମାଡ ପ୍ଲାଜାରେ ହୋଇଥିବା ଏକ ଦୁର୍ଘଟଣାରେ ଓଡ଼ିଆ ଯୁବକ ତପନ ଭୋଳଙ୍କ ଗତ ୬ ତାରିଖରେ ମୃତ୍ୟୁ ହୋଇଥିଲା। ସେ କେନ୍ଦ୍ରାପଡା ଜିଲା ପୋଖରୀଆପଡା ଗାଁର ବାସିନ୍ଦା। ଓଡ଼ିଶା: ମୋ ପରିବାର ସଙ୍ଗଠନ ସହାୟତା ଫଳରେ ଭୋଳଙ୍କ ମରଶରୀର ଜନ୍ମମାଟିକୁ ଫେରିପାରିଛି। ସ୍ୱର୍ଗତ ତପନଙ୍କ ସାନ ଭାଇ ସମୀର ଭୋଳ ମୋ ପରିବାର ସଙ୍ଗଠନ ହେଲ୍ପ ଲାଇନ୍ ଜରିଆରେ ସହାୟତା ଆଶା କରିଥିବା ଜଣାପଡ଼ିଛି। ସମୀରଙ୍କଠାରୁ ତପନଙ୍କ ମୃତ୍ୟୁ ବାବଦ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶବ ଫେରାଇବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶକ୍ରମେ ସଙ୍ଗଠନର ଆବାହକ ଅରୂପ ପଟ୍ଟନାୟକ କେନ୍ଦ୍ରାପଡା ଜିଲାର ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ଯୋଗାଯୋଗ କରିଥିଲେ। ଏହା ପରେ ମୋ ପରିବାର ଆଇନ ପରାମର୍ଶଦାତା ଅବନୀ ସାହୁ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଆବାସିକ କମିଶନରଙ୍କ ପାଖରେ ଉପସ୍ଥାପନ କରିଥିଲେ। ଏଥିସହ ବିଜେଡି ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର ବୈଦେଶିକ ମନ୍ତ୍ରଣାଳୟ ସହ ଯୋଗାଯୋଗ କରି ଶବ ଫେରାଇ ଆଣିବା ପାଇଁ ଚେଷ୍ଟା କରିଥିଲେ। ଉପରୋକ୍ତ ସମସ୍ତ ଚେଷ୍ଟା ପରେ ତପନଙ୍କ ମୃତଦେହ ଶୁକ୍ରବାର ଏକ ବିମାନ ଯୋଗେ ଦୁବାଇରୁ ନୂଆଦିଲ୍ଲୀ ଏବଂ ନୂଆଦିଲ୍ଲୀରୁ ଭୁବନେଶ୍ୱରରେ ଆସି ପହଞ୍ଚିଥିଲା। ବିମାନବନ୍ଦରରେ ମୋ ପରିବାର ସଙ୍ଗଠନ ପକ୍ଷରୁ ଭାରତୀ ସିଂ, ସମୀର ପ୍ରଧାନ ଉପସ୍ଥିତ ରହିବା ସହ ତପନଙ୍କ ଜନ୍ମମାଟିକୁ ମୃତଦେହକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ସହାୟତା ରାଶି ମଧ୍ୟ ପରିବାରବର୍ଗଙ୍କୁ ପ୍ରଦାନ କରାଯାଇଥିଲା। ସମସ୍ତ ସହଯୋଗ ପାଇଁ ମୃତ ତପନଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ଧରିତ୍ରୀ DHARITRI CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଏକ ନୂଆ ଷ୍ଟାର୍ଟଅପ୍ ବିଜିନେସ୍,BBSR ପାଇଁ କର୍ମଠ ଏବଂ ଅଭିଜ୍ଞତା ଥିବା ଷ୍ଟାଫ୍ ଆବଶ୍ୟକ।
DTP OPERATOR • SALES EXECUTIVE
SCREEN PRINTER • OFFICE PEON
• CAR DRIVER
ଇଚ୍ଛୁକ ଥିବା କେବଳ ଅଭିଜ୍ଞ ପ୍ରାର୍ଥୀ/ପ୍ରାର୍ଥୀନୀ ୭ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ :
Mob : 8249416516
E-mail : mcpl.recruitment2020@gmail.com

Urgent Recruitment for
TRAIN GURU EDUCARE PVT. LTD.
N1-39, IRC Village, Nayapalli, Bhubaneswar
1. Tele Caller / Counsellor : Graduate in any discipline, 6 months to 1 year Experience
2. Placement Officer : Graduate in any discipline, having own two wheeler, good communication in English, Hindi & Oriya.
3. Business Executive : Graduate in any discipline, having own two wheeler, No target
4. Office / Canopy Boy : Minimum 8th pass,
(Salary : No bar for the Right Candidate)
Email : traingurubbsr@gmail.com, www.trainguru.in
Ph : 0674-2551444, 9040030327

Required for Site Supervisor, Site Accountant, Driver for Car & Hywa and Civil Engineer. Experience more than 3 year in Road, Building & Railway construction work.
Contact No. 9078814314
9937552828

REQUIREMENT
Urgent Requirement for a Multinational Air Compressor Products in Bhubaneswar and Jharsuguda HQ. Attractive Salary Package- Walk-in-Interview Date: 16 & 23 February.
Address : United Group, #5673, Rameswarpatna, Bhubaneswar
Mob.- +91-9861533536

ଆବଶ୍ୟକ
ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ।
ଡ୍ରାଇଭର - ୨ ଜଣ
ମୋବାଇଲ-9692676868

HINDUSTAN URVARAK & RASAYAN LIMITED
(A JV of NTPC, CIL, IOCL, FCIL & HFCL)
HINDUSTAN URVARAK & RASAYAN LIMITED-HURL
is setting up state-of-art fertilizer plants at Gorakhpur (UP), Barauni (Bihar) and Sindri (Jharkhand) with capital investment of Rs. 21,000 Cr. and is poised to be the largest Urea producer in the country by May 2021.
CAREER OPPORTUNITIES IN HURL
HURL invites applications for appointment to various posts of
SR. VICE PRESIDENT | VICE PRESIDENT | CHIEF MANAGERS | MANAGERS | ASSISTANT MANAGERS | ENGINEERS/OFFICERS
In Various Disciplines viz. Process, Ammonia, Urea, Off Sites & Utilities, Urea Product Handling, Instrumentation, Electrical, Mechanical, Safety, IT, Environment & Quality Control, Human Resources, Marketing.
Recruitment of Fresh Engineering Graduates
in Chemical, Mechanical, Electrical, Instrumentation & Electronics disciplines will be through Graduate Aptitude Test in Engineering (GATE) Score – 2019
Interested Candidates may visit HURL website www.hurl.net.in for details regarding application process, eligibility criteria, experience required, CTC etc. against the vacancies.
हिन्दुस्तान का अपना यूरिया
SCOPE Minar, Core 4 & 3, 9th Floor, Laxmi Nagar District Center, Delhi-92
Website: www.hurl.net.in

Railway Job
• Petty Repair (ITI) Rs.14000/-
• Supervisor (+2,+3) : Rs.14000/-
• Bad Roll (10th) : Rs.12000/-
• House keeping (Under Matric) Rs.8000/- to Rs.10000/-
Posting- BBSR, Puri, Rayagada
7327065424, 8895725158

WANTED
Cement & Steel distributor required engineer & graduate for local marketing, experience candidates will get advantage come for interview on Sunday 9 A.M at: Sanjay Kumar Bijaya Kumar, Puri bye Pass, near Shiridi Sai temple, BBSR.
Mobile : 7381020898

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

REQUIREMENT
GAS CYLINDER DELIVERY MAN AND AUTO DRIVER
Contact : VARSHA ENTERPRISES
BHARAT GAS DISTRIBUTOR
A/38, Jharapada, Back Side of Jail, Bhubaneswar
9338553115 / 9583700009

JAIPRAKASH HOSPITAL
AND RESEARCH CENTRE PVT. LTD.
DANDIAPALLI, ROURKELA-769004
CONTACT NO : 0661-2461100
WALK-IN INTERVIEW
Jaiprakash Hospital & Research Centre Pvt. Ltd., a 307 bedded Multi-speciality Hospital requires dedicated, experienced, result oriented personnel for its hospital at Dandiapalli, Rourkela for the following post.

| SL. NO. | NAME OF THE POST | QUALIFICATION | DATE & TIME |
|---|---|---|---|
| 1. | RECEPTIONIST CUM BILLING | ANY GRADUATE WITH GOOD COMPUTER KNOWLEDGE | 22.02.2020 10:00 A.M TO 4:00 P.M |
| 2. | NURSING | GNM & B.Sc.(NURSING) WITH ATLEAST 2 YRS. OF EXPERIENCE | 24.02.2020 10:00 A.M TO 4:00 P.M |

Candidates may walk-in for interview with required documents at : S2 - A/42-43, Khushi Realcon, Near Mahindra Showroom, Mancheswar, Bhubaneswar.
Salary is negotiable. Accommodation and food facilities are available for staff.

WANTED
LADY OFFICE ASSISTANT
Room, Breakfast
ଖାଇବା Free
Salary 5000/-
7809525452

A reputed business organization need an management professional urgently !
The candidate should be based in Bhubaneswar. He should be loyal, efficient and should exercise integrity and be non-partisan in the work place. HRD professionals with 2 years experience can also apply.
Kindly Contact : 9342540892 (Pooja)

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

ଆବଶ୍ୟକ
Receptionist, Office Asst., Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

PIAGGIO
Dealer (3 Wheelers) REQUIRES
Service Manager (Jharsuguda)
Spare Parts- Manager (Jharsuguda)
Mechanic (Sambalpur & Jharsuguda)
WALK IN
For Interview on 21st & 22nd February 2020 at
DEEP JYOTI MOTORS
N.H.6, Gopalpali Chowk, Remed, Sambalpur
Mob: 8763073900
Mail: deepjyotimotors@rediffmail.com

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.37 (6) | 41,257.74 (202.05 ↓) | 12,113.50 (61.20 ↓) | 41,481.00 (₹75 ↑) | 47,036.00 (₹147 ↑) |

“ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସରକାର ବଜେଟ ବାଦ ଅନ୍ୟ କାର୍ଯ୍ୟକ୍ରମ ମଧ୍ୟ ଜାରି ରଖିଛନ୍ତି।

–ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ



“ଟ୍ରାଇବାଲ ପ୍ରଡକ୍ଟର ବିକ୍ରିବଟା ବଢାଇବା ଲାଗି ସରକାର କାର୍ଯ୍ୟରତ। ଏ କ୍ଷେତ୍ରରେ ଅଂଶୀଦାର ମାନେ ସେମାନଙ୍କ ମତାମତ ସରକାରଙ୍କୁ ଦେଇ ପାରିବେ।

– ପୀୟୂଷ ଗୋୟଲ, ବାଣିଜ୍ୟ ମନ୍ତ୍ରୀ



# ଏଜିଆର୍ ମାମଲାରେ ସୁପ୍ରିମକୋର୍ଟଙ୍କ କ୍ଷୋଭ

ନୂଆଦିଲ୍ଲୀ,୧୪–୨





■ ୧୭ ମାର୍ଚ୍ଚ ମଧ୍ୟରେ ଦେୟ ପ୍ରଦାନ କରିବାକୁ ଟେଲିକମ୍ କମ୍ପାନୀଙ୍କୁ ନିର୍ଦ୍ଦେଶ

ଆଡଜଷ୍ଟେଡ ଗ୍ରସ ରେଭେନ୍ୟୁ (ଏଜିଆର) ଦେୟ ବାବଦ ୧.୪୭ ଲକ୍ଷ କୋଟି ମାମଲାରେ ସୁପ୍ରିମକୋର୍ଟ ଶନିବାର ସରକାରଙ୍କ ଟେଲିକମ ବିଭାଗ ଏବଂ ଟେଲିକମ୍ କମ୍ପାନୀଙ୍କ ମତିଗତି ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଟେଲିକମ କମ୍ପାନୀଗୁଡିକ ବକେୟା ଏଜିଆର ଦେୟ ପ୍ରଦାନ କରିନାହାନ୍ତି। ଏଭଳି ଭୁଲ ଲାଗି କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ଟେଲିକମ କମ୍ପାନୀଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, କ'ଣ ଏ ଦେଶରେ କୌଣସି ଆଇନ କାନୁନ ବଞ୍ଚିରହିନାହିଁ? ଏହି ଦେଶରେ ରହିବା ଅପେକ୍ଷା ଦେଶ ଛାଡି ଚାଲିଯିବା ଭଲ ହେବ। ୨୩ ଜାନୁୟାରୀ ମଧ୍ୟରେ ବକେୟା ରାଶି ପ୍ରଦାନ କରିବା ଲାଗି ୨୪ ଅକ୍ଟୋବରରେ ସର୍ବୋଚ୍ଚ ନ୍ୟାୟାଳୟ କମ୍ପାନୀଙ୍କୁ ଆଦେଶ ଦେଇଥିଲେ। ନିଷ୍ପତ୍ତି ଉପରେ ପୁଣି ଥରେ ଆବେଦନ କରିବା ଲାଗି କମ୍ପାନୀଗୁଡିକ ପକ୍ଷରୁ ଆବେଦନ କରାଯାଇଥିଲା। ଏହାକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଥିଲେ। ଏହା ପରେ ଟେଲିକମ କମ୍ପାନୀଗୁଡିକ ପକ୍ଷରୁ ଅଧିକ ସମୟ ମଗାଯିବା ସହ ନୂଆ ସୂଚୀ ନିର୍ଦ୍ଧାରଣ କରିବା ଲାଗି ଆବେଦନ ହୋଇଥିଲା। ଶୁକ୍ରବାର ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ ସବୁ ଆବେଦନକୁ ଖାରଜ କରି ଦେଇଥିବା ଜଣାପଡିଛି।

ସ୍ପେକ୍ଟ୍ରମ ଏବଂ ଲାଇସେନ୍ସ ଫିସ ଏଜିଆର୍ ବାବଦ ୧.୪୭ ଲକ୍ଷ କୋଟି ବକେୟା ରଖିଥିବା ଟେଲିକମ କମ୍ପାନୀଙ୍କ ମଧ୍ୟରୁ କେବଳ ରିଲାଏନ୍ସ ଜିଓ ୧୯୫ କୋଟି ଟଙ୍କାର ରାଶି ପ୍ରଦାନ କରିଛି। ଏହା ଉପରେ ଜଷ୍ଟିସ ଅରୁଣ ମିଶ୍ରଙ୍କ ଖଣ୍ଡପୀଠ ଟେଲିକମ କମ୍ପାନୀଗୁଡିକର ପରିଚାଳନା ନିର୍ଦ୍ଦେଶକଙ୍କୁ ୧୭ ମାର୍ଚ୍ଚରେ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ଏଜିଆର୍ ମାମଲାରେ ସୁପ୍ରିମକୋର୍ଟ ନାରାଜ ହେବାର ଏକ ପ୍ରମୁଖ କାରଣ ହେଉଛି। ଟେଲିକମ୍ ମନ୍ତ୍ରଣାଳୟର ଜଣେ ଅଧିକାରୀ କିଛିଦିନ ତଳେ ସାମ୍ବିଧାନିକ ପଦରେ ଥିବା ଅନ୍ୟ ଅଧିକାରୀଙ୍କୁ ଏକ ଚିଠି ଲେଖିଥିଲେ। ସୁପ୍ରିମକୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ଯାଏ ଟେଲିକମ୍ କମ୍ପାନୀଗୁଡିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଲାଗି ଏଥିରେ କୁହାଯାଇଥିଲା। ଏଜିଆର୍ ବକେୟା ନ ପ୍ରଦାନ କରିଥିଲେ ମଧ୍ୟ ଟେଲିକମ କମ୍ପାନୀଙ୍କ ଉପରେ କଠୋର ନ ହେବାକୁ କୁହାଯାଇଥିଲା।

## ଟେଲିକମ ବିଭାଗ ନିର୍ଦ୍ଦେଶକୁ ଫେରାଇ ନେଲା

ଟେଲିକମ ବିଭାଗର ଏହି ଚିଠିକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବାରୁ ନିର୍ଦ୍ଦେଶକୁ ବିଭାଗ ପ୍ରତ୍ୟାହାର କରି ନେଇଛି। ଏଥିଲାଗି ସୁପ୍ରିମକୋର୍ଟ ଗୋଟିଏ ଘଣ୍ଟା ସମୟ ଦେଇଥିଲେ। ସେହିଭଳି ତୁରନ୍ତ ବକୟା ଦେୟ ପ୍ରଦାନ କରିବାକୁ କମ୍ପାନୀ ଗୁଡିକୁ ବିଭାଗ ପକ୍ଷରୁ କୁହାଯାଇଛି। ସୁପ୍ରିମକୋର୍ଟ ପୂର୍ବରୁ ଏହି ମାମଲାରେ ଗୋଟିଏ ନିର୍ଦ୍ଦେଶ ଦେବା ପରେ ଜଣେ ଡେସ୍କ ଅଫିସର କିଭଳି ଏଭଳି ଏକ ଆଦେଶ ଜାରି କରି ପାରିବେ ବୋଲି ପ୍ରଶ୍ନ କରାଯାଇଛି। କୌଣସି ପରିସ୍ଥିତି ଖରାପ ହୋଇଥିବା ଆପକୁ ଜଣା ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। କ'ଣ ଦେଶରେ କିଛି ଆଇନ ବଞ୍ଚି କି ରହିନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିଛନ୍ତି। ଯଦି କୌଣସି ଅଧିକାରୀ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଏଭଳି କରିପାରୁଛନ୍ତି ତେବେ ସୁପ୍ରିମକୋର୍ଟ ରହିବାର ଆବଶ୍ୟକତା କ'ଣ ରହିଛି। ଏହାକୁ ବନ୍ଦ କରିଦେବା ଆବଶ୍ୟକ ବୋଲି ନ୍ୟାୟାଳୟ ଉଦ୍‌ବେଗରେ କହିଛନ୍ତି। ଏହି ଆଦେଶକୁ ଗୋଟିଏ ଘଣ୍ଟା ମଧ୍ୟରେ ପ୍ରତ୍ୟାହାର ନ କଲେ ସମ୍ପୃକ୍ତ ଅଧିକାରୀଙ୍କୁ ଜେଲ ପଠାଇ ଦିଆଯିବ ବୋଲି ନ୍ୟାୟାଳୟ ଚେତାବନୀ ଦେଇଥିଲେ। କମ୍ପାନୀଗୁଡିକ ଗୋଟିଏ ଟଙ୍କା ମଧ୍ୟ ପଇଠ କରି ନାହାନ୍ତି। ଏପଟେ ଅଧିକାରୀ କୋର୍ଟଙ୍କ ଆଦେଶ ଉପରେ ରହିତାଦେଶ ଲଗାଉଛନ୍ତିବୋଲିସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି।

## ଏଜିଆର୍ ବିବାଦ ପଛର କାରଣ

ଏଜିଆରକୁ ନେଇ ସରକାର ଏବଂ ଟେଲିକମ୍ କମ୍ପାନୀଙ୍କ ମଧ୍ୟରେ ଗତ ୧୪ ବର୍ଷ ହେବ ବିବାଦ ଲାଗି ରହିଥିଲା। ସୁପ୍ରିମକୋର୍ଟଙ୍କ ଚୂଡାନ୍ତ ନିଷ୍ପତ୍ତି ପୂର୍ବରୁ ଟେଲିକମ ଟ୍ରିବ୍ୟୁନାଲ ଦେଶର ଟେଲିକମ କମ୍ପାନୀଙ୍କ ସପକ୍ଷରେ ନିଷ୍ପତ୍ତି ଶୁଣାଇ ଥିଲେ। ଟ୍ରିବ୍ୟୁନାଲ କହିଥିଲେ ଯେ, ଭଡା, ସ୍ଥାୟୀ ସମ୍ପତ୍ତି ବିକ୍ରିରୁ ହେଉଥିବା ଲାଭ, ଅଣକୋର ସମ୍ପତ୍ତିରୁ ମିଳୁଥିବା ଲାଭାଂଶ ଏବଂ ସୁଧ ରାଶିକୁ ବାଦଦେଇ ଅନ୍ୟ ସମସ୍ତ ରାଜସ୍ୱ ଏଜିଆର୍‌ରେ ସାମିଲ ହେବ। ଭଡା, ସ୍ଥାୟୀ ସମ୍ପତ୍ତି ବିକ୍ରି ଲବ୍ଧ ଅର୍ଥରୁ ଲାଭ ଏବଂ କବାଡି ସାମଗ୍ରୀ ବିକ୍ରିରୁ ମିଳୁଥିବା ଅର୍ଥକୁ ମଧ୍ୟ ଏଜିଆରରେ ସରକାର ସାମିଲ କରିଛନ୍ତି। ଏହାକୁ ନେଇ ବିବାଦ ଉପୁଜିଛି।

## ଟେଲିକମ ଶିଳ୍ପ ଉପରେ ସଙ୍କଟ

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଟେଲିକମ ଶିଳ୍ପର ଅବସ୍ଥା ଆହୁରି ଖରାପ ହେବ ବୋଲି ବଜାର ବିଶେଷଜ୍ଞ ମାନେ ଆଶଙ୍କା କରିଛନ୍ତି। ଏହି ସମୟରେ ଭୋଡାଫୋନ–ଆଇଡିଆ ଶେୟାର ୨୩.୨୧% ଖସିଥିବାଜଣା ପଡିଛି।

# ସାମଲ ଅଟୋ ଇଣ୍ଡିଆକୁ ସର୍ବୋତ୍ତମ ଡିଲରଶିପ୍ ସମ୍ମାନ

ଭୁବନେଶ୍ୱର,୧୪–୨



ଟାଟା ମୋଟର୍ସର ହେଭି କମରସିଆଲ ଭେଇକିଲ ଡିଲର ସାମଲ ଅଟୋ ଇଣ୍ଡିଆକୁ ଅଟୋମୋଟିଭ ସେଗ୍‌ମେଣ୍ଟରେ ଚଳିତ ବର୍ଷ ଲାଗି ଗ୍ଲୋବାଲ ରିଟେଲ ଏକ୍ସଲେନ୍ସ ପୁରସ୍କାର ପ୍ରଦାନ ଉତ୍ସବରେ ସର୍ବୋତ୍ତମ ଡିଲରଶିପ୍ ଭାବେ ସମ୍ମାନିତ କରାଯାଇଛି। ମୁମ୍ବାଇଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଡିଲରଶିପର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ସାମଲ ଏହି ପୁରସ୍କାର ଗ୍ରହଣ କରିଥିଲେ। ସାମଲଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ଧରି ଏହି ଡିଲରଶିପ୍‌ର କନଷ୍ଟ୍ରକ୍ଟ ଡିଭିଜନ ଶୀର୍ଷ ସ୍ଥାନ ବଜାୟ ରଖିବାର ଗୌରବ ହାସଲ କରି ଆସୁଛି। ସାମଲ ବର୍ତ୍ତମାନ ଜେସିବି, ମୋରିସ ଗ୍ୟାରେଜ, ଜାଗୁଆର ଲ୍ୟାଣ୍ଡରୋଭର ଭଳି ଡିଲରଶିପର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଅଛନ୍ତି। ଏହି ପୁରସ୍କାର ଓଡିଶା ଅଟୋମୋବାଇଲ ବିଜନେସ ଲାଗି ଗର୍ବ ଆଣି ଦେଇଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି। କାର୍ଯ୍ୟକ୍ରମ ଅବସରରେ ସାମଲ ଅଟୋ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ସିଇଓ ରାଜେଶ ମହାନ୍ତି ଉପସ୍ଥିତ ଥିଲେ। ଏସିଆ–ଆଫ୍ରିକା ଜିସିସି ରିଟେଲ ଓ ସପିଙ୍ଗ ସେଣ୍ଟର କଂଗ୍ରେସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

# ପାଇକାରୀ ମୁଦ୍ରାସ୍ଫୀତି ୩.୧%କୁ ବୃଦ୍ଧି

ନୂଆଦିଲ୍ଲୀ,୧୪–୨

ଜାନୁୟାରୀରେ ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ୩.୧% ସ୍ତରକୁ ବୃଦ୍ଧି ଘଟିଛି। ଏହା ଡିସେମ୍ବରରେ ୨.୫୯ ସ୍ତରରେ ରହିଥିଲା। ଖାଦ୍ୟ ସାମଗ୍ରୀ ମୂଲ୍ୟରେ ବୃଦ୍ଧି ଯୋଗୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଇଛି। ବିଶେଷ କରି ପିଆଜ ଏବଂ ଆଳୁ ଦର ଏହି ସମୟରେ ଅହେତୁକ ମୂଲ୍ୟ ବୃଦ୍ଧି ଘଟିଥିବା ଜଣାପଡିଛି। ଗତ ବର୍ଷ ଜାନୁୟାରୀରେ ଖୁଚୁରା ମୁଦ୍ରାସ୍ଫୀତି ୨.୭୬% ରହିଥିଲା। ଜାନୁୟାରୀରେ ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ବଢି ୧୧.୫୧% ସ୍ତର ଛୁଇଁଥିବା ବେଳେ ଡିସେମ୍ବରରେ ଏହା ୨.୪୧% ସ୍ତରରେ ରହିଥିଲା। ସେହିଭଳି ଅଣ ଖାଦ୍ୟ ସାମଗ୍ରୀ ବର୍ଗରେ ପାଇକାରୀ ମୁଦ୍ରାସ୍ଫୀତି ପ୍ରାୟ ୩ ଗୁଣ ବୃଦ୍ଧି ଘଟି ୭.୮% ରହିଛି। ଏହା ଡିସେମ୍ବରରେ ୨.୩୨% ରହିଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଏହି ସମୟରେ ଖାଦ୍ୟ ସାମଗ୍ରୀ, ପନିପରିବା ସାମଗ୍ରୀ ଦର ପ୍ରାୟ ୫୨.୭୧% ବଢିଛି।


## ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁଟି ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସହଯୋଗ ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁଟିର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା–୩୮ (ଉପଧାରା–୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ମୋ.ନଂ.-୯୯୩୮୧୭୦୪୫୦/ଅଫିସ୍-୦୬୬୨୨-୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ.ନଂ.-୯୪୩୭୦୮୫୪୩୪/ ଅଫିସ୍-୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ଆଶିଷ ଦାସ | ୦୬।୦୫।୨୦୦୭ | ପୁଅ | ବୀରମିତ୍ରପୁର ପୋଲିସ ଦ୍ୱାରା ଉଦ୍ଧାର ତା.୦୩।୧୧।୨୦୧୯ |  |

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼

No.O-1061 e-mail : rwd_gajapati@yahoo.co.in

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, GAJAPATI
PARLAKHEMUNDI
NATIONAL COMPETITIVE BIDDING THROUGH
e-Procurement
Identification No. Online Tender 14/GJP/2019-20

1. Name of the work : Building
2. Total No. Work : 4 (Four) Nos. of Building Works
3. Estimated Cost : Rs.1.33 lakhs to 0.67 lakhs
4. Class of Contractor : D' & 'C' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 24.02.2020 at 10.00 A.M to 06.03.2020 upto 5.30 P.M
7. Date and Time of Opening of Tender : 07.03.2020 at 11.30 A.M
8. Place of Opening : As per Annexure

Further details can be seen from the Website www.tenderorissa.gov.in
EXECUTIVE ENGINEER
R.W. DIVN., GAJAPATI
OIPR-25158/11/0015/1920

No.O-1018 e-mail : rwd_gajapati@yahoo.co.in

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, GAJAPATI
PARLAKHEMUNDI
NATIONAL COMPETITIVE BIDDING THROUGH
e-Procurement
Identification No. Online Tender 13/GJP/2019-20

1. Name of the work : Road
2. Total No. Work : 7 (Seven) Nos. of Road Works
3. Estimated Cost : Rs.11.50 lakhs to 2.65 lakhs
4. Class of Contractor : D' & 'C' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 19.02.2020 at 10.00 A.M to 29.02.2020 upto 5.30 P.M
7. Date and Time of Opening of Tender : 02.03.2020 at 11.30 A.M
8. Place of Opening : As per Annexure

Further details can be seen from the Website www.tenderorissa.gov.in
EXECUTIVE ENGINEER
R.W. DIVN., GAJAPATI
OIPR-25158/11/0014/1920

See Career Appointment on every Wednesday & Saturday

Classified Display on Every Tuesday and Friday

NORTH ORISSA UNIVERSITY
SRIRAM CHANDRA VIHAR, TAKATPUR,
BARIPADA, MAYURBHANJ, PIN - 757003
No.NOU/(Estt-WBP-01/2016)/2020/555/ Date: 11/02/2020

Walk-in-Interview

Applications are invited from Retired Professors / Associate Professors, below the age of 65 years for engagement as Training Nodal Officer (TNO) as per the following terms and conditions to manage all training programmes to be conducted under World Bank Funded OHEPEE (Odisha Higher Education Programme for Excellence and Equity). The applicants are required to attend a walk-in-interview in person on 3rd March 2020 (Tuesday) at 11:30 A.M in the Vice - Chancellor's Secretarial Office, Administrative Block, North Orissa University, Takatpur, Baripada. They are required to produce all original certificates along with a set of self attested true copies in respect of age, qualifications, experience and a detailed CV.

The University reserves the right to conduct or cancel the interview without giving any reasons thereof.

TERMS AND CONDITIONS

1. The engagement is purely temporary in nature initially for a period of one year and is co-terminus with the period of funding whichever is earlier.
2. The TNO shall receive consolidated amount of Rs.40,000/- (Rupees forty thousand) only per month as honorarium.

By the Order of Vice - Chancellor
Sd./- Prof. P.K. SATAPATHY
Registrar, North Orissa University

OFFICE OF THE SUPERINTENDING ENGINEER
BALANGIR (R&B) CIRCLE, BALANGIR
Email-sepwbalangir@gmail.com
Phone No.-(06652) 231866
CANCELLATION OF WORKS
In Bid Identification No.SE (R&B) BGR/04/2019-20
No.392 Dt.11.02.2020

No.B-713 :- Tender for the work:-1) “Construction of Gramya Nyalaya Building at Dunguripali in the District of Subarnapur for the year 2019-20”. 2) “Construction of JMFC Court Building at Tarva in the District of Subarnapur for the year 2019-20”. are here by cancelled in respect as intimated by the Chief Engineer (Building) Odisha, Bhubaneswar in the meeting held on date: 29.01.2020.

Sd./- Superintending Engineer,
Balangir (R&B) Circle, Balangir
OIPR-34131/11/0010/1920

OFFICE OF THE COLLECTOR &
DISTRICT MAGISTRATE, SUNDARGARH
(ST & SC DEV. SECTION)
Notification No.489 / SSD Dt.12.02.2020

No.V-84 :- Applications are invited from deserving candidates from native of Sundargarh District for engagement of 02 Nos. of Tribal Language Teachers (Kisan) functioning under the ST & SC Dev. Deptt. Schools of Sundargarh District. The engagement is purely temporary and contractual nature with monthly consolidated remuneration. The application should reach to the office of the District Welfare Officer, Sundargarh on or before Dt.12.03.2020 at 5.00 PM by Regd. Post / Speed Post only. The applications received beyond the date will not be considered. The Collector, Sundargarh reserves the right for cancellation / modification of this advertisement and increase or decrease of posts without assigning any reason thereof.

The detail advertisement and the selection criteria may be obtained from office Notice Board of District Welfare Office, Sundargarh and District Website www.sundergarh@nic.in. The candidates may download the advertisement and application format accordingly.

Sd./-
12.02.2020
Collector, Sundargarh
OIPR-26035/11/0007/1920

OFFICE OF THE
MEDICAL OFFICER I/C, CHC,
LOISINGHA, Dist.- BALANGIR
Advt. No.34 / CHC Loisingha Date: 14.02.2020

No.745-E :- Sealed tenders in prescribed format are invited from the registered Travel Agencies / Tour Operators / Individuals / Private Organizations for providing vehicles on monthly hiring basis for official use of Block Programme Management Unit, O/o the Medical Officer I/C, CHC Loisingha, Balangir. Sealed tender docments should reach to the undersigned on or before 29.02.2020 till 05.00 P.M. by Registered Post / Speed Post / courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the office of the undersigned. The undersigned reserves the reject to cancel any or all tender without assigning any reason thereof.

Sd./-
Medical Officer I/C
CHC, Loisingha, Balangir
OIPR-10146/11/0001/1920

OFFICE OF THE EXECUTIVE ENGINEER,
LIFT IRRIGATION DIVISION, BARGARH
E-mail: eeolicbgh@gmail.com

Tender Call Notice for Hiring of Vehicle

No.CAD-971 :- Sealed tenders are invited from interested reputed Travel Agencies / Tour Operators / Private Individuals for providing 04 (Four) nos, Non A/C Diesel driven vehicle (Bolero / TUV) which shall not ordinarily be more than 3 years old from the initial registration and shall confirm to the terms and conditions for official use of various office under the Executive Engineer, LI. Division, Bargarh on monthly rent basis. The tender schedule containing General Bid Information & Terms and Conditions for Hiring of Vehicles etc, will be available with Office of the Executive Engineer, L.I. Division, Bargarh on payment of Rs.500/- in shape Demand Draft (DD) drawn in favour of Executive Engineer. LI. Division, Bargarh from 24.02.2020 to 26.02.2020 during office hours. The tenders completed in all respect should be submitted to the Office of the Executive Engineer, LI. Division, Bargarh-768028 on 27.02.2020 by 03.00 P.M. and shall be opened on the same day at 04.00 PM.

1 01 No. Vehicle for L.I. (Mech) Sub-Division, Bargarh
2. 01 No. Vehicle for L.I. Sub-Division, Padampur
3. 01 No. Vehicle for L.I. Sub-Division, Sohela
4. 01 No. Vehicle for L.I. (Mech.) wing-II / L.I. Sub-Division, Bargarh

Sd./- Executive Engineer
L.I. Division, Bargarh
OIPR-32277/11/0008/1920

OFFICE OF THE ENGINEER-IN-CHIEF (CIVIL), ODISHA No. B-715
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in cebuildings@rediffmail.com
Tel. -(0674)-2391523 Fax:- (0674)-2395245

File No. B-IV-H-(ALMC)-8/19 Ltr. No- 6856 Bhubaneswar, the 14th Feb 2020

GOVERNMENT OF ODISHA
INVITATIONS FOR BIDS (IFB)
NATIONAL COMPETITIVE BIDDING
Bid Identification No. CE (B) – 28 / 2019-20

1. The Chief Engineer (Buildings) on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade / Class registered with Central Government / MES / Railways for the building works detailed in the table below on turnkey basis ( i.e. Architectural planning with design & execution).

TABLE

| Package No | Name of the building | Bid security (₹.) | Cost of bid document (Including GST) | Period of Completion |
|---|---|---|---|---|
| 1 | 2 | 3 | 4 | 5 |
| 1. | Construction of 100 seated New Govt. Medical College & Teaching Hospital at Jajpur and Teaching Hospital for the new Govt. Medical college at Puri on Turnkey Basis in the state of Odisha. | ₹4,96,76,500/- | ₹.10,000/- | 24 (Twenty-four) Months |

2. The Bidders have to participate in ONLINE bidding only. Further details can be seen from the website:https://tendersodisha.gov.in. Any addendum/ corrigendum / cancellation of tender can also be seen in the said website.
3. The Bid documents shall be available for downloading in the website: https://tendersorissa.gov.in from dt.25.02.2020.
4. A pre-bid meeting shall be held on dt.06.03.2020 at 11:00 AMat the Conference Hall of Office of the E.I.C. (Civil), Odisha, Nirman Soudh, Unit-V, Bhubaneswar.
5. Online Submission of Bids shall be on or before dt.18.03.2020 up to 5:30 PM and hardcopy shall be received on or before dt.25.03.2020 up to 5:30 PM by this office. The bidder must possess compatible Digital Signature Certificate (DSC) of Class-II or Class- III.
6. Bids received online on due date and time, shall be opened on dt.26.03.2020 at 11:30 AM in the Office of the E.I.C. (Civil), Odisha, NirmanSoudh, Unit-V, Bhubaneswar.
7. Other details can be seen in the bidding documents.
8. The authority reserves the right to cancel any or all bids without assigning any reason.

Sd/- Chief Engineer (Buildings), Odisha
OIPR-34117/11/0067/1920

SHRI JAGANNATH SANSKRIT VISHVAVIDYALAYA,
SHRI VIHAR, PURI
No. Exam.538/ 2020, S.J.S.V., PURI Notification Date: 14.02.2020
PROGRAMME FOR ANNUAL SHASTRI-II (REG/BACK/IMPROVEMENT) EXAMINATION,2020

| Date | Day | Time | Subject | Paper |
|---|---|---|---|---|
| 23.03.2020 | Monday | 10.00 A.M.-1.00 P.M. | M.I.L (O/Sans/Hindi/Alt. Eng) | Compulsory |
| 24.03.2020 | Tuesday | 10.00 A.M.-1.00 P.M. | English | Compulsory |
| 25.03.2020 | Wednesday | 10.00 A.M.-1.00 P.M. | Samanya Sahitya | Compulsory |
| 26.03.2020 | Thursday | 10.00 A.M.-1.00 P.M. | S.P.P.V. / P.P.B.V. | Compulsory |
| 27.03.2020 | Friday | 10.00 A.M.-1.00 P.M. | Shastriya Optional | 3rd (Pass) / 4th (Hons) |
| 28.03.2020 | Saturday | 10.00 A.M.-1.00 P.M. | Shastriya Optional | 4th (Pass) / 5th (Hons) |
| 30.03.2020 | Monday | 10.00 A.M.-1.00 P.M. | Shastriya Optional | 6th (Hons) |

N.B.
1. Any discrepancy in the programme detected afterwards may be brought to the notice of the Controller of Examinations.
2. Details of Centres as well as Colleges tagged to them will be displayed in the University website: www.sjsv.nic.in w.e.f.16.03.2020 and college authorities are requested to go through it meticulously and act accordingly. No further correspondence in this regard will be made either with examination centres or colleges tagged to them.
3. Examination of Upashastri - Ist year Annual Examination, 2020 may be conducted at the college level from 24.02.2020 onwards.

By order of the Vice-Chancellor
Sd./-
Controller of Examinations

ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର
ସାଳିହା ବଗିଚା, ଲାୟନ୍‌ସ ଲେନ୍-୭୬୮୦୦୧
ଫୋନ ନମ୍ବର-୨୫୪୯୦୯୮
ଇମେଲ- secretarysdasbp@gmail.com
ସଂଖ୍ୟା ନଂ.226/ସ.ଉ.କ./ ତା.14.02.2020

ବିଜ୍ଞପ୍ତି

ଏତଦ୍ୱାରା ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଗେଜେଟ ସଂଖ୍ୟା.13955/HUD/Dt.06.08.2019 ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଅଛି। ଯେଉଁ ବ୍ୟକ୍ତିମାନେ ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ନିର୍ମାଣ କରିଛନ୍ତି, ସେମାନେ ଏହି ସୁଯୋଗର ଉପଯୋଗ କରନ୍ତୁ। ଆବେଦନ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ 05.02.2020 ପର୍ଯ୍ୟନ୍ତ ଥିଲା ଓ ବର୍ତ୍ତମାନ ସରକାରଙ୍କ ତରଫରୁ ଆବେଦନ ପତ୍ର ସ୍ୱୀକାର କରିବା ପାଇଁ ଅନ୍ତିମ ତାରିଖ 20.02.2020 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି।

ଉକ୍ତ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ୱେବ୍‌ସାଇଟ୍ www.sdasambalpur.com ରେ ଏବଂ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ।

ସ୍ୱା./- ସଚିବ

> ଟିମ୍ ମ୍ୟାନେଜମେଣ୍ଟ ଯଦି ଚାହିଁବ ତେବେ ମୁଁ ଦଳର ଓପନିଂ କରିବାକୁ ପ୍ରସ୍ତୁତ ଅଛି ।
> –ହନୁମା ବିହାରୀ, ଭାରତୀୟ ବ୍ୟାଟ୍ସମ୍ୟାନ



> ଏଫ୍‌ଆଇଏଚ୍ ଶ୍ରେଷ୍ଠ ଯୁବ ଖେଳାଳି ପୁରସ୍କାର ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ ଲାଗି ମୋ ପାଇଁ ପ୍ରେରଣା ସଦୃଶ ।
> –ଲାଲ୍‌ରେମସିଆମି, ଭାରତୀୟ ହକି ଖେଳାଳି



**ସଂକ୍ଷେପରେ**

## ବଦଳିଲା ଆରସିବି ଲୋଗୋ

ବାଙ୍ଗାଲୋର,୧୪।୨- ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଶୁକ୍ରବାର ତା’ର ନୂଆ ଲୋଗୋ ଉନ୍ମୋଚନ କରିଛି। ଆଇପିଏଲର ୧୩ତମ ସଂସ୍କରଣ ପୂର୍ବରୁ ଆରସିବି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଫ୍ରାଞ୍ଚାଇଜ ସୋସିଆଲ ମିଡିଆରୁ ପ୍ରୋଫାଇଲ ଇମେଜ ସମେତ କିଛି ପୁରୁଣା ପୋଷ୍ଟ ଡିଲିଟ୍ କରିବାର କିଛି ଦିନ ପରେ ଏହି ଘୋଷଣା କରାଯାଇଛି। ସୋସିଆଲ ମିଡିଆର ବିଭିନ୍ନ ପୋଷ୍ଟ ହଟାଯିବା ଉପରେ ଦଳର ଅଧିନାୟକ ବିରାଟ କୋହଲି, ବରିଷ୍ଠ ବ୍ୟାଟ୍ସମ୍ୟାନ ଏ.ବି. ଡିଭିଲିୟର୍ସ ଓ ସ୍ପିନର ଯୁଜବେନ୍ଦ୍ର ଚହଲ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଟୁଇଟରରେ ଏକ ଭିଡିଓ ଶେୟାର କରାଯାଇଛି, ଯେଉଁଥିରେ ଆରସିବିର ନୂଆ ଲୋଗୋ ଦେଖିବାକୁ ମିଳୁଛି। ଏହାର କ୍ୟାପଶନରେ ଲେଖା ରହିଛି, ବହୁ ପ୍ରତିକ୍ଷା ପରେ ନୂଆ ଆରସିବି ଓ ନୂଆ ଲୋଗୋ ଆସିଛି। ଏହି ଅବସରରେ ଫ୍ରାଞ୍ଚାଇଜ ଚେୟାରମ୍ୟାନ ସଞ୍ଜୀବ ଗୋଏଙ୍କା କହିଛନ୍ତି, ନିରବଚ୍ଛିନ୍ନ ଭାବେ ମନୋରଞ୍ଜନ ଓ ଆରସିବି ପଛରେ ଥିବା ପ୍ରଶଂସକଙ୍କ ଭରସାକୁ ଆମ ଲୋଗୋ ଦର୍ଶାଉଛି। ଦଳୀୟ ଆବଶ୍ୟକତା ପାଇଁ ପରିଚୟରେ ପରିବର୍ତ୍ତନ କରୁଛୁ। ନୂଆ ସିଜନ ପୂର୍ବରୁ ଆରସିବି ତା’ର ନାମ ଓ ଜର୍ସିରେ ପରିବର୍ତ୍ତନ କରିପାରେ ବୋଲି କିଛି ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଏ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିଲା।

**ରଣଜୀ ଟ୍ରଫିଃ ଓଡ଼ିଶା ବନାମ ଝାଡ଼ଖଣ୍ଡ**

# ଇନିଂସ ଅଗ୍ରଣୀ ପାଇଁ ସଂଘର୍ଷ

କଟକ ଅଫିସ,୧୪।୨



ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା–ଝାଡ଼ଖଣ୍ଡ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଇନିଂସ ଅଗ୍ରଣୀ ପାଇଁ ସଂଘର୍ଷ ଜାରି ରହିଛି। ଓଡ଼ିଶାର ପ୍ରଥମ ଇନିଂସ ୪୩୬ରନ ଜବାବରେ ଶୁକ୍ରବାର ଖେଳ ଶେଷ ସୁଦ୍ଧା ଝାଡ଼ଖଣ୍ଡ ୯ ଉଇକେଟ ହରାଇ ୩୫୫ ରନ କରିଛି। ଝାଡ଼ଖଣ୍ଡ ୮୧ରନ ପଛରେ ଥିବା ବେଳେ ଓଡ଼ିଶା ଇନିଂସ ଅଗ୍ରଣୀଠାରୁ ମାତ୍ର ଗୋଟିଏ ଉଇକେଟ ଦୂରରେ ଅଛି। ଶନିବାର ତଥା ଅନ୍ତିମ ଦିବସରେ ମ୍ୟାଚରୁ ଫଳାଫଳ ବାହାରିବା କଷ୍ଟସାଧ। ତେଣୁ ମ୍ୟାଚ ଡ୍ର ଅଭିମୁଖେ ଗତି କରୁଛି ବୋଲି କୁହାଯାଇପାରିବ। ତେଣୁ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ ପାଇଁ ବିଜୟ ଲକ୍ଷ୍ୟରେ ଥିବା ଓଡ଼ିଶାକୁ କେବଳ ଡ୍ରରେ ସନ୍ତୁଷ୍ଟ ରହିବାକୁ ପଡ଼ିବ। ତେବେ ମୂଲ୍ୟବାନ ପ୍ରଥମ ଇନିଂସ ଅଗ୍ରଣୀ ପାଇଁ ଓଡ଼ିଶା ନିକଟରେ ଭଲ ସୁଯୋଗ ରହିଛି।

ଓଡ଼ିଶା ୪୩୬ ରନରେ ଅଲଆଉଟ ହେବା ପରେ ଝାଡ଼ଖଣ୍ଡ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ଗୁରୁବାର ଖେଳ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୭୧ରନ କରିଥିଲା। କୁମାର ସୂରଜ ୪୨ ଓ ଉତ୍କର୍ଷ ସିଂ ୧୦ରନରେ ଅପରାଜିତ ଥିଲେ। ଶୁକ୍ରବାର ଖେଳ ଆରମ୍ଭର ୫ମ ଓଭରରେ ଉତ୍କର୍ଷ ୧୫ରନ କରିଥିବା ବେଳେ ରନଆଉଟ ହୋଇଥିଲେ। ଅଧିନାୟକ ସୌରଭ ତିୱାରୀ ଓ କୁମାର ସୂରଜଙ୍କ ମଧ୍ୟରେ ୭୯ରନର ଭାଗୀଦାରି ସୃଷ୍ଟି ହୋଇଥିଲା। ଇତିମଧ୍ୟରେ ୭୮ ବଲରୁ ଅର୍ଦ୍ଧଶତକ ଓ ୧୩୦ ବଲରୁ ସୂରଜ ଶତକ ହାସଲ କରିଥିଲେ। ଅଧିନାୟକ ସୌରଭ ଧିମାଗତିରେ ରନ ସଂଗ୍ରହ କରୁଥିବା ଦେଖିବାକୁ ମିଳିଥିଲା। ୧୩୭ ବଲରୁ ୧୦୭ ରନ କରିଥିବା ବେଳେ ସୂରଜଙ୍କୁ ଗୋବିନ୍ଦ ପୋଦ୍ଦାର କ୍ଲିନବୋଲ୍ଡ କରି ଦଳକୁ ଗୁରୁତ୍ୱପୂର୍ଣ୍ଣ ବ୍ରେକ୍‌ଥ୍ରୁ ଦେଇଥିଲେ। ପରେ ୮୪ ବଲରୁ ୨୧ରନ କରିଥିବା ସୌରଭ ଦେବବ୍ରତ ପ୍ରଧାନଙ୍କ ବଲରେ ଏଲବିଡବ୍ଲ୍ୟୁ ହୋଇଥିଲେ। ୧୩ରନ ବ୍ୟବଧାନରେ ଏହି ଦୁଇ ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରିଥିଲେ। ୧୮୩ ରନରେ ଦଳ ୫ଟି ଉଇକେଟ ହରାଇଥିଲା। ବ୍ୟାଟିଂ କ୍ରମ ୬ନଂରେ କ୍ରିଜକୁ ଆସିଥିବା ବାମହାତୀ ବ୍ୟାଟ୍ସମ୍ୟାନ ବିରାଟ ସିଂଙ୍କ ବ୍ୟାଟ୍‌ରୁ ବଡ଼ ଶଟ୍ ଦେଖିବାକୁ ମିଳିଥିଲା। ଇତିମଧ୍ୟରେ ଉଇକେଟ କିପର ଇଶାନ କିଶାନ ୧୩, ସାହିଲ ରାଜ ୩୦ ଓ ଆଶିଷ କୁମାର ୪ରନରେ ଆଉଟ ହୋଇଥିଲେ। ୧୦ ଚୌକା ଓ ୩ ଛକା ବଳରେ ୮୩ରନ କରି ବିରାଟ ୯ମ ବ୍ୟାଟ୍ସମ୍ୟାନ ଭାବେ ପ୍ୟାଭିଲିୟନ ଫେରିଛନ୍ତି। ଅନ୍ତିମ ଉଇକେଟ ଯୋଡ଼ିରେ ରାହୁଲ ଶୁକ୍ଲା ଓ ଅଜୟ ଯାଦବ ୪୯ରନର ଅପରାଜିତ ଭାଗୀଦାରି ସୃଷ୍ଟି କରିଛନ୍ତି। ଏହି ଦୁଇ ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଶୁକ୍ରବାର ଖେଳର ଅନ୍ତିମ ସେସନ୍‌ରେ ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଉଭୟ ସତର୍କତାର ସହ ୧୪ ଓଭର ବ୍ୟାଟିଂ କରିଛନ୍ତି। ରାହୁଲ ୨୫ ଓ ଅଜୟ ୨୧ ରନରେ ଅପରାଜିତ ଅଛନ୍ତି। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ୩ଟି, ବସନ୍ତ ମହାନ୍ତି ଓ ଦେବବ୍ରତ ପ୍ରଧାନ ୨ଟି ଲେଖାଏ ଏବଂ ଗୋବିନ୍ଦ ପୋଦ୍ଦାର ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି।

### କ୍ୱାର୍ଟର ଦୌଡ଼ରେ...

ଚଳିତ ସିଜନରେ ଓଡ଼ିଶା କ୍ୱାର୍ଟର ଫାଇନାଲର ନିକଟତର ହୋଇଛି। ୨ବର୍ଷର ବ୍ୟବଧାନ ପରେ ପୁଣିଥରେ ଓଡ଼ିଶା କ୍ୱାର୍ଟରରେ ପ୍ରବେଶ କରିବାର ସୁଯୋଗ ରହିଛି। ତେବେ ଏଲିଟ୍ ଗ୍ରୁପ–ସିରୁ ୩ଟି ଦଳ କ୍ୱାର୍ଟର ଫାଇନାଲ ପାଇଁ ପ୍ରମୁଖ ଆଶାୟୀ ରହିଛନ୍ତି। ଏହି ୩ ଦଳ ହେଲେ ଜମ୍ମୁ–କଶ୍ମୀର, ଓଡ଼ିଶା ଓ ସର୍ଭିସେସ୍। ୨ ଦଳକୁ ମିଳିବ କ୍ୱାର୍ଟର ଫାଇନାଲ ଟିକେଟ୍। ୩ଟି ଯାକ ଦଳ ଲିଗ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍ ଖେଳୁଥିବା ବେଳେ ଅଧିକ ପଏଣ୍ଟ ପାଇବାକୁ ନେଇ ଉଦ୍ୟମ କରୁଥିବା ଦେଖିବାକୁ ମିଳୁଛି। କୌଣସି ବି ଦଳ ନିର୍ଣ୍ଣାୟକ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିପାରିନାହାନ୍ତି। ୮ଟି ମ୍ୟାଚ୍‌ରୁ ୩୫ ପଏଣ୍ଟ ହାସଲ କରି ଓଡ଼ିଶା ଏଲିଟ ଗ୍ରୁପ–ସିର ଦ୍ୱିତୀୟ ସ୍ଥାନରେ ରହିଛି। ସମାନ ସଂଖ୍ୟକ ମ୍ୟାଚ୍‌ରୁ ୩୯ ପଏଣ୍ଟ ହାସଲ କରି ଜମ୍ମୁ–କଶ୍ମୀର ଶୀର୍ଷରେ ଥିବା ବେଳେ ୩୩ ପଏଣ୍ଟ ପାଇ ସର୍ଭିସେସ୍ ୩ୟ ସ୍ଥାନରେ ରହିଛି। ଓଡ଼ିଶା–ଝାଡ଼ଖଣ୍ଡ ମ୍ୟାଚ୍ ଡ୍ର ହେବ ବୋଲି ଆଶା କରାଯାଉଛି। ଆଉ ଗୋଟିଏ ଦିନର ଖେଳ ବାକିଥିବା ବେଳେ କୌଣସି ଦଳ ବିଜୟୀ ହେବାର ଚିତ୍ର ସ୍ପଷ୍ଟ ହେଉନି। ସେହିପରି ଜମ୍ମୁଠାରେ ଚାଲିଥିବା ଜମ୍ମୁ–କଶ୍ମୀର ଓ ହରିୟାଣା ମ୍ୟାଚ୍ ରେ ଉଭୟ ଦଳ ପାଇଁ ରହିଛି ବିଜୟ ସୁଯୋଗ। ହାତରେ ୫ ଉଇକେଟ ଥିବାବେଳେ ହରିୟାଣା ଚତୁର୍ଥ ଦିବସରେ ବିଜୟ ନିମନ୍ତେ ୧୨୧ରନ ଆବଶ୍ୟକ କରୁଛି। ଜମ୍ମୁ–କଶ୍ମୀର ମଧ୍ୟ ବିଜୟ ପଏଣ୍ଟ ହାସଲ କରି ଏକତରଫା ଭାବେ କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିବ ବୋଲି କହିବା ସମ୍ଭବ ନୁହେଁ। କ୍ୱାର୍ଟରର ଅନ୍ୟ ଏକ ଆଶାୟୀ ସର୍ଭିସେସ୍ ଦଳ ରାୟପୁରଠାରେ ଘରୋଇ ଛତିଶଗଡ଼ ବିପକ୍ଷରେ ମ୍ୟାଚ୍ ଖେଳୁଛି। ଛତିଶଗଡ଼ ଦ୍ୱିତୀୟ ଇନିଂସରେ ୧ ଉଇକେଟ ବିନିମୟରେ ୩୨୫ ରନ କରିବା ସହ ୧୦୬ ରନର ଅଗ୍ରଣୀ ହାସଲ କରିଛି। ଏଣୁ ଉକ୍ତ ମ୍ୟାଚ୍‌ର ଫଳାଫଳ ମଧ୍ୟ ନିର୍ଣ୍ଣୟ ହେବା କଷ୍ଟକର ହୋଇପଡ଼ିଛି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୪୩୬/ଅଲଆଉଟ (ଦେବାଶିଷ ସାମନ୍ତରାୟ–୧୫୬, ବିପ୍ଲବ ସାମନ୍ତରାୟ–୭୪, ଅନୁରାଗ ଷଡ଼ଙ୍ଗୀ–୬୫, ଗୋବିନ୍ଦ ପୋଦ୍ଦାର–୩୧, ଦେବବ୍ରତ ପ୍ରଧାନ–୨୬, ଆଶୁଷ କୁମାର–୬/୭୯, ଅଜୟ ଯାଦବ–୧/୯୨, ରାହୁଲ ଶୁକ୍ଲା–୧/୧୦୧, ସାହିଲ ରାଜ–୧/୪୭, ଉତ୍କର୍ଷ ସିଂ–୧/୧୦୯)। ଝାଡ଼ଖଣ୍ଡ ପ୍ରଥମ ଇନିଂସ: ୩୫୫/୯ (କୁମାର ସୂରଜ–୧୦୭, ବିରାଟ ସିଂ–୮୩, ସାହିଲ ରାଜ–୩୦, ରାହୁଲ ଶୁକ୍ଲା–୨୫*, ଅଜୟ ଯାଦବ–୨୧*, ସୂର୍ଯ୍ୟକାନ୍ତ ପ୍ରଧାନ–୩/୮୬, ବସନ୍ତ ମହାନ୍ତି–୨/୫୨, ଦେବବ୍ରତ ପ୍ରଧାନ–୨/୮୫, ଗୋବିନ୍ଦ ପୋଦ୍ଦାର–୧/୮୦)।

**ବ୍ରାଜିଲ ପାରା ବ୍ୟାଡ୍‌ମିଣ୍ଟନ**

## ଫାଇନାଲରେ ପ୍ରମୋଦ

ଭୁବନେଶ୍ୱର, ୧୪।୨ (କ୍ରୀଡ଼ା ପ୍ରତିନିଧି)

ବ୍ରାଜିଲର ସାଓ ପାଓଲୋଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପର ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ସେ ଜାପାନର ଦାଇସୁକେ ଫୁଜିହାରାଙ୍କୁ ୨୧–୧୫, ୨୧–୧୮ ପଏଣ୍ଟରେ ହରାଇ ଦେଇଛନ୍ତି। ଫାଇନାଲରେ ସେ ନିଜ ଡବଲ୍ସ ପାର୍ଟନର ମନୋଜ ସରକାରଙ୍କୁ ଭେଟିବେ। ଡବଲ୍ସରେ ମନୋଜଙ୍କୁ ସାଥିକରି ଖେଳୁଥିବା ପ୍ରମୋଦ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମନୋଜ–ପ୍ରମୋଦ ଯୋଡ଼ି କ୍ୱାର୍ଟର ଫାଇନାଲରେ ଭାରତର ନିତେଶ କୁମାର ଓ ତରୁଣ ଯୋଡ଼ିଙ୍କୁ ୨୧–୧୭, ୨୧–୧୫ ପଏଣ୍ଟରେ ପରାସ୍ତ କରିଛନ୍ତି। ଡବଲ୍ସ ସେମିଫାଇନାଲରେ ସେମାନେ ଫ୍ରାନ୍ସର ଗାଇଲି ଗୁଲାଉମି ଓ ମାଥ୍ୟୁ ଥୋମାସଙ୍କୁ ଭେଟିବେ।

## ଖେଲୋ ଇଣ୍ଡିଆରେ ଓଡ଼ିଆ ଅଫିସିଆଲ୍

କଟକ ଅଫିସ,୧୪।୨

ଆସନ୍ତା ୨୨ରୁ ଆରମ୍ଭ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ବାସ୍କେଟବଲ ଇଭେଣ୍ଟରେ ଓଡ଼ିଆ ମ୍ୟାଚ୍ ଅଫିସିଆଲ ପରିଚାଳନା ଦାୟିତ୍ୱରେ ଅଛନ୍ତି। ଓଡ଼ିଶା ବାସ୍କେଟବଲ ଆସୋସିଏଶନର ସମ୍ପାଦକ ଜ୍ଞାନରଞ୍ଜନ ପରିଡ଼ାଙ୍କୁ ପ୍ରତିଯୋଗିତା ମ୍ୟାନେଜର ଭାବେ ନିଯୁକ୍ତ କରିଛି ବାସ୍କେଟବଲ ଫେଡେରେଶନ ଅଫ ଇଣ୍ଡିଆ। ଏହାଛଡ଼ା ରାଜନାରାୟଣ ପାତ୍ର, ସଂଗ୍ରାମ ନାୟକ, ଶିଶିର ରଞ୍ଜନ ପଟ୍ଟନାୟକ, ମହମ୍ମଦ ସହିଦ, ସୁକାନ୍ତ ଧାରଙ୍କୁ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ପ୍ରଦାନ କରାଯାଇଛି।

# ହନୁମାଙ୍କ ଶତକ ସତ୍ତ୍ୱେ ଭାରତ ୨୬୩



ହନୁମା ବିହାରୀ

ହାମିଲଟନ,୧୪।୨(ପି.ଟି.)

ନ୍ୟୁଜିଲାଣ୍ଡର ଦ୍ରୁତ ଓ ବାଉନ୍ସ ପିଚ୍‌ରେ ଭାରତୀୟ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଛନ୍ତି। ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ନ୍ୟୁଜିଲାଣ୍ଡ ଏକାଦଶ ବିପକ୍ଷ ୩ ଦିନିକିଆ ଅଭ୍ୟାସ ମ୍ୟାଚ୍‌ରେ ଭାରତ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଛି। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ଓ ଚେତେଶ୍ୱର ପୂଜାରାଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନ ବିଫଳ ହୋଇଛନ୍ତି। ୮ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁବାରେ ବିଫଳ ହୋଇଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭାରତ ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ୭୮.୫ ଓଭରରେ ୨୬୩ ରନ କରି ଅଲଆଉଟ ହୋଇଛି। ବିହାରୀ ୧୮୨ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୩ ଛକା ସହ ୧୦୧ ରନର ଶତକୀୟ ପାଳି ଖେଳି ରିଟାୟାର୍ଡ ହର୍ଟ ହୋଇଥିଲେ। ସେହିପରି ପୂଜାରା ୯୩ ରନର ପାଳି ଖେଳି ଜ୍ୟାକ ଗିବସନଙ୍କ ବଲ୍‌ରେ ଉଇକେଟକିପର ଡେନ୍ କ୍ଲେଭରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ ଓ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ତୃତୀୟ ବ୍ୟାଟ୍ସମ୍ୟାନ ଭାବେ ଦୁଇ ଅଙ୍କ ଛୁଇଁଥିବା ଅଜିଙ୍କ୍ୟ ରାହାନେ ୧୮ ରନ କରି ଜିମ୍ମି ନିଶାମଙ୍କ ବଲ୍‌ରେ ଟମ୍ ବ୍ରୁସ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଭାରତ ୫ ରନରେ ୩ଟି ଉଇକେଟ ହରାଇଥିଲା। ପୃଥ୍ୱୀ ଓ ଗିଲ୍ ଅତିରିକ୍ତ ବାଉନ୍ସ ହେଉଥିବା ବଲ୍‌କୁ ସାମ୍ନା କରିବାରେ ବିଫଳ ହୋଇଥିଲେ। ସେହିପରି ମୟଙ୍କ ସିମ୍ ମୁଭମେଣ୍ଟକୁ ହ୍ୟାଣ୍ଡଲ କରିବାରେ ବିଫଳ ହୋଇଥିଲେ। ଶୁବମନ ୪ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ପାଇଥିଲେ।

ଦ୍ରୁତ ଓ ବାଉନ୍ସ ହେଉଥିବା ପିଚ୍‌ରେ ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ ଓ ଶୁବମନ ଗିଲ ବିଫଳ ହୋଇଥିଲେ। ୩ଟି ବଲ୍ ଖେଳିବା ପରେ ପୃଥ୍ୱୀ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିବା ବେଳେ ମୟଙ୍କ ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ଶୁବମନ ମଧ୍ୟ ବିନା ସ୍କୋରରେ ଆଉଟ ହୋଇଥିଲେ। ଏହି ୩ଜଣ ବ୍ୟାଟ୍ସମ୍ୟାନ ଦ୍ରୁତ ବୋଲର ସ୍କଟ କୁଗେଲେଜିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଟପ୍ ଅର୍ଡରର ବିପର୍ଯ୍ୟୟ ପରେ ପଞ୍ଚମ ଉଇକେଟରେ ପୂଜାରା ଓ ବିହାରୀ ୧୯୫ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ନ୍ୟୁଜିଲାଣ୍ଡ ସ୍ପିନର ଇଶ୍ ସୋଧି ମଧ୍ୟ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ ଓ ସେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ସେ ରିଷଭ ପନ୍ତ (୭), ରବିଚନ୍ଦ୍ରନ ଅଶ୍ୱିନ (୦) ଓ ରବୀନ୍ଦ୍ର ଜାଡେଜା (୮)ଙ୍କୁ ଆଉଟ କରି ଭାରତୀୟ ଇନିଂସର ବିପର୍ଯ୍ୟୟ ଘଟାଇଥିଲେ। ଟି୨୦ ଓ ଦିନିକିଆ ସିରିଜରେ ବ୍ୟାଟିଂ କରିବାର ସୁଯୋଗ ପାଇ ନ ଥିବା ପନ୍ତ ମାତ୍ର ୧୦ଟି ବଲ୍ ଖେଳିଥିଲେ ଓ ସୋଧିଙ୍କ ବଲ୍‌ରେ ଏକ୍ସଟ୍ରା କଭରରେ କୁଗେଲେଜିନଙ୍କ କ୍ୟାଚ୍ ଦେଇ ଉଇକେଟ ଫୋପାଡିଥିଲେ। ଉଇକେଟକିପର ଋଦ୍ଧିମାନ ଶାହା ମଧ୍ୟ ଖାତା ଖୋଲି ନ ପାରି ଗିବ୍‌ସନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଉମେଶ ଯାଦବ ୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ କୁଗେଲେଜିନ ଓ ସୋଧି ୩ଟି ଲେଖାଏ, ଗିବସନ ୨ ଓ ନିଶାମ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋରଃ** ଭାରତ ପ୍ରଥମ ଇନିଂସ– ୭୮.୫ ଓଭରରେ ୨୬୩ ଅଲଆଉଟ (ବିହାରୀ– ୧୦୧, ପୂଜାରା– ୯୩, ରାହାନେ– ୧୮, କୁଗେଲେଜିନ– ୩/୪୦, ସୋଧୀ– ୩/୭୨, ଗିବ୍‌ସନ–୨/୨୬, ନିଶାମ– ୧/୨୯)।

# ବିଜୟ ସହ ଓଡ଼ିଶା ଆଶା ଉଜ୍ଜୀବିତ

**ଇଣ୍ଡିଆନ ସୁପର ଲିଗ୍**

**ନର୍ଥ ଇଷ୍ଟକୁ ୨-୧ରେ ହରାଇଲା**

ଭୁବନେଶ୍ୱର,୧୪।୨(ସ୍ପୋର୍ଟ୍ସ ବ୍ୟୁରୋ)



ଓଡ଼ିଶା ଏଫ୍‌ସି–ନର୍ଥ ଇଷ୍ଟ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଶୁକ୍ରବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଭ୍ରମଣକାରୀ ନର୍ଥ ଇଷ୍ଟ ୟୁନାଇଟେଡକୁ ପରାସ୍ତ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ୨–୧ ଗୋଲରେ ବିଜୟୀ ହେବା ସହ ତା’ର ପ୍ଲେ– ଅଫ୍ ଆଶା ଉଜ୍ଜୀବିତ ରଖିଛି।

ମ୍ୟାଚ୍‌ର ୨୪ତମ ମିନିଟ୍‌ରେ ନର୍ଥ ଇଷ୍ଟର ମାର୍ଟିନ ଚେଭ୍ସ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ଦେଇଥିଲା। ଓଡ଼ିଶା ତରଫରୁ ୪୬ତମ ମିନିଟ୍‌ରେ ମାନୁଏଲ ଓନୁ ଓ ୭୨ତମ ମିନିଟ୍‌ରେ ମାର୍ଟିନ ପେରେଜ ଗୁଏଡ୍ସ ଗୋଲ ଦେଇ ଦଳକୁ ଜିତାଇଥିଲେ। ଓଡ଼ିଶା ଏପର୍ଯ୍ୟନ୍ତ ୧୭ଟି ମ୍ୟାଚ୍ ଖେଳି ୭ ବିଜୟ, ୩ ଡ୍ର ଓ ୭ ପରାଜୟ ସହ ମୋଟ୍ ୨୪ ପଏଣ୍ଟ ପାଇଁ ତାଲିକାର ପଞ୍ଚମ ସ୍ଥାନକୁ ଉଠିଛି। ଏହି ବିଜୟ ଓଡ଼ିଶା ପାଇଁ ଆଉ ଏକ ସୁଯୋଗ ସୃଷ୍ଟି କରିଛି। ଅନ୍ୟପଟେ ନର୍ଥ ଇଷ୍ଟର ଦୁର୍ବଳ ପ୍ରଦର୍ଶନ ଜାରି ରହିଛି। ନର୍ଥ ଇଷ୍ଟ ଏପର୍ଯ୍ୟନ୍ତ ୧୬ଟି ମ୍ୟାଚ୍ ଖେଳି ୨ ବିଜୟ, ୭ ଡ୍ର ଓ ୭ ପରାଜୟ ସହ ୧୩ ପଏଣ୍ଟ ପାଇଁ ତାଲିକାର ନବମ ସ୍ଥାନରେ ରହିଛି।

ଆରମ୍ଭରୁ ଓଡ଼ିଶା ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ସାରା ମ୍ୟାଚ୍‌ରେ ଓଡ଼ିଶା ଗୋଲ କିପର ଅର୍ଶଦୀପ ସିଂ ଚମତ୍କାର ପ୍ରଦର୍ଶନ କରି ପ୍ରତିପକ୍ଷ ଦଳର ଏକାଧିକ ଆକ୍ରମଣକୁ ପଣ୍ଡ କରିଥିଲେ। ସ୍ଥାନୀୟ ଖେଳାଳି ଶୁଭମ ଷଡଙ୍ଗୀ ୨୮ତମ ମିନିଟ୍‌ରେ ମିଳିଥିବା ଗୋଟିଏ ସୁଯୋଗ ହାତଛଡ଼ା କରିଥିଲେ। ପ୍ରଥମାର୍ଦ୍ଧର ଠିକ୍ ପରେ ପରେ ସ୍ପେନ୍ ଫରୱାର୍ଡ ମାନୁଏଲ ଗୋଲ ଦେଇ ମ୍ୟାଚ୍‌କୁ ୧–୧ ସମାନସ୍ତରକୁ ଆଣିଥିଲେ। ନର୍ଥ ଇଷ୍ଟ ବାରମ୍ବାର ଆକ୍ରମଣ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନ ଥିଲା। ୮୩ତମ ମିନିଟ୍‌ରେ ଭ୍ରମଣକାରୀ ଦଳ ସୁଯୋଗ ପାଇଥିଲା। ତେବେ ଗୋଲ ଦେଇପାରି ନ ଥିଲା। ଏହି ବିଜୟ ସହ ଘରୋଇ ଦଳ ୩ ପଏଣ୍ଟ ହାସଲ କରିଥିଲା। ଓଡ଼ିଶା ତା’ର ଅନ୍ତିମ ଲିଗ୍ ମ୍ୟାଚ୍ ୨୩ ତାରିଖରେ ରବିବାର ଏଠାରେ ଶକ୍ତିଶାଳୀ କେରଳ ବ୍ଲାଷ୍ଟର୍ସକୁ ଭେଟିବ। ପ୍ଲେ–ଅଫ୍‌ରେ ସ୍ଥାନ ହାସଲ କରିବାକୁ ହେଲେ ଏହି ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ମାନୁଏଲ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଓ ୱିନିଙ୍ଗ ପାସ୍ ଅଫ୍ ଦି ମ୍ୟାଚ୍ ଆୱାର୍ଡ ପୁରସ୍କାର ହାସଲ କରିଛନ୍ତି।

**୬, ୫୦୦ ଦର୍ଶକ ମ୍ୟାଚ୍ ଦେଖିଲେ**

ଘରୋଇ ଦର୍ଶକ ଓଡ଼ିଶା ଏଫ୍‌ସିକୁ ମ୍ୟାଚ୍‌ରେ ଉତ୍ସାହିତ କରିଥିବା ଦେଖାଯାଇଥିଲା। ପାଖାପାଖି ୬,୫୦୦ ଦର୍ଶକ ଗ୍ୟାଲେରିରେ ଉପସ୍ଥିତ ରହି ଓଡ଼ିଶା ଦଳକୁ ଚିୟର କରିଥିଲେ। ଷ୍ଟାଣ୍ଡରେ କେତେଜଣ ମହିଳା କ୍ରୀଡ଼ାବିତ୍‌ଙ୍କ ସମେତ ଓଲିଉଡ ଅଭିନେତା ସବ୍ୟସାଚୀ ମିଶ୍ର ଉପସ୍ଥିତ ରହି ମ୍ୟାଚ୍‌ର ମଜା ନେଇଥିଲେ। ମହିଳା ଆଥଲେଟ ଜଉନା ମୁର୍ମୁ, ପୂର୍ଣ୍ଣିମା ହେମ୍ବ୍ରମ, ପୂର୍ବତନ ମହିଳା ଫୁଟ୍‌ବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଗୀତାଞ୍ଜଳୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



କଳିଙ୍ଗ ଷ୍ଟାଡ଼ିୟମରେ ଶୁକ୍ରବାର ଆଇଏସ୍‌ଏଲ୍ ମ୍ୟାଚ୍ ଉପଭୋଗ ଅବସରରେ (ବାମରୁ) ଗୀତାଞ୍ଜଳି ସାମନ୍ତରାୟ, ପୂର୍ଣ୍ଣିମା ହେମ୍ବ୍ରମ୍, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସବ୍ୟସାଚୀ ମିଶ୍ର ଓ ଜଉନା ମୁର୍ମୁ।

# ପଦ୍ମିନୀଙ୍କୁ ସ୍ୱର୍ଣ୍ଣ: ସ୍ୱୟମ୍ଭୁ, ବୈଭବଙ୍କୁ ବ୍ରୋଞ୍ଜ


ସ୍ୱର୍ଣ୍ଣ ପଦକ ଗ୍ରହଣ ଅବସରରେ ପଦ୍ମିନୀ ରାଉତ।

ଭୁବନେଶ୍ୱର, ୧୪।୨(କ୍ରୀଡ଼ା ପ୍ରତିନିଧି)

ଅହମ୍ମଦାବାଦରେ ଅନୁଷ୍ଠିତ ୪୦ତମ ଜାତୀୟ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ବିଭିନ୍ନ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ଖେଳାଳିମାନେ ଚମତ୍କାରିତା ପ୍ରଦର୍ଶନ କରିଛନ୍ତି। ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଗ୍ରାଣ୍ଡମାଷ୍ଟର (ଜିଏମ) ସ୍ୱୟମ୍ଭୁ ମିଶ୍ର ଏବଂ ବୈଭବ ମିଶ୍ର ବ୍ୟକ୍ତିଗତ ପ୍ରଭାବୀ ପ୍ରଦର୍ଶନ ପାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ତାଙ୍କ ଟିମ୍ ଏୟାର ଇଣ୍ଡିଆ ୧୦ମ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଥିଲେ ହେଁ ସ୍ୱୟମ୍ଭୁ ୯ ରାଉଣ୍ଡରୁ ୬.୫ ପଏଣ୍ଟ ପାଇ ୩ୟ ବୋର୍ଡରେ ବ୍ୟକ୍ତିଗତ ବ୍ରୋଞ୍ଜ ପାଇଛନ୍ତି। ଏୟାର ଇଣ୍ଡିଆ ପକ୍ଷରୁ ସ୍ୱୟମ୍ଭୁଙ୍କ ବ୍ୟତୀତ ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ଖେଳାଳି ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ) ସ୍ୱୟଂଶୁ ସତ୍ୟପ୍ରଜ୍ଞ, ଜିଏମ ନାରାୟଣ ଶ୍ରୀନାଥ, ଜିଏମ ତେଜାସ ବାକ୍ରେ ଓ ଆଇଏମ ଚନ୍ଦ୍ରଶେଖର ଗୋଖଲେ ପ୍ରତିନିଧିତ୍ୱ କରୁଥିଲେ। ବ୍ୟକ୍ତିଗତ ପ୍ରଦର୍ଶନକୁ ନେଇ ସ୍ୱୟମ୍ଭୁ ସନ୍ତୋଷ ପ୍ରକାଶ କରିଛନ୍ତି।

### ବୈଭବ ପ୍ରଭାବୀ

ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶା 'ଏ' ୮ମ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି। ଓଡ଼ିଶା 'ଏ' ପକ୍ଷରୁ ଆଇଏମ ସିଦ୍ଧାନ୍ତ ମହାପାତ୍ର, ଉତ୍କଳ ରଞ୍ଜନ ସାହୁ, ରାଜେଶ ନାୟକ, ଆଶୀର୍ବାଦ ସ୍ୱାଇଁ ଓ ବୈଭବ ମିଶ୍ର ପ୍ରତିନିଧିତ୍ୱ କରୁଥିଲେ। ଉତ୍କଳ ଦଳର ନେତୃତ୍ୱ ନେଉଥିଲେ। ବୈଭବ ୪ର୍ଥ ବୋର୍ଡରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶା 'ବି' ୧୪ତମ ସ୍ଥାନରେ ସନ୍ତୁଷ୍ଟ ରହିଛି। ଏହି ଦଳରେ ଅଂଶୁମାନ ସାମଲ, ନିଲ୍ସୁ ପଟ୍ଟନାୟକ, ସୁଶୋଭିତ ଦାସ, ଆଶୁତୋଷ ମହାନ୍ତି ଖେଳୁଥିଲେ। ସୁଶୋଭିତ ଦାସ ଦଳର ନେତୃତ୍ୱ ନେଇଥିଲେ।

### ପଦ୍ମିନୀଙ୍କ ଟିମ୍ ଚାମ୍ପିୟନ

ପ୍ରତିଯୋଗିତାର ମହିଳା ବିଭାଗରେ ଆଇଏମ୍ ପଦ୍ମିନୀ ରାଉତଙ୍କ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ଚାମ୍ପିୟନ ହୋଇଛି। ଏହି ଦଳରେ ପଦ୍ମିନୀଙ୍କ ସହିତ ମହିଳା ଗ୍ରାଣ୍ଡମାଷ୍ଟର ମାରି ଆନ ଗୋମ୍ସ, ସୌମ୍ୟା ସ୍ୱାମୀନାଥନ, ମହିଳା ଅନ୍ତର୍ଜାତୀୟ ମାଷ୍ଟର ରକ୍ଷିତା ଦେବୀ ଓ ଆଇଏମ ନିଶା ମୋହତା ଖେଳୁଥିଲେ। ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ୭ ମ୍ୟାଚରୁ ୭ ବିଜୟ ହାସଲ କରିଥିଲା।

ଓଡ଼ିଶାର ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ)କିରଣ ମନୀଷା ମହାନ୍ତି ଏହି ପ୍ରତିଯୋଗିତାରେ ତାଙ୍କ ନିଯୁକ୍ତି ସଂସ୍ଥା ଏଲଆଇସି ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ଏଲଆଇସି ୯ମ ସ୍ଥାନ ଅଧିକାର କରିଥିଲା। କିରଣଙ୍କ ବ୍ୟତୀତ ଡବ୍ଲ୍ୟୁଜିଏମ ସ୍ୱାତୀ ଘାଟେ, ଅନଘା ୟାର୍ଡି, ମହିଳା ଫିଡେ ମାଷ୍ଟର ବିନ୍ଦୁ ସରିତା କେ. ଓ ମନୀଷା ତ୍ରିବେଦୀ ଏହି ଦଳ ପକ୍ଷରୁ ଖେଳୁଥିଲେ।


ବୈଭବ ମିଶ୍ର


ଅତିଥିଙ୍କ ସହ ବ୍ରୋଞ୍ଜ ପଦକ ବିଜେତା ସ୍ୱୟମ୍ଭୁ ମିଶ୍ର।

ଜାତୀୟ ଟିମ୍ ଚେସ୍ ଚାମ୍ପିୟନଶିପ୍

### ଓଡ଼ିଶାକୁ ୧୪ତମ ସ୍ଥାନ

ମହିଳା ବିଭାଗରେ ଲୋପାମୁଦ୍ରା ରାଉତରାୟ, ନବନୀତା ପଟ୍ଟନାୟକ, ସ୍ମାରକୀ ମହାନ୍ତି ଓ କ୍ୟାଣ୍ଡିଡେଟ ମାଷ୍ଟର ଅପରାଜିତା ଗୋଚ୍ଛିକାର ଓଡ଼ିଶା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ତେବେ ୭ ରାଉଣ୍ଡରୁ ୬ ପଏଣ୍ଟ ପାଇ ଓଡ଼ିଶା ଦଳ ୧୪ତମ ସ୍ଥାନରେ ରହିଥିଲା।

## ଘଣ୍ଟା ପିନ୍ଧିବା ମହଙ୍ଗା ପଡ଼ିଲା


ସ୍ୱାତୀ ଘାଟେ ଓ ତାନିଆ ସଚଦେବ।

ଘଣ୍ଟା ପିନ୍ଧି ଖେଳିବା ମହିଳା ଗ୍ରାଣ୍ଡମାଷ୍ଟର ସ୍ୱାତୀ ଘାଟେଙ୍କ ପାଇଁ ମହଙ୍ଗା ପଡ଼ିଛି। ଆର୍ବିଟରଙ୍କ ବାରଣ ସତ୍ତ୍ୱେ ଅନ୍ତର୍ଜାତୀୟ ମାଷ୍ଟର ତାନିଆ ସଚଦେବଙ୍କ ବିପକ୍ଷ ମ୍ୟାଚରେ ସ୍ୱାତୀ ଘଣ୍ଟା ପିନ୍ଧିଥିବାରୁ ଶୁକ୍ରବାର ୧୦ ମୁଭ୍ ପରେ ତାଙ୍କୁ ପରାଜିତ ଘୋଷଣା କରାଯାଇଥିଲା। ମୁଖ୍ୟ ଆର୍ବିଟର ଆର. ଅନନ୍ତରମଣଙ୍କ କହିବା ଅନୁସାରେ, ''ଜଣେ ଆର୍ବିଟର ସ୍ୱାତୀ ଘଣ୍ଟା ପିନ୍ଧିଥିବା ସମ୍ପର୍କରେ ମୋତେ ସୂଚନା ଦେଇଥିଲେ। ପରେ ମୁଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲି। ସ୍ୱାତୀଙ୍କ ପ୍ରତିପକ୍ଷ ତାନିଆ କିନ୍ତୁ ଏପରିଭାବେ ମ୍ୟାଚ ଜିତିବାକୁ ଚାହୁଁ ନ ଥିଲେ। ଗେମ୍ ଜାରି ରଖିବା ପାଇଁ ଯଦି କିଛି ଉପାୟ ଅଛି ତେବେ ତାହା ଅବଲମ୍ବନ କରିବାକୁ ସେ କହିଥିଲେ। ମାତ୍ର ସମସ୍ତଙ୍କ ପାଇଁ ନିୟମ ସମାନ। ଆମେ ପୂର୍ବରୁ ବି. ଅଧିବନଙ୍କୁ ଏହି କାରଣ ପାଇଁ ରାଉଣ୍ଡ-୩ରେ ପରାଜିତ ଘୋଷଣା କରିଥିଲୁ। ତେଣୁ ଏଠାରେ ନିୟମ ବଦଳାଇବା ସମ୍ଭବନା ନ ଥିଲା''।



ପ୍ରଥମ ଜନ୍ମଦିନ ଶୁଭେଚ୍ଛା
ନିତ୍ୟା ମହାପାତ୍ର
ବନମାଳୀ ବସେରା, ପଟିଆ
ମା' ଦୁର୍ଗାଙ୍କ ପାଖରେ ଏତିକି କାମନା ତୋତେ ଦୀର୍ଘାୟୁ କରନ୍ତୁ ଓ ସର୍ବଦା ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ : ଦାଦା, ଦେଠେଇ
ଧ-୬୮୦୬୩


ପ୍ରଥମ ଜନ୍ମଦିନ ଶୁଭେଚ୍ଛା
ଆୟାଂଶ ଆଦିବ ମହାନ୍ତି (ଆଦି)
ଆଳତୁମା କାମାକ୍ଷାନଗର, ଢେଙ୍କାନାଳ
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
:-ଶୁଭେଚ୍ଛା ସହ:-
ବାପା: ସମୀର ମହାନ୍ତି, ବୋଉ: ରଶ୍ମିରାଣୀ ସାମଲ, ଆଈ, ଅଜା, ମାମୁ, ଜେଜେମା, ଜେଜେବାପା।
ଧ-୧୬୭୨୧


୮ମ ଜନ୍ମଦିନ ଉପଲକ୍ଷେ
ଆୟୁଷ କୁମାର ସ୍ୱାଇଁ
ପାରାଦୀପ୍ କୋଠି ଶାସନ
ତୋ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି ତୋ ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ:
ବାପା, ମାଆ, ଜେଜେ, ଜେଜେମା, ଅଜା, ଆଈ, ବଡବାପା, ବଡବୋଉ, ମାମୁ, ମାଇଁ, ପିଉସା, ପିଉସୀ, ମଉସା, ମାଉସୀ ଏବଂ ଭାଇ, ଭଉଣୀ
ଧ-୬୮୪୯୦

8th Marriage Anniversary

Sridhar & Sonu (Guduli)
At- Bentapur Diwanpatana, Dist- Khurda
May ShriJagannath Mahaprabhu shower his blessings upon both of you. Wishing you a happy married life.
With compliments from:
Family & Relatives
D-69209


## ଆଇସିସି ଟି୨୦ ମହିଳା ର୍ୟାଙ୍କିଙ୍ଗ୍: ୪ର୍ଥକୁ ଉଠିଲେ ମନ୍ଧାନା

ଦୁବାଇ, ୧୪।୨(ପି.ଟି.)

ଭାରତୀୟ ଷ୍ଟାର ଓପନର ସ୍ମୃତି ମନ୍ଧାନା ଆଇସିସି ମହିଳା ଟି୨୦ ଅନ୍ତର୍ଜାତୀୟ ବ୍ୟାଟ୍ସଓମ୍ୟାନଙ୍କ ର୍ୟାଙ୍କିଙ୍ଗ୍‌ରେ ଚତୁର୍ଥ ସ୍ଥାନକୁ ଉଠିଛନ୍ତି। ଅନ୍ୟତମ ବ୍ୟାଟ୍ସଓମ୍ୟାନ ଜେମିମା ରୋଡ୍ରିଗୁଏଜ ସପ୍ତମ ସ୍ଥାନକୁ ଖସିଛନ୍ତି। ଅଧିନାୟିକା ହରମନପ୍ରୀତ କୌର ୯ମ ସ୍ଥାନ ବଜାୟ ରଖିଛନ୍ତି। ନ୍ୟୁଜିଲାଣ୍ଡର ସୁଜି ବାଟେ ପୂର୍ବଭଳି ଶୀର୍ଷ ସ୍ଥାନରେ ରହିଛନ୍ତି। ମହିଳା ତ୍ରିରାଷ୍ଟ୍ରୀୟ ସିରିଜରେ ଦୁଇଟି ଲେଖାଏ ଅର୍ଦ୍ଧଶତକ ହାସଲ କରିଥିବା ଅଷ୍ଟ୍ରେଲିଆନ ଓପନ ବେଥ୍ ମୁନି ଓ ମନ୍ଧାନାଙ୍କ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି ଆସିଛି। କିନ୍ତୁ ଅଷ୍ଟ୍ରେଲିଆନ ଦଳ ଅଧିନାୟିକା ମେଗ୍ ଲାନିଂ ୩ ସ୍ଥାନ ତଳକୁ ଖସିବା ପରେ ମଧ୍ୟ ୫ମ ସ୍ଥାନରେ ରହିଛନ୍ତି। ବୋଲରଙ୍କ ମଧ୍ୟରେ ପୁନମ ଯାଦବ ୬ଟି ସ୍ଥାନ ତଳକୁ ଖସି ଟପ୍ ୧୦ରୁ ବାଦ୍ ପଡ଼ିଛନ୍ତି। ସେ ଏବେ ୧୨ତମ ସ୍ଥାନରେ ଅଛନ୍ତି। ଟପ୍ ୧୦ରେ ଆହୁରି ପରିବର୍ତ୍ତନ ହୋଇଛି। ବାଟେଙ୍କ ସାଥୀ ଖେଳାଳି ସୋଫି ଡେଭିନ ୪ ସୋପାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏଲିସେ ପେରି ୪ ସ୍ଥାନ ଡେଇଁ ୭ମ ସ୍ଥାନରେ ପହଞ୍ଚିଛନ୍ତି।

## ପାକିସ୍ତାନ ଟୁର୍‌ରେ ଯିବନି ଦକ୍ଷିଣ ଆଫ୍ରିକା

ଜୋହାନ୍ସବର୍ଗ, ୧୪।୨ (ପି.ଟି.)

ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ବର୍ତ୍ତମାନ ପାକିସ୍ତାନ ଟୁର୍‌ରେ ଯିବା ସମ୍ଭବପର ନୁହେଁ ବୋଲି ଦକ୍ଷିଣ ଆଫ୍ରିକା ସ୍ପଷ୍ଟ କରିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଓ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ମଧ୍ୟରେ ଆଲୋଚନା ହୋଇ ଏଥିପାଇଁ ପରେ ଦିନ ଧାର୍ଯ୍ୟ ହେବ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଦକ୍ଷିଣ ଆଫ୍ରିକା ମାର୍ଚ୍ଚ ୧୨ରୁ ୧୮ ପର୍ଯ୍ୟନ୍ତ ଭାରତରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଖେଳିବ। ଏହାପରେ ଦଳ ପାକିସ୍ତାନ ଟୁର୍‌ରେ ଯାଇ ରାୱଲପିଣ୍ଡିରେ ୩ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିବାର ଯୋଜନା ରହିଥିଲା। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ତାହା ସମ୍ଭବପର ନୁହେଁ ବୋଲି ସିଏସ୍‌ଏ ପ୍ରକାଶ କରିଛି। ଇଂଲଣ୍ଡ ବିପକ୍ଷରେ ୪ ଟେଷ୍ଟ ଏବଂ ୩ ଦିନିକିଆ ଖେଳିସାରିବା ପରେ ଦକ୍ଷିଣ ଆଫ୍ରିକା ବର୍ତ୍ତମାନ ଟି୨୦ ସିରିଜ ଖେଳୁଛି। ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜ ଶେଷ ହେବା ପରେ ଅଷ୍ଟ୍ରେଲିଆ ବିପକ୍ଷରେ ଘରୋଇ ସିରିଜ ଖେଳିବ ଦକ୍ଷିଣ ଆଫ୍ରିକା। ଏଥିରେ ଦଳ ତିନୋଟି ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ଖେଳିବ। ଏହି ଦ୍ୱିପାକ୍ଷିକ ସିରିଜ ମାର୍ଚ୍ଚ ୭ରେ ଶେଷ ହେବ। ଏହାର ଏକ ସପ୍ତାହ ନ ପୂରୁଣୁ ଦକ୍ଷିଣ ଆଫ୍ରିକା ଧର୍ମଶାଳାରେ ଭାରତ ବିପକ୍ଷ ଦ୍ୱିପାକ୍ଷିକ ସିରିଜର ଓପନିଂ ମ୍ୟାଚ ଖେଳିବ।

## ସେମିଫାଇନାଲରେ ବୋପାନ୍ନା-ଶାପୋଭାଲୋଭ

ରୋଟରଡାମ, ୧୪।୨(ପି.ଟି.)

ଏଠାରେ ଚାଲିଥିବା ଏବିଏନ୍ ଆମ୍‌ରୋ ୱାର୍ଲ୍ଡଟେନିସ୍ ଟୁର୍ନାମେଣ୍ଟରେ ଭାରତୀୟ ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ କାନାଡ଼ା ପାର୍ଟନର ଡେନିସ ଶାପୋଭାଲୋଭ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସ ଇଭେଣ୍ଟରେ ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଅଣସିଡ ଏହି ଯୋଡି ଚତୁର୍ଥ ସିଡ୍ ରୋମାନିଆ- ଡଚ୍ ଯୋଡି ଜିନ୍- ଜୁଲିନେ ରୋଜର ଓ ହୋରିଆ ଟେକାଉଙ୍କୁ ୬-୨, ୩-୬, ୧୦-୭ ସେଟ୍‌ରେ ପରାସ୍ତ କରି ସେମିକୁ ଉଠିଛନ୍ତି। ସେମିରେ ବୋପାନ୍ନା-ଶାପୋଭାଲୋଭ କ୍ୱାର୍ଟର ହେନରୀ ବିଜେତା କୋଣ୍ଟିନେନ- ଜାନ ଲିନାର୍ଡ ଷ୍ଟ୍ରଫ୍ କିମ୍ବା ଜେମି ମୁରେ- ନିଲ ସ୍କୁପ୍ସକିଙ୍କୁ ଭେଟିବେ।

## ପୁରୁଷ ଦଳ ସେମିଫାଇନାଲରେ

ଏସିଆ ବ୍ୟାଡ୍‌ମିଣ୍ଟନ ଟିମ୍ ଚାମ୍ପିୟନଶିପ୍

ମାନିଲା (ଫିଲିପାଇନ୍ସ), ୧୪।୨ (ପି.ଟି.)

ଏସିଆ ବ୍ୟାଡ୍‌ମିଣ୍ଟନ ଟିମ୍ ଚାମ୍ପିୟନଶିପ୍‌ରେ ଭାରତୀୟ ପୁରୁଷ ଦଳ ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ପକ୍କା କରିଛି। ଶୁକ୍ରବାର ଏକ ରୋମାଞ୍ଚକ କ୍ୱାର୍ଟରଫାଇନାଲରେ ଦଳ ୩-୨ରେ ଥାଇଲାଣ୍ଡକୁ ପରାସ୍ତ କରିଛି। ପ୍ରଥମ ଦୁଇଟି ସିଙ୍ଗଲ୍ସରେ କିଡାମ୍ବି ଶ୍ରୀକାନ୍ତ ଏବଂ ବି. ସାଇ ପ୍ରଣୀଥ୍ ସେମାନଙ୍କ ମ୍ୟାଚ ହାରିଯାଇଥିଲେ। କିନ୍ତୁ ପରବର୍ତ୍ତୀ ତିନୋଟି ମ୍ୟାଚ ଅର୍ଥାତ ଗୋଟିଏ ସିଙ୍ଗଲ୍ସ ଏବଂ ଦୁଇଟି ଡବଲ୍ସ ମ୍ୟାଚରେ ବିଜୟ ଲାଭ କରିଥିଲା। ସେମିଫାଇନାଲରେ ଭାରତ ଦୁଇଥର ଚାମ୍ପିୟନ ଇଣ୍ଡୋନେସିଆକୁ ଭେଟିବ। ଭାରତୀୟ ପୁରୁଷ ଦଳ ପୂର୍ବରୁ ହାଇଦ୍ରାବାଦରେ ଅନୁଷ୍ଠିତ ପ୍ରତିଯୋଗିତାର ୨୦୧୬ ସଂସ୍କରଣ ସେମିଫାଇନାଲରେ ଇଣ୍ଡୋନେସିଆଠାରୁ ୧-୩ରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ପାଇଥିଲା। ଶୁକ୍ରବାର ଥାଇଲାଣ୍ଡ ବିପକ୍ଷ କ୍ୱାର୍ଟରଫାଇନାଲରେ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ବି. ସାଇ ପ୍ରଣୀଥ୍ ଲଚ୍ଚୁଆ ପ୍ରଦର୍ଶନ କରି ବିଶ୍ୱର ୧୨ ନମ୍ବର ଖେଳାଳି କାଣ୍ଟାଫୋନ୍ ୱାଙ୍ଗଚାରୋନଙ୍କଠାରୁ ୧୪-୨୧, ୨୧-୧୪, ୧୨-୨୧ରେ ହାରିଯାଇଥିଲେ। ଦ୍ୱିତୀୟ ସିଙ୍ଗଲ୍ସରେ ବିଶ୍ୱର ନମ୍ବର ୱାନ ଶ୍ରୀକାନ୍ତ ୩ଥର ଜୁନିୟର ବିଶ୍ୱ ଚାମ୍ପିୟନ କୁନ୍‌ଲାଭଟ୍ ଭିଟିଡ୍‌ସରନଙ୍କ ବିପକ୍ଷ ତାଙ୍କ ମ୍ୟାଚ ୨୦-୨୨, ୧୪-୨୧ରେ ପରାଜିତ ହୋଇଥିଲେ। ଫଳରେ ଭାରତ ୦-୨ରେ ପଛୁଆ ହୋଇଥିଲା। କିନ୍ତୁ ପ୍ରଥମ ଡବଲ୍ସରେ ଏମ୍.ଆର୍. ଅର୍ଜୁନ ଏବଂ ଧ୍ରୁବ କାପିଲା ପ୍ରତିପକ୍ଷ କିଟିନପଙ୍ଗ କେଡ୍ରେନ୍ ଏବଂ ଟାନୁପାଟ୍ ଭିରିୟାଙ୍ଗକୁରାଙ୍କୁ ୨୧-୧୮, ୨୨-୨୦ରେ ପରାସ୍ତ କରିଥିଲେ। ପରେ ଯୁବ ଖେଳାଳି ଲକ୍ଷ୍ୟ ସେନ୍ ବିଶ୍ୱର ୪୫ ନମ୍ବର ମାନ୍ୟତାପ୍ରାପ୍ତ ସୁପାନ୍ୟୁ ଆଭିଙ୍ଗସାନନଙ୍କ ବିପକ୍ଷ ମ୍ୟାଚ ୨୧-୧୯, ୨୧-୧୮ରେ ବିଜୟ ଲାଭ କରିବା ଦ୍ୱାରା ଭାରତ ମୁକାବିଲାକୁ ୨-୨ ସ୍ତରକୁ ଆଣିପାରିଥିଲା। ଦ୍ୱିତୀୟ ଡବଲ୍ସରେ ଚିରାଗ ଶେଟ୍ଟି ଓ ଶ୍ରୀକାନ୍ତ ଯୋଡ଼ି ୨୧-୧୫, ୧୬-୨୧, ୨୧-୧୫ରେ ମାନିପଙ୍ଗ ଜଙ୍ଗଜିତ୍ ଏବଂ ନିପିଥୋନ୍ ପୁଆଙ୍ଗ୍‌ପୁଆପେଟ୍‌ରେ ହରାଇ ଭାରତକୁ ବିଜୟୀ କରାଇଥିଲେ।

## ଗୋକୁଲମ କେରଳ ଚାମ୍ପିୟନ

ଇଣ୍ଡିଆନ ଓମେନ୍ସ ଲିଗ୍ ଫୁଟ୍‌ବଲ

ବେଙ୍ଗାଲୁରୁ, ୧୪।୨ (ପି.ଟି.)



ଇଣ୍ଡିଆନ୍ ଓମେନ୍ସ ଲିଗ୍ ଫୁଟବଲ ଚାମ୍ପିୟନ ଗୋକୁଲମ୍ କେରଳ ଦଳର ଖେଳାଳିମାନେ ଟ୍ରଫି ସହ।

କାଙ୍ଗଚୁପ୍ ରୋଡ୍ ୟଙ୍ଗ ଫିଜିକାଲ ଆଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ (କ୍ରିଫ୍‌ସା) ଏଫ୍‌ସିକୁ ୩-୨ ଗୋଲରେ ପରାସ୍ତ କରି ଗୋକୁଲମ କେରଳ ହିରୋ ଇଣ୍ଡିଆନ ମହିଳା ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ମ୍ୟାଚ ପ୍ରାରମ୍ଭରେ ପ୍ରମେଶ୍ୱରୀ ଦେବୀ ଏବଂ କମଳା ଦେବୀ ଗୋଲ ସ୍କୋର କରି ଗୋକୁଲମ କେରଳ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ପ୍ରଥମାର୍ଦ୍ଧ ଖେଳ ଶେଷ ପୂର୍ବରୁ କ୍ରିଫ୍‌ସା ଦଳର ଡାଙ୍ଗମେଇ ଗ୍ରେସ୍ ଗୋଟିଏ ଗୋଲ ପରିଶୋଧ କରିଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ରତ୍ନବାଳା ଦେବୀ ଗୋଲ ଦେଇ ମ୍ୟାଚକୁ ୨-୨ ବରାବର ସ୍ଥିତିକୁ ନେଇଆସିଥିଲେ। ତେବେ ଶେଷ ମୁହୂର୍ତ୍ତରେ ସବିତ୍ରା ଭଣ୍ଡାରୀଙ୍କ ଗୋଲ ଯୋଗୁ ଗୋକୁଲମ ଦଳ ମ୍ୟାଚ ଜିତି ନେଇଥିଲା।

## ଭାରତରେ ବୋଲ୍ଟଙ୍କଠାରୁ ଦ୍ରୁତତମ ଧାବକ ଶ୍ରୀନିବାସ

ବାଙ୍ଗାଲୋର,୧୪।୨

ବିଶ୍ୱର ସବୁଠୁ ଦ୍ରୁତତମ ଧାବକ ଉସେନ ବୋଲ୍ଟଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ବୋଧହୁଏ ପ୍ରତିଦ୍ୱନ୍ଦ୍ୱୀ ମିଳିଯାଇଛି। କର୍ଣ୍ଣାଟକର ଦାକ୍ଷିଣା କନ୍ନଡ଼ ଜିଲା ଅନ୍ତର୍ଗତ ମୁଦାବିଦ୍ରି ଗ୍ରାମରେ ଅନୁଷ୍ଠିତ ପାରମ୍ପରିକ କମ୍ବାଲ ଜକି ଦୌଡ଼ରେ ଶ୍ରୀନିବାସ ରାତାରାତି ସେନ୍‌ସେଶନ ପାଲଟିଯାଇଛନ୍ତି। ସେ ପାରମ୍ପରିକ ଷଣ୍ଢଦୌଡ଼ରେ ୧୪୨.୫୦ ମିଟର ଦୂରତାକୁ ୧୩.୬୨ ସେକେଣ୍ଡରେ ଅତିକ୍ରମ କରିଛନ୍ତି। ୨୮ ବର୍ଷୀୟ ଶ୍ରୀନିବାସ ଗୌଡ଼ାଙ୍କ ଏହି ଟାଇମିଂ ପାରମ୍ପରିକ ଦୌଡ଼ରେ ଇତିହାସ ରଚିବା ପାଇଁ ଯଥେଷ୍ଟ ଥିଲା। ସେ ୩୦ ବର୍ଷ ପୁରୁଣା ରେକର୍ଡ ଭଙ୍ଗ କରିଛନ୍ତି। ଏହି ରେସ୍ ପରେ ୧୦୦ ମି. ଦୌଡ଼ରେ ବିଶ୍ୱ ରେକର୍ଡଧାରୀ ବୋଲ୍ଟଙ୍କ ସହ ତାଙ୍କୁ ତୁଳନା କରାଯାଉଛି। ବୋଲ୍ଟ ୯.୫୮ ସେକେଣ୍ଡରେ ୧୦୦ ମି. ରେସ୍ ଶେଷ କରିଥିଲେ। ୧୪୨.୫୦ ମି. ରେସ୍‌ରେ ଗୌଡ଼ା ୧୩.୬୨ ସେ. ଟାଇମିଂ ହାସଲ କରିଥିଲେ। ଏଣୁ ଏହାକୁ ଗାଣିତିକ ହିସାବରେ ୧୦୦ ମି. ଦୌଡ଼କୁ ଶେଷ କରିବା ପାଇଁ ଗୌଡ଼ାଙ୍କୁ ୯.୫୫ ସେ. ଲାଗିବ। ଏହା ବୋଲ୍ଟଙ୍କ ରେକର୍ଡଠାରୁ ୦.୦୩ ସେ. ଦ୍ରୁତତମ। ତେବେ କେବଳ ରେକର୍ଡକୁ ତୁଳନାକରି ଫଳାଫଳ ବାହାର କରାଯାଇପାରିବ ନାହିଁ। ଗୌଡ଼ା ଦୁଇ ଷଣ୍ଢଙ୍କ ସହ ଦୌଡ଼ୁଥିଲେ। ଷଣ୍ଢର ଗତି ମଧ୍ୟ ତାଙ୍କୁ ସାହାଯ୍ୟ କରିଥିଲା। କିନ୍ତୁ ଦୌଡ଼କୁ କାଦୁଅ ରାସ୍ତାରେ ଆୟୋଜନ କରାଯାଏ, ଯେଉଁଥିରେ ଦୌଡ଼ିବା କଷ୍ଟକର। ଏହି ପ୍ରଦର୍ଶନ ଯୋଗୁ ସେ ରାତାରାତି ସେନ୍‌ସେଶନ ପାଲଟିଯାଇଛନ୍ତି। ତାଙ୍କ ଦୌଡ଼ିବା ବେଳର ଭିଡିଓ ଟୁଇଟର, ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। କିଛି ୟୁଜର୍ସ ଶ୍ରୀନିବାସଙ୍କୁ ସରକାର ଟ୍ରେନିଂ ଦେବା ଦରକାର ଥିବା ମଧ୍ୟ କହିଛନ୍ତି।


କମ୍ବାଲ ଜକି ଦୌଡ଼ ଅବସରରେ ଶ୍ରୀନିବାସ ଗୌଡ଼ା।

## ଫ୍ରେଞ୍ଚ ଓପନ ଛଡ଼ା ୨୦୨୦ରେ କ୍ଲେ କୋର୍ଟରେ ଖେଳିବେ ନାହିଁ ଫେଡରର


ବାସେଲ,୧୪।୨

ସୁଇଜରଲାଣ୍ଡର କିମ୍ବଦନ୍ତୀ ରୋଜର ଫେଡରର ଚଳିତ ବର୍ଷ କ୍ଲେ କୋର୍ଟରେ କେବଳ ଥରେ ରୋଲାଣ୍ଡ ଗାରୋସରେ ଖେଳିବେ। ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ୨୦୧୭ ଓ ୨୦୧୮ ସିଜନରେ କ୍ଲେ କୋର୍ଟରେ ଖେଳି ନ ଥିଲେ। ଏପରି କି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନରେ ପ୍ରତିନିଧିତ୍ୱ କରି ନ ଥିଲେ। ଗତବର୍ଷ କ୍ଲେକୋର୍ଟରେ ମାତ୍ର ଦୁଇଟି ଟୁର୍ନାମେଣ୍ଟରେ ଖେଳିଥିଲେ। ଚଳିତ ସିଜନରେ ଫ୍ରେଞ୍ଚ ଓପନ ଛଡ଼ା ମାଡ୍ରିଡ୍ ଓ ରୋମ ମାଷ୍ଟର୍ସରେ ଖେଳିବା ନେଇ ସମ୍ଭାବନା ଥିଲା। କିନ୍ତୁ ଫେଡରର ଏଥିରେ ଅଂଶଗ୍ରହଣ କରିବେ ନାହିଁ ବୋଲି ଏଜେଣ୍ଟ ଟୋନି ଗଡସିକ ସ୍ପଷ୍ଟ କରିଛନ୍ତି। ତାଙ୍କ କାର୍ଯ୍ୟସୂଚୀ ଅନୁଯାୟୀ, ସେ କେବଳ ରୋଲାଣ୍ଡ ଗାରୋସରେ ଖେଳିବେ। ୩୮ ବର୍ଷୀୟ ଟେନିସ ଖେଳାଳି ଗତ କିଛି ବର୍ଷ ହେଲା ନିର୍ଦ୍ଦିଷ୍ଟ ଟୁର୍ନାମେଣ୍ଟରେ ହିଁ ଖେଳୁଛନ୍ତି।


ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଭଗବାନ ଦାସ
ସର୍ବୋଦୟ ନଗର, ପୁରୀ-୨
ତିରୋଧାନ: ଫାଲ୍‌ଗୁନ କୃଷ୍ଣ ସପ୍ତମୀ, ତା. ୧୧।୦୨।୨୦୧୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ପୁତ୍ର: ଜଗନ୍ନାଥ, ହରିହର, ବିଷ୍ଣୁ, ପୁତ୍ରବଧୂ: ଗୌରୀ, ମମତା, ଗୀତା, ନାତୁଣୀ: ଶୁଭଶ୍ରୀ, ଶେଫଳ, କାଜଲ, ଗାୟତ୍ରୀ, ନାତି: ଶୁଭଙ୍କର, ବିଶ୍ୱଜିତ ଓ ଅନ୍ୟାନ୍ୟ ପରିବାରବର୍ଗ।
ଧ-୧୬୭୧୨

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବିଦ୍ୟାଧର ନାୟକ
ପୋଖରିଆ, ଧୂଷୁରୀ, ଭଦ୍ରକ
ଆବିର୍ଭାବ: ୦୯।୧୧।୧୯୩୨
ତିରୋଧାନ: ୦୫।୦୨।୨୦୨୦
ଆପଣ ଆମକୁ ଶୋକସାଗରରେ ଭସାଇ ଦେଇ କୁଆଡ଼େଗଲେ। ଆପଣଙ୍କ ଅଭୁଲା ସ୍ମୃତି ଆମର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଅମର ହୋଇ ରହିବ।
ଶ୍ରଦ୍ଧାଞ୍ଜଳି ସହ:
ପତ୍ନୀ, ଭାଇ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ ପରିଜନବର୍ଗ।
ଧ-୧୬୭୨୪

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବ୍ରହ୍ମାନନ୍ଦ ପରିଡା
ଷଣ୍ଢପୁର, କୁଜଙ୍ଗ
ଆବିର୍ଭାବ: ୧୦।୦୬।୧୯୨୫
ତିରୋଧାନ: ୦୫।୦୨।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ଆମ ପାଇଁ ଚିରଦିନ ଆଦର୍ଶ ହେଉ। ଆଜି ଏକାଦଶାହରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର: ସଙ୍ଖାଳି, ପ୍ରଫୁଲ୍ଲ, ନିର୍ମଳ, ସନ୍ତୋଷ, ପୁତ୍ରବଧୂ: ରଶ୍ମି, ବେବି, ଲିଲିଆ, ମୋନାଲିସା, ଝିଅ-ଜ୍ୱାଇଁ: ଟୁକୁନି, ଜୁଲି, ଅମିୟ, ବନ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୬୭୨୩

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ଫେବୃୟାରୀ ୧୫/୨୦୨୦ Balasore, Saturday, February 15/2020

# ୨୭ରେ ମତ୍ସ୍ୟ ଚାଷ ସମ୍ପର୍କିତ ଜାତୀୟ କର୍ମଶାଳା

**ବାଲେଶ୍ୱର ଅଫିସ, ୧୪।୨**

ଆସନ୍ତା ୨୭ ଓ ୨୮ ତାରିଖରେ ବାଲେଶ୍ୱରରେ ମତ୍ସ୍ୟ ଚାଷ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜିତ ହେବ। ଏନେଇ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି

## ଯୋଗଦେବେ ୩ ହଜାରରୁ ଊର୍ଦ୍ଧ୍ୱ ଚାଷୀ

ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପ୍ରାଣୀଧନ, ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟ ସମ୍ପଦ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଏହି ଜାତୀୟ କର୍ମଶାଳାର ରୂପରେଖ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

ନୋସି ବିଜିନେସ ପାର୍କ ପରିସରରେ ଏହି କର୍ମଶାଳା ଆୟୋଜନ କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି। କର୍ମଶାଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୩ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟ ଚାଷୀଙ୍କ



ମତ୍ସ୍ୟ ଚାଷ ସମ୍ପର୍କିତ ଜାତୀୟ କର୍ମଶାଳା ନିମନ୍ତେ ପ୍ରସ୍ତୁତି ବୈଠକ।

ସମେତ ବହୁ ବୈଜ୍ଞାନିକ, ବିଶେଷଜ୍ଞ ଓ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମତ୍ସ୍ୟ ଚାଷ ସମ୍ପର୍କିତ ଉନ୍ନତ ଜ୍ଞାନକୌଶଳ ଓ ଏବଂ ଅଳ୍ପ ଜମିରୁ କିପରି ଅଧିକ ଆୟ କରାଯାଇପାରିବ। ସେ ସମ୍ପର୍କରେ ଚାଷୀଙ୍କୁ ଅବଗତ କରିବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବା ବେଳେ ଏହାର ଆୟୋଜନ ଓ ସୁପରିଚାଳନା ନିମନ୍ତେ ବିଭିନ୍ନ ଟିମ୍ ଗଠନ କରାଯାଇ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଉଭୟ ମଧୁର ଜଳ ଏବଂ ଲୁଣି ଜଳରେ ଉନ୍ନତ ପ୍ରଣାଳୀରେ କିଭଳି ମାଛ ଚାଷ କରାଯାଇପାରିବ ସେ ବାବଦରେ ବିଶେଷଜ୍ଞମାନେ ଏହି ଦୁଇଦିନିଆ କର୍ମଶାଳାରେ ବିସ୍ତୃତ ସୂଚନା ପ୍ରଦାନ କରିବେ। ସେହିଭଳି ମତ୍ସ୍ୟ ଚାଷୀମାନଙ୍କୁ ଏହି ଅବସରରେ କିଶାନ କ୍ରେଡ଼ିଟ୍ କାର୍ଡ଼ ପ୍ରଦାନ ନିମନ୍ତେ ଗୃହରେ ପ୍ରସ୍ତାବ ଦିଆଯାଇଥିଲା। ବାଲେଶ୍ୱର ଭଳି ଉପକୂଳବର୍ତ୍ତୀ ଜିଲାରେ ମତ୍ସ୍ୟ ଚାଷ ନିମନ୍ତେ ଅମାପ ସୁଯୋଗ ରହିଛି ଏବଂ ଏହା ଦ୍ୱାରା ଜିଲାର ଆର୍ଥିକ ପ୍ରଗତି ହୋଇପାରିବ ବୋଲି ମନ୍ତ୍ରୀ ଷଡ଼ଙ୍ଗୀ ପ୍ରକାଶ କରିଥିଲେ। କର୍ମଶାଳା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଲାଗି ମନ୍ତ୍ରୀ ଜୋର୍ ଦେଇଥିଲେ। କର୍ମଶାଳାରେ ଚାଷୀଙ୍କ ପଞ୍ଜୀକରଣ, ଅତିଥିଙ୍କ ଅଭ୍ୟର୍ଥନା ଓ ରହିବା ବ୍ୟବସ୍ଥା, ମଞ୍ଚ ପରିଚାଳନା, ଷ୍ଟଲ ପ୍ରସ୍ତୁତି, ସଫଳ ଚାଷୀମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବା, ଚାଷୀମାନଙ୍କ ପାଇଁ ଋଣ ଓ ବଜାର ସୁଯୋଗର ସୃଷ୍ଟି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବାଲେଶ୍ୱର ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଭାରତ ସରକାରଙ୍କ ମତ୍ସ୍ୟ ବିଭାଗର ଯୁଗ୍ମ ସଚିବ ସାଗର ମେହେରା, ଏସ୍‌ଟିଏ ଗୁଣମୟ ପାତ୍ର, ଏନ୍ଏଫ୍‌ଡ଼ିବି ହାଇଦ୍ରାବାଦର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବି ପ୍ରକାଶ, ବରିଷ୍ଠ ଅଧିକାରୀ ମାନସ କୁମାର ସିହ୍ନା, ରାଜ୍ୟ ସରକାରଙ୍କ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ଉମେଶ ମହାନ୍ତି, ଡିଡିଏଫ ରବିନାରାୟଣ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ପୁଅର ଟାଙ୍ଗିଆ ଚୋଟରେ ବାପାଙ୍କ ମୃତ୍ୟୁ

**ବାରିପଦା ଅଫିସ/ରାସଗୋବିନ୍ଦପୁର, ୧୪।୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ରଙ୍ଗଜାମ୍ ଗ୍ରାମରେ ଶୁକ୍ରବାର ପୁଅର ଟାଙ୍ଗିଆ ଚୋଟରେ ବାପାଙ୍କ ମୃତ୍ୟୁ ଘଟିବା ଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ଜଣଙ୍କ ହେଲେ ରାବଣ ସୋରେନ (୫୫)। ପାରିବାରିକ କଳହକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ରାବଣଙ୍କ ପୁଅ ରମେଶ ସୋରେନ୍ (୨୭) ଗତ ୨ ବର୍ଷ ହେଲା ଗୁଜୁରାଟରେ ରହି କାମ କରି ଆସୁଥିଲେ। ୨ ମାସ ତଳେ ସେ ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ରମେଶ ମାନସିକ ବିକାରଗ୍ରସ୍ତ ହୋଇ ପଡ଼ିଥିଲେ। ବିଭିନ୍ନ ସମୟରେ ରାବଣ ଓ ରମେଶଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ଯୁକ୍ତିତର୍କ ହୁଏ। ଗୁରୁବାର ରାତିରେ ଖାଇ ସାରି ବାପପୁଅ ଶୋଇବାକୁ ଯାଉଥିବା ବେଳେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ରମେଶ ଘରେ ଥିବା ଏକ ଟାଙ୍ଗିଆ ସାହାଯ୍ୟରେ ବାପା ରାବଣଙ୍କୁ ହାଣି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ରାବଣଙ୍କ ମୃତ୍ୟୁ ଘଟିଥିଲା। ରାସଗୋବିନ୍ଦପୁର ପୋଲିସ ଖବର ପାଇ ଶୁକ୍ରବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ରମେଶଙ୍କୁ ଗିରଫ କରିଛି। ସେହିଭଳି ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ମଧ୍ୟ ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୩/୨୦)ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

### ବିଭିନ୍ନ ହୋଟେଲରେ ଚଢ଼ାଉ

**ସଜନାଗଡ଼, ୧୪।୨(ଡି.ଏନ.ଏ.):** ପ୍ରେମ ଦିବସରେ ବାଲେଶ୍ୱର ଜିଲା ନୀଳଗିରି ପଞ୍ଚଲିଙ୍ଗେଶ୍ୱରରେ ଥିବା ଗୁରୁ ଶକ୍ତି ହୋଟେଲ ସହିତ ଅନ୍ୟ ହୋଟେଲରେ ପୋଲିସ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଛି। ନୀଳଗିରି ଥାନାଧିକାରିଣୀ ମିନତୀ ବିଶ୍ୱାଳ ଓ ସବ୍‌ଇନ୍ସପେକ୍ଟର ବାସୁଦେବ ଜୟସିଂହଙ୍କ ସହିତ ଏକ ଟିମ୍ କୌଣସି ସୂତ୍ରରୁ ଖବରପାଇ ଉକ୍ତ ହୋଟେଲରେ ଚଢ଼ାଉ କରିଥିଲେ। ଏସବୁ ହୋଟେଲରେ କେତେକ ଯୁବତୀଯୁବକ ଓ ଅପରାଧୀ ରହିଥିବା ସନ୍ଦେହରେ ଚଢ଼ାଉ ହୋଇଥିଲା।

# ଦୋକାନ ଗୃହ ଆବଣ୍ଟନରେ ଅନିୟମିତତା ଅଭିଯୋଗ

**ତିହିଡ଼ି,୧୪।୨(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଖାଙ୍କିହାଟ ମାର୍କେଟ କମ୍ପ୍ଲେକ୍ସର ଦୋକାନଗୃହକୁ ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ପକ୍ଷରୁ ବ୍ୟବସାୟୀମାନଙ୍କୁ ଆବଣ୍ଟନ କରାଯାଇଛି। ଏହି ଆବଣ୍ଟନରେ ଅନିୟମିତତା ହୋଇଥିବା କେତେଜଣ ଉଠାଦୋକାନୀ ଅଭିଯୋଗ କରିଛନ୍ତି। ସେମାନେ ଏ ସମ୍ପର୍କରେ ଶୁକ୍ରବାର ଉପଜିଲାପାଳଙ୍କ ନିକଟକୁ ଅଭିଯୋଗ ପଠାଇଛନ୍ତି। ଅନିୟମିତତାର ତଦନ୍ତ କରି ପ୍ରକୃତ ଦୋକାନ ଘର ପାଇବାକୁ ଯୋଗ୍ୟ ବ୍ୟବସାୟୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ଆବଣ୍ଟନ କରିବା ସହ ଅଯୋଗ୍ୟଙ୍କୁ ତାଲିକାରୁ ବାଦ୍ ଦେବାକୁ ସେମାନେ ଦାବି ଜଣାଇଛନ୍ତି। ଏଭଳି କରା ନ ଗଲେ ସେମାନେ ଆଇନକୁ ହାତକୁ ନେବେ ବୋଲି ଚେତାବନୀ ଦେଇଛନ୍ତି।

ଉଠାଦୋକାନୀମାନେ ଦର୍ଶାଇଛନ୍ତି ଯେ, ଦୀର୍ଘବର୍ଷ ହେବ ତିହିଡ଼ି ବଜାରରେ ସେମାନେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ୨୦୧୧ରୁ ଯେଉଁମାନେ ବିସ୍ଥାପିତ ହୋଇଛନ୍ତି ସେମାନଙ୍କୁ ଉପେକ୍ଷା କରାଯାଇ ଆର୍‌ଏମ୍‌ସି ପକ୍ଷରୁ ଗୃହ ଆବଣ୍ଟନ କରାଯାଇଛି। ବଣିକ ସଂଘର ୩୩ଜଣ ଦୋକାନୀଙ୍କ ମଧ୍ୟରେ କେତେକଙ୍କ ଘରର ଠିକଣା ପରିବର୍ତ୍ତନ କରାଯାଇଛି। ଗୃହ ଯୋଗାଇବା ଆଳରେ ଏପରି ଚଞ୍ଚକତା କରାଯାଇଛି। ଭଦ୍ରକ-ଚାନ୍ଦବାଲି ରାସ୍ତା ସମ୍ପ୍ରସାରଣ ପରେ ସେମାନଙ୍କ ଦୋକନ ଭାଙ୍ଗି ଯାଇଥିବାରୁ ରାସ୍ତାପାର୍ଶ୍ୱରେ ଅସ୍ଥାୟୀ ଦୋକାନ କରି ସେମାନେ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ସେମାନଙ୍କୁ ଉପେକ୍ଷା କରାଯାଇ ପୂର୍ବରୁ ଯେଉଁମାନେ ପଞ୍ଚାୟତ ଅଧୀନରେ ଥିବା ଦୋକାନ ଗୃହ ପାଇଥିଲେ ସେମାନଙ୍କୁ ପୁଣି ଥରେ ଗୃହ ଯୋଗାଇ ଦେବା ନିୟମ ସଙ୍ଗତ ନୁହେଁ ବୋଲି ନାରାୟଣ ନାଥ, ହେମନ୍ତ ନାଥ, ସୁଦାମ କୁମାର ପାତ୍ର, ସୁରେଶ ପାଣିଗ୍ରାହୀ, କମଳାକାନ୍ତ ମିଶ୍ର, ଖଗେଶ୍ୱର ସାହୁ, ପ୍ରଶାନ୍ତ ସାହୁ, ଦିଲୀପ ନାଥ, ଗୌରାଙ୍ଗ ଦାସ, ରାଧାନାଥ ମହାରଣା ପ୍ରମୁଖ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ଧରାପଡ଼ିଲେ ୩ ଟ୍ରେନ୍ ଲୁଟେରା: ଚୋରି ସାମଗ୍ରୀ ଜବତ

**ବାଲେଶ୍ୱର ଅଫିସ/ଜଳେଶ୍ୱର, ୧୪।୨(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ଜଳେଶ୍ୱର ରେଳ ଷ୍ଟେଶନରେ ଟ୍ରେନ ଭିତରୁ ଯାତ୍ରୀମାନଙ୍କଠାରୁ ଲୁଟ୍ ଅଭିଯୋଗରେ ୩ଜଣ ଲୁଟେରା ଗିରଫ ହୋଇଛନ୍ତି। ଏହି ୩ଜଣ ପାଟଣା ଏରନାକୁଲମ ଏକ୍ସପ୍ରେସରେ ଲୁଟ୍ କରି ଜଳେଶ୍ୱର ଷ୍ଟେଶନରୁ ଓହ୍ଲାଇ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଆରପିଏଫ୍ ଖଡ଼ଗପୁରର ଏସଟିଏଫ୍ ଘଟଣାସ୍ଥଳରୁ ଗିରଫ କରିଛି। ସେମାନଙ୍କଠାରୁ ୬ଟି ମୋବାଇଲ ଫୋନ୍, ୨ହଜାର ଟଙ୍କା ସହ ରୁପା ଅଳଙ୍କାର, ଛୁରି, ଖୁର ଆଦି ଜବତ କରିଛି। ରେଳବାଇ ଥାନାରେ ମାମଲା (ନଂ. ୧୫/୨୦) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଜିଆର୍‌ପି ଥାନାଧିକାରୀ ପ୍ରତାପ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି।

ଗୁରୁବାର ରାତି ପ୍ରାୟ ୨ଟା ୪୦ମିନିଟ୍‌ରେ ଜଳେଶ୍ୱର ଷ୍ଟେଶନର ୪ନଂ. ପ୍ଲାଟଫର୍ମରେ କେତେକ ଚୋରି ଜିନିଷ ଭାଗବଣ୍ଟା କରୁଥିବା ଖବରପାଇ ଖଡ଼ଗପୁରସ୍ଥିତ ଆର୍‌ପିଏଫର ଏକ ସ୍ପେଶାଲ ସ୍କ୍ୱାଡ୍ ପହଞ୍ଚି ସେମାନଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି।



ଜବତ ଚୋରି ସାମଗ୍ରୀ ସହ ଗିରଫ ୩ ଅଭିଯୁକ୍ତ।

ଆରପିଏଫ ଟାକ୍ସ ଫୋର୍ସ ଟିମ୍ ହାଓଡ଼ା ପୁରୀ ଜଗନ୍ନାଥ ଏକ୍ସପ୍ରେସ୍‌ରେ ଆସି ଲୁଚି ରହିଥିଲେ। ରାତି ୨ଟା ୪୦ରେ ପାଟଣା ଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍ (୨୨୬୪୪) ଟ୍ରେନ୍ ଜଳେଶ୍ୱର ୩ନଂ ପ୍ଲାଟଫର୍ମରେ ପହଞ୍ଚିବା ପରେ ୩ଜଣ ଲୁଟେରା ଯୁବକ ଇଞ୍ଜିନ ଆଡ଼କୁ ଦୌଡ଼ୁଥିବା ଆରପିଏଫ ଟାସ୍କ ଫୋର୍ସ ଦେଖିବାକୁ ପାଇଥିଲେ। ଏହି ଟ୍ରେନ୍‌ର ଏସ୍ ୧୩ କୋଚ୍‌ରୁ ଯାତ୍ରୀ ନନ୍ଦିନୀ କୁମାରୀଙ୍କ ମୋବାଇଲ୍ ସମେତ ମୋଟ ୬ଟି ମୋବାଇଲ୍, ଏକ ହାତବନ୍ଧା ଘଣ୍ଟା, କିଛି ଅଳଙ୍କାର, ଏକ ପିଏନ୍‌ବି ଏଟିଏମ୍ କାର୍ଡ଼ ଧରି ସେମାନେ ପଳାଉଥିବା ବେଳେ ଆରପିଏଫ ଟାକ୍ସପୋର୍ସ ଧରିବାରେ ସକ୍ଷମ ହୋଇଥିଲେ। ସେମାନଙ୍କଠାରୁ ଏକ ବଡ଼ ଛୁରି, ଭୁଜାଲି କାବୁ କରିବାରେ ପୋଲିସ୍ ସକ୍ଷମ ହୋଇଥିଲା। ୩ ଅଭିଯୁକ୍ତଙ୍କୁ ବାଲେଶ୍ୱର ଆରପିଏଫ୍ ଥାନାକୁ ଅଣାଯାଇ ତଦନ୍ତ ପରେ ବାଲେଶ୍ୱର ରେଳବାଇ ପୋଲିସ୍‌କୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତମାନେ ହେଲେ ଜଳେଶ୍ୱର ଥାନା ପଥରପୁରା ଗ୍ରାମର ଲକ୍ଷ୍ମୀକାନ୍ତ ସାହୁ (୩୫), ଖଡ଼ଗପୁର ଲୋକାଲ ଥାନା ରାମଚନ୍ଦ୍ରପୁର ଗ୍ରାମର ସେକ୍ ସାହା ଆଲାମ (୨୪) ଓ ସେକ୍ ଅତାବୁଲ (୨୯)ଙ୍କୁ ବାଲେଶ୍ୱର ଏସ୍‌ଡ଼ିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତ୍‌କୁ ପଠାଇ ଦିଆଯାଇଛି। ଚଢ଼ାଉରେ ଆରପିଏଫ୍ ଇନ୍ସପେକ୍ଟର କମଲେସ ସୁମାଦାର, ଏଏସ୍‌ଆଇ ସ୍ମୃତିରଞ୍ଜନ ମଲ୍ଲିକ ସାମିଲ ଥିଲେ।

# ସ୍ତ୍ରୀଙ୍କୁ କାଠଫାଳିଆରେ ପିଟି ହତ୍ୟା

**ଉଦଳା,୧୪।୨(ଡ଼ି.ଏନ୍.ଏ.)**

ତରକାରୀ ଦେବାରେ ବିଳମ୍ବ ହେବାରୁ ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଖଡିକାଶୁଳ ଗ୍ରାମର ଜଣେ ବ୍ୟକ୍ତି ଗୁରୁବାର ତାଙ୍କ ସ୍ତ୍ରୀଙ୍କୁ କାଠଫାଳିଆରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ସ୍ୱାମୀ ଗଦାଧର ଭକ୍ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂଚନା ଅନୁଯାୟୀ, ଗଦାଧର ରାତିରେ ହାଟରୁ ଫେରି ସ୍ତ୍ରୀ ଦୁଃଖୀ ଭକ୍ତାଙ୍କୁ ଖାଇବାକୁ ମାଗିଥିଲେ। ତେବେ ତରକାରୀ ଦେବାରେ ବିଳମ୍ବ ହେବାରୁ ଉତ୍‌କ୍ଷିପ୍ତ ହୋଇ ଗଦାଧର ଏକ କାଠ ଫାଳିଆରେ ଆକ୍ରମଣ କରିବାରୁ ଦୁଃଖୀ ଗୁରୁତର ହୋଇ ପଡ଼ିଥିଲେ। ପରେ ଗଦାଧର ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଉଦଳା ପୋଲିସ୍ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# କାର୍ଯ୍ୟାନୁଷ୍ଠାନ ନ ହେଲେ ଆମରଣ ଅନଶନ

**ବନ୍ତ,୧୪।୨(ସ୍ୱ.ପ୍ର./ଡି.ଏନ.ଏ.)**

## ଥାନାରେ ଯୁବକଙ୍କୁ ଦୁର୍ବ୍ୟବହାର ଘଟଣା

ଭଦ୍ରକ ଜିଲା ବନ୍ତ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଜଣେ ଯୁବକଙ୍କୁ ଥାନା ପରିସରରେ କାର୍ଯ୍ୟରତ ଗୃହରକ୍ଷୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ମାତ୍ର ଏ ନେଇ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଦୁର୍ବ୍ୟବହାର କରିଥିବା ଗୃହରକ୍ଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶୁକ୍ରବାର ବନ୍ତ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗକାରୀ ଜିତେନ୍ଦ୍ର ଦାସ ଦାବି କରିଛନ୍ତି।

ବନ୍ତ ଥାନା ଅଧୀନ ଜିରିଣା ଗ୍ରାମର ଜିତେନ୍ଦ୍ର ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଋଣ ପାଇଁ ୨୦୧୬ରେ ଅଡ଼ାଳପଙ୍କସ୍ଥିତ ଏକ ବ୍ୟାଙ୍କରେ ଆବେଦନ କରିଥିଲେ। ବ୍ୟାଙ୍କ ଶାଖା ପରିଚାଳକ ଋଣ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ତାଙ୍କ ନାମରେ କୋର୍ଟରେ କେସ୍ କରିଥିଲେ। କୋର୍ଟରୁ ୧ ସିସି କେସ୍ ନଂ. ୨୯/୨୦୧୬, ମେମୋ ନଂ-୮୨ ଜରିଆରେ ବନ୍ତ ଥାନାକୁ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଆସିଥିଲେ ମଧ୍ୟ ମାମଲା ରୁଜୁ କରାଯାଇ ନ ଥିଲା। ଏ ସମ୍ପର୍କରେ ବୁଝିବା ପାଇଁ ଗତ ଜାନୁୟାରୀ ୧୮ରେ ସେ ଥାନାକୁ ଯାଇଥିଲେ। ଏସ୍‌ପିଙ୍କ ପାଖକୁ କାହିଁକି ଯାଇଥିଲ କହି ଜନୈକ ଗୃହରକ୍ଷୀ ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଗୃହରକ୍ଷୀଙ୍କ ଏଭଳି ଦୁର୍ବ୍ୟବହାର ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସପ୍ତାହେ ମଧ୍ୟରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଏସ୍‌ପି ଓ ବନ୍ତ ଥାନାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ଏ ସମ୍ପର୍କରେ ବନ୍ତ ଥାନା ଆଇଆଇସି ମିନା ବିନ୍ଧାଣୀଙ୍କୁ ପଚାରିବାରୁ ଥାନାରେ ଯୁବକଙ୍କୁ ଦୁର୍ବ୍ୟବହାର ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

# '୧୧ ପରୀକ୍ଷା କେନ୍ଦ୍ରରେ ଲଗାଯାଉ ସିସିଟିଭି କ୍ୟାମେରା'

**ଭୋଗରାଇ, ୧୪।୨(ଡି.ଏନ.ଏ.)**

ମାଟ୍ରିକ ପରୀକ୍ଷାକୁ ସ୍ୱଚ୍ଛ, ଶୃଙ୍ଖଳିତ କରିବା ପାଇଁ ଶିକ୍ଷାବିଭାଗ ପକ୍ଷରୁ ସମସ୍ତ ପରୀକ୍ଷାର୍ଥୀ, ଅଭିଭାବକ, ଓ ପରୀକ୍ଷାକେନ୍ଦ୍ର ଦାୟିତ୍ୱରେ ଥିବା

## ସ୍ମାରକପତ୍ର ଦେଲେ ଅଭିଭାବକ

ସମସ୍ତ କର୍ମଚାରୀଙ୍କୁ ନିବେଦନ କରାଯାଇଛି। ବାଲେଶ୍ୱର ଜିଲା ଭୋଗରାଇର ୧୧ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇ ନ ଥିବାରୁ ପରୀକ୍ଷାରେ ସ୍ୱଚ୍ଛତା ନେଇ ଛାତ୍ରୀଛାତ୍ର, ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି।

ଭୋଗରାଇ ବ୍ଲକରେ ଚଳିତବର୍ଷ ୫୩ଟି ହାଇସ୍କୁଲରେ ୩୭୩୮ ଜଣ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ଏଥିମଧ୍ୟରୁ ଭୋଗରାଇ ହେରମ୍ବ ଚନ୍ଦ୍ର ଏକାଡେମୀ, ଜୟରାମପୁର ହାଇସ୍କୁଲ, ଫୁଲବାଣୀ ହାଇସ୍କୁଲ, ଶଙ୍ଖାରୀ ହାଇସ୍କୁଲ, ପି.ପି.ଭି.ଏସ୍.କାଳାହି, ଜଗନ୍ନାଥ ହାଇସ୍କୁଲ କମର୍ଦ୍ଦା, ନରେନ୍ଦ୍ରନାଥ ହାଇସ୍କୁଲ ହରିଦାସପୁର, ସର୍ବେଶ୍ୱର ହାଇସ୍କୁଲ ବାହାର୍ଦ୍ଦାରେ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଜଗିବା ପାଇଁ ସିସିଟିଭି କ୍ୟାମେରା ଲଗାଯାଇଛି। ବାକି ୧୧ଟି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲାଗି ନ ଥିବାରୁ ଛାତ୍ରୀଛାତ୍ର, ଅଭିଭାବକ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଇଛନ୍ତି। ସମସ୍ତ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଶୁକ୍ରବାର ଭୋଗରାଇ ଗୋଷ୍ଠୀ ଶିକ୍ଷାକେନ୍ଦ୍ରରେ ବହୁ ଅଭିଭାବକ ଜିଲାପାଳ, ଜିଲାଶିକ୍ଷାଧିକାରୀ, ମାଧ୍ୟମିକ ଶିକ୍ଷା ପରିଷଦ ଓ ଗଣଶିକ୍ଷାମନ୍ତ୍ରୀଙ୍କୁ ଭୋଗରାଇ ଶିକ୍ଷାଧିକାରୀଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପରୀକ୍ଷା ଆଉ ୫ଦିନ ଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଅବିଳମ୍ବେ ସିସି କ୍ୟାମେରା ନ ଲଗାଇଲେ ପରୀକ୍ଷା କେନ୍ଦ୍ରରେ ପ୍ରତିବାଦ ହେବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି।



ଅଭିଭାବକମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ହତ୍ୟା ଉଦ୍ୟମକାରୀଙ୍କୁ ସଶ୍ରମ କାରାଦଣ୍ଡ

**ଚମ୍ପୁଆ,୧୪।୨(ଡି.ଏନ.ଏ):** କେନ୍ଦୁଝର ଜିଲା ଚମ୍ପୁଆ ଏଡିଜେ ଦୋଳଗୋବିନ୍ଦ ବାରିକ ଶୁକ୍ରବାର ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଦୋଷୀଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଦୋଷୀ ବ୍ୟକ୍ତି ଜଣକ ହେଲେ ତୁରାମ ମୁଣ୍ଡା। ସୂଚନା ଅନୁଯାୟୀ, ୨୦୧୨ ଡିସେମ୍ବର ୩୦ରେ ଚମ୍ପୁଆ ଥାନା ଅଧୀନ ସାତହଳିଆ ଗ୍ରାମରେ ଗୁରା ମୁଣ୍ଡାଙ୍କ ସ୍ତ୍ରୀ ତୁଳସୀ ମୁଣ୍ଡାଙ୍କ ସହ ପାଟି ତୁଣ୍ଡ ହେବାରୁ ତୁରାମ ଉତ୍‌କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ଆକ୍ରମଣ କରିବା ସମୟରେ ଗୁରା ଏହାକୁ ବିରୋଧ କରିଥିଲେ। ଏହି ସମୟରେ ଗୁରାଙ୍କୁ ଅଭିଯୁକ୍ତ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ଗୁରାଙ୍କ ଏତଲାକୁ ଭିତ୍ତି କରି ଚମ୍ପୁଆ ପୋଲିସ ଏକ ମାମଲା(ନଂ. ୧୪୩/୨୦୧୨) ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମଧୁସୂଦନ ପତି ମାମଲା ପରିଚାଳନା କରୁଥିଲେ।




# ମହାପ୍ରଭୁଙ୍କୁ ଲାଗି ହେଉଛି ନିମ୍ନମାନର ମହାପ୍ରସାଦ

**ବାରିପଦା ଅଫିସ, ୧୪।୨:** ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବ ମହାପ୍ରଭୁଙ୍କଠାରେ ନିମ୍ନମାନର ମହାପ୍ରସାଦ ଲାଗି ହେଉଥିବା ନେଇ ମନ୍ଦିର ସେବାୟତବୃନ୍ଦ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମହାପ୍ରଭୁଙ୍କ ଦୈନନ୍ଦିନ ପ୍ରସାଦ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ନିମ୍ନମାନର ଯୋଗାଣ ହେଉଛି, ଯାହା ଫଳରେ ମନ୍ଦିରର ପ୍ରସାଦ ନିମ୍ନମାନର ହେଉଛି। ଯାହାକୁ ନେଇ ଭକ୍ତମାନଙ୍କ ମନରେ ଅସନ୍ତୋଷ ଦେଖାଦେଉଛି। ମନ୍ଦିରକୁ ଆସୁଥିବା ରାଶନ ସାମଗ୍ରୀ , ଘିଅ, ପନିପରିବା ନିମ୍ନମାନର, ପ୍ରସାଦ ରୋଷେଇ ପାଇଁ ଆସୁଥିବା କାଠ କଞ୍ଚା

## ଜିଲାପାଳଙ୍କଠାରେ ଅଭିଯୋଗ କଲେ ସେବାୟତ

ହୋଇଥିବା ବେଳେ ଠିକ୍ ସମୟରେ ଏହା ଯୋଗାଣ ହେଉ ନାହିଁ। ମହାପ୍ରଭୁଙ୍କ ପ୍ରସାଦ ପାଇଁ ଯୋଗାଣ ହେଉଥିବା ପୁରୀ , ମିଠେଇ ଏବଂ ଅନ୍ୟାନ୍ୟ ମିଷ୍ଟାନ୍ନ ଆସୁଛି ତାହା ଠାକୁରଙ୍କ ନିମନ୍ତେ ଉଦ୍ଦିଷ୍ଟ ଘିଅରେ ନିର୍ମିତ ହେଉନାହିଁ। ମନ୍ଦିରକୁ ମଣୋହି ପାଇଁ ଆସୁଥିବା ଦହି, ଦୁଧ, ଛେନା ମଧ୍ୟ ନିମ୍ନମାନର। ମନ୍ଦିରରେ ମହାପ୍ରଭୁଙ୍କ ପ୍ରସାଦ ପ୍ରସ୍ତୁତ ପାଇଁ ସୁପକାର, ଟହଲିଆ, ସେବାୟତମାନେ ମନଇଚ୍ଛା କାର୍ଯ୍ୟ କରୁଥିବା ଯୋଗୁଁ ବହୁ ସମୟରେ ପ୍ରସାଦ ନିମ୍ନମାନର ହେଉଛି। ନିମ୍ନମାନର ପ୍ରସାଦ ଯୋଗୁଁ ବହୁ ସମୟରେ ଟାଟ ପ୍ରସାଦ ଓ ସରକାରୀ ପ୍ରସାଦ ବିକ୍ରୟ ନ ହୋଇ ନଷ୍ଟ ହେଉଛି। ଆଗାମୀ ଶିବରାତ୍ରି ମଧ୍ୟରେ ଏହାର ତଦନ୍ତ କରି ସମାଧାନ କରିବା ପାଇଁ ସେବାୟତମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ପୂଜକ କାମେଶ୍ୱର ତ୍ରିପାଠୀ, ଅରୁଣ କୁମାର ମିଶ୍ର, ଦେବକାନ୍ତ ପଣ୍ଡା, ରୁଦ୍ର ପ୍ରସାଦ ଦାଶ, ଜଗନ୍ନାଥ କୁମାର ତ୍ରିପାଠୀଙ୍କ ଏକାଧିକ ସେବାୟତ ଜିଲାପାଳଙ୍କ ନିକଟରେ ଏହି ଦାବି କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ